
# ସମାରୋହ

ଜାନୁୟାରୀ ୨୦୨୪

www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

# Magnum Auto

Passion for Cars

A PIT STOP FOR CAR LOVERS

**CALL NOW- 99370 00909**

WASHING | CLEANING | REPAIRS | SERVICE

DETAILING | FOAM WASH | UNDER- BODY | SOUND-SYSTEM

SEATS | ALLOYS | ALIGNMENTS | LIGHTS BULB | HORNS TYRES

3M WÜRTH JBL AutoBros KENWOOD Listen to the Future

HELLA PHILIPS Pioneer Infinity K&N

brembo BOSCH CROATIAN ROOTS MUSIC UNO MINDA

Fleetguard YOKOHAMA MICHELIN BRIDGESTONE

PETRONAS

**WE ARE EXCLUSIVE DISTRIBUTOR FOR PETRONAS LUBRICANTS**

MARUTI SUZUKI HONDA TOYOTA HYUNDAI Ford TATA

**Plot No: 891/1046, Pahala, Bhubaneswar, Behind PAL Heights Mantra**

20°20'32.8"N 85°52'56.3"E



Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra

**ସଂପାଦିକା:**
ଶୈଳରାଣୀ ମିଶ୍ର

**Associate Editor:**
Rabi Narayna Nanda
Kishore Kumar Mohanty

**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି

**Publisher:**
Bibhuti Bhusan Nanda
Gandarpur, Cuttack-753003

**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩

**DTP:**
Printtech Offset Pvt. Ltd.
Bhubaneswar-24

**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪

**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack

**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ

**Managing Editor:**
Kalyani Nanda

**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 4**
**January - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର


### ପ୍ରବନ୍ଧ

**ଇତିହାସର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ**
**ଦେଶପ୍ରେମୀ ସୁଭାଷ** — ଗୋପାଳ ଚନ୍ଦ୍ର ମିଶ୍ର............ ୬

### କଥା ଓ କାହାଣୀ

**ଷଠୀ ଘର** — ପ୍ରଦୀପ୍ତ ମହାପାତ୍ର................୮
**ସମୟର ଗତି** — ଡକ୍ଟର କଳ୍ପଲତା ଦାସ........... ୧୪
**ପତ୍ରଝଡ଼ା ଋତୁ** — ରାମଚନ୍ଦ୍ର ସାହୁ................. ୧୭
**ଚୋର-ପୋଲିସ୍** — ମୂଳ ହିନ୍ଦୀ - ସଙ୍ଗୀତା ମାଥୁର୍
ଅନୁବାଦ - ନଗେନ୍ଦ୍ର ନାଥ ପଟ୍ଟନାୟକ...... ୧୯
**କାରମନ୍** — ମୂଳ ଉର୍ଦ୍ଦୁ : କୁରତୁଲଏନ୍ ହାଇଦର୍
ରୂପାନ୍ତର : ଅକ୍ଷୟ କୁମାର ଜେନା........... ୨୨
**ମୁଁ, ଏ ଯୁଗର କୁନ୍ତୀ କହୁଛି** — ଶ୍ରୀ ଶଶିଭୂଷଣ ମହାନ୍ତି........... ୨୮
**ମହାନଗରୀର ମାୟାଜାଲ** — ସୁଷମା ପରିଜା.................. ୩୨
**ପ୍ରତିଶୋଧ** — ବିଭୂତି ଭୂଷଣ ସେନାପତି.......୩୬

### ଧାରାବାହିକ ଉପନ୍ୟାସ

**ଶ୍ରୀ ଖାରବେଳ** — ଡାକ୍ତର ଇନ୍ଦ୍ରମଣି ଜେନା........ ୩୮

### କବିତା

**ୟୁକ୍ରେନ - ୨୦୨୩** — ପ୍ର. ଗିରିଜା ଶଙ୍କର ଶର୍ମା........ ୪୪
**ଏଇ ତ ଜୀବନ** — ବିନୋଦ....................... ୪୪
**ମାଳନାନୀ** — ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ..... ୪୫
**ନବବର୍ଷ - ୨୦୨୪** — ଡ. ମନୋରଞ୍ଜନ ବିଷୋୟୀ..... ୪୫
**ନବବର୍ଷ ଅଭିନନ୍ଦନ** — ପତିତପାବନ ନାଥ.............୪୬
**ବେତାଳ ତାଳ** — ଜଗନ୍ନାଥ ବେହେରା............ ୪୬
**ନୂଆ ବରଷର ଆଶା** — ରବୀନ୍ଦ୍ର ନାଥ ପୋଥାକ......... ୪୭
**ହେ ସମୟ !** — ସୁଶାନ୍ତ ବଳ................... ୪୭
**ନବବର୍ଷର ଅନୁଚିନ୍ତା** — ଶୁଭେନ୍ଦୁ ଦାଶ.................. ୪୮
**ଲୋଡ଼ା ନାହିଁ ମିଛ ପ୍ରଶଂସା ପତ୍ର**
ଡାଃ ମନୋରଞ୍ଜନ ଦାଶ......... ୪୯
**ଚୋରି** — ସଂଜୟ କୁମାର ତ୍ରିପାଠୀ.........୫୦
**ଦୁଇଟି ଯୁଗଳବନ୍ଦୀ** — କାମାକ୍ଷା ମହତାବ ଓ
ରବିନାରାୟଣ ନନ୍ଦ............ ୫୧

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**


## ତନ୍ମାତ୍ର

**ଦୁଇଟି ନୂଆ ଓଡ଼ିଆ ଚଳଚ୍ଚିତ୍ର ସଂପର୍କରେ................. ୫୨**

## ଖେଳ ଓ ଖେଳାଳୀ

**ଭାରତୀୟ କ୍ରୀକେଟ୍ :**

**ନୂଆ ଆହ୍ୱାନର ସଫଳ ମୁକାବିଲା............................... ୫୩**

## ଜ୍ୟୋତିଷ ବିଚାର

**ବାର୍ଷିକ ଓ ମାସିକ ରାଶିଫଳ**

ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ......... ୫୪



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**


| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୨୫୦.୦୦    ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୭୫୦.୦୦    ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂ ପା ଦ କୀ ୟ

ବିଦାୟୀ ୨୦୨୩ ମସିହା ତା'ର ଅନ୍ତିମ ଦିବସରେ ଅନେକ ଆନନ୍ଦର ଉତ୍ସ ଭରିଦେଇ ନୀରବରେ ଲୁଚିଗଲା। ନୂତନ ଦିଗନ୍ତରେ ନୂତନ ପ୍ରଭା ବିଭୂଷିତ ହୋଇ ଉଭାହେଲେ ୨୦୨୪ ମସିହା। ଆଜି ଜାନୁୟାରୀ ତା: ୫ ରିଖ। ସମ୍ପାଦକୀୟ ଲେଖିବା ଆରମ୍ଭ କଲାବେଳକୁ, ଏ ବର୍ଷ ସମସ୍ତ ବିଶ୍ୱର ସଂପୂର୍ଣ୍ଣ ମଙ୍ଗଳ ହେବା ସହିତ (ଧନଧାନ୍ୟ ଗୋପ ଲକ୍ଷ୍ମୀ) କେବଳ ନୁହେଁ- ଏକ ପୂର୍ଣ୍ଣାଙ୍ଗ ବିଶ୍ୱର ପରିକଳ୍ପନା ବିଗତ ବର୍ଷର ଶେଷ ଦିବସରେ ଅନ୍ତରରୁ ସ୍ୱତଃ ନିର୍ଗତ ହୋଇଥିଲା। ଏଇ ଶୁଭ ଶୋଭନ ଶୁଭ ମୁହୂର୍ତ୍ତରେ ମନେ ହେଲା- ସାରା ବିଶ୍ୱ ଏକ ହୋଇ ଯାଇଛନ୍ତି ଏବଂ ଚତୁର୍ଦ୍ଦିଗରେ ସୁଖ-ଶାନ୍ତି ଓ ଆନନ୍ଦର ଲହରୀ ଖେଳିଯାଉଛି ତେଣୁ ଆଜି ଏଇ ସମ୍ପାଦକୀୟରେ ସେଇ ସ୍ମୃତିକୁ ପାଥେୟ କରି- ଜାନୁୟାରୀ ମାସରୁ ଆରମ୍ଭ ହେଉଥିବା ସମସ୍ତ ପବିତ୍ର ଚିନ୍ତନ ଓ କାର୍ଯ୍ୟକ୍ରମକୁ ଦର୍ଶାଇବା ସହିତ - ସମସ୍ତେ ଏକମୁଖ ହୋଇ ଏଇ ଦୁଇହଜାର ଚବିଶ ମସିହାକୁ ଭକ୍ତିପୂତ ପ୍ରଣାମ କରିବେ ଏହା ମୋର କଳ୍ପନା ନୁହେଁ, ହୃଦୟରୁ ଝରିଆସୁଥିବା ଏକ ଅମୃତ କଳସର ଝରଣା ମାତ୍ର।

ଜାନୁୟାରୀ ପହିଲାରେ ଆମ ଦିବ୍ୟଜୀବନ ସଂଘର ମାତାଜୀଙ୍କର ସଂକଳ୍ପ ହୋଇଥିଲା (ବହୁବର୍ଷ ତଳେ) ଏହାକୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ବିଶ୍ୱଦିବସ କରିବା ନିମନ୍ତେ। ଏଥି ନିମନ୍ତେ ସେ ତାଙ୍କ ନିଜ ଆଶ୍ରମରେ କରି ଚାଲିଥିବା ସହିତ ସେ ଦିଗରେ ଆଗେଇ ଚାଲିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କର ଦପ୍ତରକୁ ପତ୍ର ଇତ୍ୟାଦି ଦେଇଚାଲିଥିଲେ- ଯେପରି "ବିଶ୍ୱ ଯୋଗ ଦିବସ" ଇତ୍ୟାଦି ପାଳନ ହେଉଛି ଏବଂ ଏ ବର୍ଷ ବୋଧହୁଏ "ବିଶ୍ୱ ମିଲେଟ୍ ଦିବସ" ହୋଇଥିଲା। ସେ ଯାହାହେଉ ଦିବ୍ୟ ଜୀବନ ସଂଘର ପ୍ରାୟ ରାଜ୍ୟ ଶାଖା ଏଥିରେ ଅନୁପ୍ରାଣିତ ହୋଇ ଅତି କମ୍‌ରେ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ନାମରେ ନିଜକୁ ବୁଡାଇ ଦେଇଥିଲେ। ଏବର୍ଷ ଆମ ଆଶ୍ରମରେ ଜଗନ୍ନାଥ ସହସ୍ରନାମ ପାଠ ହୋଇଥିଲା। ସେ ପବିତ୍ର ବାତାବରଣ ଚତୁର୍ଦ୍ଦିଗକୁ ଶୁଦ୍ଧ କରିବାରେ ନିଶ୍ଚିତ ସହାୟକ ହୋଇଥିବ। ମୋର ବିଶ୍ୱାସ ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ନିଜର ଇଷ୍ଟ ଦେବତାଙ୍କୁ ସେଇ ଏକ ସମୟରେ ଜପକରି ଧ୍ୟାନ କଲେ ଏଇ ସଂସାରକୁ ତ୍ରିତାପରୁ ଉଦ୍ଧାର କରିବା ସମ୍ଭବ ହେବ। ଦିନେ ଯେଉଁ ରାଜ୍ୟରେ "ଚଣ୍ଡାଶୋକ" ରୁ "ଧର୍ମାଶୋକ" ପାଲଟି ଯାଇ ଜଗତରେ ନୂତନ ଦିଗନ୍ତ ସୃଷ୍ଟି ହୋଇଥିଲା, ତାହାର ପୁନରାବୃତ୍ତି ଘଟିବ। ସେଥିପାଇଁ ଏଇ ଜାନୁୟାରୀ ମାସରେ ପୁରୀ - ଶ୍ରୀମନ୍ଦିର ପରିକ୍ରମା ମାର୍ଗ, ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଇତ୍ୟାଦିର ଶୁଦ୍ଧ ସଂକଳ୍ପ ଯୋଜନା ପୂର୍ବରୁ ହୋଇ ଆଜି ତା'ର ପରିପୂରଣ ହେବ। ପୁଣି ଏଇ ଚବିଶ ମସିହାରେ ହେବ ନିର୍ବାଚନ। ସେଥିରେ ଯେଉଁ ଶୁଦ୍ଧ ସଂ ସଂକଳା ଦଳ ଆସି ରାଜ୍ୟ ବା ଦେଶ ପରିଚାଳନା କରିବେ, ମୋର ଆଶା ତାଙ୍କ ବିରୁଦ୍ଧରେ ମାନସିକତା ଆଣିବା ଆମମାନଙ୍କ ମଧ୍ୟରେ ଉପୁଜି ପରିବେଶକୁ ଅଶୁଦ୍ଧ କରିଦେବା ଅନୁଚିତ। ଶତ୍ରୁତା ହେତୁ ପାଲେଷ୍ଟାଇନ୍ ଯୁଦ୍ଧ ଚାଲିଛି। ସମସ୍ତେ ନିଜର ମଙ୍ଗଳ ଚାହିଁବା ସହିତ ଅନ୍ୟର ମଙ୍ଗଳ ମନାସି ପ୍ରତିଦିନ ନିଜ ନିଜ ଇଷ୍ଟଦେବଙ୍କ ଚରଣ ତଳେ ପ୍ରଣତି ଢାଳି ଜୀବନକୁ ଅମୃତମୟ କରି ଦିଅନ୍ତୁ। ତେବେ ଯାଇ "ଅମୃତ କଳସ" ରୁ ଗଙ୍ଗା ଧାରା ଝରି ଆସି ଶାନ୍ତି-ତୃପ୍ତି-ଆନନ୍ଦର ଲହରୀରେ ଚତୁର୍ଦ୍ଦିଗକୁ ବିଛୁରିତ ହୋଇଯିବ। ଏହା ନିଶ୍ଚିତ ଅଚିରେ ସଂପୂର୍ଣ୍ଣ ହେବ। ନକାରାତ୍ମକ ଭାବନା ଲୁପ୍ତ ହେବାରୁ ସକାରାତ୍ମକ ଭାବନାର ଢେଉ ଚତୁର୍ଦ୍ଦିଗକୁ ବ୍ୟାପୀଯାଇ ବିଶ୍ୱର ବାତାବରଣରେ ସଂପୂର୍ଣ୍ଣ ସନ୍ତୁଳନ ଆଣିଦେବ। ଏଇ ଆଶାରେ ସଂପୂର୍ଣ୍ଣ ବିଶ୍ୱାସ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ (ଜଗତର ନାଥ)ଙ୍କୁ ବିନମ୍ର ସାଷ୍ଟାଙ୍ଗ ପ୍ରଣାମ ଜଣାଇ ଏତିକି ଭିକ୍ଷା ମାଗୁଛି ସେ ତାଙ୍କର ସୃଷ୍ଟିକୁ ଅମୃତମୟ-ଆନନ୍ଦମୟ କରିଦିଅନ୍ତୁ।

ହରିଓଁ ତତ୍‌ସତ୍

ପ୍ରବନ୍ଧ

# ଇତିହାସର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶପ୍ରେମୀ ସୁଭାଷ

ଗୋପାଳ ଚନ୍ଦ୍ର ମିଶ୍ର

୧୯୩୯ ମସିହା ସେପ୍ଟେମ୍ବର ମାସ ଏକ ତାରିଖରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା। ଭାରତର କୌଣସି ସ୍ୱାର୍ଥ ନଥାଇ ଏବଂ ଭାରତର ମତାମତ ବିନା ତାକୁ ଏହି ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ପଡିଲା। ସ୍ୱାଧୀନତା ଆନ୍ଦୋଳନର ରୂପରେଖକୁ ନେଇ ଗାନ୍ଧୀ ଓ ସୁଭାଷଙ୍କ ମଧ୍ୟରେ ମୌଳିକ ନୀତିଗତ ପାର୍ଥକ୍ୟ ଥିଲା, ଯଦିଓ ସମସ୍ତଙ୍କର ଲକ୍ଷ୍ୟ ଗୋଟିଏ ଥିଲା। ଗାନ୍ଧିଜୀ ଅହିଂସା ନୀତି ଆପଣେଇ ବ୍ରିଟିଶ ସରକାରଙ୍କ ମନ ପରିବର୍ତ୍ତନ କରି ସ୍ୱାଧିନତାର ସ୍ୱାଦ ଚାଖିବାକୁ ଅଭିଳାଷ କରିଥିବା ସମୟରେ ସୁଭାଷ ଚାହୁଁଥିଲେ ଆନ୍ଦୋଳନ ମାଧ୍ୟମରେ ଦୁର୍ଦ୍ଦଶ ବ୍ରିଟିଶ ହାତରୁ ଏହି ସ୍ୱାଧିନତା ଛଡାଇ ଆଣିବା ପାଇଁ। ୧୯୩୯ ମସିହା ସେପ୍ଟେମ୍ବର ମାସ ୧୪ ତାରିଖରେ "କଂଗ୍ରେସ କାର୍ଯ୍ୟକାରୀ କମିଟି" ଏହି ବିଶ୍ୱଯୁଦ୍ଧରେ ବ୍ରିଟିଶ ସରକାରକୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କଲା। ପ୍ରଥମ ବିଶ୍ୱଯୁଦ୍ଧରେ ଭାରତର ସହାୟତା ସତ୍ତ୍ୱେ ବ୍ରିଟିଶ ସରକାର ଜାଲିୱାନାୱାଲା ବାଗରେ ଯେଉଁ ବର୍ବର ତଥା ଅମାନୁଷିକ ହତ୍ୟାକାଣ୍ଡ ଘଟାଇଲା ତାହା ଏପର୍ଯ୍ୟନ୍ତ ଭାରତବାସୀଙ୍କ ମନରେ ଅଗ୍ନି ବର୍ଷଣ କରୁଥିଲା। ଏଭଳି ଏକ ଅତ୍ୟାଚାରକୁ ଭୁଲି କଂଗ୍ରେସ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶ ସରକାରକୁ ସହଯୋଗର ହାତ ବଢ଼ାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ଦେଶପ୍ରେମୀ ସୁଭାଷ ତାଙ୍କର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ବ୍ରିଟିଶ ସରକାର ଗଣତନ୍ତ୍ର ସପକ୍ଷରେ ପ୍ରଚାର କରୁଥିବା ସମୟରେ ତା'ର ସାମ୍ରାଜ୍ୟବାଦୀ ନୀତିକୁ ଭାରତ ସମେତ ମିଶର ଓ ମଧ୍ୟପ୍ରାଚ୍ୟରେ ଜାରି ରଖିଥିଲା। ବ୍ରିଟିଶ ସରକାରର ଏଭଳି ଦୋମୁହାଁ ନୀତି ଉପରେ ସୁଭାଷ ବୋଷଙ୍କର ଆଦୌ ଭରସା ନଥିଲା। ୧୯୪୦ ମସିହାରେ ବିଭିନ୍ନ ସ୍ଥାନରେ ଉତ୍ତେଜନାମୂଳକ ବକ୍ତୃତା ପ୍ରଦାନ କରି ଲୋକମାନଙ୍କୁ ଉତ୍ତେଜିତ କରୁଥିବା ଅପରାଧରେ ସୁଭାଷଙ୍କ ବିରୋଧରେ ସରକାରଙ୍କ ଦ୍ୱାରା ରାଜଦ୍ରୋହର ମାମଲା ଆରମ୍ଭ କରାଗଲା। କଲିକତାର ପ୍ରେସିଡେନ୍ସି ଜେଲ୍ ଭିତରେ ଥିବା ସମୟରେ ସେ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ କଲେ। ଏହି ସିଦ୍ଧାନ୍ତ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସଙ୍କଟାବସ୍ଥାରେ ଭାରତ ସକ୍ରିୟ ଭାବରେ ଆନ୍ତର୍ଜାତିକ ରାଜନୀତିରେ ପ୍ରବେଶ କଲେ, ସେ ତା'ର ଇପ୍‌ସିତ ସ୍ୱାଧୀନତା ହାସଲ କରିପାରିବ। ତେଣୁ ସେ ଦେଶ ତ୍ୟାଗ କରିବାକୁ ଚରମ ନିଷ୍ପତି ନେଲେ। ସୁଭାଷଙ୍କର ବିରୁଦ୍ଧରେ ଆଗତ ରାଜଦ୍ରୋହ ମାମଲାର ବିଚାର ୧୯୪୧ ଜାନୁଆରୀ ମାସ ୨୬ ତାରିଖକୁ ସ୍ଥିର କରାଯାଇଥିଲା। ସେତେବେଳେକୁ ସୁଭାଷ ବ୍ରିଟିଶ ସରକାରଙ୍କ ନଜରବନ୍ଦୀରେ ଏଲିଗନ୍ ରୋଡ୍ ଘର ମଧ୍ୟରେ ଥାଆନ୍ତି। ୧୯୪୧ ମସିହା ଜାନୁଆରୀ ୧୭ ତାରିଖର ନିର୍ଜନ ରାତିରେ ଅତ୍ୟନ୍ତ ଗୋପନୀୟ ଭାବରେ ସୁଭାଷ ବିଦେଶ ଯିବା ଲକ୍ଷ୍ୟରେ ଏହି ଘର ପରିତ୍ୟାଗ କଲେ। ବିଦେଶ ଯାତ୍ରା ସମୟରେ ସେ କଠୋର ଅଗ୍ନି ପରୀକ୍ଷାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଜାନୁଆରୀ ୩୧ ତାରିଖରେ କାବୁଲରେ ପ୍ରବେଶ କରିବାକୁ ସମର୍ଥ ହୋଇଥିଲେ। ଜର୍ମାନୀ, ଇଟାଲୀ ଏବଂ ସୋଭିଏତ ସରକାରଙ୍କ ମଧ୍ୟରେ ହୋଇଥିବା ରାଜିନାମା ସୂତ୍ର ଅନୁସାରେ ସୁଭାଷ ଏକ ଇଟାଲିଆନ୍ ପାସପୋର୍ଟ ବଳରେ ଇଟାଲୀ ଦୂତାବାସର ଜଣେ କର୍ମଚାରୀ ଓର୍ଲାଣ୍ଡୋ ମାଜୋଟାଙ୍କ ନାମରେ ଋଷ ଭିତର ଦେଇ ଯାତ୍ରା କରିବା ପାଇଁ ସ୍ଥିର ହୋଇଥିଲା। ମୂଳ ପାସପୋର୍ଟରେ ମାଜୋଟାଙ୍କ ଫଟୋସ୍ଥାନରେ ସୁଭାଷଙ୍କ ଫଟୋ ଲଗାଗଲା। ଏହିଭଳି ଛଦ୍ମ ବେଶରେ ମସ୍କୋ ଯାଇ ସେଠାରୁ ବିମାନ ଦ୍ୱାରା ବର୍ଲିନ ଅଭିମୁଖେ ଯାତ୍ରାକରି ୧୯୪୧ ଏପ୍ରିଲ୍ ଆରମ୍ଭରେ ସେ ସେଠାରେ ପହଞ୍ଚିଥିଲେ। ପୂର୍ଣ୍ଣ ସ୍ୱାଧିନ ଭାରତ ପ୍ରତିଷ୍ଠା ଲକ୍ଷ୍ୟରେ ସୁଭାଷ ସାମ୍ରାଜ୍ୟବାଦୀ ବିରୋଧି ଲଢ଼େଇ ପାଇଁ ପଥ ପରିଷ୍କାର କରିବାକୁ ଲାଗି ପଡ଼ିଲେ। ତାଙ୍କର ବାସ୍ତବ ଲକ୍ଷ୍ୟଥିଲା ବ୍ରିଟେନର ଶତ୍ରୁପକ୍ଷ ଦ୍ୱାରା ଅଧିକୃତ ଅଞ୍ଚଳ ତଥା ସାହାଯ୍ୟ ସହଯୋଗ ସହାୟତାରେ ଏକ ବିପ୍ଳବୀ ମୁକ୍ତିବାହିନୀ ଗଠନ କରି ତାହା ସାହାଯ୍ୟରେ ଭାରତ ମଧ୍ୟରୁ ବ୍ରିଟିଶ ଶାସକକୁ ତଡ଼ିବା। ୧୯୪୧ ମସିହା ନଭେମ୍ବର ୨ ତାରିଖରେ ଜର୍ମାନୀରେ ସୁଭାଷ ବୋଷଙ୍କ ଉପସ୍ଥିତିରେ ଆଜାଦ ହିନ୍ଦ ସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହେଲା। ଏହି ସଭାରେ ସଭ୍ୟମାନଙ୍କର ପାରସ୍ପରିକ ଅଭ୍ୟର୍ଥନା

ନିମନ୍ତେ 'ଜୟହିନ୍ଦ୍' ଶବ୍ଦର ସୃଷ୍ଟି ହେଲା। ଏହି ଆଜାଦ୍ ହିନ୍ଦ ଫୌଜର ପତାକା ଥିଲା ତ୍ରିରଙ୍ଗୀ ଏବଂ ମଧ୍ୟ ଭାଗରେ ବ୍ୟାଘ୍ର ଲମ୍ଫ ପ୍ରଦାନ କରୁଥିବାର ଚିତ୍ର ଅଙ୍କିତ କରାଯାଇଥିଲା। ପୁନଶ୍ଚ ଏହି ବୈଠକରେ ସୁଭାଷ ଚନ୍ଦ୍ରଙ୍କୁ ପ୍ରଥମ କରି ନେତାଜୀ ବୋଲି ଘୋଷଣା କରାଗଲା। ୧୯୪୨ ମସିହା ଜାନୁଆରୀ ମାସରେ ଏହି ସଂଘର କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିବା ସହିତ ତିନୋଟି ବେତାର କେନ୍ଦ୍ର ସ୍ଥାପନ କରାଗଲା। ସୁଭାଷ କହୁଥିଲେ ଇଂଲଣ୍ଡ ବ୍ୟତୀତ ପୃଥିବୀର ସମସ୍ତ ଦେଶ ଭାରତର ବନ୍ଧୁ।

୧୯୪୨ ମସିହା ଫେବୃୟାରୀ ମାସ ୧୫ ତାରିଖ ଦିନଟି ନେତାଜୀଙ୍କ ପାଇଁ ଥିଲା ସବୁଠାରୁ ଖୁସିର ଦିନ। ଏହିଦିନ ଜାପାନୀମାନେ ଇଂରେଜମାନଙ୍କର ଗୁରୁତ୍ୱପୂର୍ଣ୍ଣ ତଥା ଦୁର୍ଭେଦ୍ୟ ନୌଘାଟି ସିଙ୍ଗାପୁରକୁ ଧ୍ୱଂସ ବିଧ୍ୱସ୍ତ କରିଦେଲେ। ଫଳ ସ୍ୱରୂପ ବ୍ରିଟିଶ ସେନାପତି ପ୍ରାୟ ୮୫୦୦୦ ସୈନ୍ୟଙ୍କ ସହିତ ଜାପାନ ସେନାପତିଙ୍କ ନିକଟରେ ବିନା ସର୍ତ୍ତରେ ଆତ୍ମସମର୍ପଣ କଲେ। ଏମାନଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ଥିଲା ପ୍ରାୟ ଷାଠିଏ ହଜାର। ପରାସ୍ତ ବ୍ରିଟିଶ ସୈନିକଙ୍କୁ ସ୍ୱାଗତ କରି ନେତାଜୀ ଯାହା କହିଥିଲେ ତାହାର ସାରାଂଶ ହେଲା ସିଂହ ଭଳି କାର୍ଯ୍ୟ କରୁଥିବା ବ୍ରିଟିଶ ସରକାର ଆଉ ଏବେ ସିଂହ ନାହାଁନ୍ତି। ଇଂରେଜମାନେ ମୃତ ସର୍ପ ଭଳି, ଯାହାକୁ ଲୋକମାନେ ମୃତ୍ୟୁପରେ ମଧ୍ୟ ଭୟ କରୁଛନ୍ତି। ଯେତେବେଳେ ଇଂରେଜମାନେ ବିଦାୟ ନେବାକୁ ଯାଉଛନ୍ତି, ସ୍ୱାଧୀନତା ଭିକ୍ଷା କରିବା କିମ୍ବା ଉପହାର ରୂପରେ ପାଇବାର ମାନେ କିଛି ନାହିଁ। ଭାରତୀୟମାନେ ବାହୁବଳରେ ସ୍ୱାଧୀନତା ହାସଲ କରିବା ଦରକାର। ପରାସ୍ତ ସୈନିକଙ୍କୁ ନେତାଜୀଙ୍କର ଆହ୍ୱାନ ଥିଲା ଏହି ଦାୟିତ୍ୱ ବହନ କରି ଭାରତରୁ ବିଦେଶୀ ଶାସନ ଉଚ୍ଛେଦ କର, ନଚେତ ବନ୍ଦୀ ଜୀବନ ବିତାଇବା ପାଇଁ ପ୍ରସ୍ତୁତ ରୁହ। ନେତାଜୀଙ୍କର ଜ୍ୱାଳାମୟୀ ଭାଷଣରେ ଅନୁପ୍ରାଣିତ ହୋଇ ବନ୍ଦୀ ସୈନିକମାନେ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେବା ସହିତ ତାଙ୍କ ବଳିଷ୍ଠ ନେତୃତ୍ୱ ସହାୟତାରେ ଦୁର୍ଦ୍ଦଶ ବ୍ରିଟିଶର ପ୍ରତିରୋଧ କରିଥିଲେ।

ଭାରତର ସ୍ୱାଧୀନତା ଦାବୀ ଉପରେ ଏହି ସମୟରେ ଚର୍ଚ୍ଚିଲଙ୍କର ମତାମତ ଥିଲା ଯେ ଭାରତ ବର୍ଷର ପରାଧିନତାର ଇତିହାସ ଦୀର୍ଘ ଅତୀତର। ରୁଜଭେଲଟ୍ କିନ୍ତୁ ଏଭଳି ମତାମତକୁ ପସନ୍ଦ କରିନଥିଲେ। ଜାପାନକୁ ପରାସ୍ତ କରିବା ପାଇଁ ଭାରତବର୍ଷର ସହଯୋଗ ନିହାତି ଦରକାର ବୋଲି ସେ ଅନୁଭବ କରୁଥିଲେ। ୧୯୪୨ ରେ ଭାରତଛାଡ ଆନ୍ଦୋଳନ ଯେଭଳି ତୀବ୍ର ରୂପ ନେଲା ସେଥିରେ ଇଂରେଜ ସରକାର ବ୍ୟସ୍ତ ବିବ୍ରତ ହୋଇପଡିଲେ। ୧୯୪୩ ମସିହା ଜୁନ୍ ମାସ ୧୩ ତାରିଖ ଦିନ ନେତାଜୀ ଟୋକିଓରେ ପହଞ୍ଚିଲେ। ସୁଭାଷ ଚନ୍ଦ୍ରଙ୍କ ପରିକଳ୍ପିତ ଅସ୍ଥାୟୀ ସରକାର ପ୍ରସ୍ତାବକୁ ଜାପାନ ସରକାର ସ୍ୱୀକାର କରିବା ପରେ ସ୍ଥିର ହେଲା ଯେ ଭାରତର ଯେଉଁ ଅଞ୍ଚଳ ଜାପାନ ସରକାରଙ୍କ ସୈନ୍ୟମାନେ ଦଖଲ କରିନେବେ ତାହା ନେତାଜୀଙ୍କ ଅସ୍ଥାୟୀ ସରକାର ଅଧିନକୁ ଆସିବ।

ବ୍ରିଟିଶ ସରକାରଙ୍କ ସିଙ୍ଗାପୁର ନୌଘାଟି ଏତେ ସୁରକ୍ଷିତ ଥିଲା ଯେ ପୂର୍ବ ସୀମାନ୍ତରେ କୌଣସି ଶତ୍ରୁ ଆସି ଭାରତ ଆକ୍ରମଣ କରିପାରେ ତାହା ବ୍ରିଟିଶର କଳ୍ପନା ବାହାରେ ଥିଲା। ବ୍ରିଟିଶର ଦୁର୍ଭାଗ୍ୟ ଯେ ଜାପାନ ଜେନେରାଲ୍ ଇୟାମାସିତା ବ୍ରିଟିଶର ଏହି ପ୍ରତିରକ୍ଷା ବ୍ୟବସ୍ଥାକୁ ନିରର୍ଥକ ପ୍ରମାଣ କରି ନୌଘାଟିକୁ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଜୟ କରିନେଲେ। ସିଙ୍ଗାପୁରର ପତନ ବ୍ରିଟିଶ ଗାଦିକୁ ଦୋହଲାଇ ଦେଲା। ଏହି ଭଳି ଭାବରେ ସୁଭାଷ ବୋଷଙ୍କ ଆଜାଦ ହିନ୍ଦ ସେନାର ଉପସ୍ଥିତି ତଥା ଜାପାନ ସେନାବାହିନୀ, ବ୍ରିଟିଶ ସରକାର ଉପରେ ପ୍ରବଳ ନୈତିକ ତଥା ସାମରିକ ଚାପ ପକାଇଥିଲା। ଆଜାଦ୍ ହିନ୍ଦ୍ ସେନାର 'ଦିଲ୍ଲୀ ଚଲୋ' ଆହ୍ୱାନ ଭାରତୀୟମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଭରିଦେଇଥିଲା।

ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ସମୟ କହିଲେ ଅତ୍ୟୁକ୍ତି ହେବନାହିଁ ଯେ ଦୁର୍ଦ୍ଦଶ ବ୍ରିଟିଶ ସରକାର ଭାରତକୁ ଶାସନ କରୁଥିବା ସମୟରେ, ୧୯୪୨ ରେ ଜାପାନ ନିକଟରେ ଆତ୍ମସମର୍ପଣ କରିଥିବା ପରାସ୍ତ ବ୍ରିଟିଶ ସୈନିକଙ୍କୁ ଏକାଠି କରି ଭାରତୀୟ ଜାତୀୟ ସେନାରେ ଯୋଗଦେବାକୁ ବାଧ୍ୟ କରାଗଲା ଯାହାର ନେତୃତ୍ୱ ନେଉଥାନ୍ତି ଜଣେ ଭାରତୀୟ। ଏହି ବୀର ଭାରତୀୟଙ୍କ ନାଁ ଥିଲା ସୁଭାଷ ଚନ୍ଦ୍ର ବୋଷ।

ସିଙ୍ଗାପୁରରେ ପୂର୍ବରୁ ନିର୍ମିତ ହୋଇଥିବା ସ୍ମୃତିଚିହ୍ନକୁ ନଷ୍ଟ କରିଦିଆଯାଇଥିବା ଦୃଷ୍ଟିରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପଚାଶତମ ବାର୍ଷିକ ଉତ୍ସବ ୧୯୯୫ ରେ ପାଳନ ଅବସରରେ ସିଙ୍ଗାପୁରର ଏସପ୍ଲାନେଡ୍ ପାର୍କରେ ଏହି ଐତିହାସିକ ସ୍ମୃତିକୁ ପୁନଃନିର୍ମାଣ କରାଗଲା, ଯାହା ଏବେ ବି ସେଠାରେ ସଗର୍ବେ ବିଦ୍ୟମାନ। ଏହା ମୂଳ ସ୍ମୃତିଚିହ୍ନ ସ୍ଥାନରେ ହିଁ ଅଛି। ଏହି ଐତିହାସିକ ସ୍ମୃତିଚିହ୍ନ ଭାରତୀୟ ଜାତୀୟ ସେନାବାହିନୀର ଅଜଣା ସୈନିକମାନଙ୍କ ପ୍ରତି ସମର୍ପିତ।

*ଅରିଲୋ, କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

**ସହାୟକ ଗ୍ରନ୍ଥ**

୧. ନେତାଜୀ ସୁଭାଷ ଚନ୍ଦ୍ର ବୋଷ।
(ଶିଶିର କୁମାର ବୋଷ, ଅନୁବାଦ - କୈଳାସ ଚନ୍ଦ୍ର)
ଟିକାୟତରାୟ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
୨. ବିଦ୍ରୋହୀ ସୁଭାଷ (ଶେଷଦେବ ମଲ୍ଲିକ)
୩. Springing Tiger (Hough Toye)




# ଷଠୀ ଘର

## ପ୍ରଦୀପ୍ତ ମହାପାତ୍ର

ରାସ୍ତାକଡ଼ ବଉଳଗଛ ଚଉତରା ମୂଳେ ମନ୍ଦିର ବେଢ଼ାକୁ କଷ୍ଟେମଷ୍ଟେ ଆଉଜି ବସି କାଳୀ ବସ୍ତି ଏମୁଣ୍ଡୁ ସେମୁଣ୍ଡ ଯାଏ ଥରେ ଆଖି ପହଁରେଇ ନେଲା। କଣ୍ଟାକ୍ଟରପଡ଼ା ବସ୍ତିର ଠିକ୍ ମଝାମଝି ଜାଗାରେ ମନ୍ଦିରଟା, ବାଁ ପଟକୁ ଅନେଇଲେ ବସ୍ତିର ଅଧାଅଧି ଭଙ୍ଗା ଘର ଦିଶିଯିବ, ଡ଼ାହାଣ କଡ଼କୁ ଆଖି ବୁଲେଇ ଦେଲେ ବାକିତକ ଘର। ସମୟ ଦିନ ଦଶଟା ପାଖାପାଖି ହବଣି କି କ'ଣ, ବସ୍ତିର ପ୍ରାୟ ସବୁ ଘରେ ତାଲା, ସବୁ ଘରୁ ପୁରୁଷ ଆଉ ସ୍ତ୍ରୀ ଲୋକ କାମ କରିବା ପାଇଁ ବାହାରକୁ ବାହାରି ଯାଇଚନ୍ତି କେତେବେଳୁ। ବୁଢ଼ାବୁଢ଼ୀ ଆଉ ବିଧବା ସ୍ତ୍ରୀ ଲୋକ ମାସିକିଆ ଭତ୍ତା ଟଙ୍କା ଆଣିବା ପାଇଁ ସକାଳୁ ସକାଳୁ ବାହାରି ଯାଇଚନ୍ତି ମ୍ୟୁନିସିପାଲିଟି ଅଫିସକୁ। କିଛି ବସ୍ତି ପିଲା ବ୍ୟାଗବସ୍ତାନି ଧରି ଯାଇଚନ୍ତି ସ୍କୁଲକୁ, ଆଉ କିଛି ମନ୍ଦିର ବେଢ଼ାକୁ ଲାଗିଥିବା ପଡ଼ିଆରେ ଡ଼ିଆଁ ଡ଼େଇଁ କରୁଚନ୍ତି। ଆଉ ଟିକେ ଠିକ ଠିକ ହେଇଯାଇଥିବା ଦଳେ ଟୋକା ହାତରେ ବାଡ଼ି ଆଉ ପକେଟରେ ଟେକା ଭର୍ତ୍ତି କରି ପାଖ କଲୋନୀ ଆଡ଼େ ମାଡ଼ି ଯାଇଚନ୍ତି ସବୁଦିନ ଭଳି, ଫୋପଡ଼ ମାରି ନହେଲେ ଟେକା ଫୋପାଡ଼ି ଆମ୍ବ, ତେନ୍ତୁଳି କି ଆଉ କିଛି ଫଳମୂଳ ଯାହା ଯୋଉଠି ଅଛି ଝଡ଼େଇ ଆଣିବା ପାଇଁ।

ସକାଳୁ ସକାଳୁ ଭଲ ଅସରାଏ ବର୍ଷା ହେଇ ଛାଡ଼ି ଯାଇଚି, କାଳୀ ଆଖି ଆଗରେ ବସ୍ତିକୁ ଦି'ଭାଗ କରି ଆଗକୁ ମାଡ଼ି ଯାଇଥିବା ପିଚୁ ରାସ୍ତାଟି ବସ୍ତିର ଆରମୁଣ୍ଡ ଗଛମୂଳ ପଥର ବେଢ଼ାରେ ସଜା ହେଇଥିବା କାଳୀ ଠାକୁରାଣୀଙ୍କ ଚହଟ ଚିକ୍କଣ କଳା ଦିହମୁଣ୍ଡ ଭଳି ସକାଳୁଆ ଖରାରେ ଜକଜକ ହୋଇ ଝଲସି ଯାଉଚି; ଆଉ ସେଇ ରାସ୍ତା ଉପରେ, କାଳୀ ଆଖି ଆଗରେ ଏଡ଼େ ଏଡ଼େ ଦି'ଟା ପିଲା ଭିଡ଼ାଓଟରା ହେଇ ମରାମରି ହଉଚନ୍ତି, ଗଡ଼ାଗଡ଼ି ହଉଚନ୍ତି, କେହି କାହାକୁ ଛାଡ଼ିବାର ନାହିଁ। କାଳୀର ନିଜ ଜାଗାରୁ ଉଠିବାର ଜୁ ନଥିଲା, ଏ ମରାପିଟା ବନ୍ଦ କରିବା ପାଇଁ ନିଜେ ଡ଼ରିଗଲା ଭଳି ଏଡ଼େ ଜୋର୍‌ରେ ପାଟିଟାଏ କଲା, ପିଲା ଦି'ଟା ଟିକିଏ ଚମକି ପଡ଼ି ୟା' ଆଡ଼କୁ ଅନେଇଲେ, ପୁଣି ପିଟାପିଟି ହବାରେ ଲାଗିଗଲେ। ହଠାତ୍ ଥିଲା ଥିଲା, ଜଣେ ନିର୍ଘାତିଆ ଗୋଇଠାଟାଏ ମାରିଲା ଆର ପିଲାଟାର ତଳି ପେଟକୁ। ଆକାଶ ଫଟେଇ ଦେଲା ଭଳି ପିଲାଟା ଯନ୍ତ୍ରଣାରେ ଚିତ୍କାର କରି ଉଠିଲା, ପ୍ରାଣ ବିକଳରେ ଗଡ଼ ଗଡ଼ ହେଇ ଗଡ଼ିଗଲା ରାସ୍ତା ଉପରେ। ପଛେ ପଛେ ବଲ୍‌କୁ ଗୋଇଠା ମାରି ଆଗକୁ ଆଗକୁ ଗଡ଼ଉଥିଲା ଭଳି, ଗଡ଼ି ଗଡ଼ି ଯାଉଥିବା ପିଲାଟି ପଛେ ପଛେ ଆର ପିଲାଟା।

କାଳୀ ପିଲା ଦି'ଟାକୁ ଛଡ଼ାଛଡ଼ି କରେଇ ଦବା ପାଇଁ ହୁଦସ୍ତ ହେଇ ଉଠିଯାଉଥିଲା, ତା'ପେଟ ଭିତର ପିଲାଟା ମା' ପେଟ ଭିତରୁ ଚପାକସିଆ ନାତଟାଏ କଷି ଦେଲା କାଳୀକୁ। କାଳୀ ଗର୍ଭ ଯନ୍ତ୍ରଣାରେ ଶିହରି ଉଠିଲା, ରାସ୍ତାରେ ପ୍ରାଣ ବିକଳରେ ଚିତ୍କାର କରି ଗଡ଼ଗଡ଼ଉଥିବା ପିଲାଟାଠୁ ଆହୁରି ଜୋର୍‌ରେ ପାଟିଟାଏ କଲା, ଉଠିବାକୁ ଚେଷ୍ଟାକଲା ବେଳକୁ ତା' ଏତେ ବଡ଼ ପେଟଟା ତାକୁ ଏମିତି ପଛଆଡୁ ଭିଡ଼ି ଧରିଲା ଯେ, କାଳୀ ଆଖିରୁ ଲୁହ ବାହାରି ଆସିଲା, ଉଠି ଠିଆ ହବା ପାଇଁ ତା' ଦି' ଗୋଡ଼ରେ ଆଉ ବଳ ପାଇଲାନି, ଲଥ୍ କିନା ଅଣ୍ଟା ସଳଖି ପାଚେରୀ କାନ୍ଥକୁ ଆଉଜି ଗଲା। କଣ୍ଟାକ୍ଟରପଡ଼ା ବସ୍ତି ପାଖ ଛକକୁ କାଳୀ ଆଉ ତା' ପାଇଁ ଦିନକର ମୂଲ ଖୋଜିବାକୁ ଯାଇଥିବା ସଦାନଂଦ ଫେରୁଥିବା ବାଟରେ ଏ ଦି'ଟା ପିଲାଙ୍କୁ ଏମିତି ମରାଧରା ହଉଥିବାର ଦେଖି ୟା'କୁ ଗୋଟେ ଆଉ ତାକୁ ଗୋଟେ ଚଟକଣି କଷିକି ଲଗେଇ ଦେଲା, ପିଲା ଦି'ଟା କାନ ମୁଣ୍ଡା ଆଉଁଶି ଆଉଁଶି ଯିଏ ଯେଝା ବାଟେ ଦୌଡ଼ି ଦୌଡ଼ି ଅଦୃଶ୍ୟ ହେଇଗଲେ। ସଦାନଂଦ ଚଉତରା ପାଖକୁ ଧାଇଁ ଆସି କାଳୀକୁ ଭରା ଦେଇ ବସେଇଲା, ତା' ପେଟକୁ ଆଉଁଶି ପକେଇଲା। ପେଟର ପିଲାଟା ଗୋଇଠା ପରେ ଗୋଇଠା ମାରୁଥାଏ, ପେଟ ଭିତରେ ଏକଡ଼ ସେକଡ଼ ହଉଥାଏ। କାଳୀ ଅସହାୟ ଆଖିରେ ଅନେଇଲା ସଦାନଂଦକୁ। ଏ ଭିତରେ ଛୁଆଟା କେତେବେଳେ ବି ହେଇଯିବ ନା କ'ଣ! କାଳୀ ଏମିତି ଅବସ୍ଥାରେ ମୂଲ ଲାଗିବାକୁ ଯିବ କି ମା' ଘରକୁ ବାସନ ମାଜିବାକୁ ଯିବ କି ଛୁଆ ଜନମ କରିବା ପାଇଁ ଡ଼ାକ୍ତରଖାନା ଯିବ, କିଛି ଠିକ୍ କରି ଠଉରେଇ ପାରୁ ନଥାଏ। ସଦାନଂଦ କ'ଣ ବୁଝି ବିଚାରି କହୁ, ଯାହା କହିବ ତା' କରିବ କାଳୀ।

ସଦାନଂଦ ଭଲ କରି ଜାଣିଥିଲା କାଳୀର ଏ ଅବସ୍ଥା ବିଷୟରେ। ହେଲେ କ'ଣ କରାଯିବ? ଏପଟେ ହାତକୁ ଦି'ଟା ମୂଲ ନ ଆସିଲେ ଘର ଚଳିବନି, ସଂଜକୁ ବସ୍ତିରେ ରହୁଥିବା ଘରର ଆଡ଼ଭାନ୍ସ ବାବଦକୁ

ଦୈନିକ ଦି'ଶହ ଟଙ୍କା ନଦେଲେ ପୁରୁଣା କର୍ପୋରେଟର ଘର ଦୁଆର ମୁହଁକୁ ତା' ଚରଙ୍କୁ ପଠେଇ ହୋହଲ୍ଲା କରେଇବ, ବାସନ ମାଜୁଥିବା ମା'ଙ୍କ ଘରକୁ ସକାଳେ ସଂଜେ ଦି' ଓଳି ବାସନ ମାଜିବା ଆଉ ଘର ଓଳାପୋଛା କରିବାକୁ ନଗଲେ ଶାଶୁ, ବୋହୂ ଦି'ଜଣ ଯାକ ଘଡ଼ି ଘଡ଼ି ଫୋନ୍ ଲଗେଇ ଅଥୟ କରିଦେବେ, ଏପଟେ ହାତରେ ପଇସା ନଥିଲେ କାଳୀର ଡ଼ାକ୍ତରଖାନାରେ ଡ଼େଲିଭରି ଖର୍ଚ୍ଚ କୋଉଠୁ ଉଠିବ? ଏତେ ସବୁ ଦ୍ୱିବିଧା ଭିତରେ, ତା' ସ୍ତ୍ରୀର ଏ ଅବସ୍ଥା ସତ୍ତ୍ୱେ ଦି'ଟା ମୂଲ ବୁଝିବା ପାଇଁ ସଦାନଂଦ ଯାଇଥିଲା କଣ୍ଟ୍ରାକ୍ଟରପଡ଼ା ବସ୍ତି ପାଖ ଛକକୁ। ସଦାନଂଦକୁ ରେଗୁଲାର କାମ ଦଉଥିବା ସାହୁକାର ରୋକ୍‌ଠୋକ୍ କହିଦେଲା, 'ଶୁଣ ସଦା, ତୋ ସ୍ତ୍ରୀ ଏଇଲେ କାମଦାମ କରିବା ଅବସ୍ଥାରେ ନାହିଁ, ତମେ ଦି'ଟା ଖାଲି ମୋ ପାଖରେ ସବୁଦିନେ କାମ କରୁଚ ବୋଲି, ମୁଁ ତୋ' ମୁହଁ ଉପରେ ମନା କରିପାରୁନି। ତୋ' ସ୍ତ୍ରୀ ଅଧା ମୂଲ ନବ, ଯୋଉଠି ଭିଡ଼କୁ ନ ପାରିବ, ତୁ ତା' ବୋଝ ଉଠେଇବୁ। ଏଇଥିରେ ରାଜି ହେଲେ, ତାକୁ ଧରିକି ଆ', ନହେଲେ ନାହିଁ।'

ସଦାନଂଦ ତଥାପି ରାଜି ହେଇ ଆସିଲା କଣ୍ଟ୍ରାକ୍ଟର କଥାରେ। ନହେଲେ ନ ଚଳେ। ସେଇ ମୂଲ ପଇସା ହିଁ ସମ୍ବଳ। ସେଇଥିରେ ଘର ଚଳିବ, ଘରଭଡ଼ା ଦିଆ ହବ, ମହିଳା ଗ୍ରୁପ୍‌ରେ ପଇସା ଜମା ହବ, କାଳୀର ଡ଼ାକ୍ତରଖାନା ଖର୍ଚ୍ଚ ପାଇଁ ଦି'ଟଙ୍କା ହାତରେ ରହିବ। ସବୁ ସେଇଥିରୁ। ଗାଁରୁ ଝଗଡ଼ା କରି ପଳେଇ ଆସି ଏମିତି ଅଭାବ ଅନାଟନରେ ପଡ଼ିଚନ୍ତି ଯେ ଦିହିଁଙ୍କି ଦିହେଁ, ଯେତେ ମୂଲମଜୁରୀ ଲାଗିଲେ, ଦିନରାତି ଗଧ ଭଳିଆ ଖଟିଲେ ବି ଅଭାବ ମେଣ୍ଟିବାର ନାହିଁ, ପେଟର ଭୋକ ମରିବାର ନାହିଁ କି ଭେକପୋଷାକ କୋଉଥିରେକିଛି ବାଗବାଇସ ନାହିଁ। ସେଇଥିପାଇଁ ତ କାଳୀର ଏ ଅବସ୍ଥାରେ ସଦାନଂଦ ତାକୁ ପଠଉଚି ବାସନମାଜିବା ପାଇଁ, ଆଉ ଏପଟେ ନିଜ ସାଙ୍ଗରେ ଭିଡୁଚି, ହଉ ପଛେ ଅଧା ମୂଲରେ କାମ କରିବା ପାଇଁ।

ସଦାନଂଦ ସାହୁକାର ସାଙ୍ଗେ ସବୁ ଛିଣ୍ଡେଇ ଆସିଥିବା କଥା କାଳୀକୁ କହିସାରି ସେଇ ଚଉତରା ଉପରେ ତା' ଦିହମୁଣ୍ଡ ଆଉଁଶି ପକେଇ କହିଲା, 'ତୁ ଚଟାପଟ ମା' ଘର କ୍ୱାଟର୍ସକୁ ଯାଇ ଘରଓଳା ଆଉ ବାସନମଜା କାମଟା ସାରିଦେଇ ମତେ ଫୋନ୍ କର। ମୁଁ ଏପଟେ ସାହୁକାରର କାମଟା ଆରମ୍ଭ କରିଦଉଚି। ତତେ ମା' ଘର କ୍ୱାଟର୍ସରୁ ସାଇକେଲରେ ବସେଇ ଧରି ଆସିବି, ଏଇଠି ତୁ ଧୀରେ ସୁସ୍ଥେ ଯେତିକି ପାରିବୁ, କରିବୁ। ବାକିଟା ମୁଁ ଯେତେ କଷ୍ଟ ହଉପଛେ ଚଳେଇ ନେବି।'

କାଳୀ ପେଟର ଯନ୍ତ୍ରଣାକୁ ଭୁଲି ଟିକିଏ ସଳଖେଇ ହେଇ ବସିଲା। ସଦାନଂଦ ମୁହଁକୁ ଅନେଇ ନିଜ ଶେତା ପଡ଼ି ଆସୁଥିବା ମୁହଁରେ ଶୁଖିଲା ହସଟିଏ ହସିଲା, ଯେମିତି ସେଦିନ ରାତି ଅଧରେ ପୁଲିସି ଭୟରେ ଗାଁ ଛାଡ଼ି ରାତାରାତି ଏଇ ସହରକୁ ପଳେଇ ଆସି, କଣ୍ଟ୍ରାକ୍ଟରପଡ଼ା ବସ୍ତିର ଏଇ ବଉଳ ଗଛ ମୂଳ ଚଉତରା ଉପରେ ତା' ସ୍ୱାମୀ କାନ୍ଧରେ ମୁହଁ ରଖି, ଯାହା ଯେମିତି ହଉ ପଛେ ଏଇ ବସ୍ତିରେ କୋଉଠି ମୁଣ୍ଡ ଗୁଞ୍ଜି, ଦୁଃଖେ ସୁଖେ କ'ଣ ଟିକେ ଖାଇପିଇ, ମୂଲ ମଜୁରୀ କରି ତା' ସାନ ଯାଆକବଳରୁ ଆଉ ସେ ଥାନାରେ ଏ ଦିହିଁଙ୍କ ନାଁରେ ଦେଇଥିବା ପୁଲିସ୍ କେଶରୁ ବଞ୍ଚିଯାଇ ଜୀବନ ବିତେଇବା ପାଇଁ ତା' ସ୍ୱାମୀକୁ ଭରସା କରି ବିଶ୍ୱାସ, ଅବିଶ୍ୱାସ, ଆଶା ଆଉ ଆଶଙ୍କାର ଅତି ଅସହଜ ହସଟିଏ ହସି ଦେଇଥିଲା, ସେମିତି।

ଏ ଦିହେଁ ଯେମିତି ଗାଁରୁ ଲୁଗାପଟା ଦି'ଖଣ୍ଡ ବ୍ୟାଗରେ ପୁରେଇ ସମସ୍ତଙ୍କ ଅଲକ୍ଷ୍ୟରେ ଦିନେ ରାତି ଅଧରେ ଗାଁରୁ ଲୁଚି, ଏକ ମୁହାଁ ହେଇ ଖାଲଖମା, ପାଟ ଗହୀର, ବାଟ ଅବାଟ ନମାନି ଏଇଠିକି ପଳେଇ ଆସିଥିଲେ ଜୀବନ ବିକଳରେ, କାଳୀର ଦିଅର ବିଦିନେ ସେମିତି ରାତି ଅଧିଆ ପଡ଼ିଶା ଗାଁର ଝିଅଟାକୁ ସାଙ୍ଗରେ ଧରି ଆସିଘରେ ହାଜର ହୋଇଯାଇଥିଲା। ସଦାନଂଦର ଧମକ ଚମକ ଆଉ ଜୀବନରେ ମାରିଦବା ପାଇଁ ନାଲି ଆଖି ଦେଖା ଚଢ଼ଉ ସତ୍ତ୍ୱେ ବି କାଳୀ ଅଣ୍ଟାରେ ତା' ଶାଢ଼ୀ କାନି ଜବର କରି ଗୁଡେଇ ସାହି ଲୋକଙ୍କ ଏକଘରକିଆ କରିଦବା କିମ୍ବା ଥାନାକୁ ଘୋଷାଡ଼ି ନବା ଧମକକୁ ନ ଡ଼ରି ନିଜ ଦିଅର ଆଉ ତା' ଯାଆ ପାଇଁ ଗାଁ ଲୋକଙ୍କ ଆଗକୁ ବାହାରିଥିଲା। ତା' ଆଗରେ ଆଉ କେହି ପାଟି ନ ଖୋଲିଯିଏ ଯେଝା ବାଟରେ ଚାଲିଯାଇଥିଲେ ସେ ଦିନ ରାତିରେ। ନିଜ ନୂଆ ଯାଆକୁ ମା'ଭଳି ଘରକୁ ଶଙ୍ଖୁଳି ଆଣିଥିଲା କାଳୀ, ଆଉ ନୂଆ କରି ସଂସାର ଗଢୁଥିବା ତା' ଦିଅର କାଳୀ ଆଗରେ ଲମ୍ବ ଲମ୍ବ ହେଇ ପଡ଼ି କୃତଜ୍ଞତାର ଲୁହରେ କାଳୀର ଦି'ଗୋଡ଼କୁ ଭିଜେଇ ଦେଇଥିଲା।

ସବୁ ଠିକ୍ ଠାକ୍ ଚାଲିଥିଲା ତିନି, ଚାରି ମାସ ଯାଏଁ। ଅନେକ ଦିନ ଧରି ପିଲାପିଲି ହଉ ନଥିବା କାଳୀର ପିଲାପିଲି କ'ଣ ହବ ଜଣା ପଡ଼ିବା ପରଠାରୁ କାଳୀର ଯାଆ ଆଉ ତାକୁ ଦେଖି ସହିପାରିଲାନି, କାଳୀର ମା' ହବା କଥାକୁ ଆଳ କରି ତା' ନିଜ ସ୍ୱାମୀକୁ ନେଇ ଇଆଡୁ ସିଆଡୁ ଗପାଗପି କଲା, ମୁହଁ ଛିଞ୍ଚାଡ଼ି ତା' ବଡ଼ ଯାଆକୁ ଖରାପ ଭାଷାରେ ଗାଳି ଗୁଲଜ କଲା। ଏଡ଼ିକି ଟିକିଏ ଘରେ ହାଣ୍ଡିଚୁଲି ଅଲଗା କରେଇଲା, ଘରେ ବାପ ଘରୁ ଯୌତୁକ ଆଣିଥିବା ଭଳି ବାଡ଼ଟିଏ ପକେଇଲା। ଦି' ଭାଇଙ୍କ ଭିତରେ ଭଲମନ୍ଦ ନାହିଁ, କାହାର କାହା ସାଙ୍ଗରେ କଥାବାର୍ତ୍ତା ନାହିଁ, ଏମିତି ହେଇଗଲା ପରିସ୍ଥିତି ଶେଷରେ। ଜମିବାଡ଼ି ତ ପିତୃପୁରୁଷ ଏତେ ଛାଡ଼ି ଯାଇନଥିଲେ, ଘର ଡ଼ିହ ବଣ୍ଟରାକୁ ନେଇ ତା' ଯାଆ ଯାଇ ସିଧା ପହଞ୍ଚିଲା ଥାନାରେ, ତା' ସ୍ୱାମୀକୁ ଜବରଦସ୍ତି ସାଙ୍ଗରେ ଭିଡ଼ି ଭିଡ଼ି ନେଇ। ବାଟରେ ନିଜ ଶାଢ଼ୀ, ବ୍ଲାଉଜ ଚିରି ପକେଇଲା, ଦିହହାତ ଖଣ୍ଡିଆ ଖାବରା କରିଦେଲା ଆଉ ଘର ଡ଼ିହ ବଣ୍ଟରା କଥା କହିବାରୁ ତା' ବଡ଼ ଯାଆ ଆଉ ତା' ସ୍ୱାମୀ ତାକୁ ମାର୍‌ପିଟ୍ କରି ତା'ର ଏ ଅବସ୍ଥା କରିଚନ୍ତି ବୋଲି ଥାନା ବାବୁଙ୍କ ପାଖରେ ଫେରାଦ ହେଲା। ସଦାନଂଦ ସେଦିନ ରାତି ସାରା ଅଧା ଅନ୍ଧାର, ଅଧା ଆଲୁଅର ଛାଇରେ କାଳୀକୁ ଡ଼ବଡ଼ବ କରି ଢ଼େର ବେଳଯାଏ ଅନେଇ ରହିଲା, ଆଉ ରାତାରାତି ଦିହେଁ ଲୁଗାପଟା ଦି'ଖଣ୍ଡ ଧରି ଲୁଚି ଲୁଚି ପଳେଇ ଆସିଲେ ଏଇ କଣ୍ଟ୍ରାକ୍ଟରପଡ଼ା ବସ୍ତିକୁ, ନିଜକୁ ପୁଲିସ୍ କବଳରୁ ବଞ୍ଚେଇବା ପାଇଁ, ଆଉ କାଳୀ ପେଟ ଭିତରର ପିଲାଟାକୁ ଏଇ ଅଜଣା, ଅଶୁଣା ସହରର କୋଉ ଅନ୍ଧାରୀ କଣରେ ସକାଳର ସୂର୍ଯ୍ୟୋଦୟ ଦେଖେଇବା ପାଇଁ!

ଦିହିଁଙ୍କି ଦିହେଁ ଦିନ ଅଧଯାଏଁ ବସ୍ତିସାରା ବୁଲି ବୁଲି ମୁଣ୍ଡ ଗୁଞ୍ଜିବା ପାଇଁ ଦି ହାତ ଜାଗା ଲାଗି ସଭିଙ୍କି ନେହୁରା ହେଲେ, ହେଲେ ବସ୍ତି ସାରା

ପଚାଶଟି ଯାକ ଘରର ମୁରବି ଲୋକେ ନାଚାର। ତା' ଛଡ଼ା ଏ ଦିହେଁ କୋଉ ଗାଁରୁ ଆସିଚନ୍ତି, କେମିତି ଆସିଚନ୍ତି, କ'ଣ ଭଲମନ୍ଦ ଥିବତା' ଭିତରେ କେହି ମୁଣ୍ଡକୁ ନବାକୁ ତିଆରି ହେଲେନି। କହିଲେ, ସଞ୍ଜକୁ ପୁରୁଣା କର୍ପୋରେଟର ବାବୁ ଆସୁ, ସିଏ ବୁଝିବ। ଘର ଦବା ନଦବା, ଆଡ଼ଭାନ୍ସ ରଖିବା, ଘରଭଡ଼ା ତୁଟେଇବା, ସବୁ କଥା ତା' ହିସାବରେ ଚାଲେ ଏଠି। ସିଏ କାହାକୁ କୋଉ ଘରେ ରଖିବ, କାହାକୁ ନାଲି ଆଖି ଦେଖେଇ ତା' ଜିନିଷପତ୍ର ଉଠେଇ ରାସ୍ତାକୁ ଫୋପାଡ଼ି ଦବ, ସେ ନିଷ୍ପତ୍ତି ତା'ର। ଏଥରକ ସିନା ଇଲେକ୍ସନରେ ହାରିଚି, ହେଲେ ତା' ପତିଆରା ଆଗରୁ ଯେମିତି ଏବେ ସେମିତି। ଇଲେକ୍ଟ୍ରି, ପାଣି, ମ୍ୟୁନିସିପାଲିଟିବାଲା ଆଉ ଥାନାବାବୁ ସବୁ ତା' ହାତରେ। ସିଏ ହିଁ ଏଇ ବସ୍ତି ବାଲାଙ୍କ ହର୍ତ୍ତା, କର୍ତ୍ତା ଆଉ ଭାଗ୍ୟ ବିଧାତା। ତା' ବିନା ଅନୁମତିରେ ଗଛପତ୍ର ବି କୁଆଡ଼େ ହଲନ୍ତିନି ଏ ବସ୍ତିରେ!

କଣ୍ଟ୍ରାକ୍ଟରପଡ଼ା ବସ୍ତିରେ ପ୍ରାୟ ପଚାଶଟି ଅଧାଗଢ଼ା, ଅଧା ଉଜୁଡ଼ା ଘର। ଗାଁ ଗଣ୍ଡାରୁ କିଏ କେତେବେଳେ ସୁବିଧା ଅସୁବିଧାରେ ପଡ଼ି, ଭାଇଭଗାରୀ କଳି, ଗାଁ ଗଣ୍ଡଗୋଳରେ ଗାଁରୁ ତଡ଼ାଖାଇ, ନହେଲେ ଏକଘରକିଆ ହେଇ, ନିଆଁପାଣି ବାସନ୍ଦଭୋଗି ମୂଲ ମଜୁରୀ, କାମ ଧନ୍ଦା ଆଶାରେ ଏଇ ସହରକୁ ପଳେଇ ଆସନ୍ତି, ଜୀବନ ବିକଳରେ ଏପାଖ ସେପାଖ ହେଇ ହେଇ ଏଇ କଣ୍ଟ୍ରାକ୍ଟରପଡ଼ା ବସ୍ତି ଭିତରେ ମୁଣ୍ଡ ଗୁଞ୍ଜିବା ପାଇଁ ଆସିଯାନ୍ତି।

ବସ୍ତିର ଏଇ ଅଧାଗଢ଼ା, ଅଧାଭଙ୍ଗା ଘର ଗୁଡ଼ିକ ଏଠି ପିଲାଛୁଆ ଧରି ବସବାସ କରୁଥିବା ଅଭାବୀ ଲୋକଙ୍କ ଖୋଲା ଦରଦୀ ହୃଦୟ ଭଳି ପ୍ରାୟ ଖାଲି, ଘରକରଣା ଜିନିଷର ଅଭାବରେ ଘର ଭିତର ପରିପୂର୍ଣ୍ଣ ହୋଇଥାଏ। ଏଠି ରହି ମୂଲମଜୁରୀ ଲାଗୁଥିବା ଲୋକଙ୍କ ଭବିଷ୍ୟତ ଯେତିକି ଅନିଶ୍ଚିତ, ସେତିକି ଏଇ ଘର ଗୁଡ଼ିକର ସ୍ଥାୟିତ୍ୱ। ଚାରିଟା ଖୁଣ୍ଟ ଉପରେ ପାଲ, ପଲିଥିନ୍ ଆଉ ଦରଭଙ୍ଗା ଆଜବେଷ୍ଟସ୍‌ରେ ଆକାଶକୁ ଆଁ କରିଥିବା ଅସ୍ଥାୟୀ ଘର, ତା' ଭିତରେ ଦି'ଟା ଗୋଡ଼ ଉପରେ ସଞ୍ଜଠୁ ସକାଳ ପର୍ଯ୍ୟନ୍ତ ବୁହା ହେଇ ଚାଲୁଥିବା ଅନିଶ୍ଚିତ, ଅମାପ ଜୀବନ ପ୍ରବାହ। ଚାଲିଚିତ ଚାଲିଚି, ରହିଗଲେ ଠକ୍‌ଠାକ୍ ହେଇ ଦାନ୍ତପାଟି ପଡ଼ିଗଲା ଭଳି ରହିଗଲା। ଆଜି ଯଦି ଘରଟା ଠିକ୍‌ଠାକ୍ ଅଛି ନିତିଦିନିଆ ତେଲ ଲୁଣର ସଂସାର ଭଳି ସକାଳୁ ସକାଳୁ, ସଞ୍ଜକୁ ବସ୍ତିକୁ ଫେରିଲା ବେଳକୁ ବର୍ଷା ଝଡ଼ିରେ କୋଉ କଡ଼କୁ ଅଣେଇ ହେଇ ପଡ଼ିଲାଣି, ଝାଟିମାଟିର କାନ୍ଥ ମାଟିରେ ମିଶି ଗଲାଣି। କାଲି ଯଦି କାହାଘର ଚୁଲିରୁ ନିଆଁ ଝୁଲ ସଞ୍ଜବେଳିଆ ପବନରେ ଉପରକୁ ଉଠି ଗୋଟେ ଘରକୁ ନିଆଁ ଧରି ପକେଇଲାଣି, ତା'ହେଲେ ଘଡ଼ିକ ଭିତରେ ସାରା ବସ୍ତି ଏମୁଣ୍ଡୁ ସେମୁଣ୍ଡ ଯାଏଁ ସଫା। ଆଜି ଯଦି କୋଉ ଘର କଣରେ ବୁଢ଼ା କି ବୁଢ଼ୀ ହେଁସ କତରା ଲଗା ହେଇ ପଡ଼ିଚନ୍ତି, ତଣ୍ଟି ଘଡ଼ଘଡ଼ କରୁଚି, ପାଟିରେ ପାଣି ଯାଉନି, ସଞ୍ଜ ବୁଢ଼କୁ ପୁଅବୋହୂ ମୂଲମଜୁରୀ ସାରି ବସ୍ତିକୁ ଫେରିଲା ବେଳକୁ ଜୀବ ଛାଡ଼ି ଗଲାଣି, ପ୍ରାଣ ଗଲା ବେଳକୁ ପାଟିରେ ଟୋପାଏ ପାଣି ଦେବାକୁ ପାଖରେ ପୁଅକି ବୋହୂ କେହି ନାହାଁ। ସବୁବେଳେ ଏ ଘରୁ ନହେଲେ ସେ ଘରୁ କିଏ ନା କିଏ ବୁହା ହଉଥିବ ଡ଼ାକ୍ତରଖାନାକୁ କୋଉ ନା କୋଉ ରୋଗରେ ପଡ଼ି। ଭାଗ୍ୟ ଟାଣ ଥିଲେ ବସ୍ତିକୁ ଫେରିବ, ନହେଲେ ସିଧା ମଶାଣିପଡ଼ିଆକୁ। ଯିଏ ଫେରିଲା, ଅଧା ଜୀବନ ଆଉ ମଲାଗଲା ଚେହେରା ଧରି ଫେରିବ ବସ୍ତିକୁ। ମାସେ ଦି'ମାସ ମୂଲମଜୁରୀ କରିବାକୁ ଯାଇପାରିବନି, ମାଦଳଙ୍କ ଭଳିଆ ଘର ଭିତରେ ପଡ଼ି ରହିବ, ନହେଲେ ରୋଗଣା ଦିହରେ ବସ୍ତି ମଝି ଚଉତରା ଯାଏ କଷ୍ଟେମଷ୍ଟେ ଯାଇ, ପାଚେରୀକୁ ଆଉଜି ବସି ନିଜ ପିଲା ଛୁଆଙ୍କୁ ଭୋକରେ ଆଉଟୁ ପାଉଟୁ ହଉଥିବାର ଦେଖି ହତାଶିଆଙ୍କ ଭଳିଆ ଇଆଡ଼େ ସିଆଡ଼େ ଜଳଜଳ ହେଇ ଅନେଇ ଥିବ। ଭୋକ ଉପାସରେ ତା' ରୋଗଣା ଜୀବନ କେମିତି ରହିବ, ଆଉ ସକାଳେ ସଞ୍ଜେ ଦି'ବେଳା ଦି' ମୁଠା ଖାଇବାକୁ ନପାଇ କୋଉ ସ୍ତ୍ରୀ, କୋଉ ପିଲାଛୁଆ କେମିତି ଜୀବନ ଧରି ରହିବେ, ସେଇ ଚିନ୍ତାରେ ଘଡ଼ିଏ ପହଡ଼କେ ଘାରି ହଉଥିବ।

ସେଦିନ ଅଭାବୀ ବସ୍ତିବାଲାଙ୍କ ସଂଧ୍ୟାବେଳିଆ ତେଲ ଲୁଣର ସାମ୍ରାଜ୍ୟ ପରିକ୍ରମା ସମୟରେକୁଆଡୁ କିଛି କୂଳକିନାରା ନପାଇ ବଉଳ ଗଛ ଚଉତରା ମୂଳେ ଗୋଡ଼ହାତ ଯୋଡ଼ି ବସିଥିବା ଏ ଦି' ପ୍ରାଣୀବସ୍ତିରେ ରହିବା ପାଇଁ ଘର ଖଣ୍ଡେ ପାଇବା ଆଶାରେ କର୍ପୋରେଟରର ମଟର ସାଇକେଲ ଆଗରେ ଲମ୍ବ ଲମ୍ବ ହେଇ ଯାଇଥିଲେ। କର୍ପୋରେଟର ବାବୁର ଇସାରାରେ ତା' ଅନୁଚର ଏ ଦିହିଁଙ୍କଠୁ ଚଟାପଟ୍ ଦିହିଁଙ୍କର ଜନ୍ମଜାତକ ବୁଝି ଆଡ଼ଭାନ୍ସ, ଘରଭଡ଼ା, ଅନ୍ୟସବୁ କଥା ତୁଣ୍ଡେ ତୁଣ୍ଡେ ଛିଡ଼େଇଦେଲା। ତା'ପରେ ଏ ଦିହିଁକି ଧରି ଚାଲିଲା ବସ୍ତିର ଉତ୍ତର ପଟକୁ। ବାହାରୁ ତାଲା ପଡ଼ି ବନ୍ଦଥିବା ଗୋଟାଏ ଘରର ତାଲାକୁ ଦି' ଗୋଇଠା ମାରି ଭାଙ୍ଗି ତା' ଭିତରେ ପୁରୁଣା ଲୁଗାପଟା, ଟ୍ରଙ୍କ୍, ବାକ୍ସ ଯାହାସବୁ ଥିଲାତାକୁ ରାସ୍ତାକୁ ଫୋପାଡ଼ି ଦେଲା। ଏମାନେ ଆବା କାବା ହେଇ ଅନେଇବାରୁ କହିଲା, 'ଲୋକଟା ହସ୍‌ପିଟାଲରେ ପଡ଼ିଚି, ଦିନେ ଦି'ଦିନ ଭିତରେ ଚାଲିଯିବ। ବାବୁ ତାକୁ ଦେଖିବାକୁ ଯାଇଥିଲା ଡ଼ାକ୍ତରଖାନାକୁ। ତା' ଡ଼ୋଳା ଓଲଟି ଗଲାଣି। ଟ୍ରଲି ଟାଣେ ଲୋକଟା, ଆଡ଼ଭାନ୍ସ ଟଙ୍କାଟା ବି ଏଯାଏଁ ପୁରା ଦେଇନି, ଘରଭଡ଼ା ଦବାରେ ସବୁବେଳେ ଅବହେଳା, ଏବେ ମରିବ ଯେ ତା'ଉପରେ ବାବୁର ସବୁ ପଇସା ବୁଡ଼ିଯିବ। ବାବୁତ କହିଲା, 'ତାକୁ କାଢ଼ି ଏ ଦିହିଁଙ୍କି ରଖିଦେ। ବୁଡ଼ିଯାଉଥିବା ପଇସାରୁ ତ' କିଛି ହେଲେ ହାତକୁ ଆସିଯିବ ନା!'

ଏ ଦିହିଁଙ୍କର ଇଚ୍ଛା ନଥିଲା, ଏମିତି ଗୋଟେ କାହାକୁ ତା' ଘରୁ ତଡ଼ି ଏମାନେ ସେଇଠି ରହିବେ ବୋଲି। ଏ ଦିହେଁ ଯଦି ଆଗରୁଜାଣି ଥାଆନ୍ତେ ଯେ ଯାହା ଟ୍ରଙ୍କ୍, ବାକ୍ସ ରାସ୍ତାକୁ ଫୋପଡ଼ା ହଉଚି ଯା'ଙ୍କୁ ସେ ଘରେ ରଖିବା ପାଇଁ, ସିଏ ବିଚରା ଡ଼ାକ୍ତରଖାନାରେ ଅଧାମଲା ଅବସ୍ଥାରେ ପଡ଼ିଚି, ତା'ହେଲେ ଏମାନେ ଏମିତି ଅମଣିଷ ପଣିଆ ଦେଖେଇ ନଥାନ୍ତେ ସେଇ ବେସାହାରା ଲୋକଟା ପ୍ରତି, ନହେଲା ନାହିଁ ପଛେ କୋଉଠି ମୁଣ୍ଡ ଗୁଞ୍ଜି ରହିବା କଥାଟା। ଏମିତି ତ ଗାଁରୁ ରାତି ଅଧରେ ଲୁଚି ଲୁଚି ପଳେଇ ଆସିଚନ୍ତି, ଘରୁ ବେଘର ହେଇଚନ୍ତି, ଆଉ ଦି'ଚାରି ଦିନ ଏପଟ ସେପଟ ହେଇ କୋଉଠି ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରା ଖୋଜିଥାନ୍ତେ, ନହେଲେ ଏଇ ବଉଳଗଛ ମୂଳ ଚାନ୍ଦିନୀରେ ଗଡ଼ପଡ଼ ହେଇ ଦିନେ ଓଳିଏ ଏପଟ ସେପଟ କରି ଚଳେଇ ନେଇଥାନ୍ତେ। ହେଲେ ଜାଣିଲେ ସବୁ କଥା ସେଇ ଘରେ

ରହିଲା ପରେ। ଦିହିଁଙ୍କି ମାଡ଼ି ମାଡ଼ି ପଡ଼ିଲା, କାହା ଘର ଭାଙ୍ଗି ନିଜ ପାଇଁ ଘର ଯୋଗାଡ଼ କରୁଚନ୍ତି ବୋଲି, ହେଲେ ସେତେବେଳକୁ ଦିହେଁ ନିରୁପାୟ। ସବୁକଥା ଛିଡ଼ିଲାଣି, ପଇସାପତ୍ର ହାତରେ ଯାହାଥିଲା ଦିଆ ସରିଚି, ଆଉ ଉପାୟ ନାହିଁ। ଭଲମନ୍ଦ ଯାହା ହବ ହଉ ପଛେ ଦିହେଁ ଦମ୍ଭ ଧରି ରହି ଯାଇଥିଲେ ସେଦିନ ଘରଟା ଭିତରେ।

ତା'ର ଦି'ଦିନ ପରେ ସବୁ ପୂର୍ବାନୁମାନକୁ ସତ କରି ବୁଢ଼ାଟା ବିଚାରା ଚାଲିଗଲା ଆରପାରିକୁ। ଏ ଦିହିଁଙ୍କି ଦିହେଁ ଘଡ଼ିଏ ବେଳ ଯାଏଁ ଘର ଭିତରେ ଭୋ ଭୋ ହେଇ କାନ୍ଦିଲେ ଖବର ପାଉ ପାଉ, ଆଉ ତା'ପରେ ଘରୁ ବୁଢ଼ାର ଟ୍ରଲିଟାକୁ ଧରି ଧାଇଁଲେ ଡ଼ାକ୍ତରଖାନାକୁ। ନିଜର ଲୋକ ଭାବି ମଡ଼ା ଉଠେଇଲେ, ଶବ ଦାହ କଲେ, ଶୁଦ୍ଧ ବାଧ ହେଲେ, ସଦା ତା' ବାପ ମରିଥିବା ଭଳି ଲଣ୍ଡା ହେଇ, ତା' ସ୍ତ୍ରୀକୁ ଟ୍ରଲିରେ ବସେଇ ବସ୍ତିକୁ ଫେରିଲା। ରାତିରେ ପୁରୋହିତ ଡ଼ାକି ସଦାନଂଦ ଘରେ ପୁଜାପାଠ କଲା, ବସ୍ତିର ପିଲାଙ୍କୁ ବାଳଭୋଗ ବାଣ୍ଟିଲା। ଦିହେଁ ବଡ଼ ଦମ୍ଭରେ ଛାତିକୁ ପଥର କରି ରହିଲେ ଘରଟା ଭିତରେ। କାଳୀ ଦି' ଚାରିଦିନ ଯାଏଁରାତି ଅଧରେ ବିଳିବିଳେଇ ହେଲା, ସଦା ତଣ୍ଟିକୁ ନିଦ ବାଉଳାରେ ମାଡ଼ି ବସି ତା' ଛାତି ଉପରେ ବସି ତାକୁ ବିଧା ଗୋଇଠା କଷି ଦେଇଗଲା। ସଦା ପ୍ରାଣ ଭୟରେ ଗୁଣି ଗାରେଡ଼ି କଲା, ଗୁଣିଆ ଡ଼ାକି ଘରକୁ କିଳିଲା, ମା' ଗ୍ରାମ ଦେବତୀଙ୍କୁ ଅରଡ଼ା ଗଞ୍ଜା ବଳି ଯାଚିଲା। ତା'ପରେ ଯାଇ କାଳୀ ଥୟ ଧରିଲା, ଦି' ଦିନ କାଳ ଇଆଡ଼େ ସିଆଡ଼େ କାନ୍ଥବାଡ଼ ଚାରିଆଡ଼କୁ ଖାଲି ଡ଼ବଡ଼ବ ହେଇ ଅନେଇଲା, ବାରମ୍ବାର ଚମକି ପଡ଼ି ଛାତିରେ ଛେପ ପକେଇଲା, ତା' ପରେ ଯାଇ ଥଣ୍ଡା ପଡ଼ିଲା।

ତା' ପରଠୁ ଏଯାବତ୍ ଘଟଣାକ୍ରମ ଦିହିଁଙ୍କ ପାଇଁ ଭାରି ମାମୁଲି, ହେଲେ ଅତି ତରବରିଆ ଭାବରେ ଗୋଟିକ ପରେ ଗୋଟିଏ ଖଞ୍ଜି ହେଲା ଭଳି। ଯେମିତି ସଦାକୁ କଣ୍ଟ୍ରାକ୍ଟର ପାଖରେ କାମ ମିଳିବା ଆଉ କାଳୀକୁ ମୂଳ ମଜୁରୀ ଆଉ ତା' ସାଙ୍ଗରେ ମା'ଙ୍କ କ୍ୱାର୍ଟରରେ ସକାଳୁ ବାସନ ମଜା ଆଉ ଘରଓଳା କାମ। ଏଡ଼େ ବଡ଼ ଫୁଲିଲା ପେଟଟାଏ ଧରି ଏସବୁ କଲାବେଳକୁ କାଳୀର ପ୍ରାଣ ଛାଡ଼ିଯାଏ, ହେଲେ ଦି'ଓଳା ଖାଇବା, ରହିବା ଆଉ ତା' ଡ଼େଲିଭରି ପାଇଁ କିଛି ଟଙ୍କା ରଖିବା ଆଶାରେ ସିଏ ନିର୍ବିକାର ଭାବରେ ଏସବୁ କରିଚାଲିଥାଏ।

ସେଦିନ ମା'ଙ୍କ ଘର ବାଡ଼ିପଟ ଦୁଆର କଷ୍ଟେମଷ୍ଟେ ଓଳେଇ ଦେଇ କାଳୀ ଖଣ୍ଡକରୁ ଦି'ଖଣ୍ଡ ବାସନ ଧରିଚି କି ନାଇଁ, ତା' ଦିହହାତ ଯନ୍ତ୍ରଣାରେ ଫାଟିପଡ଼ିଲା, ତାକୁ ଲାଗିଲା ସେଇଠି ତା' ପେଟର ପିଲାଟା ବୋଧେ ଜନ୍ମ ହେଇପଡ଼ିବ। ବିକଳ ହେଇ ସଦାକୁ ବାରମ୍ବାର ଫୋନ୍ ଲଗେଇ ଚାଲିଲା। ସଦା ସେପଟୁ ଛାନିଆ ହେଇ ୟା'କୁ ଫୋନ୍ ଲଗେଇ ଚାଲିଚି, କାମରେ ଥିବାବେଳେ ତାକୁ କିଏ ଗୋଟେ ଫୋନ୍‌ରେ ଖବର ଦେଲା ଯେ ମ୍ୟୁନିସିପାଲିଟି ବାଲା, ଆଜି ବସ୍ତି ଭାଙ୍ଗିବା ପାଇଁ ଆସୁଚନ୍ତି ବୋଲି। କାଳୀକୁ ଫୋନ୍ ଲାଗୁ ଲାଗୁ ତା' ଖବର ଶୁଣି ସଦା ଆଗ ବସ୍ତିକୁ ଧାଇଁଲା, ସେଇଠୁ ଟ୍ରଲିଟା ଧରି ମା'ଙ୍କ ବସାକୁ। ଆଉ ସେଇଠୁ ସିଧା କାଳୀକୁ ଧରି ଡ଼ାକ୍ତରଖାନାକୁ। ବସ୍ତିରେ ପଶିଲା ବେଳକୁ ସେ ମ୍ୟୁନିସିପାଲିଟି ବାଲା ଆଉ ପୁଲିସିଙ୍କ ପଲଟଣ ଦେଖିସାରିଥିଲା। ବାଟସାରା ଯନ୍ତ୍ରଣାରେ ଚିତ୍କାର କରି ଆକାଶ ଫଟେଇ ଦଉଥିବା ତା'ସ୍ତ୍ରୀକୁ ଟ୍ରଲିରେ ଡ଼ାକ୍ତରଖାନାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ବୋହି ନଉଥିବା ବେଳେ ସଦାନଂଦ ମୁଣ୍ଡ ଭିତରେ କାହିଁ କୁଆଡ଼େ କେତେ କ'ଣ ସବୁ ଭାଙ୍ଗିରୁଜି ଯାଉଥିବା, ଭୁଷୁଡ଼ି ପଡ଼ୁଥିବା ଆଉ ଉଜୁଡ଼ି ଯାଉଥିବା ଦୃଶ୍ୟର ଅଭାବିତ ଅବତାରଣା ଅନବରତ ଚାଲିଥିଲା।

ଅଭାବୀ ଲୋକଙ୍କର ଏହି ଅସ୍ଥାୟୀ ସାମ୍ରାଜ୍ୟ ଭୂଲୁଣ୍ଠିତ ହେଉଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ। ସବୁ ବସ୍ତିବାଲାଙ୍କ ପାଇଁ ଏକାବେଳକେ ଅପ୍ରତ୍ୟାଶିତ, ଅନାହୂତ ଏବଂ ଅନାକାଙ୍କ୍ଷିତ, ଠିକ୍ ଆମ ଆଗିଲା କର୍ପୋରେଟର ବାବୁର ବିଗତ ନିର୍ବାଚନର ପରାଜୟ ଭଳି ଆକସ୍ମିକ ତଥା ଅଚାନକ। ତା' ଅନୁଚର ମାନଙ୍କଠୁ ଖବର ପାଇ ଆମ କର୍ପୋରେଟର୍ ବାବୁ ମୁହଁଫୁଟାଣି ଦେଖେଇ ବସ୍ତିବାସିନ୍ଦା ତଥା ତା' ଅନୁଚର ଏବଂ ଅନୁଗାମୀଙ୍କ ଉପରେ ନିଜ ପତିଆରା ଜାହିର କରିବା ପାଇଁ ମଟର ସାଇକେଲଟାକୁ ଷ୍ଟାର୍ଟ କରି ନିଜେ ନିଜେ ହୁଦସ୍ତ ମାଡ଼ି ଆସିଥିଲା ବସ୍ତି ଆଡ଼କୁ, ହେଲେ ଗଣ୍ଡା ଗଣ୍ଡା ମ୍ୟୁନିସିପାଲିଟି ଅଫିସର ଆଉ ମାଳ ମାଳ ପୁଲିସଙ୍କ ବନ୍ଧୁକଧରା ପଲଟଣ ଦେଖି ହଠାତ୍ କ'ଣ ଗୋଟେ ଚମତ୍କାର କରିପକେଇବା ପାଇଁ ତା'ର ଆଉ ସାହସ କୁଳେଇଲାନି। ସେତେବେଳକୁ ଲାଇନ୍ କଟା ସରିଲାଣି, ପାଣି ସପ୍ଲାଏ ବନ୍ଦ, ସବୁ ଘରୁ ତାଲା ଭଙ୍ଗା ହେଇ ଯାହା କିଛି ଜିନିଷପତ୍ର ଥିଲା ଯୋଉ ଘରେ, ସବୁ ମ୍ୟୁନିସିପାଲିଟି ବାଲା ଆଣି ମଣ୍ଡପରେ ଗଦେଇ ଦେଇ ତା'ର ତାଲିକା ଘରଓ୍ୱାରି କରିବାରେ ଲାଗି ପଡ଼ିଥାନ୍ତି।

ହଠାତ୍ ଆରମ୍ଭ ହେଇଗଲା ଉଭୟ ପଟୁ ବୁଲ୍‌ଡ଼ୋଜର ଲଗେଇ ଘର ଗୁଡ଼ିକୁ ଭାଙ୍ଗିବା ଆଉ ଭୂଲୁଣ୍ଠିତ କରିବାର ପର୍ବ। ଆମ ପୁରୁଣା କର୍ପୋରେଟର ଆଖି ସାମ୍ନାରେ, ତା' ଦମ୍ଭିଲାଛାତିରେଛେନକା ପଶେଇ ଗୋଟିକ ପରେ ଗୋଟିଏ ଘର ଉଭୟ ପଟୁ ତାଡ଼ି ହେଇ ଆକାଶକୁ ଉଠି ମାଟିରେ ଲୀନ ହେଇଯାଉଥାନ୍ତି, ଏଇ ଘର ଗୁଡ଼ିକରେ ଅତୀତରେ ବିଲୀନ ହେଇଯାଇଥିବା କାହିଁ କେତେ ଅପହତ ଜୀବନ ଭଳି। ଆମ ଆଗିଲା କର୍ପୋରେଟର ବାବୁ ତା' ଆଖି ଆଗରେ ନିଜ କଳ, ବଳ ଓ କୌଶଳ ତଥା ତା' ବାହୁ ବଳରେ ପ୍ରତିଷ୍ଠିତ ତା' ଅସ୍ଥାୟୀ ସାମ୍ରାଜ୍ୟର ଏଭଳି ତତ୍‌କ୍ଷଣାତ୍ ଭୂଲୁଣ୍ଠନ ଆଉ ସହ୍ୟ କରିପାରିଲାନି, ତା' ମୁଣ୍ଡ ଆଉ କାମ କଲାନି, ତା' ରକ୍ତ ଟକମକ ହେଇ ଫୁଟିବାରେ ଲାଗିଲା। ଯୋଉ ସ୍ପିଡ଼୍‌ରେ ମଟର ସାଇକେଲ ଚଳେଇ ସିଏ ମାଡ଼ି ଆସିଥିଲା ବସ୍ତି ଆଡ଼କୁ, ସେଇ ସ୍ପିଡ଼୍‌ରେ ମଟର ସାଇକେଲ ବୁଲେଇ ସେଇଠୁ ତତ୍‌କ୍ଷଣାତ୍ ଅନ୍ତର୍ଦ୍ଧାନ ହେଇଗଲା।

ମ୍ୟୁନିସିପାଲିଟି ଅଫିସ୍‌ରୁ ଭଡା ଟଙ୍କା ଧରି ବୁଢ଼ାବୁଢ଼ୀ ବସ୍ତିରେ ପହଞ୍ଚିଲା ବେଳକୁ ଆଉ ଗୋଟିଏ ହେଲେ ବି ଘର ଭଙ୍ଗା ନହେଇ ବାକି ନାହିଁ। ସ୍କୁଲରୁ ଫେରି ଆସିଥିବା ପିଲାଙ୍କୁ ବ୍ୟାଗ ବସ୍ତାନି କି ଜାମାପଟା ଟାଙ୍ଗିବା ପାଇଁ କାନ୍ଥ, କି ଏ କାନ୍ଥରୁ ସେ କାନ୍ଥକୁ ଘର ମଝିରେ ଲମ୍ବିଥିବା ରସି ଆଉ ନାହିଁ। ସ୍କୁଲ ପୋଷାକ ପିନ୍ଧା କାନ୍ଧରେ ବସ୍ତାନି ପକେଇ ବାଧ୍ୟ ଛାତ୍ରଙ୍କ ଭଳି ଏମାନେ ଚଉତରା ଉପରେ ଗଛ ତଳେ ବୁଢ଼ାବୁଢ଼ୀଙ୍କ ସହ ବସିପଡ଼ିଲେ। ଘର ରୋଜଗାରିଆ ପୁଅ ବୋହୁଙ୍କ ଫେରିବା ବାଟକୁ

ବୁଢ଼ାବୁଢ଼ୀ ଅନେଇ ରହିଲେ; ସ୍କୁଲରୁ ସବୁଦିନ ଫେରି ଘରେ କ'ଣ ଟିକେ ଖାଇବାକୁ ମାଗୁଥିବା ପିଲାମାନେ ଭୋକିଲା ଆଖିରେ ନିଜ ଘର ଫେରନ୍ତା ମା' ବାପାଙ୍କ ବାଟ ଅନେଇ ବସିଲେ। ପାଖ କଲୋନୀ ପଡ଼ିଆ, ସାହି ବସ୍ତିରେ ଏଣେ ତେଣେ ବୁଲୁଥିବା ପିଲାମାନେ ବସ୍ତିକୁ ଫେରିଆସି ଭଙ୍ଗା, ଉଜୁଡ଼ା ଘର ଭିତରୁ ମାଟି, ପଥର ଆଡ଼େଇ ଛୋଟମୋଟ ଘରକରଣା ଜିନିଷ, ଭଙ୍ଗାରୁଜା ଖେଳନା ଆଦି ଖୋଜାଖୋଜି କରି ଏକାଠି କରିବାରେ ଲାଗିପଡ଼ିଲେ।

ସଦାନନ୍ଦ ଗର୍ଭଯନ୍ତ୍ରଣାରେ ଛଟପଟ ହଉଥିବା ତା' ସ୍ତ୍ରୀକୁ ବସ୍ତି ଭଙ୍ଗା ହଉଥିବା କଥା ଜାଣିଶୁଣି କହିଲାନି, ତା'ର ଏ କଷ୍ଟକୁ ସେ କଷ୍ଟ ବଳିପଡ଼ିବ ବୋଲି। ବସ୍ତିରେ ରହୁଥିବା ଘରର ପୂର୍ବପଟ କାନ୍ଥକୁ ଲାଗି ମାଟି ଚକଟି, ଥାକକୁ ଥାକ ଲଦି, ଲେସିଲିପି ଛୋଟିଆ ବଖରାଏ ଘର ତିଆରି କରିଥିଲା କାଳୀ, ତା' ପେଟର ପିଲା ଆଉ ଅଧିକ କାଳବିଳମ୍ବ ନକରି ଯଥାଶୀଘ୍ର ତାଙ୍କ ସଂସାର ଭିତରକୁ ପଶିଆସିବ ସେକଥା ଅନୁଭବ କରିବା ଦିନଠାରୁ। ତା'ର ଇଚ୍ଛା ଥିଲା, ତା' ପିଲା ଜନ୍ମ ହେଲେ ସେଇ ନୂଆଁଣିଆ କାନ୍ଥରେ ଷଠୀଘର କାଟିବ, ବସ୍ତିରେ ସତ୍ୟନାରାୟଣ ପୂଜା କରି ଶିରିଣି ବାଣ୍ଟିବ। ଏକଥା ସିଏ ସଦାନନ୍ଦକୁ ବି କହିଥିଲା, ସଦାନନ୍ଦ ତା' ପେଟରେ ହାତ ବୁଲେଇ ସେ ଦିହିଙ୍କର ଭବିଷ୍ୟତର କାୟାକଳ୍ପକୁ ଅନୁମାନ ଲଗଉଥିଲା ବେଳେ, ଅନୁଭବ କରୁଥିଲା ବେଳେ। ଏବେ କାଳୀ ଆଉ ସିଏ ପେଟରେ ଧରିଥିବା ଅନିଶ୍ଚିତତା ଟ୍ରଲିରେ ଛାଟିପିଟି ହେଉଥିବା ବେଳେ ସଦାନନ୍ଦ ମନେ ମନେ ଘାରି ହେଉଥିଲା, ଏବେ ବସ୍ତିତ ଗଲା, ଘର ଭାଙ୍ଗିଲା, ଷଠୀଘର ଉଜୁଡ଼ି ଗଲା ଆଉ ଅନାଗତ ଭବିଷ୍ୟତ ଏବେ ଷଠୀଙ୍କ ହାତରେ। ଯାହା ତାଙ୍କ ବରାଦ, ସେଇୟା ଅବଶ୍ୟ ଘଟିବ, ଏଇଭଳି ଏକ ଦୋଦୁଲ୍ୟମାନ ସ୍ଥିତିରେ କାଳୀ ଆଉ ସିଏ ଦିହିଁକି ଦିହେଁ କେଉଁ ଏକ ଅଦେଖା, ଅଜଣାଅସମ୍ଭବତା ଭିତରକୁ ଠେଲି ହେଇଗଲେ।

ଟ୍ରଲିରେ ପଡ଼ିରହି ଡ଼ାକ୍ତରଖାନାକୁ ଯାଉଥିବା କାଳୀ ଗର୍ଭ ଯନ୍ତ୍ରଣାରେ ଛାଟିପିଟି ହଉଥିଲା, ଡ଼ାକ୍ତରଖାନା ପହଞ୍ଚିବା ପୂର୍ବରୁ ଯେମିତି ତା' ପ୍ରାଣ ଛାଡ଼ିଯିବ, ତାକୁ ସେମିତି ଲାଗୁଥିଲା। କେତେବେଳେ ବିଳିବିଳେଇ ହଉଥିଲା, କେତେବେଳେ ବିକଳରେ ରାହାବାଳୀ ପାଟି ଛାଡୁଥିଲା ତ ଆଉ ବେଳେବେଳେ ଇଆଡୁ ସିଆଡୁ ଅବେଳିଆ ଦିବା ସ୍ୱପ୍ନରେ ତା' ଆଖି ଦି'ଟା ବୁଜି ହେଇ ଯାଉଥିଲା। ତାକୁ ଟ୍ରଲିରେ ଧରି ଡ଼ାକ୍ତରଖାନାକୁ ପ୍ରାଣ ପଣେ ଧାଉଁଥିବା ସଦାନନ୍ଦକୁ ସେ କାମକରୁଥିବା ଘରର ମା'ଙ୍କ ମୁହଁରୁ ଯାହା ଶୁଣିଥିଲା ଯନ୍ତ୍ରଣାରେ ଛାଟିପିଟି ହଉଥିଲା ବେଳେ, ସେକଥା କହିବା ପାଇଁ ଆଉ ତା' ସାହସ କୁଳେଇଲାନି। ତାକୁ ଧରି ସୂର୍ଯ୍ୟଚନ୍ଦ୍ରଙ୍କ ସାଥିରେ ଦିନରାତି ବିତେଇ ସବୁଦିନେ ଏକ ଭଲ ସକାଳର ସପନ ଦେଖୁଥିବା ସଦାନନ୍ଦ ଯଦି ତା' କଥା ଶୁଣି ନିରାଶାରେ ଭାଙ୍ଗିପଡ଼େ, ତା'ହେଲେ କେମିତି ପୁଣି ଆଗକୁ ଚାଲିବ ତାଙ୍କ ଭଲମନ୍ଦର ସଂସାର ?

କଥାଟା ହଉଚି, ସେ କାମ କରୁଥିବା ମା'ଙ୍କ ଏଡ଼େ ବଡ଼ ଘରେ ମା' ପୁଅ ଆଉ ବୋହୂ ତିନୋଟି ଲୋକ। ସରକାରୀ କ୍ୱାଟର୍ସ। ଘର, ଅଗଣା, ଦୁଆର, ସାମାନପତ୍ର ରଖିବା ଘର ଆଉ ଏଡ଼େ ବଡ଼ ଗ୍ୟାରେଜ। ସବୁ ଖାଲି, ଯେତେ ଲୋକ ରହିଲେ ବି ଜାଗାକୁ ଜାଗା, ଆଉ ଘରକୁ ଘର ବଳକା। କାଳୀ ବସ୍ତିରେ ରହୁଥିବା ଅସୁବିଧା ଆଉ ତା' ପିଲାଛୁଆ ହବା କଥା ମା'ଙ୍କୁ ଥରେ ଅଧେ କହିଥିଲା। ମା'ଙ୍କ ପୁଅ ବୋହୂ ତ ଏଯାଏଁ ପିଲାଛୁଆ କରିବା ପାଇଁ ଯୋଜନା କରିନାହାନ୍ତି, କି ଚାରିଚକିଆ କିଣିବା ପାଇଁ ବିଚାର, ଆଲୋଚନା ବି କରିନାହାନ୍ତି; ସେଥିପାଇଁ ବୋହୂ କୋଳ ଖାଲି, ମା'ଙ୍କ କାଖ ଖାଲି ଆଉ ବିନା ଗାଡ଼ିରେ ଗ୍ୟାରେଜ ବି ଖାଲି। କାଳୀର ପିଲାହବା କଥା ଶୁଣି ଢ଼େର ଢ଼େର ଖୁସି ହେଇଥିଲେ ମା', ଯେମିତି ନିଜ ନାତିନାତୁଣୀଙ୍କୁ କୋଳେଇଲେ, କାଖେଇଲେ ଖୁସିରେ ଉଚ୍ଛୁଳି ପଡ଼ନ୍ତି ଜେଜେମା ସେମିତି। କହିଥିଲେ, 'ଆମର ଏ ଦି'ଟା ତ ସବୁ କଥାରେ ଡ଼େରି ଡ଼େରି କରୁଚନ୍ତି, ପିଲାଛୁଆ, ଗାଡ଼ିଘୋଡ଼ା ସବୁଥିରେ। କ'ଣ ତାଙ୍କର ଯୋଜନା କେଜାଣି ? ତୋ'ର ପିଲା ହେଲେ, ତୋ ସ୍ୱାମୀକୁ ଧରି ଆସି ଆମ ଗ୍ୟାରେଜ ଘରେ ରହିଯିବ ତିନିହେଁ; ଆମ ଘର, ଅଗଣା ପୁରିଲା ପୁରିଲା ଲାଗିବ, ଘରେ କୁଆଁ କୁଆଁ ରାବ ଶୁଭିବ ଆଉ ଏ ଦି'ଟାଙ୍କର ବି ଶୀଘ୍ର ବାପା ମା' ହବାପାଇଁ ମନ ବଳିବ।'

କାଳୀ ମନେ ମନେ ଖୁସି ହେଇ ଯାଇଥିଲା, ତା' ମା ବଦଳରେ ଆଉ ଗୋଟେ ମା' ତାକୁ ମିଳିଯାଇଥିଲା ବୋଲି ଭାବି ମନେ ମନେ ଢ଼େର୍ ଢ଼େର୍ ଖୁସି ହେଇଯାଇଥିଲା। ଯେତେଦିନ ଧରି ସକାଳେ ସଂଜେ ମା'ଙ୍କ କ୍ୱାର୍ଟର୍ସକୁ ଆସି ଘର ଭିତରୁ ଅଳିଆ ଆଉ ଅଳନ୍ଧୁ କାଢ଼ି ଅଇଁଠା ପଡ଼ିଥିବା ବାସନକୁସନ ଧୋଇଧାଇ ମାସକୁ ମାସ ଯେତିକି ପଇସା ପାଉଥିଲା କାଳୀ, ତା' ଅପେକ୍ଷା ବେଶୀ ମା'ଙ୍କ ଭଲ ପାଇବା ଆଉ ସେନେହ, ଶରଧା ମିଳୁଥିଲା ତାକୁ। ତା' ପେଟ ଭିତରର ପିଲା ଦିନୁ ଦିନ ବଡ଼ରୁ ବଡ଼ ହେଇ ତାକୁ ଯେତିକି ଗର୍ଭ କଷ୍ଟ ଦଉଥିଲା, ମା'ଙ୍କ ଆଦର, ଆପଣାର ଭାବ ଆଉ ନିଜ ଆଡୁ ଆଗତୁରା ଏଇ ବାସନ ମାଜିବାକୁ ଆସୁଥିବା ସ୍ତ୍ରୀ ଲୋକଟି ପ୍ରତି ଅଯାଚିତ ସହାନୁଭୂତି ଦେଖେଇବା, ପାଖରେ ଠିଆ ହେଇ ଭଲମନ୍ଦ ପଚାରିବା, ଆଉ ବେଳ ଅବେଳରେ ପୁଅ ବୋହୂଙ୍କ ଆଗୋଚରରେ କାଳୀ ହାତରେ ଲୁଚେଇ ଲୁଚେଇ ଭଲମନ୍ଦ ଧରେଇ ଦେଇ ମା' କାଳୀର ଦୁଃଖ, କଷ୍ଟ, ଯନ୍ତ୍ରଣା ସବୁ ଭୁଲେଇ ଦେଇ ତା' ପାଇଁ ଅଫୁରନ୍ତ ଖୁସିର ହେତୁ ପାଲଟି ଯାଇଥିଲେ।

ଏ ଭିତରେ କାଳୀ ମା'ଙ୍କ ଘରକୁ ଆସି କାମଦାମ କରୁଥିବା ବେଳେ ତା'ର ବଢ଼ି ଆସୁଥିବା ପେଟ, ଆଉ ତା' ପେଟ ଭିତରର ପିଲା ମଝିରେ ମଝିରେ ଦଉଥିବା ଅକଥନୀୟ ଯନ୍ତ୍ରଣା ତା' ପାଇଁ ଅସହ୍ୟ ହେଇ ପଡୁଥିଲା, ଆଉ ବେଳେ ବେଳେ ଝାଡୁ ପକେଇ ଦେଇ ବା ବାସନକୁସନ ଫୋପାଡ଼ି କାଳୀ ଯୋଉଠି ପାରେ ସେଇଠି ବିକଳରେ ବସିଯାଉଥିଲା, କରୁଥିବା କାମ ବି ବେଳେବେଳେ ଏପଟ ସେପଟ ହେଇଯାଉଥିଲା। ମା'ତ କେବେ କିଛି କହନ୍ତିନି, ଯେହେତୁ ଏମିତି କେତେଥର କାଳୀଭଳି ସିଏ ଗର୍ଭ କଷ୍ଟ ସହି ପିଲାପିଲିଙ୍କ ମା' ହେଇ ସାରିଚନ୍ତି; ହେଲେ ଆଦୌ ଥରେ ହେଲେ ବି ଏ ଯାଏଁ ପେଟରେ ପିଲା ଧରି ନଥିବା ବୋହୂମା' କାଳୀକୁ ତା'ର ଏ ଦୟନୀୟ ଅବସ୍ଥାରେ ବି ଏତେ ଟିକିଏ ସହାନୁଭୂତି ନ ଦେଖେଇ ମଝିରେ ମଝିରେ ଅହେତୁକ ବିରକ୍ତି ପ୍ରକାଶ କରିବା କାଳୀ ପାଇଁ ତା' ନିତିଦିନିଆ କଷ୍ଟଠୁ ବଳି ଆହୁରି କଷ୍ଟକର ହେଇପଡୁଥିଲା। ଏ ପଟେ ପେଟର ପିଲାପାଇଁ, ଦିନକୁ ଦି'ବେଳା ଖାଇବା ଯୋଗାଡ଼ କରିବା ପାଇଁ ସେ

ନିର୍ବିଚାରରେ ସବୁ ସହି, ମୁଣ୍ଡପାତି ତା' କାମ କରିଚାଲିଥିଲା । ଭାବୁଥିଲା, ପେଟଭିତରୁ ପିଲାଟା ଭଲରେ ଭଲରେ ପଦାକୁ ବାହାରି ଆସିଲେ ସିଏ ତାକୁ କୋଳେଇ, କାଖେଇ ବଡ଼ କରିବ, ପୁଣି ଆଗଭଳି ମୂଲମଜୁରୀ ଲାଗିପାରିବ ଆଉ ମା' ଘରର କାମ ଆଗଠୁ ଆହୁରି ଭଲଭାବରେ କରିପାରିବ ।

ସେଦିନ ଯନ୍ତ୍ରଣାରେ ଛାଟିପିଟି ହେଇ, ଚିତ୍କାର କରି, କନ୍ଦାକଟା କରି ତା' ସ୍ୱାମୀକୁ ଫୋନ୍ କରୁଥିବା ବେଳେ ମା' କାଳୀ ପାଖକୁ ଧାଇଁ ଆସିଥିଲେ ତା' କାନ୍ଦ ବୋବାଳି ଶୁଣି । କାଳୀ ବିକଳରେ କହିପକେଇଲା, 'ମା' ଯା'ଙ୍କୁ ଫୋନ୍ କରିଚି, ମତେ ଡ଼ାକ୍ତରଖାନା ନବାକୁ । ଆଜି ଯାଇ ଡ଼ାକ୍ତରଖାନାରେ ଆଡ଼ମିଟ୍ ହେଇଯିବି । ତେଣିକି ଯାହା ଠାକୁରଙ୍କ ବରାଦ ଥିବ, ଆଉ ଯାହା ଆମ ଦିହିଁଙ୍କ ଭାଗ୍ୟରେ ଥିବ, ସେଇୟା ହବ । ମୋ ପିଲାକଥା, ଆମ କଥା ତମକୁ ଲାଗିଲା ମା, ମୁଁ ଚାଲିଲି ।'

ପୁଅ, ବୋହୂ, ଆଉ ମା'ଙ୍କ ଭିତରେ ଏବେ କେବେ କ'ଣ ବିଚାର, ଆଲୋଚନା ହେଇଥିଲା କେଜାଣି, ମା' କାଳୀକୁ ତରବର ହେଇ କହିପକେଇଲେ, 'ଦେଖ୍ ତତେ ଯୋଉ ମୁଁ ତୋ' ପିଲା ହେଲାପରେ ଆମ ଗ୍ୟାରେଜ୍ ଘରେ ପିଲାପିଲି ଧରି ରହିବାକୁ କହିଥିଲି, ସେ କଥା ଆଉ ନୁହେଁ । ବୋହୂ କହୁଥିଲା, ତାଙ୍କର ଗାଡ଼ି ଆଣିବା ପାଇଁ ଟଙ୍କା ଦିଆସରିଚି, ଏ ଭିତରେ କେବେହେଲେ ବି ଗାଡ଼ିଟା ଆସିଯିବ । ତେଣୁ ତୁ ଯେମିତି ଆଗରୁ ବସ୍ତିରୁ ଆମ ଘରକୁ ଯିବାଆସିବା କରି କାମ କରୁଥିଲୁ ସେମିତି କରିବୁ । ତୋ' ପିଲା ଟିକିଏ ବଡ଼ ହେଇଗଲେ, ମଝିରେ ମଝିରେ ଆଣି ଆସିବୁ ସାଙ୍ଗରେ, ଆମ ଘର ଦେଖିବ, ବୁଲିବ ଆଉ ମିଠା ଖାଇକରି ଯିବ ।' ଏତକ କହିଦେଇ ମା' ଘର ଭିତରକୁ ପଶିଯାଉଥିଲେ, କାଳୀ ତାଙ୍କ ଆଖିରୁ ଠକ୍ ଠକ୍ ହେଇ ଖସିପଡୁଥିବା ଲୁହ ଦି'ଧାରର ଅର୍ଥ ଠିକଣା ବାଟେ ଠଉରେଇ ନେଲା । ସମବେଦନାର ନୁହେଁ, ସହାନୁଭୂତିର ନୁହେଁ, ଅସହାୟତାର ଏ ଦି'ଧାର ଲୁହ ! କାଳୀ ବୁଝିଗଲା, ଏବେ ତା'ଭାଗ୍ୟ, ତା' ଭବିଷ୍ୟତ ସବୁ ବସ୍ତିରେ । ଟିଣପକା, ବଖୁରକିଆ ଗ୍ୟାରେଜ ଘର ତା' ଭାଗ୍ୟରେ ନାହିଁ । ବୋହୂ ମା' ସେସବୁ ଝାମେଲାରେ ନପଶିବା ପାଇଁ ଗାଡ଼ି କିଣା ହେବାର ବାହାନା କାଳୀ ଆଗରେ କରିବା ପାଇଁ ମା'ଙ୍କୁ କହିଚନ୍ତି । ତେଣୁ ମା' ବାଧ୍ୟ ହେଇ, କଥାଟା ଏଇବାଟେ କାଟିଦେଲେ । ଏପଟୁ ଘର ଯୋଗାଡ଼ର ଏ ଖିଅ ଏମିତି ଛିଡ଼ିଗଲା ବୋଲି ସଦାନନ୍ଦକୁ ଆଉ ସାହସ କରି କହିପାରିଲାନି କାଳୀ । ତା' ପେଟ ଭିତରର ଅସହ୍ୟ ଯନ୍ତ୍ରଣା ଭଳି ଅକଥନୀୟ ଏମିତି ହଠାତ୍ ହଠାତ୍ ସବୁଥିରୁ ବଞ୍ଚିତ ହେଇଯିବାର ଦୁଃଖ । ସଦାନନ୍ଦ ସହିପାରିବନି, ଭାଙ୍ଗିପଡ଼ିବ, ତାଙ୍କ ସଂସାର ଉଜୁଡ଼ିଯିବ । ଏ ଅଲକ୍ଷଣା କଥାଟା' ତା' ପେଟ ଭିତରେ ତା' ପିଲା ଭଳି ଥାଉ । ଆଗକୁ ଯାହା ହବ ଦେଖାଯିବ ।

କାଳୀ ତୁରନ୍ତ ଡ଼ାକ୍ତରଖାନାରେ ଭର୍ତ୍ତି ହେଲା; ଡ଼ାକ୍ତର କାଳୀର ବିକଳ ଅବସ୍ଥା, ଭଙ୍ଗୁର ସ୍ୱାସ୍ଥ୍ୟାବସ୍ଥା ଦେଖି ସାଙ୍ଗେ ସାଙ୍ଗେ ଆଡ଼ମିଶନ କରେଇ ଦେଲେ । ସଦାନନ୍ଦକୁ ଅଲଗା ଡ଼ାକି କହିଲେ, 'ଅପରେସନ ଦରକାର, ବ୍ଲଡ୍ ଦରକାର । କ'ଣକରିବ ?' ସଦାନନ୍ଦ ଡ଼ାକ୍ତରଙ୍କ ଗୋଡ଼ ଧରି ପଡ଼ିଗଲା, କହିଲା, 'ମୋଠି ଏତିକି ପଇସାପତ୍ର ଅଛି, ଏତକ ନିଅନ୍ତୁ ଆଜ୍ଞା । ଯାହା ବ୍ଲଡ୍ ଦରକାର, ମୋଠୁ ନିଅନ୍ତୁ । ବାକି ଯାହା ପାଉଣା ରହିବ, ସେଇଥି ପାଇଁ ମୁଁ ଆପଣଙ୍କ ପାଖେ ବନ୍ଧା ପଡ଼ିଲି । ବଞ୍ଚିଥିବା ଯାଏ ମୂଲ ଲାଗିବି ଆପଣଙ୍କ ପାଖରେ, ଆପଣଙ୍କ ଋଣ ଶୁଝିବି । କାଳୀ ଆଉ ତା' ପେଟର ପିଲା ଆପଣଙ୍କୁ ଲାଗିଲା ଆଜ୍ଞା ।'

କାଳୀକୁ ସାଙ୍ଗେ ସାଙ୍ଗେ ଅପରେସନ୍ ଥିଏଟରକୁ ନିଆ ହେଲା, ରକ୍ତ ଦିଆଗଲା, ଛୋଟକାଟିଆ ଅପରେସନ୍‌ଟିଏ କରାହେଲା, ରାତି ଅଧରେ ଆକାଶଫଟା ଚିତ୍କାର କରି ନୂଆ ସୂର୍ଯ୍ୟଟିଏ ମା' କୋଳରେ ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରା ଖୋଜି ରାହା ଧରିଲା । ଡ଼ାକ୍ତର ଆସିଲେ, ମା' ପୁଅ ଆଉ ବାପା ତିନିଙ୍କି ଦେଖି ଖୁସି ହେଲେ । କହିଲେ, 'ଏବେ ଏଇଠି ରହିବ ସପ୍ତାହେ, ଭଲ ହେଲା ପରେ ଘରକୁ ଚାଲି ଯିବ ।'

ଡ଼ାକ୍ତର ଚାଲିଗଲା ପରେ କାଳୀର କ୍ଲାନ୍ତ ଆଉ ଯନ୍ତ୍ରଣା ଜର୍ଜରିତ ମୁହଁରେ ହାତ ବୁଲେଇ ନେଲା ସଦାନନ୍ଦ, ତାକୁ ଆଉଁଶା ଆଉଁଶି କରି ପକେଇଲା ଗୋଡ଼ଠୁ ମୁଣ୍ଡଯାଏ । ପୁଅକୁ ଘଡ଼ିଏ କାଳ ଅନେଇଲା । ବସ୍ତିଘର ଭାଙ୍ଗିଯାଇ ସଭିଏଁ ବେସାହାରା, ବେଘର ହେଇଯାଇଥିବା ଦୁଃଖକୁ ପାଶୋରି ଦେଇ ହସ ହସ ମୁହଁରେ କାଳୀକୁ କହିଲା, 'ଏଇଟା କେଡ଼େ ବଡ଼ ଭାଗ୍ୟଟାଏ ନେଇ ଜନମ ହେଇଚି ! ହଉପଛେ ଡ଼ାକ୍ତରଖାନା ଭିତର, ଆସୁ ଆସୁ ଆମ ପାଇଁ ସାତ ଦିନର ଘର, ଖାଇବା ପିଇବା ସବୁ ଯୋଗାଡ଼ କରିଦେଲା । ଏବେ ସପ୍ତାହେ ପର୍ଯ୍ୟନ୍ତ ଆଉ ଚିନ୍ତା ନାହିଁ । ତେଣିକି ଯୋଉଠିକି ଯିବା, ରାସ୍ତା କଡ଼, କାନ୍ଥ ବାଡ଼ ହଉ କି କୋଉ ବସ୍ତି ଭିତର ଘର, ମା'ଙ୍କ ଗ୍ୟାରେଜ୍ ଘର କି ଆଉ କ'ଣ, ସେଇଠି ତୁ ତା' ଷଠୀ କଉଡ଼ି ପୋତିବୁ କାନ୍ଥରେ । ତା' ଏକୋଇଶିଆ କରିବା, ଶିରିଣି ବାଣ୍ଟିବା, ସତ୍ୟନାରାୟଣଙ୍କ ପୂଜା କରି ପୂଜା ସିନ୍ଦୁର ତା' ମୁଣ୍ଡରେ ତିଳକ କରି ଲଗେଇବା । ତା' ଭାଗ୍ୟରେ ଥିଲେ ଆଗକୁ ଯାଇ ଆମ ନାଁ କମେଇବ ।'

କାଳୀ ଘଡ଼ିଏ କାଳ ସଦାନନ୍ଦକୁ ଅପଲକ ନୟନରେ ଅନେଇ ରହିଲା, ତା'ପେଟ ଭିତର କଥା ପେଟ ଭିତରେ ଚାପି ରଖିଲା, ଡ଼ାକ୍ତରଖାନା ବେଡ୍ ପାଖ କାନ୍ଥକୁ ଅନେଇ, ପୁଅ ମୁଣ୍ଡରେ ହାତ ରଖି, ଆଖି ବୁଜି ମନେ ମନେ ମା' ଷଠୀଙ୍କୁ ସୁମରଣା କରିବାରେ ଲାଗିଗଲା ।

*କ୍ୱାର୍ଟର୍ସ ନଂ : ଭି.ଆଇ.ଆର୍-୧୮, ୟୁନିଟ୍-୬,*
*ଭୁବନେଶ୍ୱର-୭୫୧୦୦୧*
*ଦୂରଭାଷ: ୯୪୩୭୧୧୪୩୫୬*

# ସମୟର ଗତି

## ଡକ୍ଟର କଳ୍ପଲତା ଦାସ

ମାର୍ଗଶିର ମାସ ଶେଷ ଗୁରୁବାର। ଯାହାର ଅନ୍ୟ ନାମ ମାଣବସା ଗୁରୁବାର। ସୁତପା ବଡ଼ି ଭୋରରୁ ଉଠି ନିଜର ନିତ୍ୟକର୍ମ ସମାପ୍ତ କଲାପରେ ଠାକୁର ଘର ପୋଛି, ଠାକୁର ବାସନ ମାଜି ପୂଜା ସରଞ୍ଜାମ ସଜାଡ଼ିଲେ। ମାଣ ନବସିଲେ ମଧ୍ୟ ମାଣବସା ଦିନ ଲକ୍ଷ୍ମୀଙ୍କ ଫଟରେ ନୂଆଲୁଗା ପିନ୍ଧାଇ ଗେଣ୍ଡୁଫୁଲ ହାର ଚଢ଼ାନ୍ତି। ଚନ୍ଦନ ସିନ୍ଦୁର ପିନ୍ଧାଇ ଫଳ ଓ ମିଠା ଭୋଗ କରି ଧୂପ ଦୀପ ଜଳାଇ କର୍ପୂର ଆରତି କରି ମା ଲକ୍ଷ୍ମୀଙ୍କର ଆରାଧନା କଲେ। ଶୁଦ୍ଧ ପବିତ୍ର ଭାବରେ ଭକ୍ତି ଅର୍ଘ୍ୟ ନିବେଦନ କଲାପରେ ପରିବାରର ସୁଖ, ସମୃଦ୍ଧି କାମନା କଲେ। ଠାକୁରଙ୍କୁ ପ୍ରଣିପାତ ଜଣାଇ ଠାକୁର ଘରୁ ବାହାରି ଆସିଲେ ସୁତପା।

ଗ୍ୟାସ ଚୁଲା ଜଳାଇ ଚା ବସାଇଲେ। ପ୍ରତିଦିନ ଠାକୁର ପୂଜା କରିସାରିଲା ପରେ ସୁତପା ଚା ତିଆରି କରନ୍ତି। ସେହି ସମୟକୁ ସ୍ୱାମୀ କିଶୋର ଓ ଦିଅର ସମୀର ପ୍ରାତଃ ଭ୍ରମଣରୁ ଫେରି ଆସି ଥାଆନ୍ତି। ଶାଶୁ ନିତ୍ୟକର୍ମ ଶେଷ କରି ବାଲ୍‌କୋନିରେ ବସି ଥାଆନ୍ତି। ସମସ୍ତେ ସେଠାରେ ଏକାଠି ବସି ଚା ପିଅନ୍ତି। ନଣନ୍ଦ ଦୁଇଜଣ ସେତେବେଳକୁ ଶଯ୍ୟାତ୍ୟାଗ କରି ନଥାନ୍ତି। ତାହାଛଡ଼ା ସେମାନେ ମଧ୍ୟ ଚା'ର ଭକ୍ତ ନୁହନ୍ତି। ପାଣି, କ୍ଷୀର ସସ୍‌ପ୍ୟାନ୍‌ରେ ଢାଳି ଚୁଲି ଉପରେ ରଖିଲେ। ଚିନି ଓ ଚା ଡବା ଥାକରୁ ଆଣିବା ସମୟରେ ଗ୍ୟାସ୍ ଚୁଲି ଲିଭିଗଲା। ସୁତପା ଭାବିଲେ ସସ୍‌ପ୍ୟାନ୍ ପଛର ପାଣି ଚୁଲି ଉପରେ ପଡ଼ିଯିବାରୁ ଚୁଲି ଲିଭିଗଲା। ଲାଇଟର ମାରି ଚୁଲି ଜଳାଇବାକୁ ଚେଷ୍ଟାକଲେ। କିନ୍ତୁ ଚୁଲି ଜଳିଲା ନାହିଁ। ଆଶ୍ଚର୍ଯ୍ୟ ହୋଇଗଲେ ସୁତପା। ବର୍ଷେ ହେଲାଣି ଏପରି ଅସୁବିଧା କେବେ ହୋଇନଥିଲା। ବର୍ଷେ ହେଲାଣି ଗ୍ୟାସ୍ ଲାଇନ୍ ଆସିଯାଇଛି। ଗେଲ୍ ଇଣ୍ଡିଆ ଦୟାରୁ ଯେତେବେଳେ ଇଚ୍ଛା ସେତେବେଳେ ଗ୍ୟାସ୍‌ଚୁଲା ବ୍ୟବହାର କରାଯାଇପାରୁଥିଲା। କାରଣ ଗ୍ୟାସ୍ ଶେଷ ହୋଇଯିବାର ଆଶଙ୍କା ନଥିଲା। କିମ୍ବା ସିଲିଣ୍ଡର ବଦଳାଇବାର ଆବଶ୍ୟକତା ପଡୁନଥିଲା। ଏଇ ଦୁଇଦିନ ତଳେ ଶାଶୁ ବୋହୂ ହିସାବ କରି ଖୁସି ହେଉଥିଲେ ଯେ ପୂର୍ବରୁ ଗ୍ୟାସ ପାଇଁ ଯେତିକି ଖର୍ଚ୍ଚ କରିବାକୁ ପଡୁଥିଲା, ଏବେ ଗ୍ୟାସ ଦର ବଢ଼ି ମଧ୍ୟ ଗ୍ୟାସ ଲାଇନ୍ ଆସିବା ଦିନଠାରୁ କମ୍ ଟଙ୍କା ଖର୍ଚ୍ଚ ହେଉଛି। ଦିନ ଦୁଇଟା ନ ଯାଉଣୁ ସେଦିନର ଖୁସି ଏତେଶୀଘ୍ର ମିଳେଇଯିବ ଏକଥା ସୁତପାଙ୍କ କଳ୍ପନାର ବାହାରେ ଥିଲା। ଇଣ୍ଡକ୍‌ସନ୍ ହିଟରରେ ଚା ତିଆରି କରି ବାଲ୍‌କୋନିରେ ପହଞ୍ଚିଲେ। ସମସ୍ତଙ୍କୁ କପେ କପେ ଚା ଧରାଇ ଦେଇ ଜଣାଇଦେଲେ କୌଣସି କାରଣରୁ ଗ୍ୟାସ୍ ଚୁଲା ଜଳୁ ନାହିଁ। ଚୁଲା ଖରାପ ହୋଇଛି କିମ୍ବା କୌଣସି କାରଣରୁ ଗ୍ୟାସ୍ ପାଇପ୍ ଲାଇନ୍‌ରେ କିଛି ଅସୁବିଧା ହୋଇଛି ସେ ଜାଣି ପାରୁନାହାନ୍ତି। ଶାଶୁ ଏକ ପ୍ରକାର ମତ ଦେଲେତ ଦିଅର ଅନ୍ୟ କଥା କହିଲେ। ସ୍ୱାମୀ କୌଣସି ମନ୍ତବ୍ୟ ଦେବା ପୂର୍ବରୁ ତାଙ୍କ ମୋବାଇଲ୍ ବାଜିଉଠିଲା। ହ୍ୟାଲୋ କହୁ କହୁ ସେପଟୁ ବନ୍ଧୁ ମନୋଜଙ୍କର ସ୍ୱର- "କିଶୋର ତମେ ସବୁ ଚା ପିଇ ସାରିଲଣି ?" କିଶୋର ଉତ୍ତର ଦେଲେ- "ଚା ପିଇ ସାରିନୁ- ପିଉଛୁ।" ମନୋଜ ପୁଣି ପଚାରିଲେ- "ଆମେ ବର୍ତ୍ତମାନ ସେହି କଥା ଆଲୋଚନା କରୁଥିଲୁ।" ଦୁଃଖଭରା ସ୍ୱରରେ ମନୋଜ କହିଲେ- "ତମର ସିନା ଇଣ୍ଡକସନ୍ ଚୁଲା ଅଛି। ଆମର ତ ନା ଅଛି କିରୋସିନି ଷ୍ଟୋଭ୍, ହିଟରତ କେବେଠାରୁ ଭାଙ୍ଗି ଭୁଙ୍ଗି କେଉଁଠାରେ ପଡ଼ିଛି। କେହି ଜାଣନ୍ତି ନାହିଁ।" କିଶୋର ମନୋଜକୁ ସାନ୍ତ୍ୱନା ଦେଇ କହିଲେ- "ବ୍ୟସ୍ତ ହୁଅ ନାହିଁ, ମୁଁ ଗେଲ୍ ଇଣ୍ଡିଆ ଅଫିସକୁ ଫୋନ୍ କରି ପଚାରୁଛି। କଣ ଅସୁବିଧା ହୋଇଛି ଜାଣି ପାରିବା"। କିଶୋର ଫୋନ୍ କରି ବୁଝିଲେ। ସେମାନେ କହିଲେ ଗ୍ୟାସ୍ ଲାଇନ୍ ରାସ୍ତାର ଯେଉଁ କଡ଼ରେ ଯାଇଛି ତାହାର ପାଖରେ ଅନ୍ୟ ଏକ ପାଇପ୍ ଲାଇନ୍ ଯିବା ପାଇଁ ଖୋଳାହେବାରୁ ଗ୍ୟାସ୍ ପାଇପ୍ କ୍ଷତିଗ୍ରସ୍ତ ହୋଇଛି। ସେଥିପାଇଁ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଶୀଘ୍ର ସଜଡ଼ା ଯିବାପାଇଁ ବ୍ୟବସ୍ଥା ଚାଲିଛି। ଦୁଃସମ୍ବାଦଟା ବନ୍ଧୁ ମନୋଜଙ୍କୁ ଜଣାଇବାକୁ କିଶୋର ଭୁଲିଲେ ନାହିଁ। ମନୋଜ ସଙ୍ଗେ ସଙ୍ଗେ ପାତାଳରୁ ବାହାରିଲା ଭଳି ସ୍ୱରରେ କହିଲେ- "ଆଜି ମାର୍ଗଶୀର ମାସ ଗୁରୁବାର। ମୁଁ ଓ ପିଲାମାନେ ହୋଟେଲରୁ ମଗାଇ ଖାଇପାରିବୁ। କିନ୍ତୁ ଆମ ଶ୍ରୀମତି ତ ଅନ୍ୟ ଗୁରୁବାର ଦିନ ହୋଟେଲରୁ ମଗାଯାଇଥିବା ଖାଦ୍ୟ ଖାଆନ୍ତି ନାହିଁ।

ଆଜି ପୁଣି ମାର୍ଗଶୀର ମାସ ଗୁରୁବାର। ଦେଖାଯାଉ କଣ ହେଉଛି।"

ଚା ପର୍ବ ଶେଷ ହେବା ପରେ ସୁତପା ରୋଷେଇ ଘରେ ପଶିଲେ। ଦୁଇ ନଣନ୍ଦ ସେଠାରେ ପହଞ୍ଚିଲେ। ବ୍ୟସ୍ତ ହୋଇ ପଚାରିଲେ- "ଭାଉଜ ଆଜି କେମିତି ରୋଷେଇ ହେବ ? ଆମର ସିନା ଇଣ୍ଡକ୍ସନ୍ ହିଟରପାଇଁ ତାୱା ଏବଂ ପ୍ରେସର କୁକର୍ ଅଛି- କଢ଼େଇତ ନାହିଁ। ତରକାରି କେମିତି ହେବ ?" ସୁତପା ଅଳ୍ପ ହସି ଉତ୍ତର ଦେଲେ- "ପ୍ରେସର କୁକର୍‌ରେ ପରିବା ଶିଝାଇ ତାକୁ ଖାଇ ରହିଯିବା।" ରୋଷେଇ କରିବାପାଇଁ ଆସୁଥିବା ସ୍ତ୍ରୀଲୋକ କୁନି ଠିକ୍ ସମୟରେ ପହଞ୍ଚିଲା। ଗ୍ୟାସ ଚୁଲା ଜଳୁନଥିବା କଥା ଶୁଣି ସେ ପ୍ରଥମେ ମୁହଁ ଶୁଖାଇ ଛିଡ଼ା ହୋଇଗଲା। ତା'ପରେ ଦେହରେ ଜୀବନ ନଥିବା ପରି ସ୍ୱରରେ କହିଲା- "ମା ! ଆଜି କେମିତି ରନ୍ଧା ହେବ ?" ସୁତପା ଅବିଚଳିତ ସ୍ୱରରେ କହିଲେ- "ଚାଉଳ, ଡାଲି, ପରିବା ସବୁ" କାଢ଼ିଦେଇ ଆସିଛି। ପ୍ରଥମେ ପ୍ରେସର କୁକର୍‌ରେ ରିଫାଇନ୍ ତେଲ ତାତିଲା ପରେ ଜିରା, ଲଙ୍କା ପକାଇ ଫୁଟାଇ ଦେ। ତା ପରେ ଡାଲି ଓ ପରିବା ପକାଇ ଶିଝାଇ ଦେ। ଆଉ ବଘାରିବାକୁ ପଡ଼ିବ ନାହିଁ। ପରେ ଡେକିଚିକୁ ଅଜାଡ଼ି ଧନିଆ ପତ୍ର ଓ ଜିରାଲଙ୍କା ଗୁଣ୍ଡ ପକାଇ ଦେବୁ। ପ୍ରେସର କୁକର ଖାଲି ହେଲା ପରେ ଚାଉଳ, ମୁଗ, ନଡ଼ିଆ, ହଳଦୀ, ଚିନି, ଲୁଣ ଗୁଆଘିଅ ପକାଇ ସବୁ ଗୁରୁବାର ଦିନ ଯେମିତି ଖେଚୁଡ଼ି ହୁଏ ସେମିତି କରିଦେବୁ। ସାଲାଡ଼୍ କାଟି ରଖି ଦେବୁ। ମଧ୍ୟାହ୍ନ ଭୋଜନ କାମ ସରିଯାଉ- ଦେଖିବା ଆର ଓଳିକୁ କଣ ହେବ ସେ ବିଷୟରେ ପରେ ଚିନ୍ତା କରିବା।

ରୋଷେଇ ବରାଦ କଲାପରେ ସୁତପା ନିଜ ରୁମ୍‌କୁ ଆସି ଝରକା ପାଖରେ ପଡ଼ିଥିବା ଚଉକିରେ ବସି ପଡ଼ିଲେ। ଭାବୁଥିଲେ ଦୁନିଆଟା କେଡ଼େ ଶୀଘ୍ର ବଦଳିଯାଉଛି। ବିଜ୍ଞାନର ଅଗ୍ରଗତି ସହିତ ମଣିଷର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଅତି ସହଜରେ, ଅଳ୍ପ ସମୟରେ, ବିନା ପରିଶ୍ରମରେ ସବୁକିଛି କରାଯାଇପାରୁଛି। ଘର ସଫା, ବାସନ ସଫା, ଲୁଗା ସଫା ସବୁକିଛି ତ ମେସିନ୍ ସାହାଯ୍ୟରେ କରାଯାଇପାରୁଛି। ରୋଷେଇ ବାସ କାମ ମଧ୍ୟ ଅଧିକାଂଶ ସମୟରେ ମେସିନ୍ ସାହାଯ୍ୟରେ ସମ୍ପାଦନ କରାଯାଇପାରୁଛି। ଯେପରି ମାଇକ୍ରୋୱେଭ୍, ଇଣ୍ଡକସନ୍ ଚୁଲା ଇତ୍ୟାଦି ସାହାଯ୍ୟରେ। ସୁତପାଙ୍କର ମନ ଫେରି ଯାଉଥିଲା ପଛକୁ- ବହୁତ ପଛକୁ। ଆଖି ଆଗରେ ଭାସିଯାଉଥିଲା ବୋଉର କୋଇଲାଚୁଲି ରୋଷେଇ, ଜେଜେ ମା'ର କାଠଚୁଲିରେ ମାଟି ହାଣ୍ଡିରେ ଖଇ, ମୁଢ଼ି ଭାଜିବାର ଛବି। ସେମାନଙ୍କ ସମୟରେ ଶ୍ୱଶୁର, ଶାଶୁ, ଦିଅର-ନଣନ୍ଦ, ପୁଅ-ଝିଅଙ୍କୁ ଠିକ୍ ସମୟରେ ରୋଷେଇ କରିଦେବା ପାଇଁ କେତେ ପରିଶ୍ରମ କରିବାକୁ ପଡୁଥିଲା। ସେମାନଙ୍କୁ ତାହାର କିଛି କିଛି ଝଲକ ଏବେ ମଧ୍ୟ ସ୍ମୃତିହୋଇ ରହିଯାଇଛି ସୁତପାଙ୍କ ମାନସ ପଟରେ। ଜେଜେମା କାଠ ଚୁଲିରେ ମୁଢ଼ି କିମ୍ବା ଖଇ ଭାଜିବା ସମୟରେ ଯଦି କାଠ ଓଦା ଥାଏ ଚୁଲି ଠିକ୍ ଭାବେ ନ ଜଳି ଧୂଆଁରେ ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଯାଏ। ଆଖିରୁ ପାଣି ନିଗିଡ଼ି ଆସିଲେ ମଧ୍ୟ ନିଜର ସମସ୍ତ ବଳ ଖଟାଇ ଫୁଙ୍କ ନଳାରେ ଫୁଙ୍କି ଫୁଙ୍କି ଚୁଲି ଜଳାଏ। ବାପାଙ୍କ ଅଫିସ ଯିବା ସମୟ ହୋଇଗଲେ କିମ୍ବା ଆମ ପିଲାମାନଙ୍କର ସ୍କୁଲ, କଲେଜ ସମୟ ହୋଇଗଲେ ଆମ ପାଖରେ ମା ଜଳଖିଆ ଓ ଭାତ ପରଶିବା ପାଇଁ କିପରି ତତ୍ପର ହୋଇଉଠନ୍ତି ସେକଥା ଏବେ ମଧ୍ୟ ସୁତପାର ମନରୁ ପାଶୋର ଯାଇନାହିଁ। କେତେ କଷ୍ଟ କରୁନଥିଲେ ସେମାନେ ! କୋଇଲା ଚୁଲାର ନିଆଁ ଯଦି ପ୍ରଖର ନଥିବ କିମ୍ବା କଞ୍ଚା କୋଇଲା ଯୋଗୁଁ ଚାରିଆଡ଼ ଧୂଆଁ ହେଉଥିବ କିନ୍ତୁ ହାଣ୍ଡି ତାତୁ ନଥିବ ତେବେ ମା'ଙ୍କର ଯେଉଁ ବ୍ୟସ୍ତତା ତାଙ୍କ ମାନସିକ ଅସ୍ଥିରତା ଏବେ ମଧ୍ୟ ତାଙ୍କ ଆଖି ଆଗରେ ନାଚି ଉଠୁଛି। ସେ ସମୟରେ ବର୍ତ୍ତମାନ ଭଳି ସହର ବଜାରରେ ହୋଟେଲ, ରେଷ୍ଟୁରାଣ୍ଟ, ଢାବା ଇତ୍ୟାଦି ଏତେ ପରିମାଣରେ ଦେଖାଯାଉନଥିଲା। ସଂଖ୍ୟା ଦୃଷ୍ଟିରୁ ସେସବୁ ଯେପରି କମ୍ ଥିଲା- ଗ୍ରାହକଙ୍କ ସଂଖ୍ୟା ମଧ୍ୟ ତଦନୁଯାୟୀ ନିହାତି ନଗଣ୍ୟ ଥିଲା। ଗାଁ ଗହଳରେ ତ ଏସବୁ ଯେପରି କଳ୍ପନାର ବାହାରେ ଥିଲା। ଏଇ କଟକ ସହରରେ ଏବେ ଯେପରି "ଦାମ ମହାରାଜା", "କାଲ୍‌କାଟା ସୁଇଟ୍‌ସ", "କଟକ ସୁଇଟ୍‌ସ ଷ୍ଟଲ" ଇତ୍ୟାଦି ଅନେକ ସଂଖ୍ୟାରେ ଦେଖିବାକୁ ମିଳୁଛି, ଆଗେ ସେପରି ନଥିଲା। ମାଣିକ ଘୋଷ ବଜାରର ଦାମ ମହାରାଜାର ରାବିଡ଼ି, ବିରି କଚୋଡ଼ି, କଲେଜ ଛକ କଟକ ସୁଇଟ୍‌ସ ଷ୍ଟଲ୍‌ର ମଲାଇଚପ୍, ସିଙ୍ଗଡ଼ା ଏବଂ ମିଠା ଦହି ସମସ୍ତଙ୍କର ଅତି ପ୍ରିୟଥିଲା। ଦହିବରା, ଆଳୁଦମ୍ ଖାଇବା ପାଇଁ ଏବେ ଆଉ ଲୋକଙ୍କୁ ବାଲିଯାତ୍ରା ପଡ଼ିଆ ଯିବାକୁ ପଡୁନାହିଁ କିମ୍ବା ବିଡ଼ାନାସି ଛକକୁ ଦୌଡ଼ିବାକୁ ପଡୁନାହିଁ। ସହରର ପ୍ରତ୍ୟେକ ଗଳି କନ୍ଦିରେ ଦହିବରା ଆଳୁଦମ୍‌ର ଠେଲାଗାଡ଼ି ଏବେ ଉପଲବ୍ଧ। ଘର ତିଆରି ଖାଦ୍ୟ ଅପେକ୍ଷା ବାହାରର କିଣା ଖାଦ୍ୟକୁ ସମସ୍ତେ ଖୁବ୍ ପସନ୍ଦ କରୁଛନ୍ତି। ଜନ୍ମଦିନ, ବିବାହ ବାର୍ଷିକ ଇତ୍ୟାଦିର ବହୁତ ପୂର୍ବରୁ କୌଣସି ହୋଟେଲ ରିଜର୍ଭ କରାଯାଉଛି। ଟଙ୍କା ପ୍ରତି ଲୋକଙ୍କର ଖାତିରି ନାହିଁ। ଅଧିକ ପଇସା ଖର୍ଚ୍ଚ ହେଲେ ମଧ୍ୟ ସେଥିକୁ ଲୋକଙ୍କର ଖାତିର ନାହିଁ। ଘର ତିଆରି ଖାଦ୍ୟର ଚାହିଦା ଦିନକୁ ଦିନ କମିଯାଉଛି। ଜେଜେମା', ମା', ବଡ଼ମା', ଖୁଡ଼ି ଇତ୍ୟାଦିଙ୍କର ହାତରନ୍ଧା ଖାଦ୍ୟର ସ୍ୱାଦ, ମହକ ଲୋକମାନେ ଭୁଲି ଗଲେଣି। ସେ ସମୟରେ ବିଭିନ୍ନ ପ୍ରଣାଳୀର ଖାଦ୍ୟର ନାମ ଆଜିକାଲିର ପିଲାମାନେ ଜାଣି ନଥିବେ। ପିଜା, ବରଗର୍, ମୋମୋ, କେକ୍ ଇତ୍ୟାଦି ସେମାନଙ୍କର ଖୁବ୍ ପସନ୍ଦ। ମା'ମାନଙ୍କୁ ମଧ୍ୟ ଆଉ ପରିଶ୍ରମ କରିବାକୁ ପଡୁନାହିଁ। କାଠ ଚୁଲି, କୋଇଲା ଚୁଲିର ନାଁ ଶୁଣିଲେ ଆଜି କାଲିର ଝିଅ, ବୋହୂମାନେ ସାପ ଦେଖିଲା ପରି ଚମକି ପଡ଼ିବେ। ଗ୍ୟାସ୍ ଚୁଲା, ହିଟର ଏବେ ପଛ ଲାଇନ୍‌କୁ ଯିବାକୁ ବସିଲାଣି। ମାଇକ୍ରୋୱେଭ୍, ଇଣ୍ଡକସନ୍ ଚୁଲା ଆଗଧାଡ଼ିରେ ସେମାନଙ୍କର ସ୍ଥାନ ସୁରକ୍ଷିତ କରି ରଖି ସାରିଲେଣି। ଜୀବନକାଳ ଭିତରେ ଆହୁରି କେତେଜଣ ପରିବର୍ତ୍ତନ ଦେଖିବାକୁ ପଡ଼ିବ ଭଗବାନଙ୍କୁ ହିଁ ଜଣା। ସହଜ, ସୁଲଭ, ସୁବିଧାଜନକ ପଥ ଆପଣେଇବାରେ ମନୁଷ୍ୟ ଧୁରନ୍ଧର। କିନ୍ତୁ ଯେତେ କମ୍ ପରିଶ୍ରମ ପଡ଼ିଲେ ମଧ୍ୟ ଆଜିକାଲିର ଝିଅବୋହୂଙ୍କୁ

ଖୁବ୍ ପରିଶ୍ରମ କଲାଭଳି ଲାଗୁଛି। ସେ ସମୟର ମା-ଖୁଡ଼ି, ପିଉସୀ ନିଜ ପରିବାର ଲୋକଙ୍କ ମନ ଖୁସି କରିବାପାଇଁ ଶାରୀରିକ ପରିଶ୍ରମ କରିବା ପାଇଁ ଡରି ଯାଉନଥିଲେ। ସେମାନଙ୍କ ହାତ ରନ୍ଧା ଖାଇ ଶ୍ୱଶୁର, ଶାଶୁ, ସ୍ୱାମୀ, ଦିଅର, ପୁଅ, ଝିଅ ଖୁସି ହେଲେ ସେମାନଙ୍କ ପେଟ ଆପେ ଆପେ ପୁରି ଯାଉଥିଲା। ସେମାନଙ୍କ ମୁହଁର ହସ ଏମାନଙ୍କ ମୁହଁକୁ ସଂକ୍ରମିତ ହେଉଥିଲା। ଯେତିକି ସାଧନ ସେମାନଙ୍କୁ ମିଳୁଥିଲା ସେଥିରେ ସେମାନେ ନିଜର ବୁଦ୍ଧି, ମନ, ପ୍ରାଣକୁ ଏକାକାର କରି ପରିବାର ଲୋକଙ୍କୁ ଖୁସି କରିବା ପାଇଁ ଚେଷ୍ଟା କରୁଥିଲେ। କିନ୍ତୁ ଏବେକାର ଝିଅ-ବୋହୂ ମାନଙ୍କଠାରୁ ସେ ସବୁ ଆଶା କରିବା ବୃଥା। କଥାରେ କହନ୍ତି- "ସେ କାଳ ପଖାଳ" ଆଉ ନାହିଁ, ପଖାଳ କଥା ମନକୁ ଆସିବାରୁ ସୁତପାଙ୍କର ଦିନକର କଥା ମନକୁ ଆସିଲା। ଥରେ ମଧ୍ୟାହ୍ନରେ କୌଣସି କାର୍ଯ୍ୟରେ ପଡ଼ୋଶୀ ରମାକାନ୍ତ ବାବୁଙ୍କ ଘରକୁ ଯାଇଥିଲେ। ସେଦିନ ରମାକାନ୍ତ ବାବୁଙ୍କ ପତ୍ନୀ ପ୍ରତିଭା ସ୍ୱାମୀଙ୍କ ବରାଦ ମୁତାବକ ଖରାବେଳେ ତାଙ୍କ ପାଇଁ ପଖାଳ ବ୍ୟବସ୍ଥା କରିଥିଲେ। ପଖାଳ ସହିତ ବଡ଼ି ଚଟଣୀ, ଆଳୁଭଜା, କଦଳୀ ଭଜା ଇତ୍ୟାଦି ଟେବୁଲ ଉପରେ ସଜାଡ଼ି ରଖିଲେ। ରମାକାନ୍ତ ବାବୁ ଖୁବ୍ ଆଗ୍ରହର ସହିତ ପଖାଳ କଂସା ଆଗରେ ବସିଲେ। ପ୍ରଥମେ ଗୁଣ୍ଡାଏ ଦୁଇଗୁଣ୍ଡା ପାଟିକୁ ନେଲାପରେ ପତ୍ନୀଙ୍କ ଆଡ଼କୁ ଚାହିଁ ମୁରୁକି ହସିଲେ। କହିଲେ- "ମନ୍ଦ ହୋଇନାହିଁ କିନ୍ତୁ ବୋଉ ହାତର ପଖାଳ ଭଳି ହୋଇନାହିଁ।" ସୁତପା ପ୍ରଶ୍ନ କରିଥିଲେ- "ମାଉସୀଙ୍କ ହାତ ପଖାଳରେ ଏପରି କଣ ବିଶେଷତ୍ୱ ଥିଲା ଯେ ଆପଣ ଏ ପର୍ଯ୍ୟନ୍ତ ତାକୁ ଭୁଲି ପାରିନାହାନ୍ତି ?" ରମାକାନ୍ତ ବାବୁ କହିଲେ- "ଆମେ ଭାଇ, ଭଉଣୀ ଖରାଦିନେ ପଖାଳ ଖାଇବା ପାଇଁ ବରାଦ କଲେ ବୋଉ ରାତିରୁ ଭାତ ପଖାଳି ଦେଇଥାଏ ମାଟି ହାଣ୍ଡିରେ ରନ୍ଧା ଉଷୁନା ଚାଉଳର ପଖାଳ, ସେଥିରେ ବୋଉ ବାରି କାଗେଜି ଗଛରୁ ଲେମ୍ବୁ ଆଣି ଚିପୁଡ଼ିଦିଏ। ପାଣି କଖାରୁ ବଡ଼ିର ଚଟଣୀ, ବାଇଗଣ ଭର୍ତ୍ତା, ନେଉଟିଆ ଶାଗ ଭଜା, ଆମ୍ବଚଟଣୀ କେତେବେଳେ ଆମ ଖାଇବା ସରିଯାଏ ଆମେ ଜାଣିପାରୁନାହିଁ। ଦିନେ ଦିନେ ବୋଉ ମସଲା ଦିଆ ମାଛଭଜା କରିଥାଏ। ସେଦିନର ମନର ଆନନ୍ଦ ଏବେବି ମୋ ସ୍ମୃତିରେ ଜୀବନ୍ତ ହୋଇରହିଛି। ପ୍ରକୃତରେ ଯୁଗ ବଦଳିଛି। କିନ୍ତୁ ପିଛିଲା ଦିନର ଅନୁଭୂତି ଏପର୍ଯ୍ୟନ୍ତ ମନ ପ୍ରାଣରେ ଆସନ ପାତି ବସିଛି। ସେସବୁ ସ୍ମୃତି ଚିର ଅଭୁଲା ଚିର ସତେଜ। ମାଟି ହାଣ୍ଡି ରୋଷେଇ, ମାଟି ପଲମର ପିଠା ଆଜି କାଲିର ପିଲାମାନଙ୍କର ପସନ୍ଦକୁ ଆସିବ ନାହିଁ। କିନ୍ତୁ ମାଟିହାଣ୍ଡି ତିଆରି ମାଂସ ତରକାରି ମିଳୁଥିବା ଢାବାରେ ଖାଇବା ପାଇଁ ପଚିଶି ତିରିଶି କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ସେମାନେ ପଛଉ ନାହାନ୍ତି। ପଛଉ ନାହାନ୍ତି କହିଲେ ଭୁଲ୍ ହେବ ବରଂ ସେମାନେ ନିଜକୁ ପଛରେ ପଡ଼ିଯିବା ଭଳି ମନେ କରୁଛନ୍ତି। ଏହି ହେଲା ଆଜିର ଯୁଗର ଆଦବ, କାଇଦା ଏବଂ ଚଳଣି।

ସନ୍ଧ୍ୟାବେଳେ ଚା-ବିସ୍କୁଟ ସହିତ ଇଣ୍ଡକ୍ସନ୍ ଚୁଲାରେ ପାଉଁରୁଟି ସେକାଯାଇ ଜାମ୍ ଏବଂ ବଟର ସହିତ ପିଲାମାନଙ୍କର ପେଟ ପୂଜା କରାଗଲା। ସୁତପା ମନେ ମନେ ସ୍ଥିର କଲେ କୁନି ଆସିଲେ ତାକୁ କହିବେ ସକାଳ ଭଳି ବୁଟ-ଆଳୁ ତରକାରି, ଇଣ୍ଡକ୍ସନ୍ ତାଓ୍ୱାରେ ରୁଟି ସେକି ରାତିର କାମ ଚଳାଇଦେବା ପାଇଁ। କିନ୍ତୁ ସମସ୍ତଙ୍କ ଚିନ୍ତାର ଅନ୍ତ ଘଟାଇ ସନ୍ଧ୍ୟା ଛ'ଟା ବେଳକୁ ଗ୍ୟାସ ଚୁଲା ଠିକ୍ ଭାବେ ଜଳିଲା। କୁନି ଚିରାଚରିତ ଭାବରେ ରାତ୍ରିଭୋଜନ ପାଇଁ ଖାଦ୍ୟ ପ୍ରସ୍ତୁତ କରି ଚାଲିଗଲା।

ସୁତପା ସେଦିନ ଚିନ୍ତା କରୁଥିଲେ ଯୁଗ ଏବେ ବଦଳୁଛି କହିଲେ ଭୁଲ୍ ହେବ। ଯୁଗ ଏବେ ସମସ୍ତଙ୍କୁ ପଛରେ ପକାଇ ଆଗରେ ଦୌଡୁଛି। ତା ସହିତ ଯେ ପାଦ ମିଳାଇ ଦୌଡ଼ିପାରିଲା ସେହି ବ୍ୟକ୍ତି ହିଁ ସୁଖି ହୋଇପାରିବ। ପଛକୁ ନଚାହିଁ, ଅତୀତକୁ ଝୁରି ନହୋଇ ସମୟ ସହିତ ଗତି କରିବାହିଁ ବୁଦ୍ଧିମାନ ଲୋକର କର୍ତ୍ତବ୍ୟ। ସୁତପା ଭାବୁଥିଲେ ତାଙ୍କ ଜେଜେ ବାପା, ଜେଜେ ମା'ଙ୍କର ସମୟ ଏବଂ ତାଙ୍କ ପିଲାମାନଙ୍କର ସମୟ ଭିତରେ ଆକାଶ ପାତାଳ ପ୍ରଭେଦ। ଜେଜେ ବାପା, ଜେଜେ ମା'ଙ୍କ ସମୟ ଏବଂ ତାଙ୍କ ବାପା-ମା'ଙ୍କ ସମୟ ମଧ୍ୟରେ ଏତେ ଦୂରତା ଅନୁଭୂତ ହେଉନଥିଲା। ସମୟ ଗତିର କ୍ଷୀପ୍ରତା ସମ୍ବନ୍ଧରେ ଚିନ୍ତା କରୁଥିଲେ ସୁତପା। ଦେଖାଯାଉ ବଞ୍ଚିଥିବା ଭିତରେ କେତେ ଆଉ ନୂତନ ପରିବର୍ତ୍ତନର ମୁହାଁ ମୁହିଁ ହେବାକୁ ପଡ଼ିବ। ଏହାର ସଠିକ ଉତ୍ତର ସମୟ ହିଁ ଦେବ।

*ସାବିତ୍ରୀ ନିବାସ, ବି: ୧୫୦୬/୧, ମର୍କତ ନଗର,*
*କଟକ-୭୫୩୦୧୪*

# ପତ୍ରଝଡ଼ା ଋତୁ

ରାମଚନ୍ଦ୍ର ସାହୁ

ଦୀନବନ୍ଧୁ ବେହେରାର ଦୈନନ୍ଦିନ ଅଭ୍ୟାସ ଥିଲା କେନ୍ଦୁଝରଗଡ଼ ଟେଲିଫୋନ୍ ଛକ ନିକଟସ୍ଥ ମ୍ୟୁନିସିପାଲିଟି ମାର୍କେଟ ଯାଏ। କିଛି କାମ ନ ଥିଲେ ମଧ୍ୟ 'ଆମ ଗାଁ ସେଲୁନ୍'ର ବାହାର ବେଞ୍ଚରେ ଅନେକ ସମୟ ବସି ରହେ। ସଂପୂର୍ଣ୍ଣ ନିରବ ନିଶ୍ଚଳ ହୋଇ ବସିଥାଏ। ତା ମନକଥା ଜାଣିଥାନ୍ତି ସୁରଥ ବାରିକ, ଜଗୁ ପାତ୍ର ଏବଂ ଅନ୍ୟ କେତେଜଣ ସେଠାକାର ଦୋକାନୀ। ସେଠାରୁ ସେ ନିକଟରେ ଥିବା ତାରିଣୀ ଛବି ଘର ପର୍ଯ୍ୟନ୍ତ ବେଳେ ବେଳେ ଯାଏ। ଦୀନବନ୍ଧୁର ଏହା ଥିଲା ନିତି ଦିନର କାର୍ଯ୍ୟ। ତାରିଣୀ ଛବି ଘର ପାଖରେ ଜଳଖିଆ ଦୋକାନରୁ ପିଆଜି ବରା ଖାଇ ପୁନର୍ବାର ମ୍ୟୁନିସିପାଲିଟି ମାର୍କେଟ ବାରଣ୍ଡାକୁ ଆସି ମୂର୍ତ୍ତିବତ ବସି ରହେ। ଏଣେ ତେଣେ ଚାହେଁ। ବିଚିତ୍ରାନନ୍ଦ ଭୋଜନାଳୟରେ ସେ ସମୟେ ସମୟେ କାମକରେ। ବାସନ ସଫା, ଘର ଓଳେଇବା ତାର କାମ। ଜାଳେଣି ଏବଂ ପାଣି ଭୋଜନାଳୟକୁ ଯୋଗାଏ।

ଦୀନବନ୍ଧୁର ଘର ଫୋନ୍ ଏକ୍ସଚେଞ୍ଜ ନିକଟରେ। ଘର ସାମ୍ନାକୁ ଏକ ବିରାଟ ଆମ୍ବ ଅଛି। କେନ୍ଦୁଝରର ରାଜାମାନେ ଅତୀତରେ ସେ ସ୍ଥାନରେ ଆମ୍ବ ତୋଟାର କୀର୍ତ୍ତି ରଚିଛନ୍ତି। ଅତୀତର ସାକ୍ଷ୍ୟର ପ୍ରଦାନ କରନ୍ତି ସେହି ଆମ୍ବ ଗଛ ସବୁ। ନୁଆଁଣିଆ, ଖପରଛଆଣି ଘର। ମାଟି କାନ୍ଥରେ ତିଆରି ଛୋଟ ଛୋଟ ତିନି ବଖରା ଘର। ଦୀନବନ୍ଧୁ ଅଚଳ ସଂପତ୍ତି। ବର୍ଷା ଋତୁରେ ତା' ଘର ଚାରିପାଖରେ ପାଣି ଜମି ରହେ। କୃତ୍ରିମ ହ୍ରଦ ସୃଷ୍ଟିହୁଏ। ଲଗାଣ ବର୍ଷାରେ ତା' ଘର ବାରଣ୍ଡାକୁ ପାଣି ଚୁମ୍ବନ ଦିଏ। ଝଡ଼ ତୋଫାନରେ ଅନେକ ଥର ତା ଛପର ଉଡ଼ିଯାଏ। କାନ୍ଥ ଭୂଲୁଣ୍ଠିତ ହୁଏ। ସରକାରୀ ସାହାଯ୍ୟ କେବଳ ପଲିଥିନ୍‌ଟିଏ ମିଳେ। ବଳ ଖଟାଇ ଦୀନବନ୍ଧୁ ଘରକୁ ସଜାଡ଼ିନିଏ। ତଥାପି ଦୀନବନ୍ଧୁ ସେ ସ୍ଥାନ ଛାଡ଼ି ଆସେ ନାହିଁ। ଘରର ମୋହ କାହାକୁ କାହାକୁ ବା ମୋହିତ ନ କରିଛି। ନିକଟରେ ଜମି ରହିଥିବା ପାଣିରେ ପିଲାମାନେ ପହଁରା ଅଭ୍ୟାସ କରନ୍ତି। ଘର ଚଟାଣ ନିତି ସନ୍ତସନ୍ତିଆ ହୁଏ। ତଥାପି ସେ ସେହି ଘରେ କାଳ କଟାଏ। ମଶା ଡାଆଁଶକୁ ତା'ର ଭୟ ନଥାଏ।

ଦୀନବନ୍ଧୁ ସମୟେ ସମୟେ ମହୁଲି ପିଇ ମାତାଲ ହୁଏ। ଦିନବେଳେ ସେ କିଛି ସମୟ ପାଇଁ ନିଖୋଜ ହୋଇଯାଏ। ସେ କେଉଁଠିକୁ ଯାଏ, କ'ଣ କରେ ତା'ର ସନ୍ଧାନ କେହି ଜାଣନ୍ତି ନାହିଁ। ପରିବାର ଲୋକେ ଅସ୍ଥିର ହୁଅନ୍ତି। ଖୋଜି ଖୋଜି ପାଆନ୍ତି ନାହିଁ। ତା' ସ୍ତ୍ରୀ ବାସନ୍ତି ଖୁବ୍ ବିରକ୍ତ ହୁଏ। ଗାଳି ଦେଇ କହେ- ଯାଉ ସେ ଭସୁଆଁ, ଅଳପେଶିଆ। ଏଟା ମରି ଯାଆନ୍ତିକି ମୋର ଦୁଃଖ ଯାଆନ୍ତା, କଣ୍ଟା ରହନ୍ତା ନାହିଁ। ଏପରି ଅଶ୍ରାବ୍ୟ ଗାଳି ପଡ଼ିଶା ଘର ସଭ୍ୟ ସମାଜର ମହିଳାମାନଙ୍କୁ ହତ ଚକିତ କରିଦିଏ। ରାସ୍ତାରେ ଯାଉଥିବା ଲୋକମାନେ ଗାଳି ଶୁଣିବା ପାଇଁ କିଛି ସମୟ ଅଟକି ଯାଆନ୍ତି। ଦୀନବନ୍ଧୁର ଅସହଯୋଗକୁ ତା ସ୍ତ୍ରୀ ବାସନ୍ତି ଆଦୌ ସହ୍ୟ କରିପାରେ ନାହିଁ। କିଛି ଦିନ ହେଲା ସେ କାମକୁ ଯାଉନାହିଁ। ଘରେ ଝଗଡ଼ା କରୁଛି। ବାସନ୍ତିକୁ ହାତ ଉଠଉଛି। ବାସନ୍ତି କେବଳ ଆଖିରୁ ଲୁହ ଗଡ଼େଇ ଛାତିକୁ ପଥର କରି ଦେଇଛି। ଦିନକୁ ଦିନ ଅସହ୍ୟ ଗରଳ ସେ ପାନ କରୁଛି। କାହିଁକି ଏପରି ଘଟୁଛି ବାସନ୍ତି ବୁଝିପାରୁନଥାଏ। ଅନ୍ତରର କୋହ ଓ ଦୁଃଖର ପ୍ରତୀକ ରୂପେ ତା' ଆଖିରୁ ଲହୁ ଝରିଯାଉଥାଏ।

ଦୀନବନ୍ଧୁ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟିର ଜଣେ ସଙ୍କୋଟ ସଫେଇ କର୍ମଚାରୀ। ତା ମାଲିକ ତା'କୁ ଯେଉଁଠି କାମ ଦିଏ ସେ ସେଠାରେ ଠିକ୍ ସମୟରେ ପହଞ୍ଚି କାମରେ ଲାଗିପଡ଼େ। ସେମାନଙ୍କର ସ୍ବତନ୍ତ୍ର ତିନିଟି ଦଳ ଥାଏ। ପ୍ରତ୍ୟେକ ଦଳରେ ଦଶ ଜଣ ସଭ୍ୟ ସଭ୍ୟା। ବାସନ୍ତି ମଧ୍ୟ ସେହି ଦଳ ଭିତରେ ଜଣେ। ମାଲିକ ବାସନ୍ତିକୁ ଅନ୍ୟ ଦଳରେ ରଖିଥାଏ। ଦୀନବନ୍ଧୁ ସହିତ ସେହି ଦଳରେ ବାସନ୍ତି ନଥିଲା। ସହରର ବିଭିନ୍ନ ସ୍ଥାନ ସଫେଇ କରନ୍ତି ସେମାନେ। କେତେବେଳେ ଡେଲି ମାର୍କେଟ ତ କେତେବେଳେ ଥାନା ଛକ। ବେଳେବେଳେ ତାରିଣୀ ଛବି ଘର ନିକଟରେ ବସୁଥିବା ନୂତନ ବଜାରରେ ତ ଅନ୍ୟ କେତେବେଳେ ମାଇନିଂ ସ୍କୁଲ ସମ୍ମୁଖରେ।

କାହିଁକି କେଜାଣି ଦିନକୁ ଦିନ ଦୀନବନ୍ଧୁ ମନରୁ ହସ ଓ ସରସତା ଲିଭି ଯାଉଥିବା ବେଳେ ବାସନ୍ତି ମନରେ କୋଟିଏ ହେନାର ବାସ୍ନା ଦୋଳି ଖେଳୁଛି। ଏକ ମଧୁର ଅପୂର୍ବ ଆଘ୍ରାଣରେ ସେ ନିଜକୁ ହଜାଇ ଦେଉଛି। ବଜାର ସଉଦା ନିଜେ କରୁଛି। ପୂର୍ବ ଅପେକ୍ଷା ସେ ନିଜକୁ ଖୁବ୍ ଅଧିକ ସଜାଉଅଛି। ଡେଲି ମାର୍କେଟ ଭିତରକୁ ପ୍ରବେଶ କଲାବେଳକୁ ଫାଟକ ନିକଟରେ ଅନ୍ୟ କାହାକୁ ଅପେକ୍ଷା କରୁଛି। ପ୍ରତୀକ୍ଷାମାଣା ପ୍ରେମିକାର ସ୍ୱପ୍ନ ନେଇ ତା ମନ ଖୋଜି ବୁଲୁଛି ଜଣେ ନୂତନ ଚିହ୍ନା ଜଣା ପୁରୁଷ ବନ୍ଧୁକୁ। ପରିବା ହାଟରୁ ବହୁ ବିଳମ୍ବରେ ଘରକୁ ଫେରୁଛି। ଦୀନବନ୍ଧୁ ଅନୁଭବ କରୁଛି ବାସନ୍ତିର ମନରେ ଥିବା ଅନୁକ୍ତ ପରିବର୍ତ୍ତନ। ନିରବ ରହେ ନ ଜାଣିଲାପରି, ଅପେକ୍ଷା କରେ। ଟେଲିଫୋନ୍‌ରେ କଥା ହୁଏ ବାସନ୍ତି।

ସଫେଇ ସେବାରେ ଦୀନବନ୍ଧୁ ଖୁବ୍ ପ୍ରଶଂସିତ। ସ୍ଥାନୀୟ ସ୍ୱାୟତ

ଶାସନ ଦିବସରେ ସେ ପୁରସ୍କୃତ । ତଥାପି ତା ମନରୁ ହଜିଯାଇଛି ସରସତା । ଲକ୍ଷ ଲକ୍ଷ ବଜ୍ରପାତରେ ତାର ଧୈର୍ଯ୍ୟ ପର୍ବତ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଛି । ପ୍ରତିଦିନ ପରି ସେଦିନ ସେ ଏକ୍ସଚେଞ୍ଜ ଛକରୁ ବିଡ଼ି ଧୂଆଁ ଟାଣି ଟାଣି ଦୌଡ଼ି ଦୌଡ଼ି ଡାହାଣ କରେ ଫେରିଲା । ଖୁବ୍ ଜୋର୍‌ରେ ଚିତ୍କାର କରି କହୁଥାଏ- ସେ କଂସାରି କେ ହାଣିବି, ସେ ତେଲି କେ ହାଣିବି, ସେ ପଠାଣକେ ହାଣିବି । ସେଠାକାର ମନ୍ଦିର ଫାଟକ ଏବଂ ଫରେଷ୍ଟ କୋଲୋନି ଦେଇ ସେ ଆସି ଡାହାଣକୁ ମୋଡ଼ ନେଲାବେଳକୁ ତା'ର ଶାଣିତ ସ୍ୱର ବିସର୍ଜିତ ହୋଇଯାଇଥିଲା । ଧୂଆଁ ଲିଭିଯାଇଥାଏ । ଧିରେ ଧିରେ ଘରକୁ ସେ ଯାଏ । ଅଣ୍ଟାରେ ଥାଏ ମାତ୍ର ଚରିହାତର ଗାମୁଛାଟାଏ । ଆମ୍ବ ଗଛ ତାଳ ଛାଇରେ ପଥର ଉପରେ ବସି କ'ଣ ସବୁ ଭାବୁଥାଏ । ଅସ୍ୱାଭାବିକ ଢଙ୍ଗରେ ସେ ଚାହୁଁଥାଏ ଏଣେ ତେଣେ । ତା'ର ଏପ୍ରକାର ଆଚରଣ ଦେଖି ସମସ୍ତେ ତାକୁ ଭାବନ୍ତି ଦୀନବନ୍ଧୁର ମସ୍ତିଷ୍କ କୌଣସି କାରଣରୁ ବିଗିଡ଼ି ଯାଇଛି । ମସ୍ତିଷ୍କ ବିଗିଡ଼ି ଯିବାର କାରଣ କେହି ଖୋଜନ୍ତି ନାହିଁ ।

ଦୀନବନ୍ଧୁ ବାସନ୍ତିର ଏକମାତ୍ର କନ୍ୟା ସଙ୍ଗିତା । ସରକାରୀ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ । ଆପାଦ ମସ୍ତକ (କୈଶୋରୋତୀର୍ଣ୍ଣ) ସତ୍ୟ ଯୌବନର ନୀଳିମାରେ ସୁଗନ୍ଧିତ । ସଙ୍ଗିତା ନିଜେ ହିଁ ତାର ଉପମା । ଲଳିତ ମଧୁର ସଙ୍ଗିତର ମୂର୍ଚ୍ଛନାଟିଏ । ନୟନରେ ମୃଗିଣୀର ଚଳଚଞ୍ଚଳତା । ଚାଲିରେ ମଧୁଛନ୍ଦା । ଚାହାଣୀରେ ସ୍ୱପ୍ନର ପଦ୍ମ କୁସୁମ ।

ଯେଉଁଦିନ ଦୀନବନ୍ଧୁ ଜାଣିବାକୁ ପାଇଲା ତା'ର ଏକମାତ୍ର ଶିକ୍ଷିତା ଯୁବତୀ ଝିଅ ଅନ୍ତଃସତ୍ତ୍ୱା ସେଦିନ ତା' ମନ ଭିତରେ ପ୍ରଚଣ୍ଡ କ୍ରୋଧାନଳ ଲେଲିହାନ ଶିଖାର ରୂପ ନେଲା । ସେ ଭାବୁଥାଏ ଝିଅକୁ ବିଷ ପିଆଇ ହତ୍ୟା କରିଦେବ । ଏକ କଳଙ୍କ ଶିଖା ସବୁଦିନକୁ ଲିଭାଇଦେବ । ବାସନ୍ତିର କୌଣସି ପ୍ରତିକ୍ରିୟା ଥିବାର ଦୀନବନ୍ଧୁ ଲକ୍ଷ୍ୟ କରି ନଥିଲା ଏ ଘଟଣାରେ । ପରେ ପରେ ସଙ୍ଗିତା ନିଜକୁ ଘଷି ମାଜି ନିଷ୍ପାପ କଳିକାଟିଏ ସଜାଇବାକୁ ଚେଷ୍ଟା କରିଥିଲା । ଡାକ୍ତର କହିଲେ ବହୁତ ବିଳମ୍ବ ଘଟିଛି । ଜୀବନ ପ୍ରତି ବିପଦ ଅଛି । ସେହି ଦିନରୁ ସଙ୍ଗିତାର ପାଠପଢ଼ା ବନ୍ଦ ହୋଇଗଲା ।

ସାଙ୍ଗମାନଙ୍କ ସହିତ କେନ୍ଦୁଝରର ପ୍ରସିଦ୍ଧ କାଳୀମେଳାରେ ବୁଲିବାର ସୁଯୋଗ ନେଉଥିଲା । ମନରେ ଅପୂର୍ବର ଆନନ୍ଦ ଉଲ୍ଲାସ ଭରିଯାଉଥାଏ । ଏହି ସମୟରେ ସେମାନଙ୍କ ସାମ୍ନାକୁ ଆସେ ଜଣେ ଅଜାତଶ୍ମଶ୍ରୁ ଯୁବକ । ଯୌବନର ଉଦ୍ଦାମତା ତା' ଶରୀରରେ ଭରି ଦେଉଥାଏ ଅପୂର୍ବ ଆକର୍ଷଣ । ଭ୍ରମରର ମନ ଯୁବକଟିକୁ ଆଘାତ ଦେଉଥାଏ । ଚାଲିଥାଏ ଅଗ୍ରିମ ବିକ୍ରି ସେହି ରାତି ପାଇଁ । ଯାତ୍ରା ଦଳର ଅଭିନୟୀ ଯୁବକଟି ପଚାରିଲା- " ଟିକଟ କିଣିବେ ?"

ସେମାନେ ସମସ୍ତେ ସ୍ୱର ମିଳାଇ କହିଲେ- 'ନା'

ଚାହିଁ ରହିଥାଏ ସଙ୍ଗିତା ଯୁବକର ଆକର୍ଷଣୀୟ ଚକ୍ଷୁ ଯୁଗଳକୁ । ତା ଓସାରିଆ ଛାତିକୁ ନେଇ ସଙ୍ଗିତା ମନରେ ଅନେକ ସ୍ୱପ୍ନ ଜାଗ୍ରତ ହେଉଥାଏ । ଏକ ଅପ୍ରକାଶ୍ୟ ଭାବନାରେ ସଙ୍ଗିତାର ମନ ଉଲ୍ଲସିତ ହୋଇଯାଉଥାଏ । ସାଙ୍ଗମାନେ ସେ ସ୍ଥାନ ଛାଡ଼ିବାକୁ କହିଲେ ମଧ୍ୟ ସେ ସେଠାରେ ଠିଆ ହୋଇଥାଏ । ସେହି ଅଜାତ ଶ୍ମଶ୍ରୁ ଯୁବକଟିର ଅଙ୍ଗ ସୌଷ୍ଠବତାର ଏକ ସ୍ୱଚ୍ଛ ଚିତ୍ର ତା ଅନ୍ତର ଭିତରେ ରୂପ ନେଉଥାଏ । କିଛି ସମୟ ବିଳମ୍ବରେ ସେହି ଟିକଟ କାଉଣ୍ଟର ପ୍ରତି ସେ ସାଙ୍ଗମାନଙ୍କ ନିକଟକୁ ଚାଲି ଯାଇଥିଲା । ସଙ୍ଗିତା ପଛକୁ ଚାହୁଁଥିଲା ବାରମ୍ବାର ।

ସେହି ପ୍ରଥମ ଦେଖା । ଯୁବକଟି ଥିଲା ଯାତ୍ରାଦଳର ଜଣେ ଅଭିନେତା । ନିଖୁଣ ତା'ର ଅଭିନୟ । ପ୍ରଥମ ଦେଖାରେ କଳାକାରଟି ସଙ୍ଗିତା ମନରେ ଭରିଦେଇଥିଲା ଅନେକ କାମନାର ସୁନ୍ଦର ସୁଦୃଶ୍ୟ ସୁରଭିପରା ଅମ୍ଳାନ କୁସୁମଟିଏ । ସଙ୍ଗିତା ହସୁଥିଲା ମନ ଖୋଲା ହସ ।

ଯେଉଁଦିନ ସେହି ଯାତ୍ରା କଳାକାର କିଛି ଦାମି ଜଳଖିଆ ଏବଂ ମିଠା ନେଇ ହଠାତ୍ ସଙ୍ଗିତାର ଘରେ ପହଞ୍ଚିଗଲା ସେଦିନ ସଙ୍ଗିତାର ହଠାତ୍ ଅପ୍ରତ୍ୟାଶିତ କଂପନ ସୃଷ୍ଟି ହେଲା । ବାପା ମା କେହି ନ ଥାନ୍ତି ସେତେବେଳେ ତାଙ୍କ ଘରେ । ସେଇଠୁ ଆରମ୍ଭ ହେଲା ସେ ଦୁଇଜଣଙ୍କ ମଧ୍ୟରେ ମଧୁର ପ୍ରେମର ସଂପର୍କ । ପ୍ରେମର ସଂପର୍କରୁ ସୃଷ୍ଟି ହୋଇଥିଲା ଶରୀରର ସଂପର୍କ । ପ୍ରତାରଣାର ଅମୋଘ ଅସ୍ତ୍ରରେ ଜଳିଯାଉଥିଲା ସଙ୍ଗିତାର ଦେହ ମନ । ଘନ ଅନ୍ଧାରରେ ସେ ଦେଖି ପାରୁଥିଲା ସେ ନିଜର କାଳିମା ଘେରା ଭବିଷ୍ୟତ ।

ଏଇ କେତେଦିନ ହେବ ଦୀନବନ୍ଧୁ ଚାଲିପାରୁନାହିଁ । ଘୋଷାରି ଘୋଷାରି ମ୍ୟୁନିସିପାଲିଟି ମାର୍କେଟ କଂପ୍ଲେକ୍ସ ବାରଣ୍ଡାକୁ ଆସୁଛି । ତା କଣ୍ଠରୁ ଆଉ ସ୍ଫୁରିତ ହେଉନାହିଁ ତାର ବଜ୍ର ନିର୍ଘୋଷ- "ସେଇ ତେଲିକେ ହାଣିବି, ସେଇ ପଠାଣ କେ ହାଣିବି, ସେଇ କଂସାରିକେ ହାଣିବି ।" ଅଣ୍ଟାରୁ ଖସିପଡୁଛି ଗାମୁଛା । ବିଡ଼ି ଧୂଆଁ ଟାଣି ପୁଣି ଘୋଷାରି ଘୋଷାରି ଫେରୁଛି ତା ଘରକୁ । ତା ଛାତିର ପଞ୍ଜରାସ୍ଥି ଧିରେ ଧିରେ ଗଣି ହୋଇଯାଉଛି । ମୁହଁରେ ଦାଢ଼ି ବଢ଼ି ଅରଣ୍ୟ ସୃଷ୍ଟି କରୁଛି ।

ବାସନ୍ତିର ସର୍ବାଙ୍ଗରେ ଏବେ ମଧ୍ୟ ଯୌବନ ଲହଡ଼ି ମାରୁଛି । ତାକୁ ଦେଖିଲେ କେହିବି କହିପାରିବେ ନାହିଁ ଯେ ସେ ସନ୍ତାନର ଜନନୀ । ଯୌବନର ଉତ୍ତାଳ ତରଙ୍ଗ କୂଳ ପାଇପାରୁନାହିଁ । ଦୀନବନ୍ଧୁ ତା ପାଇଁ ଏକ ବର୍ଜ୍ୟ ସାମଗ୍ରୀ । ବାସନ୍ତିର ପୁରୁଷ ବନ୍ଧୁ ଏବେ ମଧ୍ୟ ଇସାରା ଦେଉଛି ଗୋଟିଏ ନୂତନ ସଂସାର ଭିତରେ ରଙ୍ଗିନ ସ୍ୱପ୍ନ ଦେଖିବାକୁ । ବାସନ୍ତି ଆଖି ବନ୍ଦ କରି ପାରୁନାହିଁ ।

ଅନେକ ପ୍ରଲୋଭନର ମାୟାରେ ପଡ଼ିଯାଉଛି ବାସନ୍ତି । ପୁରୁଷ ବନ୍ଧୁ ଟେଲିଫୋନ୍‌ରେ କହୁଛି- "ତୁ ତାକୁ ଛାଡ଼ି ମୋ ନିକଟକୁ ଫେରିଆ । ତୋତେ ନେଇ ମୁଁ ଏ ସହର ଛାଡ଼ି ଯିବି । ବାସନ୍ତି ଆଗକୁ ପଛକୁ ହେଉଛି । ସ୍ଥିର ସିଦ୍ଧାନ୍ତ ନେଇପାରୁନାହିଁ ।"

ଦେହର ଜ୍ୱାଳାଠାରୁ ଅଧିକ ବଡ଼ ଜ୍ୱାଳା ଏ ସଂସାରରେ ଅନ୍ୟ କିଛି ନାହିଁ । ଏକଥା ବାସନ୍ତି ବୁଝିଛି । ତା ପୁରୁଷ ବନ୍ଧୁ ସହିତ ସେ ବେଳେବେଳେ ବାଇକ୍‌ରେ ବସି ନିଖୋଜ ହୋଇଯାଉଛି । ସାଥୀ କର୍ମଚାରୀମାନେ ଏ ଘଟଣା ଦେଖିଲେଣି । ସେମାନେ କହୁଛନ୍ତି- "ବୁଡ଼ି ବୁଡ଼ି ପାଣି ପିଉଛି । ଆମେ କ'ଣ ଏକଥା ଜାଣି ପାରୁ ନାହୁଁ । ଏତେ ଲୁଚା ଛପା ପ୍ରେମ କାହିଁକି ? ସିଧା ସଳଖ ବାହା ହୋଇ ପଡ଼ନ୍ତା ।"

ସବୁ ଶୁଣୁଥାଏ ବାସନ୍ତି । ଥଟା ପରିହାସକୁ ସେ ଦିହକୁ ନିଏ ନାହିଁ । ସଫେଇ କାମରେ ଲାଗିପଡ଼େ । ମୁଣ୍ଡରେ ଲଦିଦିଏ ତାର ସମସ୍ତ କାଳିମାର ବୋଝକୁ ।

ବାସନ୍ତି ଠିକ୍ ବୁଝିଛି ତା ବେଦନା ଦଗ୍ଧ ମନର ଜ୍ୱାଳାକୁ ସେମାନେ କେହି ଉପଶମର ମହୁ ଯୋଗାଇ ଦେଇପାରିବେ ନାହିଁ ।

*ତେନ୍ତୁଳିନଣ୍ଡା, ଡିପୋ, କେନ୍ଦୁଝର-୭୫୮୦୧୪*
*ଦୂରଭାଷ: ୭୮୯୪୫୬୦୦୮୮*

# ଚୋର-ପୋଲିସ୍

ମୂଳ ହିନ୍ଦୀ - ସଙ୍ଗୀତା ମାଥୁର୍
ଅନୁବାଦ - ନଗେନ୍ଦ୍ର ନାଥ ପଟ୍ଟନାୟକ

ରେଲ ଷ୍ଟେସନରେ କମଲ ମାଉସୀ ଆସିଲା ବେଳକୁ ମୁଁ ଘରୁ ବାହାରି ଆସିଥାଏ । ଗୋଟେ ଜରୁରି ଫୋନ ଆସୁଥାଏ ସେତିକିବେଳେ । ହାତ ହଲେଇ ରାଘବ ବେଶ୍ ଫୁର୍ତିରେ ମୋଠୁ ବିଦାୟ ନେଲା । ମୁଁ ନିଜ ସଂରକ୍ଷିତ ସିଟ୍ ଯାଏ ପହଁଚିବା ଆଗରୁ ଅର୍ଦଳି ମୋ ଆସବାବ ଠାଏ ଥୋଇଦେଇ ବାହାରି ଯାଇଥିଲା । ରେଲଗାଡିରେ ଯାତ୍ରୀ ପୂରାପୂରି ଭର୍ତି । ଏବେ ଟ୍ରେନ୍ ଗଡିବାକୁ କିଛି ସମୟ ବାକୀ ଥିଲା ।

ଆଜିକାଲି ପ୍ରତିଟି ମୁଦା ଲିଫାପା ଚିଠି ଭଳି । ପ୍ରତ୍ୟେକ ନିଜେ ନିଜର ବିଷୟକୁ ଲୁଚାନ୍ତି, ସମସ୍ତେ କେବଳ ନିଜ ନିଜର ଗନ୍ତବ୍ୟସ୍ଥଳରେ ବେଗାବେଗି ପହଁଚିବାକୁ ବ୍ୟାକୁଳ, ଆତୁର । ଗୋଟିଏ ଚିଠିବାକସ୍ ଭିତରେ କଏଦି ହୋଇ ମଧ୍ୟ କାହା ପାଖରେ କାହାର ମତଲବ ନାହିଁ । ସମସ୍ତେ ମୋବାଇଲ୍ର ଆଭାସି ଦୁନିଆରେ ବ୍ୟତିବ୍ୟସ୍ତ । ସେଇ ଆପ୍ତବାକ୍ୟଟି ମନେପଡିଯାଏ– ଯେବେ ଜାଗିବ ସେବେ ସକାଳ । ଏବକା ଦୁନିଆରେ ଯେବେ ଜାଗିବ ସେବେ ଅନ୍ ଲାଇନ୍ କାବୁକରି ନେଇଥିବ । ଚିଡ଼ଚିଡ଼୍ ହୋଇ ମୁଁ ବେଗ୍ ଭିତରୁ ପତ୍ରିକାଟିଏ ବାହାର କଲି । କିଛିକ୍ଷଣ ଭିତରେ ମଧ୍ୟ ନିଜେ ଅଲଗା ଦୁନିଆରେ ହଜିଗଲି ।

-ଆଂଟି ପ୍ଲିଜ୍ ବେଗ୍ଟା ଥୋଇ ଦେଇଛି । ଏଇ ପାଟିଶବ୍ଦ ସାଙ୍ଗକୁ କେହି ଜଣେ ଖୁବ୍ ଭଦ୍ରାମିର ସହ ଆସ୍ତିକିନା ମୋ ପାଦ ଆଡେ ଝୁଙ୍କି ପଡିବାରୁ ମୁଁ ଚମକି ପଡିଲି । ତଳକୁ ନଇଁ ପଡିଥିବା ଝିଅଟି ଯେତେବେଳେ ତା ମୁହଁଟିକୁ ଉପରକୁ ଟେକିଲା ମୁଁ ତାକୁ ଅପଲକ ଆଖିରେ ଅନେଇ ରହିଲି । କେଡେ ଅସାମାନ୍ୟ ସୁନ୍ଦରୀ ଝିଅଟି ସେ । ମୋ ଯଦି ସେମିତିକା ସୌମ୍ୟଦର୍ଶନା ସୁନ୍ଦରୀ ବୋହୂଟେ ଥାଆନ୍ତା ନା । ଠିକ୍ ସେତିକିବେଳେ ତା ସହିତ ଛିଡା ହୋଇଥିବା ଝିଅଟି ମଧ୍ୟ ନିଜ ବେଗ୍ଟିକୁ ସିଟ୍ ତଳେ ଭର୍ତି କଲା ବେଳକୁ ମୋ ଆଖି ତା ଆଡକୁ ପହଁରିଗଲା । ସିଏ ବି ସୁଠାମ ସୁନ୍ଦରୀ । ମୋର ଯଦି ଦୁଇଟି ପୁଅ ଥାଆନ୍ତା ନା ସେ ଦୁଇଝିଅଙ୍କୁ ମୁଁ ବୋହୂ କରାନ୍ତି । ଏକମାତ୍ର ପୁଅଟି ପାଇଁ ବୋହୂ ଖୋଜାଖୋଜି କରି ଥକ୍କି ନୟାନ୍ତ ହୋଇଯାଇଥାଏ । ଦୁଇ ଝିଅଯାକ ନିଜ ସୁନେଲି ସ୍ୱପ୍ନ ଓ ଅଭିଳାଷରେ ବିଭୋର ଯେମିତି । ସାମନା ସିଟ୍ ଉପରେ ଗୋଟେ ପରିବାର– ଦୁଇଜଣ ପୁରୁଷ ଆଉ ଜଣେ ସ୍ତ୍ରୀ ଆସି ଚଟାପଟ୍ ବସି ପଡିଥିଲେ ।

ଝିଅ ଯୋଡିକ ମୋଠୁ ଟିକେ ଦୂରରେ ବସିଗଲେ । ସେ ଦୁହିଁଙ୍କ ଶାଳୀନତା, ବେଶଭୂଷା ଓ ଧୀର ସ୍ୱରରେ କଥାଭାଷା କରିବାର ଢଙ୍ଗଢାଙ୍ଗ ସେମାନଙ୍କ ସମ୍ଭ୍ରମତାକୁ ଉଜ୍ଜୀବିତ କରୁଥିଲା । ଟ୍ରେନ ଆସ୍ତେଆସ୍ତେ ଗଡିବାକୁ ଲାଗିଲା । ମୋର ମନ ଏବେ ପତ୍ରିକାରୁ ଓହରି ଆସିଲା । ମୁଁ ପତ୍ରିକାଟିକୁ ବନ୍ଦ କରିବାକୁ ଗଲାବେଳକୁ ଟ୍ରେନ୍ଟି ଝଟ୍କିନା ଅଟକିଗଲା । ଲାଗୁଥାଏ କିଏ ଜଣେ ସହଯାତ୍ରୀ ଟ୍ରେନ ପୁଲିଂ କରୁଅଛି ନା କୋଉ ଭିଆପି ପଛରେ ରହିଯାଇଛନ୍ତି । ଠିକ୍ ସେତିକିବେଳେ ରାଘବ ଦୌଡିଆସି ଟ୍ରେନରେ ଚଢିଗଲା । ତାକୁ ଦେଖି ମୁଁ ତାଜୁବ ହୋଇଗଲି । ଉଠିପଡି ଗେଟ ଆଡକୁ ଯିବାକୁ ଉଦ୍ୟତ ହୁଅନ୍ତେ ସେ ମତେ ଚୁପଚାପ ବସିବାକୁ ଇସାରା କଲା । ମୁଁ ବୁଝିଗଲି ସେ କୌଣସି ଏକ କାମରେ ଏଇ ଟ୍ରେନର୍ ଚଢିଯାଇଛି । ଜନୈକ ପୋଲିସ ଅଧିକାରୀଙ୍କ ମାଆ ହୋଇଥିବା ଯୋଗୁ ଯେ ମୋ ପାଇଁ କିଛି ନୂଆକଥା ନ ଥିଲା । ଅଚିହ୍ନା ଅଜଣା ହୋଇ ମୁଁ ଫେରିଆସି ବସିପଡିଲି ମୋ ସିଟ୍ରେ ।

ସେତିକିବେଳେ କିଏ ଜଣେ ଗାଉଁଲି ଲୋକ କୁଆଡୁ ଆସି ସେ ଝିଅମାନଙ୍କ ପାଖେ ଝଟ୍କିନା ବସିପଡିଲା । ଦୁହେଁଯାକ ବିଚାରୀ ମୋ ପାଖକୁ ଘୁଂଚିଆସିଲେ । ଚାହାବାଲା ଯେତେବେଳେ ଆସିଲା ମୁଁ ଚାହା କପେ ପିଇବାର ଆବଶ୍ୟକତା ଅନୁଭବ କଲି । ବିନା ଚିନିରେ ତିଆରି କଡା ଚାହା କପେ ଦିଅ ଭାଇ କହି ମୁଁ ଖୁଚୁରା ପଇସା ଦେବା ଲାଗି ପର୍ସ ଭିତରେ ହାତ ପୂରାଇ ଅଣ୍ଡାଳିଲା ବେଳକୁ ମନେ ପଡିଗଲା ଖୁଚୁର ପଇସାତକ ଘର ଟେବୁଲ ଉପରେ ଥୋଇଦେଇ ଆସିଛି ବୋଲି । ମୁଁ ଖୁବ୍ ଆଶା ଭରସାରେ ଶହେ ଟଙ୍କିଆ ନୋଟ୍ ଖଣ୍ଡେ ପର୍ସ ଭିତରୁ କାଢି ଚାହାବାଲା ହାତକୁ ବଢାଇଲି, ହେଲେ ମତେ ନିରାଶା ହେବାକୁ ପଡିଲା ।

ମୋ ପାଖେ ଅଛି, ମୁଁ ଦେଉ ଦେଉଛି । ମାଆ, ସବୁ ଜାଗାରେ ତୁମର କାର୍ଡ, ପେଟିଏମ୍ ହେରିକା କାମରେ ଲାଗେନି ।

ଏବେ ଅନିନ୍ଦ୍ୟ ସୁନ୍ଦରୀ ଝିଅଟି ଚାହା ବାବଦ ପଇସା ଯେବେ ପଇଠ କଲା ମୋ ଉପରେ ମାଠିଆଏ ପାଣି ଯେମିତି ଅଜାଡି ହୋଇ ପଡିଲା । ତୁମର ମାମା ଠିକକଥା କହନ୍ତି ଝିଅ । ମୁଁ ତ ଖୋଦ୍ ପ୍ରତିଟି ସମୟରେ ରଖିଥାଏ । ଆଜିହିଁ . . . . .

ଇଟସ୍ ଓକେ ଆଂଟି, ଏମିତି ହୋଇଯାଏ କେବେ କେବେ ।

ଉଷୁମ ଚାହା ସୁଡୁକାଏ ସୁଡୁକାଏ ପିଇ ମୁଁ ଏକ ବିରକ୍ତିଭରା ନଜର ପକେଇଲି ଦୂରରେ ବସିବା ରାଘବ ଉପରେ। ସେ ତାସ୍ ଖେଳୁଥିଲା କିଛି ପିଲାଙ୍କ ସହିତ। ହସଖୁସି ଗପସପରେ ମାତିଥିଲା। ତା ବୟସ ତ ଗଡିଯିବ ଚାକିରିବାକିରି କରିବାରେ। ମୋ ପାଇଁ ବୋହୂ କେବେ ଖୋଜାଖୋଜି କରି ଆଣିବ। ବନ୍ଧୁ ପରିଜନ ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ବଛା ଯାଇଥିବା ବୋହୂ ମୋର ଆଖିରୁଚିଲା ଭଳି ନୁହେଁ। ଦେଖିବାରେ ଏମିତି ଆକର୍ଷଣୀୟ ତଥା ଉଚ୍ଚପଦବୀରେ ଆସୀନ ପୁଅଟେ ପାଇଁ ଝିଅ ଖୋଜିବା ଭଲା କି ସହଜ କାମ ଯେ ।

ତୁ ମାଟ୍ରିମୋନିୟଲ ସାଇଟସ୍‌ରେ ନିଜର ପ୍ରଫାଇଲ ପ୍ରସ୍ତୁତ କରି ଦାଖଲ କରୁନୁ କାଇଁକି। ସେଠାରେ ତୋର ଯୋଗ୍ୟ ବହୁତ ଝିଅ ମିଳିଯିବେ– ମୁଁ ପରାମର୍ଶ ଛଳରେ କହେ ।

– ତାହେଲେ ତାକୁ ଦେଖିବ କିଏ ।

– ତୁ ତ ହାତକୁ ଦି ହାତ ହେବୁ, ତେଣୁ ତେତେ ହିଁ ଦେଖିବାକୁ ପଡିବ।

– ମୋର ପାଶେ ଏତେ ସମୟ ଥାଇ ଏଯାଏ ଘରକୁ ବୋହୂ ଆଣିନି। ଆଚ୍ଛା, ତୁ ପ୍ରୋଫାଇଲ ବନାଇ କୌଣସି ସାଇଟ୍‌ରେ ଦାଖଲ କରି ଦେବାଟା ଠିକ୍ ହେବ। ପୁଣି ମତେ ସିଷ୍ଟମ୍ ବାବଦରେ ବୁଝାଇଲେ ମୁଁ ଦେଖିନେବି ।

– ଠିକ କଥା, ଫୁରସତ୍ ପାଇଲେ ବନେଇ ଦେବି। ଏବେ ଡ୍ୟୁଟିରେ ଯିବି ନା ।

ଏବେ ସେ ଫୁରସତ୍ ନା କେବେ ଆସିଲା ନା କେବେ ଆସିବ – ଏକଥା ମୁଁ ବେଶ୍ ଭଲ ଭାବରେ ଜାଣେ । ବୋହୂ ପାଇଁ ମୋର ଉତ୍କଂଠା ଦିନକୁ ଦିନ ବଢି ଚାଲିଥାଏ। ଅଚାନକ ମୁଁ ଲକ୍ଷକଲି, ମୋ ହାତ କଡରେ ବସିଥିବା ଦୁଇ ଝିଅଙ୍କ ମ୍ୟାଟ୍ରିମୋନିୟନ ସାଇଟସ୍ ଉପରେ ଦୃଷ୍ଟିପାତ କରୁଛନ୍ତି । ଦୁହେଁଯାକ ପରସ୍ପରକୁ ଦେଖାଇ ପୁଅଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରୁଥିଲେ ।

ନିଜ ପାଇଁ କଣ ପୁଅ ଦେଖିଚ ? ମୋ ତୁଣ୍ଡରୁ ସହସା ବାହାରି ପଡିଲା। ଦୁହେଁଯାକ ନିମିଷକରେ ଅବାକାବା ହୋଇଗଲେ, ସତେ ଯେମିତି ଚୋର ଧରା ପଡିଯାଇଛି । ତେବେବି ମୋ ହାତ କଡକୁ ଲାଗି ବସିଥିବା ଯାତ୍ରୀଟି ଦୃଢ କଂଠରେ କହିଲା- ଆମେ ଦୁହିଁଙ୍କର ବାପା ମାଆ ବିବାହ ପାଇଁ ଖୁବ୍ ଚିନ୍ତିତ, ଉଦ୍‌ବିଗ୍ନ। ଆଜିକାଲି ପରଫେକ୍ଟ ମ୍ୟାଚ୍ ଖୋଜି ଆଣିବା ଆକାଶରୁ ତାରା ତୋଳି ଆଣିବା ଭଳି ହୋଇଗଲାଣି। ମୁଁ ସହମତିରେ ମୁଣ୍ଡ ଟୁଙ୍ଗାରି ହଁ ଭରିଲି, ଯଦିଓ ମୋଠାରୁ ଆଉ ଅଧିକ କିଏ ବା ଏକଥା ବୁଝିପାରିଥିବ। ତା ପରେ ମୁଁ ଏ ସାଇଟସ୍ ସାହାରା ନେଲି । ଫୁରସତ୍ ମିଳିଲେ ମୁଁ ନିଜ ହିସାବରେ ସୁପାତ୍ରର ସଂକ୍ଷିପ୍ତ ତାଲିକା ବନେଇ ଦିଏ ଓ ବାପା ମାଆଙ୍କୁ କହିଦିଏ ।

ଯେ ତ ଖୁବ୍ ଭଲକଥା। ପୁଣି କଥାକୁ ଆଗକୁ କାହିଁକି ନେଉଛି। ମୁଁ ଉତ୍ସାହଭରା କଂଠରେ ପଚାରିଲି। ତାର ଗୋଟେ ପୁଅ ସହିତ କଥାବାର୍ତ୍ତା ଚାଲିଥାଏ। ଆଶା ବିଶ୍ୱାସ ଥିଲା, କଥାଟା କାଳେ ତୁଟିଯିବ। ସେତିକିବେଳେ ତାର ଜଣେ ବାନ୍ଧବୀ ଝପଟି ଆସିଲା। ଚିହିଁକି ଉଠି କହିଲା, ହୃଷ୍ଟପୁଷ୍ଟ ଲମ୍ୱାଚଉଡା ସୁଠାମ ଡଉଲଡାଉଲ ଯୁଆନ ଟୋକା ଦରକାର ।

ମୋର ରାଘବ ଯେମିତି, ମୁଁ ସ୍ୱଗତୋକ୍ତି କଲି। ଚିନ୍ତା ରାଇଜରେ ଘୂରି ବୁଲିଲି। ବୋଧହୁଏ କଥାଟା ଆଗକୁ ବଢିପାରେ। ଥରୁଟେ ରାଘବ ମଧ୍ୟ ତାକୁ ପସନ୍ଦ କରିଦେଲେ ମୁଁ ତା ଘର ଠିକଣା, ଫୋନ ନମ୍ୱର ଇତ୍ୟାଦି ତଥ୍ୟ ସବୁ ସଂଗ୍ରହ କରିନେବି। ହେଲେ ଏ ପିଲାଟାର ତ ଇଆଡେ ନିଘା ନାହିଁ। କାହିଁକି କେଜାଣି ଇଏ ଏମିତି ଗୁଇନ୍ଦା କାମ କରିବାକୁ ଆସିଥିଲା ଇଆଡେ। ଅଚାନକ ରାଘବ ଉଠି ଛିଡାହେଲା, ଲମ୍ୱା ଲମ୍ୱା ପାହୁଲ ପକେଇ ଦ୍ରୁତ ବେଗରେ ଆମ ଆଡକୁ ଆସିବାକୁ ଲାଗିଲା । ମୋର ବେପଥୁ, ହୃଦକମ୍ପନ ବଢିବଢି ଚାଲିଲା। ହେଲେ ଏ କଣ, ସେ ତ ନଜର ନ କରି ସେଇ ବେଗରେ ଆଗ ବାହାରି ଗଲା। ଏତେ ଉନ୍ନତାର ସହିତ ଯଦି ସେ ନିଜପାଇଁ କନ୍ୟା ଖୋଜିବାରେ ଲାଗିପଡିଛି ତେବେ ମୁଁ ତ ଏବେ ଜେଜେ ବନି ଯାଇଥିବି। ମୁଁ ମନେମନେ ଖୁବ୍ ଚିଡି ଉଠୁଥିଲି। ଠିକ୍ ଏତିକିବେଳେ ଥାଳି ଥାଳି, ଲଂଚ୍ ଲଂଚ କୁହାଟରେ ସାମନାରେ ଡୁଳାଉଥିବା ପରିବାର ସହିତ ସବୁ ସହଯାତ୍ରୀ ସଜାଗ, ସତର୍କ ହୋଇ ଉଠିଲେ। ମୋ ହାତ କଡରେ ବସିଥିବା ଝିଅଟି ତା ବାନ୍ଧବୀକୁ ଉଦ୍ଦେଶ୍ୟକରି କହିଲା– ମୁଁ ବି ଖାଇବା ନେଇକି ବାହାରି ଆସିଥିଲି। ବିଚାରା ରାଘବ ସାଥିରେ ଥାଇ ମଧ୍ୟ ଘରଖାଦ୍ୟ ଖାଇ ପାରିପାରିଲି ନାଇଁ। ଆମେ ନିଜ ନିଜର ଟିଫିନ୍ ବାକସ୍ ଖୋଲି ଦେଇଥିଲୁ। ଝିଅଟି ବେଶ୍ ଭଲ ଭାବରେ ଖବରକାଗଜ ଖଣ୍ଡେ ବିଛେଇ ତରକାରି, ପୁରି, ଲୁଣ ଆଚାର ଡିବାକୁ ତା ଉପରେ ସଜିଲ କରିଦେଲା ଆଉ ମତେ ଯାଚିଲା। ମୁଁ ରୋକଠୋକ ମନା କରିପାରିଲି ନାଇଁ। ସହଭାଗୀ ହୋଇ ଆମେ ତିନିହେଁ ଖାଇବାର ଆନନ୍ଦ ଉପଭୋଗ କଲୁ।

ଦୁହେଁ ନିଜ ଅଁଇଠା ବାସନ ସହିତ ମୋର ବାସନକୁ ମଧ୍ୟ ଏକାଠି କଲେ। ଖବରକାଗଜ ଖଣ୍ଡଟିରେ ସିଟ୍ ପୋଛାପୋଛି କଲେ। ମୋ ହାତରେ ଟିସୁ କାଗଜ ଧରାଇ ଦେଲେ, ଡିସ୍‌ପୋଜେବଲ୍ ପ୍ୟାକେଟ୍ ତିଆରି ଅଳିଆଗଦା କୁଣ୍ଡରେ ପକେଇବାକୁ ଚାଲିଗଲେ ।

ଆଂଟି, ଆମେ ଆସିଯିବୁ ଆପଣ ହଁ ଆସିବେ। ତାର ସୁଢଳ ସୁଠାମ ଶରୀର, ବୁଦ୍ଧିମତା ଓ ସଦାଚାରର ଅବବୋଧରେ ମୁଁ ଗୁଣିଗୁଣେଇ ହେଲି। ରାଘବ ଥରେ ଆଖି ପୂରେଇ ନିରେଖିଲା ଏଙ୍କୁ। ସେ ଝିଅଟି ତାର ହୃଦୟ ଚୋରି କରୁଥିବ ନିଶ୍ଚୟ। ମୁଁ ମନେମନେ କିଛି ସ୍ଥିର କରିନେଲି। ଝିଅଟିକୁ ଥରୁଟିଏ ତ ଦେଖିବାକୁ ପଡିବ ତାକୁ। ମୁଁ ପର୍ସରୁ ନିଜ ମୋବାଇଲଟି ବାହାର କରି କୁର୍ତା ପକେଟରେ ପୂରାଇଲି। ଝିଅ ଦୁହେଁ ଆସିଲାବେଳେ ମୁଁ ୱାସ୍‌ରୁମ ଭିତରକୁ ପଶିଗଲି । ଚଟାପଟ୍ ରାଘବକୁ ଫୋନ ଲଗାଇଲି। ଟିକିଏ ପରେ ସେପଟୁ କ୍ରୋଧଭରା ନିମ୍ନସ୍ୱର ଭାସି ଆସିଲା, ମନା କରିଥିଲି ନା. . . . .

ଚୁପଚାପ ମୋ କଥାଟା ଶୁଣ। ମୁଁ କନ୍ୟାଟିଏ ଦେଖିଛି ତମପାଇଁ। ସେ ଏକବାରେ ମୋ ହାତ କଡକୁ ଲାଗି ବସିଛି । ଅନିନ୍ଦ୍ୟ ସୁନ୍ଦରୀ ଲାବଣ୍ୟମୟୀ, ସଂସ୍କାରୀ ଓ କୁଳୀନ ସଂଭ୍ରାନ୍ତ ପରିବାର ଝିଅ ଭଳି ଲାଗୁଚି। ଟ୍ରେନରେ ଚଢିବା ବେଳଠୁ ହିଁ ମୁଁ ତାକୁ ପରଖି ନେଇଛି।

- ମାଆ, ମୁଁ ଏ ଟ୍ରେନରେ ଚଢ଼ିଚି କୌଣସି ଏକ ଜରୁରି କାମରେ। ଏବେ ଆପଣଙ୍କ ଏ କଥା ପାଇଁ ଫୁରସତ୍ ନାଇଁ ମୋ ପାଖେ ।

- ମୋ ପାଖେ ତ ସମୟ ନିଅଂଟ । ତୋ ବସାଘର ଦେଖିବା ଆଶା ଓ ମନର ଚାପ ହିଁ ଏ ଦୁନିଆରୁ ମତେ କଣ ନେଇଯାଇଥିବ ।

ରାଘବ ହଡବଡେଇ ଗଲା, କିନ୍ତୁ ମାଆ କୋଉ ଭରସାରେ ସେ ଝିଅଟିକୁ ବିବାହ ପାଇଁ ତୟାର ହୋଇଯିବି ।

ସେ ତ ତୟାର। ମ୍ୟାଟ୍ରିମୋନିଆଲ ସାଇଟ୍‌ରେ ସେ ଆଉ ତା ସହଚରୀ ଦୁହେଁ କେତେବେଳୁ ବରପାତ୍ରର ସଂକ୍ଷିପ୍ତ ତାଲିକା ବନେଇଛନ୍ତି। ତୁ ଏକମାତ୍ର ବ୍ୟକ୍ତି ଯାହାକୁ କି ଲକ୍ଷଥର କହିବା ସତ୍ୱେ ବି ପ୍ରୋଫାଇଲ ବନେଇଲୁ ନାହିଁ।

ମୁଁ ପରେ କଥାବାର୍ତ୍ତା କରିବି କହି ସେ ଫୋନ୍‌ଟିକୁ କାଟିଦେଲା । ମୋର ଆଖିରେ ଲୁହ ଜକେଇ ଆସିଥିଲା। ମୋର ଏ ପ୍ରୟାସ ନିଷ୍ଫଳ ହୋଇଗଲା ବୋଧେ। କ୍ଳାନ୍ତ ମନ ଓ ଅବଶ ପଦପାତରେ ମୁଁ ନିଜ ସିଟକୁ ଆସି ବସିଗଲି। ସାମନା ସିଟ୍‌ରେ ବସିଥିବା ପରିବାରର ଜଣେ ପୁରୁଷ ସଦସ୍ୟ ୱାସରୁମ ଦେଇ ଆସିଲ ବେଳକୁ କିଛିଟା ଘାବୁରେଇ ଯାଇଥିଲେ। ଆମରି ଘରେ ଚୋର ଅଛି, ପୋଲିସ ତନାଘନା ଅନୁସନ୍ଧାନ ଚଳାଇଚି। ଆମ ସବୁ ସହ ଯାତ୍ରୀଙ୍କ ଚେହେରା ଫିକା ପଡିଗଲା। ତ୍ରସ୍ତ ଆତଙ୍କିତ ମୁହଁରେ ପରସ୍ପରକୁ ଚାହିଁ ରହିଲୁ। ଝିଅ ଯୋଡିକ କିଂକର୍ତ୍ତବ୍ୟବିମୂଢ଼, ହତବମ୍ବ ହୋଇଯାଇଥିବା ଦେଖି ମୁଁ ମୋ ପାର୍ଶ୍ୱରେ ବସିଥିବା ଝିଅଟିର ହାତ ଧରି ପକାଇ କହିଲି-ହଡବଡେଇ ଯାଆନା, ମୁଁ ଏଇଠି ଅଛି ନା । ଚାହିଁଲେ ମଧ୍ୟ ମୁଁ ଯାଠୁ ଅଧିକ କିଛି କହିପାରି ନଥିଲି ।

ସେତିକିବେଳେ ଦୁମ୍ ଦୁମ୍ ପାଦ ପକେଇ ରାଘବ କୁଆଡୁ ଆସି ପହଁଚିଲା ଏବଂ ସାମନା ସିଟ୍‌ର ଟିକେ ଜାଗାରେ ଲଥିକିନା ବସିପଡିଲା ସେ ଲାଗ୍ ଲାଗ୍ ଝିଅ ଦୁଇଟିକୁ ନିରେଖି ଅନାଉଥିଲା । ମୁଁ ହଡବଡେଇ ଯାଇ କିଛି କହିବା ଆଗରୁ ସେ କହି ଉଠିଲା– ମାଆ, ଯେ ହେଉଛନ୍ତି ସେଇ ଝିଅ ଯୋଡିକ ।

-ହଁ ପୁଅ,କିନ୍ତୁ . . . .

ଦୁଇଝିଅ ସହିତ ସମସ୍ତ ସହଯାତ୍ରୀ ବିସ୍ମୟ ସ୍ତମ୍ଭୀଭୂତ ହୋଇ ଚଳଚିତ୍ର ଦୃଶ୍ୟ ଭଳି ଅବଲୋକନ କରୁଥାନ୍ତି ।

- ଆ. . . . . ତୁମେ ଦୁହେଁ ଭଙ୍ଗା ଭଙ୍ଗା ସ୍ୱରରେ ମୋ କଡରେ ବସିଥିବା ଝିଅଟି କହିଲା। ମୁଁ ପୋଲିସ୍ ଇନ୍ ସ୍ପେକ୍ଟର ରାଘବ। ଏଇଆ ଶୁଣିବା ମାତ୍ରେଇ ଝିଅ ଯୋଡିକ ଫାଟକ ଆଡେ ଝପଟି ଗଲେ। ରାଘବ ଚିଲ୍ଲେଇଲା - ଧର, ଧର ଦୁହିଁଙ୍କୁ। କୁଆଡୁ କେମିତି ମହିଳା ପୋଲିସ୍ ଅଫିସରଙ୍କ ତିନି ଚାରି ସିପାହୀ ଖେଦିଯାଇ ତ ଝିଅ ଯୋଡିକୁ କାବୁକରି ନେଲେ ।

- ଆରେ - ଆରେ . . . . .ଯେ କୁଆଡୁ ଆସିଲେ । ଆଉ ଏ କଣ ସବୁ –ମୁଁ ବଡପାଟିରେ କୁହାଟ ଛାଡିଲି ।

- ଯେ ମୋ ସାଙ୍ଗରେ ଚଢିଥିଲେ, ମାଆ। ଷ୍ଟେସନରେ ମତେ ଖବର ମିଳି ଯାଇଥିଲା ଯେ ସାଇବର ଚୋର ଏ ଡବାରେ ଅଛନ୍ତି। ସେତେବେଳୁ ଆମେ ସବୁ ନିରନ୍ତର ଭାବେ ସୂଚନା, ସଂକେତ ଦ୍ୱାରା ଏମାନଙ୍କୁ ଠାବ କରିବାରେ ପ୍ରୟାସ ଜାରି ରଖିଥିଲୁ। ଆପଣ କାଳେ ଘାବରେଇ ନ ଯାଆନ୍ତି ସେପାଇଁ ଆମେ ସେ କଥା ଆପଣଙ୍କୁ ଜଣେଇ ନଥିଲୁ। ଯେ ଚୋର ପ୍ରୌଢ଼ ଲୋକଙ୍କ ଆକାଉଂଟସ୍‌ରୁ ଟଙ୍କା ପଇସା ବେଶ୍ କାୟଦାରେ ଲୁଟକରି ଚମ୍ପଟ ମାରନ୍ତି। ଲୁଟେରାଙ୍କ ଶିକାର ବନିଥିବା କାହିଁ କେତେ ଲୋକଙ୍କର ମ୍ୟାଟ୍ରିମୋନିଆଲ ସାଇଟ୍‌ସରେ ନିଜର ପ୍ରୋଫାଇଲ ତିଆରି ହୋଇଥାଏ । ଏସବୁ ଟେର୍ ପାଇ ଆପଣଙ୍କ କଲ୍ ଆସିଲା ବୋଲି ସେମାନେ ନିଷ୍କର୍ଷରେ ପହଁଚି ଯାଇଥାନ୍ତି । ଝିଅ ଯୋଡିକ ନିରନ୍ତର ମ୍ୟାଟ୍ରିମୋନିଆଲ ସାଇଟ୍‌ସରେ ସକ୍ରିୟ ରହିବାର ଖବର ପାଇବା ଫଳରେ ମୋ ଦିମାକ୍ ବତି ଜଳି ଉଠିଲା। ଷ୍ଟେସନ ପାଖେଇ ଆସୁଥିଲା, ସହସା କିଛି ଗୋଟେ କରିବାର ଥିଲା। ମୁଁ ନିଜେ ବିପଦକୁ ବରି ଦୁଃସାହସିକ ପଦକ୍ଷେପ ନେଲି ଆଉ ମୋ ଆଶଙ୍କା ସତ ହେଲା ।

- ହେଲେ ଯେ ତ ଏମିତି ବିଲ୍‌କୁଲ୍ ଜଣା ପଡୁ ନଥିଲେ ।

- ଯେ ଝିଅ ଯୋଡିକ ଖାଲି ଅନ୍‌ଲାଇନ୍ ନୁହେଁ, ଅଫ୍ ଲାଇନ୍‌ରେ ମଧ୍ୟ ମୁର୍ଗା ଫସାନ୍ତି। ଆପଣଙ୍କ ଏଥିରେ ରୁଚି ଥିବା ଦେଖି ବୁଝିଗଲି ଯେ ଆପଣଙ୍କର କେହି ବିବାହଯୋଗ୍ୟ ପୁତ୍ର ଅଛନ୍ତି ।

ଝିଅ ଯୋଡିକ ଅପରାଧୀଙ୍କ ଭଳି ମୁଣ୍ଡ ତଳକୁ ପୋତି ଦେଇଥିଲେ। ମୋର ମନଟା ବିଷେଇ ଗଲା। ଷ୍ଟେସନ ଆସି ଯାଇଥିଲା। ପୋଲିସ୍ ସିପାହି ଓ ଝିଅ ଯୋଡିକ ସହିତ ଟ୍ରେନରୁ ଓହ୍ଲାଇ ପଡିଥିଲା ରାଘବ ।

- ଆପଣଙ୍କୁ ଅଜାଣତରେ ଦେଇଥିବା ସାହାଯ୍ୟ ପାଇଁ ଧନ୍ୟବାଦ ମାଆ। ହଁ, ମାଆ ଆଉ ଉଦାସ ହୁଅନି। ସେଠାରେ ମୋର ବାହାଘର ପାଇଁ ସୁ ଯୋଗ୍ୟା କନ୍ୟା ପାତ୍ରୀଟିଏ ଖୋଜିବ ନିଶ୍ଚୟ ।

ଦର୍ପ ମିଶା ମୁର୍କିହସଟିଏ ଉକୁଟାଇ ମୁଁ ସମ୍ମତିରେ ମୁଣ୍ଡ ହଲେଇ ଦେଲି।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର ,*
*ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର-୬*
*ଦୂରଭାଷ: ୯୪୩୮୩୩୨୧୩୮*

# କାରମନ୍

ମୂଳ ଉର୍ଦ୍ଦୁ : କୁରତୁଲଏନ୍ ହାଇଦର୍
ରୂପାନ୍ତର : ଅକ୍ଷୟ କୁମାର ଜେନା

[କୁରତୁଲଏନ୍ ହାଇଦର୍‌ଙ୍କ ଜନ୍ମ ଉତ୍ତରପ୍ରଦେଶର ବିଜନୋର୍ ଜିଲ୍ଲାରେ (୧୯୨୭) । କର୍ମସୂତ୍ରେ ବେଶ୍ କେତୋଟି ସଂବାଦପତ୍ର ସହିତ ସାମ୍ବାଦିକ-ସଂପାଦକ ଭାବେ ଯୁକ୍ତ ଥିଲେ । ଅତିଥି-ଅଧ୍ୟାପକ ରୂପେ ଜାମିଆ ମିଲିଆ ଇସ୍‌ଲାମିଆ, ଆଇଓୟା, କ୍ୟାଲିଫର୍ଣ୍ଣିୟା, ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ ସମେତ ଆଉ କେତୋଟି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଛନ୍ତି । ସାହିତ୍ୟ ସୃଷ୍ଟିପାଇଁ ୧୯୬୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ୧୯୮୯ରେ ଜ୍ଞାନପୀଠ ପୁରସ୍କାର ପାଇଛନ୍ତି । ସଂଗୀତ ଓ ଶିଳ୍ପ କଳା ସହିତ ସଂପୃକ୍ତ ଥିବା ହେତୁ ତାଙ୍କ ଗପ ଗୁଡ଼ିକରେ ଉକ୍ତ ଦୁଇ ଶିଳ୍ପ ମାଧ୍ୟମରେ ସାକ୍ଷାତ ମିଳେ । ଜଣେ ସଂବେଦନଶୀଳ ସାହିତ୍ୟ-ରଚୟିତା ଭାବେ ସେ ତାଙ୍କର ଗଳ୍ପ ଗୁଡ଼ିକରେ ଏପରି ଜଗତର ଭିଆଣ କରିଛନ୍ତି ଯେଉଁଠାରେ ପାଠକ ତା' ଅଜ୍ଞାତସାରରେ ଚିତ୍ରିତ ଚରିତ୍ରମାନଙ୍କ ପାଖରେ ଛିଡ଼ାହୋଇଯାଏ । ତେଣୁ ତାଙ୍କର ଗଳ୍ପ ଗୁଡ଼ିକ ପରିଚିତ ଅଭିଜ୍ଞତାର ଗୋଟେ ଗୋଟେ ଉଜ୍ଜ୍ୱଳ ଉଦ୍ଧାର ।]

ରାତି ଏଗାରଟା ବେଳେ ସହରର ନିର୍ଜନ ରାସ୍ତା ଅତିକ୍ରମ କରି ପୁରୁଣାକାଳିଆ ଗୋଟେ ଫାଟକ ଆଗରେ ଅଟକିଗଲା ଟ୍ୟାକ୍ସି । ଡ୍ରାଇଭର୍ ଦୁଆର ଖୋଲି ଅତ୍ୟନ୍ତ ବିଶ୍ୱାସର ସହିତ ମୋ ସୁଟକେଶ୍ ଓହ୍ଲେଇ ଫୁଟପାଥ୍ ଉପରେ ରଖି ଭଡ଼ା ମାଗିବାରୁ ମୋତେ ସାମାନ୍ୟ ଆଶ୍ଚର୍ଯ୍ୟ ଲାଗିଲା ।

'ଏଇଟା କ'ଣ ସେଇ ଜାଗା ?' ମୁଁ ସନ୍ଦେହ ମିଶା ସ୍ୱରରେ ପଚାରିଲି ।

"ଆଜ୍ଞା ହଁ !" ସେ ନିର୍ବିକାରଭାବେ ଉତ୍ତର ଦେଲା । ମୁଁ ଓହ୍ଲେଇ ପଡ଼ିଲି । ଟ୍ୟାକ୍ସି ଗଳିର ଅନ୍ଧକାର ଭିତରେ ଅନ୍ତର୍ହିତ ହୋଇଗଲା । ମୁଁ ନିର୍ଜନ ଫୁଟପାଥ୍ ଉପରେ ଠିଆହୋଇ ରହିଲି ।

ମୁଁ ଫାଟକ ଖୋଲିବା ପାଇଁ ଚେଷ୍ଟାକଲି, କିନ୍ତୁ ସେଇଟା ଭିତରପଟୁ ବନ୍ଦ ଥିଲା । ତେଣୁ ମୁଁ ଝିଂଜିରି ଖଟଖଟ କଲି । କିଛି ସମୟ ପରେ ଝରକା ଖୋଲିଲା । ମୁଁ ଚୋରଟେ ଭଳି ଉଙ୍କି ମାରିଲି । ଭିତରେ ଅଧା ଅନ୍ଧାରୁଆ ଅଗଣା ଯା'ର ଗୋଟିଏ କୋଣରେ ଦୁଇଜଣ ଝିଅ ରାତ୍ରୀ ପୋଷାକରେ ଆସ୍ତେ ଆସ୍ତେ କଥା ହେଉଥିଲେ । ଅଗଣାର ସେ ପାଖରେ ଗୋଟେ ଛୋଟ ଭଂଗା ଘର । ମୁହୂର୍ତ୍ତେ ପାଇଁ ଲକ୍ଷ୍ନୌର ଘାସିୟାରୀ ମଣ୍ଡିର ସ୍କୁଲ୍‌ବେଳର କଥା ମନେପଡ଼ିଗଲା । ସେଇଠୁ ମୁଁ ବନାରସ ୟୁନିଭର୍‌ସିଟିରେ ମ୍ୟାଟ୍ରିକ୍ ପାଶ୍ କରିଥିଲି । ମୁଁ ବୁଲିପଡ଼ି ଗଳିଆଡ଼କୁ ଚାହିଁଲି, ସଂପୂର୍ଣ୍ଣ ନିସ୍ତବ୍ଧ । ଭାବନ୍ତୁ-ମୁଁ ନିଜକୁ ନିଜେ ପ୍ରଶ୍ନ କଲି- "ଯଦି ଏଇ ଜାଗାଟା ଅଫିମଖୋର, ସ୍ମଗଲର୍ ଓ ଝିଅ ଦଲାଲମାନଙ୍କ ଆଡ୍ଡା ହୋଇଥିବ, ତାହାଲେ- ।" ମୁଁ ଗୋଟେ ଅଜଣା ଦେଶର ଅଚିହ୍ନା ସହରର ରାତି ଏଗାରଟା ବେଳେ ନାମହୀନ ଗୋଟିଏ ଘରର କବାଟର ଝିଂଜିରି ଖଡ଼ଖଡ଼ କରୁଛି-ଯାହାର ଘାସିୟାରୀ ସ୍କୁଲ୍‌ର ସାଦୃଶ୍ୟ ରହିଛି ।

" ଗୁଡ୍ ଇଭିନିଂ । ଏଇଟା କ'ଣ ୱାଇ.ଡବ୍‌ଲ୍ୟୁ.ସି.ଏ ?" ମୁଁ ଗୋଟେ ବିନମ୍ର ହସ ହସି ପଚାରିଲି ।

"ମୁଁ ଟେଲିଗ୍ରାମ୍ କରିଥିଲି-ମୋ ପାଇଁ ଯେପରି ଗୋଟେ କୋଠରୀ ରିଜର୍ଭ କରିଥିବେ ।" ମୁଁ ମନେ ମନେ ଭାବିଲି-କି ଜୀର୍ଣ୍ଣ ଅବସ୍ଥା ଏଇ ୱାଇ.ଡବ୍‌ଲ୍ୟୁ.ସି.ଏ.ର ! ରେ ବାବା !

"ଆମେ ଆପଣଙ୍କର କୌଣସି ଟେଲିଗ୍ରାମ୍ ପାଇନୁ । ଦୁଃଖର କଥା ସବୁ କୋଠରି ବୁକ୍ ହୋଇଯାଇଛି ।" ଏଥର ଅନ୍ୟ ଝିଅଟି ଆଗେଇ ଆସି କହିଲା- " ଏଇଟା ୱାର୍କିଂ ଗାଲର୍ସ ହଷ୍ଟେଲ୍ । ଏଠାରେ ସାଧାରଣ ଲୋକଙ୍କୁ ରହିବାକୁ ଦିଆଯାଏନା ।"

ମୁଁ ହଠାତ୍ ଅତ୍ୟନ୍ତ ଭୟ ପାଇଗଲି-ବର୍ତ୍ତମାନ କ'ଣ ହେବ ? ମୁଁ ଏ ବେଳରେ କେଉଁଆଡ଼କୁ ଯିବି ? ଅନ୍ୟ ଝିଅଟି ମୋତେ ଉଦ୍‌ବିଗ୍ନ ଦେଖି ମୃଦୁ ହସି କହିଲା, " ସେଥିରୁ କ'ଣ ଅଛି ? ଭୟ ପାଆନ୍ତୁ ନାହିଁ-ଭିତରକୁ ଆସନ୍ତୁ-ସେଇ ବାଟ ଦେଇ ଡେଇଁ ପଡ଼ନ୍ତୁ ।"

"କିନ୍ତୁ ଘର ତ ଖାଲି ନାହିଁ-ମୁଁ ଇତସ୍ତତ ହୋଇ କହିଲି- " ମୋ ପାଇଁ ଜାଗା କାହିଁ ?"

"ହଁ-ହଁ-ଆରେ ଆସନ୍ତୁ ନା-ମୁଁ ଜାଗା ଦେବି । ଏଇ ମଧ୍ୟରାତ୍ରୀରେ ଯିବେ କୁଆଡ଼େ ?" ସେଇ ଝିଅଟି ଉତ୍ତର ଦେଲା । ମୁଁ ସୁଟକେଶ୍ ଧରି ଫାଟକ ଡେଇଁ ଭିତର ପଟର ଅଗଣାକୁ ଲମ୍ଫ ଦେଲି । ଝିଅଟା ସୁଟକେଶ୍‌ଟା ମୋ ହାତରୁ ନେଇନେଲା । ଘର ଅଭିମୁଖେ ଯାଉ ଯାଉ ମୁଁ ଡଗଡଗ ହେଇ କହିପକେଇଲି, "ବାସ୍ ଆଜି ରାତିଟା ଖାଲି ରହିବାକୁ ଦିଅ । ମୁଁ କାଲି ସକାଳେ ବନ୍ଧୁ-ବାନ୍ଧବ ମାନଙ୍କୁ ଫୋନ୍ କରିବି । ମୁଁ ଏଠାରେ ତିନି-ଚାରିଜଣଙ୍କୁ ଚିହ୍ନିଛି । ତମମାନଙ୍କୁ କୌଣସି କଷ୍ଟ କରିବାକୁ ପଡ଼ିବନି ।

"ଚିନ୍ତା କରନ୍ତୁନି" । ସେ କହିଲା । ପ୍ରଥମ ଝିଅଟି 'ଶୁଭରାତ୍ରୀ' ଜଣାଇ ଚାଲିଗଲା । ଆମେ ଶିଡ଼ିଦେଇ ବାରଣ୍ଡାରେ ପହଞ୍ଚିଲୁ । ବାରଣ୍ଡାର ଗୋଟିଏ କୋଣରେ କାଠର ଗୋଟେ କାନ୍ଥ ତିଆରି କରାଯାଇ କୋଠରି ଭଳି କରାଯାଇଥିଲା । ଝିଅଟି ନାଲିଫୁଲ ପକା ମୋଟା ପର୍ଦ୍ଦା ଆଡ଼େଇ ତା'ଭିତରକୁ

ପଶିଲା । ମୁଁ ତାକୁ ଅନୁସରଣ କଲି- "ଏଇଠି ମୁଁ ରହେ । ଆପଣ ମଧ୍ୟ ଏଇଠି ଶୋଇପଡ଼ନ୍ତୁ ।" ସେ ସୁଟ୍‌କେଶ୍‌ଟାକୁ ଗୋଟେ ଚେୟାର୍ ଉପରେ ଥୋଇ ଆଲମାରିରୁ ତଉଲିଆ ଏବଂ ନୂଆ ଗୋଟେ ସାବୁନ୍ ବାହାର କଲା । ଗୋଟିଏ କୋଣରେ ଛୋଟ ଏକ ଖଟରେ ମଶାରି ଟଙ୍ଗା ହୋଇଥିଲା । ତା'ପାଖରେ ଡ୍ରେସିଂ ଟେବୁଲ୍, ବହିର ଆଲମାରି, ସମଗ୍ର ପୃଥିବୀରେ ଝିଅପିଲାଙ୍କ ହଷ୍ଟେଲରୁମ୍ ଯେମିତି ହୋଇଥାଏ । ଝିଅଟି ଚଟାପଟ୍ ଅନ୍ୟ ଆଲମାରିରୁ ଚାଦର ଏବଂ କମ୍ବଳ ବାହାର କରି ଚଟାଣର ଜୀର୍ଣ୍ଣଶୀର୍ଣ୍ଣ ରଙ୍ଗ ଛାଡ଼ିଯାଇଥିବା କାର୍ପେଟ୍ ଉପରେ ବିଛଣା ପାରି ଏବଂ ଖଟ ଉପରେ ନୂଆ ଗୋଟେ ଚାଦର ବିଛାଇ ମଶାରିର ପର୍ଦ୍ଦା ପକେଇଦେଲା।

"ନିଅନ୍ତୁ ଆପଣଙ୍କ ବିଛଣା ପ୍ରସ୍ତୁତ !"

"ମୋତେ ଅତ୍ୟନ୍ତ ଲଜ୍ଜା ଲାଗିଲା-ଶୁଣ,ମୁଁ ଚଟାଣରେ ଶୋଇ ପଡ଼ିବି।"

"ନା, ମୋଟେ ନୁହଁ । ମଶା କାମୁଡ଼ି ଶେଷ କରିଦେବେ । ଆମେ ଅଭ୍ୟସ୍ତ ହୋଇଯାଇଛୁ । ପୋଷାକ ବଦଳେଇ ନିଅନ୍ତୁ । ଏହା କହି ସେ ନିର୍ବିକାର ଭାବେ ଚଟାଣରେ ବସି ପଡ଼ିଲା । "ମୋ ନା କାରମନ୍ । ଗୋଟେ ଅଫିସ୍‌ରେ ଚାକିରି କରେ । ସଂଧ୍ୟାବେଳେ ୟୁନିଭରସିଟିରେ ରିସର୍ଚ୍ଚ କରେ। ମୋ ବିଷୟ କେମିଷ୍ଟ୍ରି । ମୁଁ ୱାଇ.ଡବ୍ଲ୍ୟୁର ସେକ୍ରେଟାରୀ ମଧ୍ୟ । ଏଥର ଆପଣ ନିଜ ସଂପର୍କରେ କୁହନ୍ତୁ ।"

ମୁଁ କହିଲି- ।

"ଏଥର ଶୋଇପଡ଼- ।" (ମୋତେ ଢୁଳଉ ଥିବାର ଦେଖି) ତା'ପରେ ଦୁଇ ଆଣ୍ଠୁ ମାଡ଼ି ପ୍ରାର୍ଥନା କରି ଚଟାଣରେ ଶୋଇପଡ଼ିଲା ଓ ତାକୁ ଚଟାପଟ୍ ନିଦ ଆସିଗଲା ।

ସକାଳେ ଘର ସାରା ଲୋକ ଉଠି ପଡ଼ିଲେ । ଝିଅମାନେ ମଥାରେ ଟାୱେଲ୍ ବାନ୍ଧି ହାଉସ୍-କୋଟ୍ ପିନ୍ଧି ସ୍ନାନଘରୁ ବାହାରୁଥିଲେ । ବାରଣ୍ଡାରୁ ଭାସି ଆସୁଥିଲା ଗରମ କଫିର ବାସ୍ନା । ଦୁଇ-ତିନିଜଣ ଝିଅ ଚଟାଣରେ ପଦଚାଳନା କରୁ କରୁ ଦାନ୍ତ ଘସୁଥିଲେ ।

"ଚାଲନ୍ତୁ ଆପଣଙ୍କୁ ସ୍ନାନଘରଟା ଦେଖେଇଦିଏ ।" କାରମନ୍ ମୋତେ କହିଲା । ଏବଂ ହଲ୍ ଅତିକ୍ରମ କରି ଛୋଟ ଗୋଟେ ଗଳି ମଧ୍ୟକୁ ପ୍ରବେଶ କରାଇଲା ଯାହାର ଗୋଟିଏ ପାଖରେ ଭଙ୍ଗା ଏବଂ ଛୋଟ ଗୋଟେ ଘର, ସେଥିରେ କେବଳ ମାତ୍ର ଗୋଟିଏ କଳ ଲାଗି ପାଚେରୀରେ ଗୋଟିଏ ପିରିଖ ପିଟା ହୋଇଥିଲା । ଫୁଟା ଚଟାଣ ପାଚେରୀରେ ଶିଉଳି । ଆଲୁଅ ଆସିବାର ଜଳକବାଟି ଦେଇ ସେପଟରୁ ଜନୈକ ଯୁବତୀର ଗୁଣୁଗୁଣୁ ସ୍ୱର ଭାସିଆସୁଥିଲା । ସେଇ ସ୍ନାନଘର ଭିତରେ ଛିଡ଼ା ହୋଇ ଭାବିଲି-କି ଆଶ୍ଚର୍ଯ୍ୟ କାଣ୍ଡ ! ଦୀର୍ଘଦିନ ଧରି, ଏଇ ଧରଣର, ଏଇ ଦେଶରେ,ଏଇ ସହରରେ,ଏଇ ଘର ନିଜସ୍ୱ ଜାଗାରେ ତିଷ୍ଠି ରହିଛି-ଆଉ ମୋ ଅସ୍ତିତ୍ୱ ସଂପର୍କରେ ସଂପୂର୍ଣ୍ଣ ଉଦାସୀନ ଆଜି ମୁଁ ଏଠାରେ ପହଞ୍ଚିଛି ! କି ଧରଣର ମୂଢ଼ଚିନ୍ତା !

ସ୍ନାନ ସାରି ବାହାରକୁ ବାହାରି ଦେଖେ ଅଧା ଅନ୍ଧାରୁଆ ହଲ୍‌ରେ ଛୋଟ ଗୋଟେ ଟେବୁଲ୍ ଉପରେ ମୋର ଜଳଖିଆ ପ୍ରସ୍ତୁତ । ବେଶ୍ କେତେକ ଯୁବତୀ ଠୁଳ ହୋଇଥିଲେ । କାରମନ୍ ସେମାନଙ୍କ ସହିତ ମୋର ପରିଚୟ କରାଇଦେଲା । ଖୁବ୍ ଶୀଘ୍ର ଆମେ ପୁରୁଣା ବନ୍ଧୁ ପରି ମିଶିଗଲୁ ।

ଚା ପିଇବା ପରେ ମୁଁ କହିଲି- "ମୋର ପରିଚିତ ମାନଙ୍କୁ ଫୋନ୍ କରିବି ।"

କାରମନ୍ ଦୁଷ୍ଟାମିର ହସ ଫୁଟାଇ କହିଲା- "ହଁ, ବର୍ତ୍ତମାନ ତୁମେ ତୁମର ବଡ଼ ବଡ଼ ବିଖ୍ୟାତ ଗୁରୁତ୍ୱପୂର୍ଣ୍ଣ ବନ୍ଧୁମାନଙ୍କୁ ଫୋନ୍ କର ଏବଂ ସେମାନଙ୍କ ପାଖକୁ ଚାଲିଯାଅ । ତୁମକୁ ଅଟକାଉଛି କିଏ ? କ'ଣ କହୁଛୁ ରୋଜା ?

ଆମେ ଯାଙ୍କୁ ଅଟକାଇ ପାରିବା ?"

"ମୋଟେ ନୁହଁ-" ସମସ୍ତେ ଏକ ସଙ୍ଗେ କହିଉଠିଲେ ।

ଝିଅମାନେ ଟେବୁଲ୍ ଛାଡ଼ି ଉଠିପଡ଼ିଲେ । ଆମେ ସମସ୍ତେ ଯେଝା ଯେଝା କାମରେ ଯାଉଛୁ । ସଂଧ୍ୟାବେଳେ ତୁମ ସହିତ ଦେଖାହେବ ।" ମ୍ୟାଗ୍‌ଦେଲିନା କହିଲା ।

"ସଂଧ୍ୟାବେଳେ ?" ଏମିଲିଆ ପ୍ରଶ୍ନ କଲା--ସଂଧ୍ୟାବେଳେ ତ କୌଣସି ଏକ କଣ୍ଟ୍ରିକ୍ଲବ୍‌ରେ ବସିଥିବା ।"

କାରମନ୍ ଅଫିସ୍ ଚାଲିଯିବା ପରେ ମୁଁ ବାରଣ୍ଡାକୁ ଆସି ଫୋନ୍ କରିବାକୁ ଆରମ୍ଭ କଲି । ମିଲିଟାରୀ ମେଡିକାଲ୍ ଚୀଫ୍ ମେଜର୍ ଜେନେରାଲ୍ କ୍ୟାମିଓ ଗିଲ୍‌ଡାସ୍, ଯିଏ ଯୁଦ୍ଧବେଳେ ମୋ ମାମୁଁଙ୍କର ସାଥି ଥିଲେ । ମିସେସ୍ ୟାନ୍‌ଥୋନିଆ କଷ୍ଟେଲୋ ଜଣେ କୋଟିପତି ବ୍ୟବସାୟୀର ସ୍ତ୍ରୀ, ଯିଏ ଏଠାକାର ବିଖ୍ୟାତ ସୋସିଆଲ୍ ଲିଡର୍ ଥିଲେ- ତାଙ୍କ ସହିତ ମୋର ଗୋଟେ ଆନ୍ତର୍ଜାତିକ କନ୍‌ଫରେନ୍ସରେ ଆଳାପ ହୋଇଥିଲା-ଅଲ୍‌ଫାନ୍‌ସୋ ଓଲେରା ଏଇ ଦେଶର ବିଖ୍ୟାତ ଔପନ୍ୟାସିକ ଏବଂ ସାମ୍ବାଦିକ, ଥରେ କରାଚୀ ଆସିଥିଲେ । "ହ୍ୟାଲୋ-ହ୍ୟାଲୋ- ଆରେ ତୁମେ କେବେ ଆସିଲ ? ମୋତେ ଜଣେଇଲନି କାହିଁକି ? କେଉଁଠି ଅଛ ? ସେଇଠି ? ଗୁଡ୍ ଗୁଡ୍- ! ସେଇଟା କେଉଁ ଜାଗା- ? ମୁଁ ବର୍ତ୍ତମାନ ଆସୁଛି ତମକୁ ନବାପାଇଁ।" ସେମାନେ ସମସ୍ତେ ଜଣ ଜଣ କରି ଏକା କଥା କହିଲେ । ଶେଷରେ, ଡନ୍ ଗାର୍ସିଆ ଗ୍ରେଡୋସ୍‌ଙ୍କୁ ଫୋନ୍ କଲି । ସେ ପଶ୍ଚିମ ଇଉରୋପ୍‌ର ଗୋଟେ ଦେଶରେ ରାଷ୍ଟ୍ରଦୂତ ଥିଲେ ଏକଦା । ସେଠାରେ ହିଁ ତାଙ୍କର ଏବଂ ତାଙ୍କ ସ୍ତ୍ରୀଙ୍କ ସହିତ ମୋର ଘନିଷ୍ଠ ବନ୍ଧୁତ୍ୱ ହୋଇଥିଲା । ସେ ମୋର ଟେଲିଫୋନ୍ କଲ୍‌ଟିକୁ ତାଙ୍କର ପାହାଡ଼ି ବାଙ୍ଗ୍‌ଲୋକୁ ଟ୍ରାନ୍‌ସଫର କରିଦେଲେ । କିଛି ସମୟ ପରେ ମିସେସ୍ କଷ୍ଟେଲୋ ନିଜ ମର୍ସିଡିସ୍ ନେଇ ପହଞ୍ଚିଗଲେ । କାରମନ୍‌ର କୋଠରୀକୁ ଆସି ଚାରିଆଡ଼କୁ ଚାହିଁ ମୋ ସୁଟକେଶ୍ ନେଇଗଲେ । ମୋର ସଂକୋଚବୋଧ ହେଲା । ମୁଁ ଏମାନଙ୍କୁ ଛାଡ଼ିଯାଇ ପାରିବି ନାହିଁ । ମୁଁ କାରମନ୍,ଏମିଲିଆ,ବାନାର୍ଡ଼, ରୋଜା ଏବଂ ମ୍ୟାଗ୍‌ଦେଲିନା ସହିତ ରହିବାକୁ ଚାହେଁ ।

"ଜିନିଷପତ୍ର ଏବେ ଥାଉ । ସଂଧ୍ୟାବେଳେ ଦେଖାଯିବ । ମୁଁ କିଛିଟା ଲଜ୍ଜାର ସହିତ ମିସେସ୍ କଷ୍ଟେଲୋଙ୍କୁ କହିଲି ।

ରାତିରେ ଯେତେବେଳେ ଫେରି ଆସିଲି ସେତେବେଳେ କାରମନ୍ ଏବଂ ଏମିଲିଆ ଫାଟକର ଝରକା ପାଖରେ ଛିଡ଼ାହୋଇ ମୋର ପ୍ରତୀକ୍ଷା କରିଥିଲେ । "ଆଜି ମୁଁ ତୁମ ପାଇଁ କୋଠରିର ବ୍ୟବସ୍ଥା କରିଛି"-କାରମନ୍ କହିଲା । ମୁଁ ଖୁସି ଅଛି ଯେ ଆଉ ମୋତେ ଚଟାଣରେ ଶୋଇବାକୁ ହେବନି।

ହଲ୍‌ର ଅନ୍ୟ ଦିଗରେ ଆଉ ଗୋଟେ ସନ୍ତସନ୍ତିଆ କୋଠରିରେ ଦୁଇଟି ଖଟ ପଡ଼ିଛି । ଗୋଟାକରେ ମୋର ବିଛଣା ପଡ଼ିଛି ଏବଂ ଅନ୍ୟଟିରେ ମିସେସ୍ ସୋରେଲ୍ ବସି ସିଗାରେଟ୍ ଟାଣୁଛନ୍ତି--ତାଙ୍କର ବୟସ ଅଠତିରିଶ କି ଅଣଚାଳିଶି । ତା'ର ଆଖି ଦୁଇଟିରେ ଗୋଟେ ଅଦ୍ଭୁତ ବିଷଣ୍ଣତା ଛାଇଯାଇଛି। ସେ ପଲିନେସିୟାନ୍ ଗୋଷ୍ଠୀର କେଉଁ ଜାତିର ଝିଅ ତା' ରୂପରୁ ଜଣାପଡୁନି । ଖଟ ଉପରେ ଅର୍ଦ୍ଧେକ ଶୁପ୍ତ ଅବସ୍ଥାରେ ଶୀଘ୍ର ଶୀଘ୍ର ନିଜ ଜୀବନର କାହାଣୀ ଶୁଣେଇବାକୁ ଆରମ୍ଭ କଲେ--

" ମୁଁ ଗାଁରୁ ଆସିଛି ।" ସେ କହିଲେ ।

"ଗାଁ ଟା କେଉଁଠି ?" ମୁଁ ଜାଣିବାକୁ ଚାହିଁଲି ।

"ପ୍ରଶାନ୍ତ ମହାସାଗରର ଗୋଟେ ଦ୍ୱୀପ । ସେଇଟା ଆମେରିକା ଅଧୀନରେ । ଅତି କ୍ଷୁଦ୍ର ଦ୍ୱୀପ । ପୃଥିବୀ ମାନଚିତ୍ରରେ ତା' ନାଆଁ ତଳେ ଗୋଟେ ବିନ୍ଦୁ ଦିଆଯାଇଛି । ମୁଁ ଆମେରିକାର ନାଗରିକ ।" ସଗର୍ବରେ କହିଲେ ।

'ଗ୍ରାମ' ମୁଁ ମନେ ମନେ ଉଚ୍ଚାରଣ କଲି । ଅଦ୍ଭୁତ ପ୍ରସଙ୍ଗ । ପୃଥିବୀରେ କେତେ ରକମର ଜାଗା ଅଛି । ଆଉ ସେଗୁଡ଼ିକରେ ଠିକ୍ ମୋ ପରି ଲୋକମାନେ ବାସ କରନ୍ତି ।

"ମୋ' ଝିଅ ଜଣେ ବେହେଲା-ବାଦକ ସାଥିରେ ପଳେଇ ଆସିଛି । ମୁଁ ତାକୁ ଖୋଜିବାକୁ ଆସିଛି । ତା'ର ବୟସ ମାତ୍ର ସତର ବର୍ଷ । କିନ୍ତୁ ପ୍ରଚଣ୍ଡ ଜିଦ୍‌ଖୋର୍- ଏଇ ହେଲା ଆଜିକାଲିର ଝିଅମାନଙ୍କର ସ୍ୱଭାବ--" ତା'ପରେ ସେ ହଠାତ୍ ଉଠି ବସିଲେ- "ମୋର କ୍ୟାନ୍ସର ହୋଇଥିଲା" ।

"ଓ ହୋ !..." ମୋ ମୁହଁରୁ ବାହାରି ପଡ଼ିଲା ।

"ମୋ ଛାତିରେ କ୍ୟାନ୍‌ସର ହୋଇଥିଲା-" ସେ ଅତ୍ୟନ୍ତ ଦୁଃଖର ସହିତ କହିଲେ- "ନହେଲେ ମୁଁ ମଧ ତିନିବର୍ଷ ଆଗରୁ ସମସ୍ତଙ୍କ ପରି ସୁସ୍ଥ ଥିଲି"- ତା' କଥାରେ ପ୍ରଚଣ୍ଡ ଧରଣର ଯନ୍ତ୍ରଣା ମିଶିଥିଲା । "ଦେଖ"- ସେ ନାଇଟ୍ ଗାଉନ୍‌ର କଲର୍‌ର ସମ୍ମୁଖ ଭାଗଟିକୁ ବାହାର କରିଦେଲା । ମୁଁ କମ୍ପିଉଠି ଆଖି ବନ୍ଦକରିଦେଲି--ଜଣେ ନାରୀର ରୂପ ଯଦି ଚିରକାଳ ପାଇଁ ଚାଲିଯାଏ, ସେଇଟା ଯେ କେତେ ଭୟଙ୍କର ବିଷୟ !

କିଛି ସମୟ ପରେ ମିସେସ୍ ସୋରେଲ୍ ସିଗାରେଟ୍ ଲିଭାଇ ଶୋଇପଡ଼ିଲେ । ଝରକା ଫାଙ୍କରୁ ଜହ୍ନ ଉଙ୍କି ମାରୁଥିଲା । ପାଖ କୋଠରିରୁ ଭାସିଆସୁଥିବା ମ୍ୟାଗଦେଲିନାର ଗୀତର ସ୍ୱର କ୍ରମଶଃ ବନ୍ଦ ହେଇଗଲା ।

ହଠାତ୍ ମୋର ଇଚ୍ଛାହେଲା କାଇଁ କାଇଁ ହୋଇ କାନ୍ଦିବାକୁ ।

ପର ସପ୍ତାହଟା ଫ୍ୟାସନେବଲ୍ ପତ୍ର-ପତ୍ରିକାର ଭାଷାରେ 'ସାମାଜିକ ଏବଂ ସାଂସ୍କୃତିକ ବ୍ୟସ୍ତତାର ଆନ୍ଧୀ' ଭଳି ଆର୍ଟ ଓ କଲଚର୍ ସଂପର୍କରେ କଟେ । ଦିନବେଳଟା ମିସେସ୍ କଷ୍ଟେଲୋ ଏବଂ ତାଙ୍କ ବନ୍ଧୁମାନଙ୍କର ସୁନ୍ଦର ଓ ମୁକ୍ତ ଘରେ ଓ ବେଲଓଳିଟା ସହରର ଚାକଚକ୍ୟରେ ଭ୍ରମଣ କେନ୍ଦ୍ରଗୁଡ଼ିକରେ କଟେ- ବିଭିନ୍ନ ଶ୍ରେଣୀର ମଣିଷ-ବୁଦ୍ଧିଜୀବୀ, ସାମ୍ବାଦିକ-ଲେଖକ, ରାଜନୈତିକ ନେତା ମିସେସ୍ କଷ୍ଟେଲୋଙ୍କ ଘରକୁ ଆସନ୍ତି, ସେମାନଙ୍କ ସହିତ ତର୍କ ବିତର୍କ ହୁଏ ଏବଂ ମୁଁ ଇଂରାଜୀ ବାଗ୍‌ଧାରାର ଶବ୍ଦରେ ନିଜକୁ ଅତ୍ୟନ୍ତ ଏନ୍‌ଜୟ କରୁଥାଏ । ରାତିରେ ଆମେ ୱାଇ.ଡବ୍‌ଲ୍ୟୁକୁ ଫେରି ଆସୁ ଏବଂ ହଲ୍‌ର ଚାରିକୋଣିଆ ଟେବୁଲ୍‌ର ଚାରିପାଖରେ ବସି ଝିଅମାନେ ଅତ୍ୟନ୍ତ ଆଗ୍ରହର ସହିତ ମୋ ମୁହଁରୁ ସାରାଦିନର ଘଟଣାବଳୀ ଶୁଣନ୍ତି ।

"ଅଦ୍‌ଭୁତ ତ--" । ରୋଜା କହେ- "ଆମେମାନେ ଏଇ ସହରର ହିଁ ବାସିନ୍ଦା କିନ୍ତୁ ଆମେ ଜାଣୁନା ଯେ ଏଠାରେ ଏଭଳି ଆରବ୍ୟ ରଜନୀର ପରିବେଶ ଅଛି ।"

"ଏଇ ଯେ ଏଇ ସବୁ ବଡ଼ଲୋକମାନେ, ଏତେ ଟଙ୍କା ରୋଜଗାର କରି କ'ଣ କରନ୍ତି ?" ଏମିଲିଆ ପଚାରିଲା । ଗୋଟେ ସ୍କୁଲରେ ପଢ଼ାଏ ଏମିଲିଆ, ରୋଜା ଥିଲା ଗୋଟେ ସରକାରୀ ଅଫିସ୍‌ର ଷ୍ଟେନୋଗ୍ରାଫର୍ । ମ୍ୟାଗଦେଲିନା ଏବଂ ବାନାର୍ଡ଼ ଗୋଟେ ମ୍ୟୁଜିକ୍ କଲେଜରେ ପିଆନୋ ଏବଂ ବେହେଲାରେ ଉଚ୍ଚତର ଟ୍ରେନିଂ ନେଉଛନ୍ତି । ଏମାନେ ସମସ୍ତେ ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାରର ଝିଅ ।

ରବିବାର ଦିନ ସକାଳେ କାରମନ୍ ଗିର୍ଜାକୁ ଯିବାପାଇଁ ପ୍ରସ୍ତୁତିରେ ବ୍ୟସ୍ତଥିଲା । କୌଣସି ଜିନିଷ ବାହାର କରିବା ପାଇଁ ମୁଁ ଆଲମାରି ଖୋଲିବାକୁ ଯିବାବେଳେ ଚଟ୍‌କରି ଉପରୁ ଉଲ୍‌ର ଗୋଟେ ଠେକୁଆ ତଳେ ପଡ଼ିଗଲା । ସେଇଟାକୁ ଉଠେଇ ରଖିବାକୁ ଗଲାବଳେ ଆଲମାରି ଉପରେ ପ୍ରଚୁର ଖେଳନା ଦେଖିବାକୁ ପାଇଲି ।

"ସେଗୁଡ଼ିକ ମୋ ପୁଅର ଖେଳନା ।" କାରମନ୍ ଡ୍ରେସିଂ ଟେବୁଲ୍ ଆଗରେ ମଥା କୁଣ୍ଡଉ କୁଣ୍ଡଉ ନିର୍ବିକାର ଭାବେ କହିଲା ।

"ତୁମ ପୁଅ- ?" ମୁଁ ହତଭମ୍ବ ହୋଇଗଲି ଏବଂ ଅତ୍ୟନ୍ତ ଦୁଃଖର ସହିତ ତାକୁ ଦେଖିବାକୁ ଲାଗିଲି । କାରମନ୍ ଥିଲା କୁମାରୀ ମା' ।

ଆଇନାରେ ମୋର ପ୍ରତିକ୍ରିୟା ଦେଖି ସେ ମୋ ଆଡ଼କୁ ବୁଲିପଡ଼ିଲା । ତା'ମୁହଁ ଲାଲ୍ ପଡ଼ିଗଲା । ସେ କହିଲା, "ତୁମେ ଭୁଲ୍ ଭାବୁଛ-।" ତା'ପରେ ସେ ଖିଲ୍ ଖିଲ୍ କରି ହସି ଆଲମାରିର ତଳ ଥାକରୁ ଇଷତ୍ ନୀଳ ରଙ୍ଗର ଗୋଟେ ଚକଚକିଆ 'ବେବୀବୁକ୍' ବାହାର କଲା- "ଦେଖ,ଏଇଟା ମୋ ପୁଅର ଜନ୍ମଦିନର ବହି । ଯେତେବେଳେ ବର୍ଷକର ହୋଇଯିବ ସେତେବେଳେ ଏଇଟାକୁ ପଢ଼ିବ, ଯେତେବେଳେ ଦୁଇବର୍ଷର ହୋଇଯିବ ସେତେବେଳେ ଏଇଟାକୁ କହିବ । ଏଇଠାରେ ତାର ଫଟୋ ପେଷ୍ଟ କରିବି ।" ସେ ନିଶ୍ଚିତ ଭାବେ ପଦ୍ମାସନ କରି ଖଟ ଉପରେ ବସିଲା ଏବଂ ସେହି ବହିରୁ ସୁନ୍ଦର ସୁନ୍ଦର ଆମେରିକାନ୍ ଶିଶୁମାନଙ୍କର ରଙ୍ଗିନ୍ ଛବି ବାହାର କରି ବିଛଣାରେ ମେଲେଇ ଦେଲା- "ଦେଖ, ମୋର ନାକ କେତେ ଚେପ୍‌ଟା । ଆଉ ନିକ୍‌ର ମୋଠାରୁ ଅଧିକା, ତାହେଲେ ଭାବ ତ ଆମ ଦୁହିଁଙ୍କର ପିଲାର ନାକର ଅବସ୍ଥା କ'ଣ ହେବ ? ମୁଁ ତା' ଜନ୍ମର ମାସାଧିକ କାଳ ଆଗରୁ ଏସବୁ ଛବି ଦେଖିବି ଯଦ୍ଦ୍ୱାରା ସେଇ ବିଚରାର ନାକରେ କିଛିଟା ଭଲ ପ୍ରଭାବ ପଡ଼ିବ ।"

"ଆଚ୍ଛା ପାଗିଳୀ-।" ମୁଁ କହିଲି, "ଆଉ ଏ ନିକ୍‌ଟା କିଏ ?"

ତା'ର ମୁଖର ରୂପ ସଂପୂର୍ଣ୍ଣ ଫିକା ପଡ଼ିଗଲା । " ଏବେ ଆଉ ତା' କଥା କୁହନି । ତା'ର ନାମ ଉଚ୍ଚାରଣ କଲା ମାତ୍ରେ ମୋର ହୃଦୟ ଭାଙ୍ଗି ଖଣ୍ଡ ଖଣ୍ଡ ହେଇଯାଏ ।"

କିନ୍ତୁ ତା'ପରେ ସେ ପ୍ରାୟଃ ନିକ୍‌ର ପ୍ରସଙ୍ଗ ଉଲ୍ଲେଖ କରିଛି । "ମୁଁ ଦେଖିବାକୁ କେଡ଼େ କୁତ୍ସିତ, କିନ୍ତୁ ନିକ୍ କହେ- କାରମନ୍ ତୁମ ମନ,ବୁଦ୍ଧି,ଆତ୍ମା, ସବୁକିଛି ମୋତେ ଭଲଲାଗେ । କେତେ କେତେ ସୁନ୍ଦରୀ ଝିଅମାନଙ୍କ ସହିତ ନିକ୍‌ର ବନ୍ଧୁତ୍ୱ କିନ୍ତୁ ମୁଁ ଯେ କୁତ୍ସିତ ସେଇଟାକୁ ଧର୍ତ୍ତବ୍ୟ ମନେକରେନା ।"

ଗିର୍ଜାରୁ ଫେରି ଝଙ୍କାଳିଆ ବୁଦାଗୁଡ଼ିକର ଧାରେ ଧାରେ ରାସ୍ତାରେ ଚାଲି ଚାଲି, ୱାଇ.ଡବ୍‌ଲ୍ୟୁର ସନ୍ତସନ୍ତିଆ ହଲ୍ ଭିତରେ ପୋଷାକ ପତ୍ର ଇସ୍ତ୍ରୀ କରୁକରୁ କାରମନ୍ ମୋତେ ନିଜର ତଥା ନିକ୍ ସଂବନ୍ଧିୟ କାହାଣୀ ଶୁଣାଏ । ନିକ୍ ଜଣେ ଡାକ୍ତର,ହାର୍ଟ ସର୍ଜରୀର ଉଚ୍ଚତର ଟ୍ରେନିଂ ପାଇଁ ବାହାରକୁ ପାଇଛି । ତାକୁ ଭାଷଣ ଭଲପାଏ ।

ରାତିରେ ମୁଁ ମିସେସ୍ ସୋରେଲ୍‌ଙ୍କ କୋଠରିରୁ କାରମନ୍‌ର କୋଠରିକୁ ଫେରି ଆସେ । କାରଣ ମିସେସ୍ ସୋରେଲ୍ ନିଜର ଝିଅକୁ ଧରିଆଣି ପାରିଥିଲେ । ଝିଅଟି ଏବେ ତା'ଙ୍କ ସହିତ ଅଛି । ଶୋଇବା ଆଗରୁ ମୁଁ ମଶାରି ଠିକ୍ କରିନେଲି । କାରମନ୍ ଏବେବି ଚଟାଣରେ ବସିଛି ।

ସେ କହିବାକୁ ଆରମ୍ଭ କଲା - "ନିକ୍" ।

"ଆଜିକାଲି କେଉଁଠି ?" ମୁଁ ପଚାରିଲି ।

"ଜାଣେନା ।"

"ତୁମେ ତାକୁ ଚିଠି ଦିଅନି ?"

"ନା ।"

"କାହିଁକି ?" ମୁଁ ଅବାକ୍ ହୋଇ ପ୍ରଶ୍ନ କଲି ।

"ତୁମେ ଭଗବାନଙ୍କୁ ବିଶ୍ୱାସ କର ?" ସେ ପଚାରିଲା ।

"ଏଇଟାତ ଗୋଟେ ଦୀର୍ଘ ପ୍ରସଙ୍ଗ ।" ମୁଁ ହାଇ ମାରି ଉତ୍ତର ଦେଲି, " ଅନ୍ୟକଥା ଛାଡ଼ । ତାକୁ ଚିଠି ଲେଖନା କାହିଁକି ?"

"ପ୍ରଥମେ ମୋ ପ୍ରଶ୍ନର ଉତ୍ତର ଦିଅ-ତୁମେ ଭଗବାନଙ୍କୁ ବିଶ୍ୱାସ କର ?"

"ହଁ !" ମୁଁ ତର୍କକୁ ସୀମିତ କରିବାକୁ ଯାଇ କହିଲି ।

"ଆଛା, ତାହେଲେ କ'ଣ ତୁମେ ଭଗବାନଙ୍କୁ ଚିଠି ଦିଅ ?"

ଘରର ସମସ୍ତ ଆଲୋକ ଲିଭିଯାଇ ଥାଏ । ରାତିର ଶିତୁଆ ପବନରେ ଅଗଣାର ଗଛଗୁଡ଼ିକ ଶିର୍ ଶିର୍ ଝିର୍ ଝିର୍ ହୋଇ ଦୋହଲୁଥାନ୍ତି । କୋଠରିର କବାଟରେ ଟଙ୍ଗାହୋଇଥିବା ଲାଲ୍ ଫୁଲରେ ଅଙ୍କିତ ପର୍ଦ୍ଦା ପବନରେ ଫର୍‌ଫର୍ କରୁଥାଏ । ମୁଁ ଉଠି ସେଇଟାକୁ ଏକପାଖିଆ କରିଦେଲି ।

"ଖୁବ୍ ସୁନ୍ଦର ପର୍ଦ୍ଦାଟା" ମୁଁ ଖଟ ଉପରକୁ ଉଠୁ ଉଠୁ କହିଲି । କାରମନ୍ ଚଟାଣରେ କଡ଼ ବଦଳେଇ ଆଖି ବନ୍ଦ କରି ଶୋଇଥିଲା । ମୋ କଥା ଶୁଣି ସେ ପୁନର୍ବାର ଉଠିପଡ଼ି ଧୀରେ ଧୀରେ କହିବାକୁ ଆରମ୍ଭ କଲା-- ମୁଁ ଏବଂ ନିକ୍ ଥରେ ପାହାଡ଼ୀ ଇଲାକାକୁ ଶତାଧିକ ମାଇଲ୍ ଡ୍ରାଇଭ୍ କରି ଯାଇଥିଲୁ..."

"କ'ଣ ଶୁଣୁଛ ତ ?"

"ହଁ-ହଁ, କୁହ !"

"ରାସ୍ତାରେ ନିକ୍ କହିଲା-ଚାଲ ଡନ୍ ରେମୋଙ୍କୁ ଦେଖା କରିବା । ଡନ୍ ରେମୋ ନିକ୍‌ର ବାପାଙ୍କର କ୍ୟାବିନେଟ୍ ମନ୍ତ୍ରୀ ଥିଲେ ଏବଂ ସଂପ୍ରତି ନିଜ ଜିଲ୍ଲାର ପାହାଡ଼ୀ ଇଲାକାରେ ନୂଆ ଘର କରିଛନ୍ତି । ଆମେ ଯେତେବେଳେ ତାଙ୍କ ଘର ପାଖାପାଖି ହେଲୁ ସେତେବେଳେ ଦଳେ ଧଳା ପୋଷାକ ପିନ୍ଧିଥିବା ଛୋଟ ଛୋଟ ଝିଅମାନେ ସ୍କୁଲରୁ ବାହାରୁଥିବାରୁ ଦେଖାଗଲା । ସେ ଦୃଶ୍ୟ ମୋର ଏବେବି ସ୍ୱପ୍ନ ପରି ମନେଅଛି । ତା'ପରେ ଆମେ ଭିତରକୁ ଗଲୁ ଏବଂ ମିସେସ୍ ରେମୋଙ୍କ ଅପେକ୍ଷାରେ ତାଙ୍କର ଚାକଚକ୍ୟଭରା ଡ୍ରଇଂରୁମ୍‌ରେ ଯାଇ ବସିଲୁ । କ୍ୟାବିନେଟ୍ ମିନିଷ୍ଟର୍ ଘରେ ନଥିଲେ । ଡ୍ରଇଂରୁମ୍ ଓ ଷ୍ଟଡିରୁମ୍ ମଝିରେ ଯେଉଁ କାନ୍ଥ ଥିଲା ସେଥିରେ କାଚର ଚତୁଷ୍କୋଣ ବିଶିଷ୍ଟ ପାତ୍ର ଭଳି ଝରକାରେ ପ୍ଲାଷ୍ଟିକ୍‌ର ଗୋଟେ ବଡ଼ କଣ୍ଢେଇ ଶୋଭା ପାଉଥିଲା, ଯେଉଁଟା କୋଠରୀର ଚମତ୍କାର ସାଜସଜା ତୁଳନାରେ ଅତ୍ୟନ୍ତ ସ୍ଥୁଳ ମନେହେଉଥିଲା । ଆମେ ଦୁହେଁ ଏଇ ବଦରସିକତାରେ ମୁରୁକି ହସିଲୁ । ତା'ପରେ ମିସେସ୍ ରେମୋ ଆସିଲେ । ସେ ଆମକୁ ଥଣ୍ଡା ଚା ପିଆଇଲେ । ସଂପୂର୍ଣ୍ଣ ଘରଟିକୁ ଘୂରେଇ ଦେଖେଇଲେ । ସେମାନଙ୍କ ସ୍ନାନ ଘରଟିରେ କଳା ଟାଇଲ୍ ବସିଥିଲା, ଆଉ ଅତିଥି କକ୍ଷରେ ଡିଭାନ୍‌ଟି ଲାଲ୍ ଫୁଲପକା ଟେପେଷ୍ଟ୍ରୀର ଝାଲର ଦିଆ ଆଚ୍ଛାଦନରେ ଢଙ୍କା ହୋଇଥିଲା । ସେଇ ଖଟଟିକୁ ଦେଖି ନିକ୍ ନିଚ୍ଛ ସ୍ୱରରେ ମୋତେ କହିଥିଲା- "ନିମ୍ନରୁଚିର ଚୂଡ଼ାନ୍ତ"-- ଆଉ ମୁଁ ନିଜ ମନକୁ କହିଥିଲି- ବାଜେ ରଚି କାହିଁକି ହେବ ? ମୁଁ ନିଜ ଘର ପାଇଁ ଏଇଭଳି ଖଟ କିଣିବି ଆଉ ଏଇ ରଙ୍ଗ ବିଶିଷ୍ଟ ଓୟାଡ୍ ତିଆରି କରିବି । ତା'ପରେ ଆମେ ଯେତେବେଳେ ଘରୋଇ ଆସବାବ ପତ୍ର ଦୋକାନ ଆଗଦେଇ ଅତିକ୍ରମ କରୁଥିଲୁ ସେଇ କପଡ଼ାଟିକୁ ଦେଖି ମୋ ପାଦ ଅଟକିଗଲା -ତା'ପରେ ଦରମା ଟଙ୍କାରୁ ବଂଚେଇ-ବଂଚେଇ ସେଇ ଦାମୀ କପଡ଼ାର ପର୍ଦ୍ଦାଟା କିଣିନେଲି । ଯେତେବେଳେ ମୁଁ ଗୋଟେ ବିଶେଷ ଚୀନା ରେଷ୍ଟୁରେଣ୍ଟ୍ ଆଗଦେଇ ଯାଏ ସେ ସେଇଭଳି ସ୍ୱରରେ କହେ- "ଏବଂ କାଚ-ଝରକା ପାଖରେ ପଡ଼ିଥିବା ଟେବୁଲ୍ ଏବଂ ତା'ଉପରେ ଜଳୁଥିବା ସବୁଜ ଲ୍ୟାମ୍ପ ଆଖିରେ ପଡ଼ିବାରୁ ମୋ ଭିତରଟା ଦୁଃଖରେ ବୁଡ଼ିଯାଏ । ମୁଁ ଦିନେ ସଂଧ୍ୟାବେଳେ ସେଠାରେ ନିକ୍ ସହିତ ଜଳଖିଆ ଖାଇଥିଲି ।"

ମୋତେ ନିଦ ମାଡୁଥିଲା ଏବଂ ନିକ୍‌ର ପ୍ରସଂଗଟା ମୋତେ ବିରକ୍ତିକର ମନେ ହେଉଥିଲା । ମୁଁ ମଶାରି ପକଉ ପକଉ କହିଲି, " ଗୋଟେ କଥା କୁହତ, ନିକ୍‌କୁ ତୁମେ ଯଦି ଏତେ ଭଲ ପାଅ ତାହାଲେ ବାହାହେଲନି କାହିଁକି ? କାହିଁକି ଏତେଦିନ ଧରି ପାଗଳାମି କଲ ?"

"ଦଶବର୍ଷ କାଳ ମୋତେ ସୁଦୂରରେ ଗୋଟେ ସୀମାନ୍ତ ଦ୍ୱୀପରେ ବାପାଙ୍କ ସହିତ କାଟିବାକୁ ପଡ଼ିଛି" । ସେ ବିଷଣ୍ଣ ହୋଇ ଉତ୍ତର ରଖିଥିଲା, "ପ୍ରଥମେ ଆମେ ଏହି ସହରରେ ହିଁ ରହୁଥିଲୁ । ଯୁଦ୍ଧ ସମୟରେ ବୋମା ପଡ଼ି ଆମର ଛୋଟ ଘରଟି ପୋଡ଼ି ପାଉଁଶ ହୋଇଯାଏ, ମୋ ମା, ଆଉ ଦୁଇଜଣ ଭାଇ ମରିଯାଆନ୍ତି । କେବଳ ମାତ୍ର ମୁଁ ଓ ବାପା ବଞ୍ଚି ରହୁ । ବାପା ଥିଲେ ଗୋଟେ ସ୍କୁଲର ବିଜ୍ଞାନ ଶିକ୍ଷକ । ତାଙ୍କୁ ଟି-ବି ହୁଏ, ମୁଁ ତାଙ୍କୁ ସ୍ୟାନେଟୋରିୟାମ୍‌ରେ ଭର୍ତ୍ତି କରିଦିଏ, ଯେଉଁଟା ସୁଦୂର ଗୋଟେ ଦ୍ୱୀପ ମଧ୍ୟରେ ଅବସ୍ଥିତ । ସ୍ୟାନୋଟୋରିୟାମ୍‌ଟି ପ୍ରଚଣ୍ଡ ବ୍ୟୟବହୁଳ, ସେଥିପାଇଁ କଲେଜ୍ ପଢ଼ା ଶେଷ କରି ମୁଁ ସେହି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟରେ ଚାକିରି କଲି । ଏବଂ ପାଖ ଆଖର ଧନୀଲୋକଙ୍କ ଘରେ ଟ୍ୟୁସନ୍ ମଧ କଲି, କିନ୍ତୁ ବାପାଙ୍କର ଚିକିତ୍ସା କ୍ରମଶଃ ବ୍ୟୟବହୁଳ ହେବାକୁ ଲାଗେ । ସେତେବେଳେ ମୁଁ ପୈତୃକ ଗାଁକୁ ଯାଇ ଆମର ସପୁରୀ ବଗିଚାଟିକୁ ବନ୍ଧକ ଦେଇଦିଏ, ସେଥିରେ ମଧ ବାପା ସୁସ୍ଥ ହୁଅନ୍ତି ନାହିଁ । ମୁଁ ଗୋଟିଏ ଦ୍ୱୀପରୁ ଅନ୍ୟ ଦ୍ୱୀପକୁ ନୌକାରେ ଯାଇ ଧନୀଲୋକମାନଙ୍କ ମୂର୍ଖ ପିଲାମାନଙ୍କୁ ପଢ଼ାଇ ପଢ଼ାଇ କ୍ଲାନ୍ତ ହୋଇଯାଏ । ତାସତ୍ୱେ ବାପା ଭଲ ହେଲେନି । ଆଜିଠୁଁ ଦଶବର୍ଷ ତଳେ ଗୋଟାଏ ଗୀତବାଦ୍ୟ ଅନୁଷ୍ଠାନରେ ନିକ୍ ସହିତ ମୋର ବାର୍ତ୍ତାଳାପ ହୋଇଥିଲା । ତା'ମଧରେ ଯେତେବେଳେ ମୁଁ ରାଜଧାନୀକୁ ଆସେ ସେ ମୋ ସହିତ ଦେଖା କରେ । ତିନିବର୍ଷ ଆଗରୁ ସେ ମୋତେ ବାହାଘର କଥା କହିଥିଲା । କିନ୍ତୁ ମୋ ବାପାଙ୍କର ଅବସ୍ଥା ଏତେ ଖରାପ ଥିଲା ଯେ ମୁଁ ତାଙ୍କୁ ମୃତ୍ୟୁ ମୁଖରେ ଛାଡ଼ିଦେଇ ଆସିପାରିଲି ନାହିଁ । ସେଇ ସମୟରେ ନିକ୍‌କୁ ବାହାରକୁ ଯିବାକୁ ପଡ଼ିଲା । ବାପା ମରିଯିବା ପରେ ମୁଁ ଏଠାକୁ ଆସିଲି । ଏଠାରେ ମୁଁ ଖଣ୍ଡେ ଚାକିରି କରୁଛି । ଆସନ୍ତା ବର୍ଷ ୟୁନିଭରସିଟିରେ ମୋ ଥେସିସ୍ ଦାଖଲ କରିବି । ବାପାଙ୍କର ଜମିଟା ବନ୍ଧକ ମୁକ୍ତ କରିବାର ଇଚ୍ଛା ଅଛି । ନିକ୍ ମୋତେ ସାହାଯ୍ୟ କରିବାକୁ ଚାହିଁଛି କିନ୍ତୁ ମୁଁ ବାହାଘର ପୂର୍ବରୁ ତା'ପାଖରୁ ଗୋଟାଏ ପଇସା ବି ନେବିନାହିଁ । ତା'ଘରର ଲୋକମାନେ ଅତ୍ୟନ୍ତ ବଦମିଜାଜର ଓ ଝଗଡ଼ାପ୍ରିୟ । ଜଣେ ଝିଅ ପାଇଁ ତା'ର ସମ୍ମାନଟା ହିଁ ବଡ଼ କଥା । ସମ୍ମାନ,ବ୍ୟକ୍ତିତ୍ୱ ଓ ଆତ୍ମାଭିମାନ,ଯଦି ମୁଁ କେବେ ବୁଝିପାରେ ଯେ ନିକ୍ ମଧ ମୋତେ ତୁଛ ମନେକରେ କିମ୍ବା ମୋତେ- ? କ'ଣ ଶୋଇପଡ଼ିଲ ? ଆଚ୍ଛା ଗୁଡ୍‌ନାଇଟ୍ ।"

ପରଦିନ ସକାଳେ ପ୍ରସ୍ତୁତ ହୋଇ ନିୟମମାଫିକ୍ ସେ ସବା ଆଗେ

ପ୍ରାତରାଶର ଟେବୁଲ ଆୟୋଜନ ପାଇଁ ହାଜିର ହୋଇଯାଇଥିଲା । ମିସେସ୍ ସୋରେଲ୍ ଗାଁକୁ ଫେରି ଯାଇଥିଲେ । ଭାବୀ ଜ୍ୱାଇଁ ସଙ୍ଗରେ ତାଙ୍କର ମେଣ୍ଟାମେଣ୍ଟି ହୋଇଯାଇଛି । ସେ ସକାଳେ ଆସି ହାଜର୍ । ସେ ଜଣେ ରୋଗା ପତଳା ଯୁବକ,ବାରଣ୍ଡାର ଗୋଟିଏ କୋଣରେ ଓଦା ବିରାଡ଼ି ପରି ବସିଥିଲା । ଚତୁର୍ଦ୍ଦିଗରେ ଗୋଟେ ଆନନ୍ଦଦାୟକ ପରିବେଶ । ଝିଅମାନେ କଥା କଥାରେ ଖିଲ୍‌ଖିଲ୍ କରି ହସୁଥିଲେ । ମୁଁ ନିଜେ ବି ଖୁବ୍ ଖୁସି ଏବଂ ନିଜକୁ ଅତ୍ୟନ୍ତ ହାଲ୍‌କା ବୋଧ କରୁଥିଲି । ଏଇ ହାଲ୍‌କା ବୋଧ ଏବଂ ପୂର୍ଣ୍ଣ ପ୍ରଶାନ୍ତିର ଅନୁଭୂତି ଜୀବନରେ ଖୁବ୍ କମ୍ ଆସେ ଏବଂ ଆସିଲେବି ତାହା କ୍ଷଣିକ ପାଇଁ କିନ୍ତୁ ମୁହୂର୍ତ୍ତଟି ହୁଏ ପ୍ରାଚୁର୍ଯ୍ୟମୟ ।

କାରମନ୍ ଖୁବ୍ ଶୀଘ୍ର ବ୍ରେକ୍ ଫାଷ୍ଟ କରି ନେଇ ଅଫିସ୍ ଚାଲିଯାଏ ।

"ଆଜି ମଧ୍ୟ ଯଦି ତୁମେ ତୁମର ସେଇ ଅଭିଜାତ ବନ୍ଧୁମାନଙ୍କ ପାଖକୁ ନଯାଅ ତାହେଲେ ମୁଁ ତୁମକୁ ଟ୍ୟାକ୍ସିରେ ବସେଇ ସହର ଘୂରେଇ ଦେଖାନ୍ତି-" ମ୍ୟାଗଦେଲିନା ମୋତେ କହିଲା ।

"ତୁମକୁ ନେବାପାଇଁ ଗୋଟେ କ୍ୟାଡିଲାକ୍ ଆସିଛି ।" ରୋଜା ଭିତରକୁ ଆସି ଖବର ଦେଲା "କ୍ୟାଡିଲାକ୍-ଓୟୋ ହୋ" ସମସ୍ତେ ଏକା ସାଙ୍ଗରେ କହିଲେ ।

"ତୁମ ପାଇଁ ଏମିତି ସବୁ ଚକଚକିଆ ମୋଟର ଆସେ ଯେ ଚାପରେ ତ ଆମ ମୁହଁରୁ କଥା ବାହାରେନା- ।" ବାନାର୍ଡ଼ି ହସି ହସି କହିଲା ।

ମୁଁ ଝିଅମାନଙ୍କୁ 'ଗୁଡ୍‌ବାଏ' ଜଣେଇ ନିଜ ଭ୍ରମଣର ବ୍ୟାଗ୍ କାନ୍ଧରେ ଝୁଲେଇ ବାହାରି ଆସିଲି । ପ୍ରାକ୍ତନ ରାଷ୍ଟ୍ରଦୂତ ଡନ୍ ଗାର୍ସିୟା ଡେଲ୍ ପ୍ରେଡୋସ୍‌ରେ ଦୁଇଦିନ ପାଇଁ ଶୈଳବାସକୁ ଯାଉଛନ୍ତି । ଉର୍ଦ୍ଦି ପିନ୍ଧିଥିବା ତା'ର ଡ୍ରାଇଭର କଳା କ୍ୟାଡିଲାକ୍‌ର ଦୁଆର ବନ୍ଦ କରେ ଏବଂ ସହରଠୁଁ ବାହାରି ଶ୍ୟାମଳ ପାହାଡ଼ ଆଡ଼େ ଆଗେଇ ଚାଲେ ।

ପାହାଡ଼ର ଗୋଟିଏ ଶିଖରରେ ଗଛ ଆଢୁଆଳରେ ଲୁଚିଯାଇଥିବା ଡନ୍ ଗାର୍ସିୟାର ସୁନ୍ଦର ସ୍ପେନୀୟ ଢାଞ୍ଚାର ଘରଟା ଦୂରରୁ ଦେଖାଯାଉଥିଲା। ଉପତ୍ୟକାରେ କୁହୁଡ଼ି ଭାସି ବୁଲୁଥିଲା । ଚତୁର୍ଦ୍ଦିଗରେ ଧଳା,ବାଇଗଣୀ,ଲାଲ୍ ଏବଂ ହଳଦିଆ ଫୁଲ ଫୁଟିଥିଲେ । ଗାଡ଼ି ଫାଟକ ଦେଇ ଭିତରକୁ ପ୍ରବେଶ କରି ପୋର୍ଚ୍ଚରେ ଆସି ରହିଲା । ଉପଜାତି ବଂଶୋଦ୍‌ଭବ ମାର୍ଜିତ ସ୍ୱଭାବର ଚାକରାଣୀମାନେ ବାହାରି ଆସିଲେ । ବାଟଲାର୍ ତଳକୁ ଓହ୍ଲାଇ ଆସି ଗାଡ଼ିର ଦୁଆର ଖୋଲିଲେ । ହଲ୍‌ର କବାଟ ପାଖରେ ଡନ୍ ଗାର୍ସିୟା ଓ ତା'ର ସ୍ତ୍ରୀ ଡୋନା ମାରିୟା ମୋ ପ୍ରତୀକ୍ଷାରେ ଥିଲେ । ତାଙ୍କର ସବୁ ଧଳା କାର୍ପେଟ୍, ସୁନେଲୀ ଫର୍ଣ୍ଣିଚର୍ ଏବଂ ଦାମୀ ଜିନିଷପତ୍ର ସୁସଜ୍ଜିତ । ଏଇ ଧରଣର କୋଠରିର ଛବି 'ଲାଇଫ୍' ପତ୍ରିକାର ରଙ୍ଗିନ୍ ପୃଷ୍ଠାରେ 'ପିରୀୟଡ଼ ଫର୍ଣ୍ଣିଚର୍' କିମ୍ବା 'ଇଣ୍ଟେରିଅର୍ ଡେକୋରେସନ୍' ସଂପର୍କରେ ପ୍ରାୟଃ ଛପା ହୋଇଥାଏ।

କିଛି ସମୟ ପରେ ମୁଁ ଡୋନା ମାରିୟା ସହିତ ଉପର ମହଲାକୁ ଚାଲିଗଲି । ସେଠାରେ କାଚ ଲାଗିଥିବା ବାରଣ୍ଡାର ଗୋଟିଏ କୋଣରେ ନରମ ବେତର ଗୋଟେ ଛୋଟ ଝୁଡ଼ିରେ ଛ'ମାସର ଅତ୍ୟନ୍ତ ଗୋଲାପୀ ଗୋଟେ ଛୋଟ ଝିଅ ପଡ଼ି ପଡ଼ି କାନ୍ଦୁଥିଲା । ଶିଶୁଟି ଏତେ ସୁନ୍ଦର ଯେ ମୁଁ ଡୋନା ମାରିୟାର କଥା ଭୁଲିଯାଇ ଛୋଟ ଝୁଡ଼ିଟି ପାଖକୁ ଚାଲିଗଲି । ଅତ୍ୟଧିକ ସୁନ୍ଦରୀ,ସ୍ୱାସ୍ଥ୍ୟବତୀ, ତେଜଦୀପ୍ତ,କମ୍ ବୟସୀ ଜଣେ ଆମେରିକାନ୍ ଯୁବତୀ ସୋଫାରୁ ଉଠିଆସି ମୋ ସହିତ କରମର୍ଦ୍ଦନ ପାଇଁ ହାତ ବଢ଼େଇ ଦେଲା ।

"ଇଏ ମୋର ବୋହୂ-" ଡୋନା ମାରିୟା କହିଲେ ।

ଆମେ ତିନିଜଣ ଛୋଟ ଝୁଡ଼ିଟି ପାଖରେ ଠିଆ ହୋଇ ପିଲାଟିକୁ ଆଦର କରିବାକୁ ବ୍ୟସ୍ତ ହୋଇପଡ଼ିଲୁ । ବେଳଓଳି ଲଞ୍ଚ୍-ଟେବୁଲ୍‌ରେ ଆମେରିକାନ୍ ଯୁବତୀଟିର ସ୍ୱାମୀ ଆସି ଯୋଗ ଦେଇଥିଲା ।

"ମୋ ପୁଅ ହୋଜେ--" ଡନ୍ ଗାର୍ସିୟା କହିଲେ ।

ହୋଜେର ବୟସ ପଇଁତିରିଶି ପାଖାପାଖି । ହାଲ୍‌କା ନୀଳରଙ୍ଗର ଶାର୍ଟ ଓ ଧଳା ପ୍ୟାଣ୍ଟ୍ ତାକୁ ଖୁବ୍ ମାନୁଥିଲା । ହୋଜେ ତା'ର ତରୁଣୀ ସ୍ତ୍ରୀକୁ ଭୀଷଣ ଭଲପାଏ ଏବଂ ଶିଶୁକନ୍ୟାଟିକୁ ପ୍ରଚଣ୍ଡ ସ୍ନେହ କରେ । ବେଶି ସମୟ ସେ ନିଜ କଥାହିଁ କହିଥାଏ ।

ରାତିରେ ମୁଁ ମୋର ଅତ୍ୟନ୍ତ ସୁନ୍ଦର ଓ ସୁସଜ୍ଜିତ ଶୋଇବା ଘରକୁ ଗଲି । ସେଇ ଘରର ଜିନିଷପତ୍ର ଛୁଇଁବାକୁ ବି ଭୟ ଲାଗୁଥିଲା କାଳେ ମଇଳା ହୋଇଯିବ । ସେ ସମୟରେ ୱାଇ.ଡବ୍‌ଲ୍ୟୁ ସନ୍ତସନ୍ତିଆ ଘର ଏବଂ ଛୋଟ ମଶାରି, ମିସେସ୍ ସୋରେଲ୍ ଓ ସେଠାକାର ରଙ୍ଗଛଡ଼ା ଟେବୁଲ୍ ଚେୟାରର କଥା ଭୀଷଣ ଭାବେ ମନେ ପଡ଼ିଯାଏ ।

ଦୁଇଦିନ ପରେ ପ୍ରେଡୋସ୍ ପରିବାର ମୋ ସହିତ ରାଜଧାନୀକୁ ଫେରି ଆସିଲେ ।

ମା-ବାପାଙ୍କୁ ସେମାନଙ୍କ ସହରରେ ଓହ୍ଲାଇ ଦେଇ ହୋଜେ ମୋତେ ମୋର ଅସ୍ଥାୟୀ ଡେରାରେ ପହଞ୍ଚେଇ ଦେବା ପାଇଁ କ୍ୟାଡିଲାକ୍‌କୁ ପୁଣିଥରେ ଷ୍ଟାର୍ଟ ଦେଲା । ହୋଜେ ଏବଂ ତା'ର ସ୍ତ୍ରୀ ଡୋରେଥୀ ମାତ୍ର ଦୁଇ ସପ୍ତାହ ଆଗରୁ ଆମେରିକାରୁ ଫେରିଛନ୍ତି । ସେମାନଙ୍କର ପ୍ରଚୁର ଜିନିଷ-ପତ୍ର କଷ୍ଟମ ହାଉସ୍‌ରେ ପଡ଼ିଥିଲା । ସେଗୁଡ଼ିକୁ ଆଣିବାକୁ ତାଙ୍କର ଯିବା କଥା ।

ସହରର ସବୁଠାରୁ ବଡ଼ ହୋଟେଲ୍ ସମ୍ମୁଖରେ ହୋଜେ ଗାଡ଼ି ଅଟକେଇଲା ।

"ଏଠି କ'ଣ କରିବ ?" ମୁଁ ତାକୁ ପଚାରିଲି ।

"ତୁମେ ଏଇଠୁ ହିଁ ଉଠିଥିଲାନା କ'ଣ ପା ?"

"ନା-ନା । ମୁଁ ୱାଇ,ଡବ୍‌ଲ୍ୟୁ.ସି.ଏ ରୁ ଉଠିଛି ।"

"ୱାଇ-ଡବ୍‌ଲ୍ୟୁ- ? ଗୁଡ୍ ଗୁଡ୍ ! ଅଦ୍‌ଭୂତ କଥା । ଠିକ୍ ଅଛି । ସେଇଠିକି ଯାଉଛି । କିନ୍ତୁ ଏଠି କ'ଣ ଜାଗା ପାଇଲ ନାହିଁ ? ତୁମର ଉଚିତ୍ ଥିଲା ଆସି, ଡାଡିଙ୍କୁ ଖବର ଦେବା-- !"

ସେ ସମୟରେ ମୋର ହଠାତ୍ ମନେହୁଏ ଯେ ମୁଁ ପ୍ରତ୍ୟେକ ଶ୍ରେଣୀର ଲୋକଙ୍କୁ ନିଜ ସ୍ୱଭାବ ଦ୍ୱାରା ଅନ୍ତତପକ୍ଷେ ମାନସିକ ଭାବେ ସନ୍ତୁଷ୍ଟ କରି ଚାଲିଛି । କିନ୍ତୁ ହୋଜେ ଏବଂ ତା'ର ମା-ବାପା ଏଇ ଦେଶର ଦଶଜଣ ଧନୀକ ପରିବାର ମଧ୍ୟରୁ ଜଣେ ଏବଂ ଏଠିକାର ଶାସକ ଶ୍ରେଣୀର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ସେମାନଙ୍କର ଏଇଟା ବୁଝିବା ସମ୍ଭବ ନୁହେଁ ଯେ ୱାଇ.ଡବ୍‌ଲ୍ୟୁ ମୋତେ କାହିଁକି ଏତେ ଭଲ ଲାଗେ ଆଉ ସେଠାରେ ରହିବା ପାଇଁ ମୁଁ କାହିଁକି ଏତେ ଜିଦ୍ କରେ ।

ହୋଜେ ଗଳି ମୋଡ଼ରେ ଗାଡ଼ି ଅଟକେଇଲା । କାହିଁକିନା ଟ୍ୟାକ୍ସିର ଗୋଟେ ଲାଇନ୍ ସମଗ୍ର ରାସ୍ତାଟିକୁ ଘେରି ରହିଥିଲା । ୱାଇ.ଡବ୍‌ଲ୍ୟୁ ଭିତରେ ଯେତେବେଳେ ପ୍ରବେଶ କଲି ସମସ୍ତେ ଶୋଇପଡ଼ିଛନ୍ତି । ମୁଁ ଚୁପଚାପ୍ ଯାଇ ମଶାରି ଭିତରକୁ ପଶିଗଲି । କାରମନ୍ ନିୟମ ଅନୁଯାୟୀ ଚଟାଣରେ ଶୋଇଥିଲା । ତା' ମଥା ଉପରେ ଟଙ୍ଗାଯାଇଥିବା ସେଣ୍ଟ୍ ଟମାସ୍‌ର ଛବି ଉପରେ ଗଳିର ଲ୍ୟାମ୍ପପୋଷ୍ଟର ମୃଦୁ ଆଲୋକ ଆସି ପଡୁଥିଲା ।

ଭୋର୍ ଚାରିଟାରେ ଉଠି ପାଦ ଚାପି ଚାପି ଭଙ୍ଗା ସ୍ନାନଘରେ ପ୍ରବେଶ

କରି ଖୁବ୍ ଆସ୍ତେ କରି କଳ ଖୋଲିଲି । କିନ୍ତୁ ପାଣି ଏତେ ଜୋର୍‌ରେ ବାହାରିବା ଦେଖି ମୁଁ ଚମକି ପଡ଼ିଲି । ସେଇପରି ଚୁପ୍‌ଚାପ୍ କୋଠରିକୁ ଆସି ମୁଁ ଜିନିଷପତ୍ର ବାନ୍ଧିନେଲି ଯଦ୍ଦ୍ୱାରା କାରମନ୍‌ର ନିଦ ଭାଙ୍ଗିନଯାଏ। ଇତିମଧ୍ୟରେ ଦେଖିବାକୁ ପାଇଲି ଯେ ସେ ଚଟାଣରେ ନାହିଁ, କିଛି ସମୟ ପରେ ଆସି କହିଲା- ଜଳଖିଆ ରେଡି । ସେ ଟ୍ୟାକ୍ସି ପାଇଁ ମଧ୍ୟ ଫୋନ୍ କରିଦେଇଛି ।

"କିପରି କଟାଇଲେ- ?" ସେ ଚା ଢାଳୁ ଢାଳୁ ପଚାରିଥିଲା ।

"ଚମତ୍କାର !"

"ତୁମେ ଯେଉଁ ବଂଧୁମାନଙ୍କ ପାଖକୁ ଯାଇଥିଲ ସେମାନେ କିଏ ? ତୁମେ କହିଲ ନି ତ !"

ମୁଁ କହିବାକୁ ଯାଉଥିଲି ହଠାତ୍ ଗୋଟେ କଥା ମନେପଡ଼ିଗଲା । ମୁଁ ଶୀଘ୍ର ଘର ଭିତରକୁ ଯାଇ ସୁଟକେଶ୍ ଖୋଲିଲି । ଗୋଟେ ନୂଆ ବନାରସୀ ଶାଢ଼ୀ ବାହାର କରି ଖଣ୍ଡେ କାଗଜରେ ଲେଖିଲି--'ତୁମର ବିବାହ ପାଇଁ ମୋର ଅଗ୍ରିମ ଉପହାର' ଏବଂ ଶାଢ଼ୀ ଓ କାଗଜଟା କାରମନ୍ ତକିଆ ତଳେ ରଖିଦେଲି ।

"ଟ୍ୟାକ୍ସି ଆସିଯାଇଛି-"କାରମନ୍ ବାରଣ୍ଡାରୁ ଡାକ ଛାଡ଼ିଲା ।

ଆମେ ଦୁହେଁ ମିଶି ଜିନିଷପତ୍ର ଧରି ବାହାରକୁ ଆସିଲୁ । ମୁଁ ଟ୍ୟାକ୍ସିରେ ବସିପଡ଼ିଲି । ଏଇ ସମୟରେ କାରମନ୍ ଫାଟକର ଝରକା ଫାଙ୍କରେ ମଥା ପୂରାଇ ଚିତ୍କାର କରି କହିଲା- ଆରେ ତୁମେ ତୁମର ଠିକଣା ତ ଦେଲ ନାହିଁ।" ମୁଁ ଖଣ୍ଡେ କାଗଜରେ ନିଜର ଠିକଣା ଲେଖି ତା' ହାତରେ ଧରେଇ ଦେଲି । ତା'ପରେ ମୋର ବି ଅତ୍ୟନ୍ତ ଜରୁରୀ ଗୋଟେ କଥା ମନେପଡ଼ିଲା- "ବଡ଼ ଅସୁବିଧାଟିଏ ହୋଇଯାଇଛି କାରମନ୍ ! ତୁମ ୱାଇ.ଡବ୍ଲ୍ୟୁ ମୋତେ କୌଣସି ବିଲ୍ ଦେଲାନାହିଁ ।"

"ବେଶି କୁହନା ।"

"ଆରେ, ଏଇଟା ତ ତୁମର ନିଜ ଘର ନୁହଁ ।"

"ତୁମେ ମୋର ଅତିଥି ହିସାବରେ ଥିଲ ।"

"ଅସଂଗତ କଥା କୁହନା-- !"

"ତୁମେ ନିଜେ ବାଜେ କଥା କୁହନା; ବର୍ତ୍ତମାନ ବାହାରିପଡ଼ ନହେଲେ ହାୱାଇ ଜାହାଜ ଛାଡ଼ି ଦେବ । ଆଉ ମୁଁ ଯେତେବେଳେ ବିବାହ-କାର୍ଡ଼ ପଠାଇବି ତୁମକୁ ଆସିବାକୁ ପଡ଼ିବ । କୌଣସି ବାହାନା ଶୁଣିବିନି । ଭାବ ତ, ତୁମ ସହିତ ଆଳାପ କରି ନିକ୍ କେତେ ଖୁସି ହେବ ।"

କିନ୍ତୁ ଆମେ ଉଭୟ ଜାଣିଥିଲୁ ଯେ ଦ୍ୱିତୀୟଥର ଏତେଦୂର ଆସିବା ଅତ୍ୟନ୍ତ ମୁଶକିଲ୍ ।

"ଗୁଡ୍‌ବାଏ,କାରମନ୍ ।" ମୁଁ କହିଲି ।

"ଗୁଡ୍‌ବାଏ- !" ସେ ଝରକାରେ ମଥା ବାହାରକରି ଅନେକକ୍ଷଣ ଧରି ହାତ ହଲଉଥିଲା । ଟ୍ୟାକ୍ସି ସକାଳର କୁହୁଡ଼ି ଚିରି ଏୟାରପୋର୍ଟ ଆଡ଼କୁ ଚାଲିଲା।

ହାୱାଇ ଜାହାଜ ଛାଡ଼ିବା ଅପେକ୍ଷାରେ ଠିଆ ହୋଇଥିଲା । ମୁଁ କଷ୍ଟମସ୍ କାଉଣ୍ଟରରୁ ଫେରୁଥିଲି । ସେତେବେଳେ ପଛରୁ ଡନ୍ ଗାର୍ସିୟାର କଣ୍ଠସ୍ୱର ଶୁଣିବାକୁ ମିଳିଲା- "ନିକ୍, ମୁଁ ସିଗାରେଟ୍ କିଣି ଆଣେ ।"

"ଠିକ୍ ଅଛି ଡାଡି--" ଏଇଟା ଥିଲା ହୋଜେର କଣ୍ଠସ୍ୱର ।

ମୁଁ ଚମକି ପଛକୁ ବୁଲିପଡ଼ିଲି । ହୋଜେ ମୁରୁକି ହସି ମୋ ଆଡ଼କୁ ଆଗେଇ ଆସିଲା ।

"ଦେଖ, ଆମେ କେମିତି ଠିକ୍ ସମୟରେ ଆସି ପହଞ୍ଚିଯାଇଛନ୍ତି।"

"ହୋଜେ- !" ମୁଁ ବିଷଣ୍ଣ ମନରେ ପଚାରିଲି-" ତୁମର ଆଉ ଗୋଟେ ନାଆଁ କ'ଣ ?"

"ନିକ୍- ! ଡାଡି ମୋତେ ସ୍ନେହରେ ଏଇ ନାଆଁରେ ଡାକନ୍ତି । ନହେଲେ ସାଧାରଣତ ହୋଜେ ନାଆଁରେ ମୋତେ ଡକାଯାଏ । କାହିଁକି କ'ଣ ହେଇଚି ?"

"କିଛି ନୁହଁ ।" ମୁଁ ତା' ସହିତ ଲାଉଞ୍ଜ ଅଭିମୁଖେ ଆଗେଇବାକୁ ଲାଗିଲି-- "ତୁମେ ଆମେରିକାରେ କ'ଣ କରିବାକୁ ଯାଇଥିଲ ?" ମୁଁ ଧୀରେ ପଚାରିଲି ।

"ହାର୍ଟ ସର୍ଜରୀରେ ସ୍ପେସିଆଲାଇଜଡ୍ କରିବାକୁ-ତମକୁ କହିଥିଲି ତ, କାହିଁକି-- ?"

"ତୁମେ-ତୁମେ-କେବେ-ତୁମେ-"

"କାହିଁକି- ? କ'ଣ ହେଇଚି-ଘଟଣାଟା କ'ଣ ?"

"କିଛି ନୁହଁ-" ମୋର ସ୍ୱର ରୁଦ୍ଧ ହୋଇଯାଏ । ଲାଉଡ୍‌ସ୍ପିକରରେ ଘୋଷଣା ଆରମ୍ଭ ହୋଇଯାଏ- 'ପ୍ୟାନ ଆମେରିକାନ୍ ଯାତ୍ରୀମାନେ- ପ୍ୟାନ ଆମେରିକାନ୍ ଯାତ୍ରୀମାନେ- ।'

"ଆରେ ଏତେ ଶୀଘ୍ର ଛାଡ଼ିବାର ସମୟ ହୋଇଗଲା ?" ନିକ୍ ଅବାକ୍ ହୋଇ ଘଡ଼ି ଦେଖିଲା । ଡନ୍ ଗାର୍ସିୟା ସିଗାରେଟ୍ କିଣି ଆତ୍ମୀୟତାର ସହିତ ହସି ହସି ମୋ ଆଡ଼କୁ ଆସିଲେ । ମୁଁ ବାପ-ପୁଅ ଦୁହିଁଙ୍କୁ ଧନ୍ୟବାଦ ଦେଲି । ସେମାନଙ୍କୁ ଗୁଡ୍‌ବାଏ ଜଣେଇ ଯାତ୍ରୀମାନଙ୍କର ଲାଇନ୍‌ରେ ଯାଇ ଛିଡ଼ା ହେଲି।

ଛୁଟନ୍ତ ହାୱାଇ ଜାହାଜର ଝରକାରୁ ମୁଁ ଦେଖିଲି ଡନ୍ ଗାର୍ସିୟା ଏବଂ ନିକ୍ ତଳେ ରେଲିଂ ଧରି ରୁମାଲ ହଲଉଥିଲେ । ବିମାନ ମାଟି ଛାଡ଼ି ଉଡ଼ିବାକୁ ଆରମ୍ଭ କଲା । ଏଠୁ ଅନେକ ଦୂରରେ ବିପଜ୍ଜନକ ତୋଫାନ୍ ଘେରା ପୂର୍ବସାଗରରେ ଶ୍ୟାମଳ ଦ୍ୱୀପସମୂହର ଗୋଟାଏ ଅଂଶ ଯାହାକୁ ଫିଲପାଇନ୍ କୁହାଯାଏ, ତା'ର ଜୀବନ୍ତ ଚମକରେ ରାଜଧାନୀ ମାନିଲାର ଗୋଟେ ରଙ୍ଗହୀନ ଗାଁର ଗୋଟେ ଭଙ୍ଗା ଘରେ ଅସହାୟ ଚେପ୍‌ଟା ନାକ ଏବଂ ଦେବଦୂତ ଭଳି ନିଷ୍ପାପ ମନର ଝିଅଟିଏ ରହେ ଯିଏ ନିଜ ପିଲା ପାଇଁ ଖେଳନା ସଂଗ୍ରହ କରୁଥାଏ ଆଉ ନିଜ ଈଶ୍ୱରର ଫେରିଆସିବାର ପ୍ରତୀକ୍ଷାରେ ରହିଥାଏ, ଯାହାକୁ ସେ ପରିପୂର୍ଣ୍ଣ ବିଶ୍ୱାସ କରେ ।

*ଆଚାର୍ଯ୍ୟନଗର, ଭଦ୍ରକ*
*ଦୂରଭାଷ: ୮୭୬୩୩୫୧୪୦୯*

# ମୁଁ, ଏ ଯୁଗର କୁନ୍ତୀ କହୁଛି

ଶ୍ରୀ ଶଶିଭୂଷଣ ମହାନ୍ତି

ମୁଁ କୁନ୍ତୀ ଓରଫ୍ ମିନାକ୍ଷୀ କହୁଛି ମୋ ବିଗତ ଦିନର ଘଟଣା ବହୁଳ ଦିନଗୁଡ଼ିକ ସମ୍ବନ୍ଧରେ ।

ମୁଁ ମିନାକ୍ଷୀ । ହେତୁ ପାଇବା ପରେ ମୁଁ ଶୁଣିଥିଲି, ମୋ ଆଖି ଦୁଇଟି ଥିଲା ମୀନ ଆଖି ସଦୃଶ୍ୟ । ଯେଉଁଥିପାଇଁ ମୋ ମାଆ ମୋ ନାମ ରଖିଥିଲା ମିନାକ୍ଷୀ । ଆମ ଘର ପାଖରେ ଥିଲା ଏକ ଛୋଟ ପାର୍କ । ପାର୍କ ସଂଲଗ୍ନରେ ଥାଏ ଛୋଟ ପୁଷ୍କରଣୀଟିଏ । ସ୍କୁଲ ଛୁଟିପରେ ସେହି ପାର୍କର ଚର୍ତୁପାଶ୍ୱରେ ଘୂରି ବୁଲିବା ପାଇଁ ବେଶ୍ ପସନ୍ଦ କରୁଥିଲି । କ୍ଳାନ୍ତ ହୋଇ ଗଲେ ବସିପଡୁଥିଲି ପୁଷ୍କରଣୀର ପାହାଚ ଉପରେ । ଏପରିକି ସେଠାରେ ବସି ବସି ବେଳେ ବେଳେ ଢୋଳାଇ ପଡୁଥିଲି ଏବଂ ଅତର୍କିତ ଭାବେ ଜାଗିଉଠୁଥିଲି ପକ୍ଷୀମାନଙ୍କ କାକଳି ଶବ୍ଦରେ । ଏ ତ ଥିଲା ମୋ ବାଲ୍ୟ ବୟସର କଥା ।

ମୁଁ ବଡ଼ ହେଲି । ସ୍କୁଲ ଛାଡ଼ି କଲେଜକୁ ଗଲି । ମୋ ଶରୀର କଳେବର ବୃଦ୍ଧି ପାଇଲା । ମୋ ଦେହର ରଙ୍ଗ ବଦଳି ଗହମ ରଙ୍ଗ ପରି ଚମକିତ ଦେଲା । ମୋ ମୁଣ୍ଡରେ ଥିବା ଘଞ୍ଚ କଳା କେଶ-ରାଶି ଯାହାକି କମର ଯାଏ ଲୋଟିଥାଏ, ତାହା ସମସ୍ତ ଦେଖଣାହାରିଙ୍କ ଦୃଷ୍ଟି ଉପରେ କେନ୍ଦ୍ରିଭୂତ ହେବାରେ ମୋତେ ସାହାଯ୍ୟ କରିଥିଲା । ମୁଁ ହୋଇଯାଇଥିଲି ଅନିନ୍ଦ୍ୟ ସୁନ୍ଦରୀ । କଲେଜରେ ମୋର ଏକ ନୂତନ ନାମ ହେଲା 'କଲେଜ କୁଇନ୍' । ଏଥିପାଇଁ ମୋ ମନରେ ସୃଷ୍ଟି ହୋଇଥିଲା ଆତ୍ମ ଗର୍ବ । ମୋର ଲାବଣ୍ୟମୟୀ ଚେହେରା ପାଇଁ ଅନେକ ଯୁବକଙ୍କ ଆଖିରେ ଭ୍ରମ ସୃଷ୍ଟି ହେଉଥିଲା ମୁଁ କାଳେ ଅପସରୀ ନା ଆଉ କିଛି । ଯେଉଁଥିପାଇଁ ମୋ ମାଆ ମୋତେ ଅନେକ ସମୟରେ କହୁଥିଲା – "ବୁଝିଲୁ ମୀନା (ମୋ ଡାକ ନାମ) ଗୋଟିଏ ନାରୀ ପାଇଁ ସ୍ୱାଭିମାନ, ମର୍ଯ୍ୟାଦା ବହୁ ମୂଲ୍ୟବାନ । ତାକୁ ଦେଖି ଚଳୁଥିବୁ" ।

ଶୁଣିଥିଲି ମୋର ଅଶ୍ଳେଷା ନକ୍ଷତ୍ରରେ ଜନ୍ମ ହୋଇଥିବାରୁ କିଛି ବର୍ଷ ପାଇଁ ମୁଁ କାଳେ ପାପ ଗ୍ରହଙ୍କ ପ୍ରଭାବରେ ଘାଣ୍ଟିଚକଟି ହେବି । ସେଥିପାଇଁ ମନରେ ଟିକେ ଦୁଃଖ ଥିଲା । ବାପା ମାଆ ମଧ୍ୟ ଗ୍ରହଶାନ୍ତି ପାଇଁ ପୂଜାପାଠ କରୁଥିଲେ ।

ବାପା ଥିଲେ ଆମ କଲେଜର କେମିଷ୍ଟ୍ରି ଅଧ୍ୟାପକ ଓ ମାଆ ଥିଲେ ଏକ ରାଷ୍ଟ୍ରୀୟକରଣ ବ୍ୟାଙ୍କର ଜଣେ କର୍ମଚାରୀ । ବାପାଙ୍କ ପାଇଁ ଆମ କଲେଜର ପିଲାମାନଙ୍କର ମୋ ପ୍ରତି ଏତେଟା ଅଶ୍ଳୀଳ ବ୍ୟବହାର ନଥିଲା । ତଥାପି ବେଳେବେଳେ କିଛିଟା ଅଶ୍ଳୀଳତା ମୋ କାନରେ ମୋର ପଡୁଥିଲା । ହେଲେ ସେଗୁଡ଼ିକ ପ୍ରତି ମୁଁ ଏତେଟା ଧ୍ୟାନ ଦେଉନଥିଲି ।

ମୁଁ ବି.ଏସ୍‌ସି ପରୀକ୍ଷାରେ ଫାଷ୍ଟ କ୍ଳାସ୍ ଫାଷ୍ଟ କେମିଷ୍ଟ୍ରି ଅନର୍ସ ସହ ଡିସଟେନସନ୍ ପାଇ ପାସ୍ କରିଥିଲି । ସେ ପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ ଥିଲା । ତା'ପରେ କେମିଷ୍ଟ୍ରିରେ ପୋଷ୍ଟ ଗ୍ରାଜ୍ୟୁଏସନ୍ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଫର୍ମ ପକାଇବା ପାଇଁ ବାପା ମାଆ କହିଥିଲେ ଏବଂ ମୁଁ ମଧ୍ୟ ଆବେଦନ କରିଥିଲି । ଦିନେ ରାତିରେ ମୁଁ ଶୁଣିବାକୁ ପାଇଲି ବାପା ବୋଉକୁ କହୁଥାଆନ୍ତି – ଦେଖ ସୁନିତା, ମୀନା ଏବେ ୟୁନିଭରସିଟିକୁ ଯିବ । କ୍ଳାସ ନଥିବା ସମୟରେ ସେ ଘରକୁ ଫେରିବ । ସେତେବେଳେ ଆମେ ଦୁହେଁ କେହି ଘରେ ନଥିବା । ଝିଅଟା ଆମର ବେଶ୍ ବଡ ହୋଇଗଲାଣି । ଏକୁଟିଆ ହୋଇଯିବ । କେତେବେଳେ କେଉଁ କଥା କହିହେବନି । ଟଙ୍କା ପଇସାରେ ତ ଆମର ଅଭାବ ନାହିଁ । ତେଣୁ ତୁମେ ଚାକିରୀ ଛାଡ଼ିଦିଅ । ମାଆ ମଧ୍ୟ ସେଥିରେ ସହମତି ପ୍ରଦାନ କରିଥିଲା ।

ସେ ପର୍ଯ୍ୟନ୍ତ ମୋର ନାମଲେଖା ଇଣ୍ଟିମେସନ୍ ଲେଟର ଆସିନଥାଏ । ଯାହାହେଉ ସେଦିନ ରବିବାର ଥିବାରୁ ଦିନଟା ବାପା ମାଆଙ୍କ ସହିତ ଖୁସିରେ କଟିଗଲା । ସୋମବାର ଦିନ ବାପା କଲେଜକୁ ଗଲାପରେ ମାଆ ମୋତେ ଡାକି କହିଲା – ମୀନା, ମୁଁ ବ୍ୟାଙ୍କକୁ ଯାଉଛି । କବାଟ କିଳି ଦେ । ରୋଷେଇ ସରିଛି । ଖାଇଦେବୁ । କିଛି ଅସୁବିଧା ହେଲେ ଫୋନ୍ କରିବୁ । ସେ ଗଲାପରେ ମୁଁ କବାଟ କଳିଦେଇ ମୋ ରୁମ୍‌ର ଖଟ ଉପରେ ଗଡିପଡ଼ିଲି । ମନକୁ ମୋର ଆସିଥିଲା ସତରେ କ'ଣ ମୁଁ ଏତେ ସୁନ୍ଦର ? ଯେଉଁଥିପାଇଁ ବାପା ମାଆ ଡରୁଛନ୍ତି । ପୁରୁଷମାନେ ତ ରସିକିଆ । ସେଥିପାଇଁ ବାପା ମାଆଙ୍କ ମନରେ ସନ୍ଦେହ ଘନିଭୂତ ହେବାଟା ନିଶ୍ଚିତ । ଯାହାହେଉ ସେହିଦିନ ହିଁ ମୁଁ ଡାକ ଯୋଗେ ପାଇଥିଲି ମୋ ନାମ ଲେଖା ଇଣ୍ଟମେସନ୍ ଲେଟର । ପରଦିନ ବାପା ମାଆ ଛୁଟି ନେଇଥିଲେ । ସେମାନଙ୍କ ସାଙ୍ଗରେ ଯାଇ ନାମ ଲେଖାଇ ଘରକୁ ଫେରିଆସିଥିଲି ।

ଦୁଇଦିନ ପରେ ରୀତିମତ କ୍ଳାସ ଆରମ୍ଭ ହୋଇଥିଲା । ସେଦିନ ମୁଁ ଯାଇଥାଏ ପ୍ରଥମ କରି କ୍ଳାସ୍‌କୁ । ପରିଚିତ ହୋଇଥିଲା ମୋ ସହିତ ନାମ

ଲେଖାଇଥିବା ଅଞ୍ଜଳୀ ସହିତ । ସେ ବି ଦେଖିବା ପାଇଁ ଥିଲା ଖୁବ୍ ସୁନ୍ଦର । ହେଲେ ମୋ ଅପେକ୍ଷା ଅଧିକ କି ନା ଜାଣିପାରିନଥିଲି । ଯାହାହେଉ ସେଦିନ କ୍ଲାସ୍‌କୁ ପ୍ରବେଶ କରିବା ପୂର୍ବରୁ ବାରଣ୍ଡାରେ ତା' ସହିତ ସାକ୍ଷାତ ହୋଇଥିଲା ଏବଂ ସାଙ୍ଗ ହୋଇ ଆମେ ଦୁହେଁ କ୍ଲାସ୍ ରୁମ୍ ଭିତରକୁ ଯାଇଥିଲୁ । ପାଖା ପାଖି ହୋଇ ବସିଥିଲୁ । କିଛିଦିନର ମିଳାମିଶା ପରେ ଆମ ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ବଢିଥିଲା ।

କଲେଜକୁ ଯିବା ବାଟରେ ସେତେବେଳେ କିଛି କଷ୍ଟ ହେଉନଥିଲା କରଣ ମୋ ବାପାଙ୍କ ପାଇଁ । ବାପାଙ୍କ ପାଇଁ କୌଣସି ପୁରୁଷ ଛାତ୍ର ମୋତେ ଅନାଉନଥିଲେ । କିନ୍ତୁ ଏବେ ୟୁନିଭରସିଟିକୁ ଯିବା ଆସିବାବେଳେ ମୁଁ ଲକ୍ଷ୍ୟ କରିଛି ଅନେକ ପୁରୁଷ ଛାତ୍ର ମୋ ଆଡ଼େ ଅନାଇ ତାସ୍ଲ୍ୟ କରିବା ପାଇଁ ପଛାଉନଥିଲେ । ଅଞ୍ଜଳି କ୍ଷେତ୍ରରେ ଏପରି ନଥିଲା କାରଣ ତା' ବଡ଼ ଭାଇ ତାକୁ କାର୍‌ରେ ଆଣି ଛାଡ଼ିଦେଇଯାଉଥିଲେ ଏବଂ ଆସି ନେଇଯାଉଥିଲେ ଆମ ଡିପାର୍ଟମେଣ୍ଟ ପାଖରୁ । କିଛିଦିନ ପରେ ଦିନେ ଅଞ୍ଜଳି ମୋତେ ତା' ସହିତ ଯିବା ପାଇଁ କହିଥିଲା । ପିଲାଙ୍କ ଟାହିଟାପରାରୁ ବର୍ତ୍ତିବା ପାଇଁ ମୁଁ ମଧ୍ୟ ତା' ସହିତ ଯାଇଥିଲି । ଯାହାହେଉ ସେଦିନ ଅଞ୍ଜଳି ଓ ତା' ବଡ଼ ଭାଇ ଅଶୋକ ବାବୁ ମୋତେ ନେଇ ଆମ ଘର ପାଖରେ ଛାଡ଼ି ଦେଇଥିଲେ । ସେମାନଙ୍କୁ ଘରକୁ ଡାକିଥିଲି ହେଲେ ସେମାନେ ପରେ ଆସିବେ କହି ଫେରିଯାଇଥିଲେ । ସେଦିନ ରାତ୍ରି ଭୋଜନ ପରେ କବାଟ ବନ୍ଦ କରି ମୁଁ ମିରର ଆଗରେ ଠିଆ ହୋଇ ଦେଖିଥିଲି ମୋର ସୌନ୍ଦର୍ଯ୍ୟକୁ । କମ୍ପେୟାର କରିଥିଲି ଅଞ୍ଜଳି ଦେହ ସହିତ । ହେଲେ କିଛି ସାମଞ୍ଜସ୍ୟ ଥିବାର ଜାଣିପାରିନଥିଲି । ସେଦିନ କାହିଁକି କେଜାଣି ଅଞ୍ଜଳିର ଭାଇ ଅଶୋକ ବାବୁଙ୍କ ଚେହେରା ମୋତେ ଟିକେ ଆକର୍ଷିତ କରିଥିଲା । ବୟସ ବେଶି ହେବନି । ଯାହା ଅଞ୍ଜଳି ଠାରୁ ଶୁଣିଥିଲି ତା' ଭାଇ ତା' ଠାରୁ ଚାରି ବର୍ଷ ବଡ଼ । ଅନ୍ୟ କିଛି ଜାଣିନଥିଲି । କିନ୍ତୁ ଏତିକି ଜାଣିଥିଲି ସେ ଥିଲେ ପେସାରେ ଜଣେ ଓକିଲ । ସେହିଦିନ ଠାରୁ ଅଞ୍ଜଳି ଓ ତା' ଭାଇ ମୋତେ ଆଣି ଆମ ଘର ପାଖରେ ଛାଡ଼ି ଦେଇ ଯାଆନ୍ତି । ସବୁଦିନ ମୁଁ ଘରେ ପହଞ୍ଚିଲାବେଳକୁ ବାପା ବୋଉ ଘରକୁ ଆସିନଥାଆନ୍ତି । କେବେ ମୁଁ ସେମାନଙ୍କ ଆଗରେ ପ୍ରକାଶ କରିନି ଯେ ମୁଁ ଏବେ କିଛି ସମୟ ପାଇଁ ଏକୁଟିଆ ଥିଲି ଏବଂ ଅଞ୍ଜଳିର ଭାଇ ମୋତେ ଆଣି ଛାଡ଼ିଦେଇ ଯାଇଥିଲେ । ଏହା ମଧ୍ୟରେ ଟିକିଏ ଖାଲି ସମୟ ପାଇଲେ କାହିଁକି କେଜାଣି ଅଶୋକ ବାବୁଙ୍କ ଉପସ୍ଥିତି ମୁଁ ଅନୁଭବ କରିପାରୁଥିଲି । ୟୁନିଭରସିଟିରୁ ଅଞ୍ଜଳି ଗାଡ଼ିରେ ଆସିଲାବେଳେ ମୁଁ ଅନେକ ବାର ଠିକ୍ କରିଥାଏ ଅଶୋକ ବାବୁଙ୍କୁ କିଛିଟା ପଚାରିବା ପାଇଁ । ହେଲେ ପଚାରିପାରେନା । ଶେଷରେ ଅନାଉ ଅନାଉ ଗାଡ଼ି ଆସି ପହଞ୍ଚିଯାଉଥିଲା ଆମ ଘର ପାଖରେ, ମୁଁ ଓହ୍ଲାଇ ଯାଉଥିଲି, ଖାଲି ହାତ ହଲାଇ ଦେଇ ।

ଯାହାହେଉ ମୋର କ୍ଲାସ୍‌ରେ ଯୋଗ ଦେବାର ଦୁଇ ସପ୍ତାହ ପରେ ମାଆ ତା' ଚାକିରୀରୁ ଇସ୍ତଫା ଦେଇଥିଲା ଏବଂ ମୋତେ କହିଥିଲା ଦେଖ ମୀନା ବୟସ ବଢିବାରୁ ଆଉ କାମ କରିପାରୁନି । ଅଣ୍ଟା ବିନ୍ଧୁଛି । କଷ୍ଟ ମଧ୍ୟ ହେଉଛି । ତୋ ବାପାଙ୍କ କହିବାରୁ ସେ କହିଲେ ଚାକିରୀ ଛାଡ଼ି ଘରେ ରେଷ୍ଟ ନିଅ । ସେଥିପାଇଁ ଚାକିରୀ ଛାଡ଼ି ଦେଲି । ହେଲେ ଅସଲ କଥାଟି ସେଦିନ ସେ କହିନଥିଲା । କାରଣ ସେ ଥିଲା ନାରୀ, ସର୍ବଂସହା । ହେଲେ ମୁଁ ମଧ୍ୟ ଜଣେ ନାରୀ ଏବଂ ତା'ରି ଝିଅ । ସେଥିପାଇଁ ମୁଁ ଜାଣିଥିଲି ତା' ଚାକିରୀର ଛାଡ଼ିବାର କାରଣ । ଦେଖୁ ଦେଖୁ ମୋର ଚତୁର୍ଥ ସେମିଷ୍ଟାର ଶେଷ ହୋଇଗଲା । ମୁଁ ସବୁ ସେମିଷ୍ଟାର ପରୀକ୍ଷାରେ ଟପ୍ପର ହୋଇଥିଲି ।

ସେଦିନ ରବିବାର ଥାଏ । ମୁଁ ଆମ ଭିତର ପଟ ଅଗଣାରେ ବସି ପାଠ ପଢୁଥାଏ । ସେତେବେଳେ ଶୁଣିପାରିଲି ବାପା ବୋଉ ଆଗରେ ମୋ ବାହାଘରର ଏକ ପ୍ରସ୍ତାବ ଦେଉଥିବାର । – ପିଲାଟି କାଳେ ଏଇ କିଛି ବର୍ଷ ତଳେ ମେକାନିକାଲରେ ଇଞ୍ଜିନିୟରିଙ୍ଗ୍ ପାସ୍ କରି ଭୁବନେଶ୍ୱର ଠାରେ ଥିବା ଏକ ମଲ୍‌ଟିନ୍ୟାସନାଲ କମ୍ପାନୀରେ ଚାକିରୀ କରୁଛି । ଦେଖିବାକୁ ସୁନ୍ଦର । ଘର ଏଇ ପାଖରେ । ଏ କଥା ଶୁଣି ମନରେ ମୋର ଅସ୍ଥିରତା ଦେଖା ଦେଇଥିଲା । ଅନ୍ୟ କିଛି କାରଣ ପାଇଁ ନୁହେଁ ବରଂ ପାଠପଢା ପାଇଁ । ଯଦିଓ ମୁଁ ଏଇ କିଛିଦିନ ହେବ ଟିକେ ଆକୃଷ୍ଟ ହୋଇଯାଇଥିଲି ମୋ ବାନ୍ଧବୀ ଅଞ୍ଜଳୀର ବଡ଼ ଭାଇ ଅଶୋକ ବାବୁଙ୍କ ଆଡ଼କୁ ହେଲେ ହୃଦୟ ଦେଇନଥିଲି । କାରଣ ମୁଁ ଜାଣିଥିଲି ନାରୀ ଯାହାକୁ ଥରେ ହୃଦୟ ଦେଇଦିଏ ତାକୁ କେବେ ଭୁଲି ପାରେନା । ଯାହାହେଉ ମୋର ଆଉ ମାତ୍ର ଦୁଇଟି ସେମିଷ୍ଟାର ବାକି ଥାଏ । ସେହି ପିଲାଟି ସହିତ ବାହାଘର ହୋଇଗଲା । ମୋ ଶାଶୁ ଘର ଲୋକେ ବିଶେଷ କରି ମୋର ସ୍ୱାମୀ ମୋତେ ଅନୁମତି ଦେଇଥାଆନ୍ତି ପି.ଜି ପରୀକ୍ଷା ଶେଷ କରିବା ପାଇଁ । ସେଥିପାଇଁ ବାପାଙ୍କ ସହିତ କଥାବାର୍ତ୍ତା ହୋଇଥାଆନ୍ତି – ମୁଁ ବିବାହର ମାସକ ପରେ ଆସି ଆମ ଘରେ ପରୀକ୍ଷା ଶେଷ ପର୍ଯ୍ୟନ୍ତ ରହିବା ପାଇଁ । ସେଦିନ ବାହାଘର ସରିଲା । ଭୋଜି ସରୁସରୁ ରାତି ଅନେକ ହୋଇଯାଇଥାଏ । ମୁଁ ଶୋଇବା ଘରେ ସ୍ୱାମୀଙ୍କ ଅପେକ୍ଷାରେ ଥାଏ । ବସି ଭାବୁଥାଏ ... ସେ ଆସିବେ । ମୋ ଉପରେ ଥିବା ତାଙ୍କର ସମ୍ପୂର୍ଣ୍ଣ ଅଧିକାର ସାବ୍ୟସ୍ତ କରିବେ । ଭାବିଲା ବେଳେ ମୁଁ ଲାଜେଇ ଯାଇଥିଲି । ହେଲେ ସେପରି କିଛି ହେଲା ନାହିଁ । ସେ ଅନେକ ସମୟ ପରେ ଘରର ପରଦା ଆଡ଼େଇ ଫଗୁଣର ମଳୟ ପବନ ଭଳି ପଶିଆସିଥିଲେ ସତ ହେଲେ ମଳୟ ପବନ ନଥିଲା । ଥିଲାକେବଳ ମଦର ଗନ୍ଧ । ଟଳି ଟଳି ପାଖକୁ ଆସି ଖାଲି ଏତିକି କହିଲେ – ମୁଁ ସାଙ୍ଗ ସାଥିଙ୍କ ମେଳରେ ଟିକେ ପିଇ ଦେଇଛି । ଭଲ ଲାଗୁନି । ତୁମେ ଶୋଇପଡ଼ । ତା' ପରେ ସେ ସୋଫା ଉପରେ ଶୋଇଯାଇଥିଲେ । ଶେଷରେ ମୁଁ ଅଲାଜୁକିଙ୍କ ଭଳି କବାଟ ବନ୍ଦ କରି ରାତି ସାରା ବାସର ରାତିର ଖଟରେ ବସି ରହିଥିଲି । ପରଦିନ ଭୋରୁ କେହି ଜଣେ ମୋତେ ଆସି ନେଇଯାଇଥିଲେ ସେଠାରୁ । ପରେ ଅବଶ୍ୟ ଶୁଣିଥିଲି ସେ ଥିଲେ ମୋ ବଡ଼ ନଣନ୍ଦ । ସେଦିନ ବାଥ୍ ରୁମ୍‌ରେ ସାୱାର ଖୋଲି ତା' ତଳେ ଠିଆ ହୋଇ ଅନେକବେଳ ପର୍ଯ୍ୟନ୍ତ କାନ୍ଦିଛି ।

ଏକ ମାସ ବିତିଗଲା । ମୋର ଆମ ଘରକୁ ଫେରିଆସିବାର ଦିନ । ସେ ପର୍ଯ୍ୟନ୍ତ କୌଣସି ଦିନ ରାତିରେ ସ୍ୱାମୀଙ୍କ ଚେହେରା କ'ଣ ମୁଁ ଦେଖିପାରିନଥିଲି । ସବୁଦିନ ସେ ଅନେକ ରାତିରେ ଘରକୁ ଫେରନ୍ତି । ଖାଇଦେଇ କୁହନ୍ତି, ଅଫିସ୍‌ରେ ବହୁତ କାର୍ଯ୍ୟବ୍ୟସ୍ତ ପାଇଁ ଟାଏଡ୍ ହୋଇଯାଇଛି । ତା'ପରେ ଶୋଇ ପଡନ୍ତି । କିନ୍ତୁ ମୁଁ କିଛି ଜାଣିପାରେନା ଭିତିରି ରହସ୍ୟ ଟା କ'ଣ । ଯାହାହେଉ ସେଦିନ ସନ୍ଧ୍ୟାରେ ସେ ନିଜେ ଆଣି ମୋତେ ଆମ ଘରେ ଛାଡ଼ି ଦେଇ ଫେରିଯାଇଥିଲେ । ବାପା ବୋଉ

ଅଟକାଉଥିଲେ । ହେଲେ କାମ ଅଛି କହି ଫେରିଆସିଥିଲେ । ମନ ଓ ଦେହର ଓରମାନ୍ ମେଣ୍ଟାଇବା ପାଇଁ ମୁଁ ତାଙ୍କୁ ପ୍ରାୟ ଫୋନ୍ କରି କୁହେ ଆମ ଘରକୁ ଆସିବା ପାଇଁ । ହେଲେ 'ହଁ ଯିବି' କହି ସେ ଆସନ୍ତି ନାହିଁ। ଜାଣିଥିଲି ଆକାଂକ୍ଷାର ମୃତ୍ୟୁ ନାହିଁ । ହେଲେ ତା' ମୋ ପକ୍ଷେ ତାହା ଠିକ୍ ନଥିଲା । କାରଣ ସେହି ଆକାଂକ୍ଷାର ପ୍ରତିଥର ମୋ ପାଖରେ ମୃତ୍ୟୁ ଘଟିଥିଲା ଏବଂ ଜନ୍ମ ନେଉଥିଲା ଏକ ନୂତନ ଆଶା । ଯେପରି ମହାଭାରତରେ କୁନ୍ତୀଙ୍କର ଗୋପନ ପ୍ରଣୟରେ କର୍ଣ୍ଣଙ୍କର ଜନ୍ମ ତା'ପରେ ତାଙ୍କର ଏକ ନୂତନ ଆଶାର ସଂଚାର ଭଳି । ବୋଉ ବେଳେ ବେଳେ ମୋତେ ପଚାରେ ନିଜ ଜ୍ୱାଇଁଙ୍କ ବିଷୟରେ ହେଲେ କିଛିନା କିଛି କହି ଚଳାଇ ନିଏ । ଖାଦ୍ୟ ଓ ମୈଥୁନ ପ୍ରାଣୀ ଜଗତ ପାଇଁ ଅଙ୍ଗିକାର ଭାବେ ଜଡ଼ିତ ଜାଣି ସୁଧା ମୁଁ ନୀରବ ରହୁଥିଲି । ସେ ପର୍ଯ୍ୟନ୍ତ ଶାଶୁ, ଶ୍ୱଶୁର ଓ ବଡ଼ ନଣନ୍ଦଙ୍କର ବ୍ୟବହାରରେ କେବେ ହେଲେ ମୁଁ ଦୁଃଖ ପାଇନଥିଲି ।

ଯାହାହେଉ ଚାହୁଁ ଚାହୁଁ ମୋର ପି.ଜି ପରୀକ୍ଷା ଶେଷ ହୋଇଗଲା। ବାପା ମାଆ ମୋ ଶାଶୁ ଶ୍ୱଶୁରଙ୍କୁ ମୋ ଯିବା କଥା କହିଲେ । ହେଲେ ଶାଶୁ ଶ୍ୱଶୁର କହିଲେ – ପୁଅ ତ ଆମର ଅଫିସ୍ କାମରେ ଦୁବାଇ ଯାଇଛି। ସେ ଫେରିଆସିଲେ ଆମେ ଖବର ଦେବୁ । ଶେଷରେ ମୁଁ ଆମ ଘରେ ରହିଲି । କିଛି ଦିନ ପରେ ମୋର ପରୀକ୍ଷା ଫଳ ବାହାରିଲା । ମୁଁ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇ ଗୋଲ୍ଡ ମେଡାଲ ପାଇଥାଏ । ତେଣୁ ଆମ ଘରେ ସମସ୍ତଙ୍କ ମନ ବହୁତ ଖୁସି ଥାଏ । ମୁଁ ମଧ୍ୟ ସେଦିନ ଫୋନ୍ ଯୋଗେ ତାଙ୍କୁ ଜଣାଇଦେଇଥିଲି ଏବଂ ପଚାରିଥିଲି କେବେ ଫେରୁଛନ୍ତି। ଏହି ଦୁଇଦିନ ମଧ୍ୟରେ ସେ ଆସିବେ ବୋଲି କହିଥିଲେ । ହେଲେ ମୋ ଯିବା କଥା କିଛି କହିନଥିଲେ । ଶାଶୁ ଘରୁ ଏପରିକି ସ୍ୱାମୀଙ୍କ ଠାରୁ ମୁଁ ଖବର ପ୍ରତିକ୍ଷାରେ ଥାଏ କେବେ ଯିବାର । ମୁଁ ଏକୁଟିଆ ନୁହେଁ ମୋ ବାପା ମାଆ ମଧ୍ୟ ଅପେକ୍ଷାରେ ଥାଆନ୍ତି । ଶାଶୁ ଘରକୁ ଯିବା ପାଇଁ ଏହା ମଧ୍ୟରେ ମୁଁ କିଛିଟା ଦାମି ପରଫ୍ୟୁମ୍ ସହିତ ଲାଟେଷ୍ଟ ଡିଜାଇନ୍‌ର ଶାଢୀ ଓ ମ୍ୟାଚିଙ୍ଗ୍ ବ୍ଲାଉଜ୍ କିଣିସାରିଥାଏ । ହେଲେ ଖବର କିଛି ଆସୁନଥାଏ ମୋ ଯିବା ପାଇଁ । ଶେଷରେ ବାପା ଦିନେ ଶ୍ୱଶୁରଙ୍କୁ ଫୋନ୍ କରି ପଚାରିଲେ। ସେ ଉତ୍ତର ରଖିଲେ ଯେ – କାଲି ଭଲ ବାର ଅଛି । ଆଣି ଛାଡ଼ି ଦେଇ ଯାଆନ୍ତୁ । ମନଟା ଟିକେ ଖୁସି ହୋଇଥିଲା ଏବଂ ପରଦିନ ସକାଳୁ ସମସ୍ତ ପ୍ରକାର ବିଧି ଅନୁସାରେ ବାପା ମାଆ ମୋତେ ନେଇ ଛାଡ଼ିଦେଇ ଆସିଥିଲେ ମୋ ଶାଶୁ ଘରେ ।

ଦେଖୁ ଦେଖୁ ଶାଶୁ ଘରକୁ ଆସିବାର ମୋର ଦୁଇ ଦିନ ହୋଇଯାଇଥାଏ । ପୂର୍ବ ପରି ସେ ଅନେକ ରାତିରେ ମଦ ପିଇ ଘରକୁ ଫେରନ୍ତି ଏବଂ ଶୋଇଯାଆନ୍ତି । ସେଥିପାଇଁ ଲୁଚି ଲୁଚି ମୁଁ ସିନା ଆଖିରୁ ଲୁହ ଗଡାଏ । ହେଲେ ମୋ ପାଖରେ ଅନ୍ୟ କିଛି ଉପାୟ ନଥାଏ । ମନେ ମନେ ଭାବି ନିଏ ସତରେ କ'ଣ ସ୍ୱାମୀ ମୋର ଅସମର୍ଥ ନା ଅନ୍ୟ କିଛି। ତେଣୁ କାହାକୁ କହିବି । କଥାରେ ଅଛି ପରା 'ଅଜାଗା ଘା' ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ ।'

ସେଦିନ ରାତିରେ ଘରର ଆମେ ସମସ୍ତେ, କେବଳ ମୋ ସ୍ୱାମୀଙ୍କୁ ଛାଡ଼ି, ଉପଭୋଗ କରୁଥିଲୁ ଟି.ଭି ର କୌଣସି ଏକ ଚ୍ୟାନେଲ୍‌ରେ ପ୍ରସାରିତ ହେଉଥିବା ହିନ୍ଦୀ ଧାରାବାହିକ ମହାଭାରତର ସେହି ଅଂଶଟି ଯେଉଁ ଅଂଶରେ ହସ୍ତିନା ନରେଶ ମହାରାଜ ପାଣ୍ଡୁ ଅତ୍ୟନ୍ତ ଦୁଃଖରେ ନିଜ ପତ୍ନୀ କୁନ୍ତୀଙ୍କୁ କହୁଥାଆନ୍ତି ପାଇଥିବା ଅଭିଶାପର ସମସ୍ତ ବୃତ୍ତାନ୍ତ – ଦେଖ କୁନ୍ତୀ, କିଂଦମ୍ ମୁନିଙ୍କ ଦ୍ୱାରା ମୁଁ ଅଭିଶପ୍ତ, ଏଇଥି ପାଇଁ ଯେ କାମରତ ଅର୍ଦ୍ଧତୃପ୍ତ ମୃଗ ରୂପି ମୁନି କିଂଦମ୍‌ଙ୍କୁ ବଧ କରିଥିଲି । ଏହାର ଫଳ ସ୍ୱରୂପ ସେ ମୋତେ ଅଭିଶାପ ଦେଇଥିଲେ, ଯେତେବେଳେ ମୁଁ ନିଜେ ରତୀକିୟାରେ ବ୍ୟକ୍ତ ରହିବି, ତତ୍‌କ୍ଷଣାତ୍ ମୋର ମୃତ୍ୟୁ ଘଟିବ । ତେଣୁ ମୁଁ ସ୍ଥିର କରିଛି ବନକୁ ଯାଇ ସେଠାରେ ବ୍ରହ୍ମଚର୍ଯ୍ୟ ପାଳନ କରିବି । ଯାହାଦ୍ୱାରା କି ମୁଁ ଅଭିଶାପରୁ ମୁକ୍ତ ପାଇପାରିବି । ଏହି କଥୋପ କଥନ ସମୟରେ ପାଣ୍ଡୁଙ୍କ ଦ୍ୱିତୀୟ ପତ୍ନୀ ମାଦ୍ରୀ ସେଠାରେ ଉପସ୍ଥିତ ରହି ଶୁଣୁଥିଲେ ସମସ୍ତ ବୃତ୍ତାନ୍ତ । ତତ୍‌କ୍ଷଣାତ୍ ପତ୍ନୀ ଦୁହେଁ ପାଣ୍ଡୁଙ୍କୁ ଅନୁରୋଧ କରି କହିଲେ – "ମହାରାଜ ଆପଣ ପ୍ରାସାଦରେ ରହି ବ୍ରହ୍ମଚର୍ଯ୍ୟ-ଜୀବନ ଯାପନ କରନ୍ତୁ ଏବଂ ଏହି ପ୍ରତିଶୃତି ଆମ୍ଭେ ଦୁହେଁ ଆପଣଙ୍କୁ ଦେଉଛୁ ଯେ ଆମେ ଦୁହେଁ ସଦା ସର୍ବଦା କାମନା – ଭାବନା ଠାରୁ ଆପଣଙ୍କୁ ଦୂରେଇ ରଖିବୁ । ପାଣ୍ଡୁ ସେଥିରେ ରାଜି ହୋଇଥିଲେ ସତ ହେଲେ ପୁଣି କହିଥିଲେ ଦେଖ ଭଦ୍ରେ ଆମେ ଯଦି ନିଃସନ୍ତାନ ହୋଇ ସଂସାରରୁ ବିଦାୟ ନେବା ତେବେ ଆମ ପୂର୍ବ ପୁରୁଷ କାହାଠାରୁ ପାଣି ଗ୍ରହଣ କରିବେ ? ତେଣୁ ବଂଶ ରକ୍ଷା ପାଇଁ 'ସର୍ବଶ୍ରେଷ୍ଠ ପୁରୁଷଙ୍କ ଦ୍ୱାରା ସନ୍ତାନ ପ୍ରାପ୍ତି', ଶାସ୍ତ୍ର ସମ୍ମତ । ତାହା ତୁମେ କରିପାର । ତା'ପରେ କୁନ୍ତୀ କର୍ଣ୍ଣଙ୍କ ଜନ୍ମ ବୃତ୍ତାନ୍ତ ଭାବି ମନେ ମନେ ଖୁସି ହୋଇଥିଲେ । ତେଣୁ ସେ କହିଲେ ପରପୁରଷ କାହିଁକି, ମୁଁ ପିଲାଦିନେ ମହର୍ଷି ଦୁର୍ବାଷାଙ୍କ ଠାରୁ ବର ପାଇଥିଲି ଯେ, ମୁଁ ଯେଉଁ ଦେବତାଙ୍କୁ ମନେ ମନେ ଜପ କରି ଆମନ୍ତ୍ରଣ କରିବି ତାଙ୍କ ଠାରୁ ହିଁ ପୁତ୍ର ପ୍ରାପ୍ତ କରିପାରିବି । ଏକଥାରେ ପାଣ୍ଡୁ ଖୁସି ହୋଇଥିଲେ ଏବଂ କୁନ୍ତୀଙ୍କୁ ମନ୍ତ୍ରର ପ୍ରୟୋଗ କରିବାକୁ କହିବାରୁ କୁନ୍ତୀ ଧର୍ମରାଜ, ପବନ ଓ ଇନ୍ଦ୍ରଙ୍କୁ ସମୟ କ୍ରମେ ଆମନ୍ତ୍ରଣ କରିବାରୁ ତଦନୁଯାୟୀ ଯୁଧିଷ୍ଠିର, ଭୀମ ଓ ଅର୍ଜୁନଙ୍କର ଜନ୍ମ ହୋଇଥିଲା । କିନ୍ତୁ କୁନ୍ତୀଙ୍କର ପ୍ରଥମ ପୁତ୍ର କର୍ଣ୍ଣର ଜନ୍ମ ଯେପରି ଲୁକକାୟିତ ହୋଇ ରହିଥିଲା ସେହିପରି ମୋର ମଧ୍ୟ ବିବାହ ପରେ ବୈବାହିକ ଜୀବନ ସମ୍ବନ୍ଧଟି ଲୁକକାୟିତ ହୋଇ ରହିଯାଇଥିଲା । କୁନ୍ତୀ ତିନି ପୁତ୍ରଙ୍କର ଜନନୀ ହେବା ପରେ ମାଦ୍ରୀ ଦୁଃଖ କରି କୁନ୍ତୀଙ୍କୁ ସେ ମନ୍ତ୍ର ତାଙ୍କୁ କହିବା ପାଇଁ ଅନୁରୋଧ କରିଥିଲେ ଏବଂ କୁନ୍ତୀ ମାଦ୍ରୀଙ୍କୁ ସେହି ମନ୍ତ୍ର କହିଥିଲେ । ଶେଷରେ ମାଦ୍ରୀ ଯମରାଜାଙ୍କ ଦେବ ବୈଦ୍ୟେ ଅଶ୍ୱିନୀକୁମାରଙ୍କୁ ମନ୍ତ୍ର ଦ୍ୱାରା ଆମନ୍ତ୍ରଣ କରି ଦୁଇଟି ଯାଆଁଳା ପୁତ୍ରର ଜନନୀ ହେବାର ଗୌରବ ମଣ୍ଡନ କରିଥିଲେ । ଯାହାଙ୍କର ନାମ ଥିଲା ନକୁଳ ଓ ସହଦେବ । କିଛିଦିନ ପରେ ପାଣ୍ଡୁ ପତ୍ନୀ ଓ ପୁତ୍ରମାନଙ୍କୁ ଧରି ଶିକାର ଉଦ୍ଦେଶ୍ୟରେ ବନକୁ ଯାଇଥିଲେ । ସାଙ୍ଗରେ ସୈନ୍ୟ ସମାନ୍ତ । କୁନ୍ତୀଙ୍କ ସହ ପାଞ୍ଚ ପୁତ୍ରଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହିବାକୁ କହି ପାଣ୍ଡୁ ମାଦ୍ରୀଙ୍କୁ ଧରି ଘୋର ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ ଶିକାର ଉଦ୍ଦେଶ୍ୟରେ । ସେତେବେଳେ ବସନ୍ତ ଋତୁର ଆଗମନ । ଶୀତଳ ପବନ ସାଙ୍ଗକୁ ମହାରାଜ ମାଦକ ରସ ସେବନ କରିଥିବାରୁ ତାଙ୍କର କାମୋଚ୍ଛା ଜାଗ୍ରତ ହୋଇଥିଲା । ତେଣୁ ସେ ମାଦ୍ରୀଙ୍କ ସହ ପ୍ରଣୟ କ୍ରୀୟା ପାଇଁ ଅଗ୍ରସର ହେବାରୁ ମାଦ୍ରୀ ବାରଣ କରି ମୁନିଙ୍କ ଅଭିଶାପ ମନେ ପକାଇ

ଦେଇଥିଲେ ହେଲେ ମହାରାଜ ପାଣ୍ଡୁ ସେ ସବୁକୁ ଶୁଣିନଥିଲେ ଏବଂ ରତି କ୍ରିୟା କରିଥିଲେ ଯେଉଁଥିପାଇଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଶେଷରେ କୁନ୍ତୀ ଓ ସୈନ୍ୟ ସାମନ୍ତଙ୍କ ଉପସ୍ଥିତିରେ ସେହିଠାରେ ହିଁ ମହାରାଜଙ୍କ ଚିତାରେ ଅଗ୍ନି ସଂଯୋଗ କରାଯାଇଥିଲା ଏବଂ ନିଜେ ନିଜକୁ ଦାୟୀ କରି ମାଦ୍ରୀ ସେହି ଚିତାରେ ଝାସ ଦେଇଥିଲେ । ପାଞ୍ଚ ପୁତ୍ରଙ୍କୁ ଧରି କୁନ୍ତୀ ଫେରିଥିଲେ ନଅରକୁ ଏବଂ ସେହିଠାରେ ଶେଷ ହୋଇଥିଲା ସେଦିନର ପ୍ରସାରଣ । ସେଠାରୁ ମୁଁ ଫେରିଆସିଥିଲି ମୋ ରୁମ୍‌କୁ । ଖଟ ଉପରେ ବସିପଡି ଭାବିଥିଲି – ବୋଧହୁଏ ମୋ ସ୍ୱାମୀ ପୂର୍ବଜନ୍ମରେ ଅଭିଶପ୍ତ ଥିଲେ । ଏ କଥା ମନକୁ ଆସି ମନ ମୋର ବ୍ୟଥା ହେଉଥିଲା ।

ପରଦିନ ମୋର ଜନ୍ମଦିନ ଥାଏ । ଜନ୍ମ ଦିନ କଥା ଶାଶୁ ଶ୍ୱଶୁର ସମସ୍ତେ ଜାଣିଥାଆନ୍ତି । ମୁଁ ଶାଶୁଘରକୁ ଆସିବା ଦିନ ବାପା ମାଆ ମୋ ପାଇଁ ନୂଆ ଶାଢୀ ଓ ତାଙ୍କ ପାଇଁ ପ୍ୟାଣ୍ଟ ସାର୍ଟ ଦେଇଥିଲେ । ସକାଳୁ ଉଠି ନିଜର ନିତ୍ୟକର୍ମ ସାରି ଶାଶୁ ଶ୍ୱଶୁରଙ୍କୁ ଦଣ୍ଡବତ ହେବା ପରେ ଯାଇଥିଲି ମୋ ସ୍ୱାମୀଙ୍କ ପାଖକୁ ଆଶୀର୍ବାଦ ପାଇଁ । ସେ ଖଟରେ ଉପରେ ବସିଥାଆନ୍ତି । ମୁଁ ତାଙ୍କୁ ମୁଣ୍ଡିଆ ମାରିବା ପାଇଁ ନଇଁଲା ବେଳେ ସେ ମୋତେ ଧରିପକାଇ ଧରାଇ ଦେଇଥିଲେ ଗୋଟେ ଲଫାପା । ଭାବିଥିଲି ବୋଧହୁଏ କିଛିଟା ଗିଫ୍ଟ । ଟିକିଏ ସମୟ ପାଇଁ ଖୁସି ହୋଇଯାଇଥିଲି । ଖୋଲିଥିଲି ସେହି ଲଫାପାକୁ ଏବଂ ସେଥିରୁ ପାଇଥିଲି ଛାଡ ପତ୍ରର ଏକ ଲେଟର, ମୋର ଦସ୍ତଖତ ପାଇଁ । ସେତେବେଳକୁ ମୁଁ ଶୁଣିବାକୁ ପାଇଥିଲି ମୋ ବାପା ବୋଉ ଆସି ସେଠାରେ ପହଞ୍ଚିସାରିଥିବାର । ବୋଧହୁଏ ଆଗରୁ ତାଙ୍କୁ ଖବର ଦିଆଯାଇସାରିଥାଏ । କିଛି ବୁଝି ପାରିଲି ନାହିଁ । କ'ଣ ପାଇଁ ଏ ଛାଡ଼ ପତ୍ର ? କ'ଣ ବା ମୋର ଦୋଷ, ଜାଣିବା ମୋ ପକ୍ଷେ କଷ୍ଟ କର ହେଲା । ତା' ପରେ ସେ ଧରିଥିବା କଲମକୁ ତାଙ୍କ ହାତରୁ ଟାଣି ଆଣି ସେହି ଲେଟର ଉପରେ ମୋର ଦସ୍ତଖତ କରି ତାଙ୍କୁ ଧରାଇ ଦେଇ ଫେରିଆସିଥିଲି ସେଠାରୁ । ଦାଣ୍ଡ ଘରେ ବାପା ମାଆ ଠିଆ ହୋଇଥାଆନ୍ତି । କାହାକୁ କିଛି ନକହି ଘର ଛାଡ଼ି ବାହାରି ଆସିଲି ବାହାରକୁ । ଦେଖିଲି ବାପା ବୋଉ ମୋ ପଛେ ପଛେ ଏବଂ ଫେରିଥିଲୁ ଆମେ ସମସ୍ତେ ଆମ ଘରକୁ । ସେହିଦିନ ରାତିରେ ହିଁ ମୋ ବାପାଙ୍କର ହାର୍ଟଆଟାକ୍‌ରେ ମୃତ୍ୟୁ ଘଟିଲା । ଯାହା କି ମୁଁ ଅନୁମାନ କରିଥିଲି ତାଙ୍କର ମୋ ପାଇଁ ବର ଖୋଜିବାରେ କିଛିଟା ତ୍ରୁଟି ଥିବାରୁ ଏପରି ଘଟିଲା । ଯାହାହେଉ ମୁଁ ନିଜେ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାର ସମସ୍ତ କାର୍ଯ୍ୟ କରିଥିଲି ।

କିଛି ଦିନ ପରର ଘଟଣା । ସେତେବେଳକୁ ମୁଁ ମଧ୍ୟ ବାପାଙ୍କ ଚାକିରୀରେ ମନୋନିତ ହୋଇ ନିଯୁକ୍ତି ପତ୍ର ପାଇସାରିଥାଏ । ସନ୍ଧ୍ୟା ସମୟ । ମୁଁ ଆମ ଘର ବଗିଚା ପାଖରେ ଥିବା ପୋଖରୀର ପାହାଚ ଉପରେ ବସି ଭାବୁଥାଏ ମୋ ଉପେକ୍ଷିତ ଜୀବନର କାହାଣୀ କଥା । ହଠାତ୍ ମୋ ବାନ୍ଧବୀ ଅଞ୍ଜଳି ଓ ତା'ର ଭାଇ ଅଶୋକ ବାବୁ ଆସି ପହଞ୍ଚିଥିଲେ ସେଠାରେ । ଅଞ୍ଜଳୀ ସାଙ୍ଗରେ ଥାଏ ତା'ର ଏକ ବର୍ଷର ପୁଅଟି । ଆମେ ସମସ୍ତେ ସେଠାରୁ ଘର ଭିତରକୁ ଫେରିଆସିଥିଲୁ । ବୋଉ ମଧ୍ୟ ଆସିଥିଲା । ଡ୍ରଇଂ ରୁମ୍‌ରେ ବସି କଥାବାର୍ତ୍ତା ହେଉଥିବା ସମୟରେ ଅଞ୍ଜଳୀ ଅଶୋକ ବାବୁଙ୍କ ସହିତ ମୋର ବାହାଘର ପ୍ରସ୍ତାବ ଉଥାପନ କରି ବୋଉକୁ କହିଲା – "ମାଉସୀ ମୋ ବଡ଼ ଭାଇଙ୍କର ସ୍ତ୍ରୀ ଏହି ପନ୍ଦର ଦିନ ତଳେ ଏକ ରୋଡ ଆକ୍ସିଡେଣ୍ଟରେ ମରିଗଲେ । ତା'ର ଦୁଇ ମାସର ଦୁଇଟି ଯାଆଁଳା ପୁଅ । ମିନାକ୍ଷୀର ଖବର ମୁଁ ଭାଇଙ୍କ ଠାରୁ ଶୁଣିଥିଲି । କାରଣ ଭାଇ ହିଁ ସେହି ଝାଡ଼ପତ୍ର କେସ୍‌ର ଓକିଲ ଥିଲେ । ହଠାତ୍ ଏକଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ମୋର ସନ୍ଦେହ ହୋଇଥିଲା । ଯେଉଁ ଓକିଲ ମୋର ଛାଡ଼ପତ୍ର କରାଇଥିଲେ ସେ ତାଙ୍କରି ପାଇଁ ପୁଣି ମୋ ସହିତ ବିବାହ ପ୍ରସ୍ତାବ ଆଣିଛନ୍ତି । ମୁଁ ବିଷର୍ଣ୍ଣ କଣ୍ଠରେ ଅବରୋଧ କରି କହିଲି – "ଏହା କିପରି ସମ୍ଭବ ଅଞ୍ଜଳୀ ? ତୋ ଭାଇ ମୋର ସର୍ବନାଶ କରି ଶେଷରେ ମୋତେ ବିବାହ କରିବା ପାଇଁ ପ୍ରସ୍ତାବ ଆଣିବା ପାଇଁ ସାହସ କିପରି କଲେ ?" କ'ଣ ମୋର ସୌନ୍ଦର୍ଯ୍ୟ ପାଇଁ ? ନା, ନୀରବ ଆତ୍ମସମର୍ପଣ ପାଇଁ ? ମୋ କହିବା ପରେ ମୁଁ ଲକ୍ଷ୍ୟ କଲି ଅଶୋକ ବାବୁଙ୍କ ଦୁଇ ଆଖି ଲୁହରେ ଭରପୁର । ସେ ମୋ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ – "ନା, ମିନାକ୍ଷୀ, ତା ଠିକ୍ ନୁହେଁ । ତୁମ ସ୍ୱାମୀ ମୋର କ୍ଲାଏଣ୍ଟ ଥିଲା ସତ ହେଲେ ସେ ଥିଲା ଜଣେ ସେକ୍ସୁଆଲ ଡାଇସ୍‌ଫଙ୍କସନ୍ ରୋଗରେ ପୀଡିତ । ସେଥିପାଇଁ ସେ ବିବାହ କରିବା ପାଇଁ ରାଜି ନଥିଲା । ହେଲେ ତା' ବାପା ମାଆ ତାଙ୍କୁ ଫୋର୍ସ କରିଥିଲେ । ଶେଷରେ ଡାକ୍ତରଙ୍କ ପରାମର୍ଶ ନେଇଥିଲା । ଡାକ୍ତର କହିଥିଲେ ଔଷଧ ଖାଇଲେ ଭଲ ହୋଇଯାଇପାରେ ହେଲେ ଔଷଧ ଖାଇବା ସମୟରେ ସଂଯୋଗ ଠାରୁ ନିବୃତ୍ତ ରହିବା ନିହାତି ଦରକାର । ଶେଷରେ ସେ ରାଜି ହୋଇଥିଲା ତୁମ ସହିତ ବିବାହ କରିବା ପାଇଁ । ଔଷଧ ମଧ୍ୟ ଖାଇଥିଲା ଏପରିକି ସେ ମଧ୍ୟ ନିଜକୁ ତୁମ ଠାରୁ ଦୂରେଇ ରଖିଥିଲା । ହେଲେ କିଛି ଉପସମ ହେଲା ନାହିଁ । କଷ୍ଟରୁ ରକ୍ଷା ପାଇବା ପାଇଁ ଏବଂ ତୁମ ଠାରୁ ଦୂରେଇ ଯିବା ପାଇଁ ସେ ପ୍ରଚୁର ପରିମାଣରେ ମଦ ପିଇଲା । ପ୍ରଚୁର ମଦ୍ୟପାନ ପାଇଁ ତା'ର ଦୁଇଟା ଯାକ କିଡ୍‌ନୀ ନଷ୍ଟ ହୋଇଗଲାଣି । ଶେଷରେ ମୋର ସାହାଯ୍ୟ ନେଇ ତୁମ ଠାରୁ ବିବାହ ବିଚ୍ଛେଦ କରିଥିଲା । ଏବେ ତା'ର ଡାଏଲେସିସ୍ ଚାଲିଛି । ସପ୍ତାହକୁ ତିନି ଥର । କେଉଁ ମୁହୂର୍ତ୍ତରେ କ'ଣ ହେବ କହି ହେବ ନାହିଁ । ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ତୁମକୁ କହିବା ପାଇଁ ମୋତେ କହିଥିଲା କାରଣ ସେ ଜାଣିଥିଲା ମୋ ସାନ ଭଉଣୀ ଅଞ୍ଜଳୀର ତୁମର ବାନ୍ଧବୀ । ତୁମକୁ କହିବା ପୂର୍ବରୁ ମୋ ସ୍ତ୍ରୀ ଏକ ରାସ୍ତା ଦୁର୍ଘଟଣାରେ ଦୁଇଟି ଯାଆଁଳା ଛୁଆକୁ ଛାଡ଼ି ଦେଇ ଚାଲିଗଲେ ଆର ପୁରକୁ । ସବୁତ ଶୁଣିଲ । ଏବେ ମୁଁ ତୁମକୁ ବାଧ୍ୟ କରିବି ନାହିଁ ମୋ ସହିତ ବିବାହ ପାଇଁ । ତୁମେ ତୁମର ନିଷ୍ପତ୍ତି ନେଇ ମୋତେ ଜଣାଇବ । ଉଠୁଥିଲେ ଯିବା ପାଇଁ । ଅଟକାଇ କହିଥିଲି – ରୁହନ୍ତୁ, ମୁଁ ଏ ପ୍ରସ୍ତାବରେ ରାଜି । ତା'ପରେ ବୋଉ ମିଠା ଆଣିଥିଲା । ସମସ୍ତେ ଖାଇଥିଲୁ ଶେଷରେ ଗଲାବେଳେ ଅଶୋକ ବାବୁ କହିଥିଲେ ଆମର ଆଗ କୋର୍ଟରେ ବିବାହ ହେବ ଏବଂ ତା'ପରେ ବେଦୀରେ । ମୁଁ ରାଜି ହୋଇଥିଲି । ସେମାନେ ଫେରିଯାଉଥିଲେ, ମୁଁ ଅନାଇ ରହିଥିଲି ସେମାନଙ୍କ ଯିବା ବାଟକୁ ।

*ପ୍ଲଟ ନଂ ୨୨୪, ସହିଦ ନଗର*
*ଭୁବନେଶ୍ୱର – ୭୫୧୦୦୭*
*ଦୂରଭାଷ: ୯୮୬୧୬୬୪୫୨୯*

# ମହାନଗରୀର ମାୟାଜାଲ

ସୁଷମା ପରିଜା

ଯତୀନ୍‌ଙ୍କ ଆସିବା ବାଟକୁ ଚାହିଁ ଚାହିଁ ଡ୍ରଇଂ ରୁମ୍‌ର ସୋଫାଟି ଉପରେ ଢୁଳେଇ ପଡ଼ିଥିଲା ତମସା । ଆଜିକାଲି ଯତୀନ୍ ଖୁବ୍ ଡେରିରେ ଘରକୁ ଫେରନ୍ତି । ସନ୍ଧ୍ୟାବେଳୁ ରନ୍ଧା ବଢ଼ା ସାରି ବସିଥାଏ ତମସା । ଟିଭି ସାମନାରେ ବସି ବସି ଚାନେଲ ବଦଳେଇ ବଦଳେଇ ସିରିଏଲ୍ ଦେଖି ଦେଖି ବୋର୍ ହୋଇଯାଏ । କେତେ ବା ସେଇ ଧରାବନ୍ଧା ଶାଶୁବୋହୂ ସିରିଏଲ୍ ଦେଖି ସମୟ କାଟିବ ? ବାହାଘରର ପରେ ପରେ ନୂଆ ହୋଇ ଏଠିକି ଆସିବା ବେଳେ ଯତୀନ୍ ଅଫିସ୍ ସରିଲା ମାତ୍ରେଛୁଟି ଆସୁଥିଲେ ଘରକୁ । ନିବିଡ଼ ବାହୁ ବନ୍ଧନରେ ତାକୁ ଆବଦ୍ଧ କରି କହୁଥିଲେ "ଏଇ ଅଫିସ ସମୟ ତକ ତମ ବିନା କାଟିବାକୁ କେତେ ଯେ କଷ୍ଟ ହେଉଛି, ସେକଥା ତମେ ଅନୁଭବ କରି ପାରିବନି ତନୁ ! ପାଞ୍ଚଟା ପରେ ଖାଲି ଘଣ୍ଟା ଦେଖି ଦେଖି ସମୟ ଯାଉଛି, କାମରେ ମୋଟେ ମନ ଲାଗୁନି ।" ମନେ ମନେ ଆମୋଦିତ ହେଉଥିଲେ ମଧ ମିଛରେ ଆକଟ କରେ ତମସା । କହେ ତମେ ତ ଦୁନିଆଁରେ ଏକା ନୂଆ ବାହା ହୋଇଛ ଆଉ । କେଡ଼େ ସୁନ୍ଦର ଥିଲା ସେ ଦିନ ଗୁଡ଼ିକ ସତେ ! ଯତୀନ୍‌ର ଅମାପ ଭଲ ପାଇବାରେ ପୋତି ହୋଇ ଯାଉଥିଲା ତମସାର ଘର ଛାଡ଼ି ଆସିବାର ଦୁଃଖ । ସନ୍ଧ୍ୟା ବେଳେ ସାଥୀ ହୋଇ ଚାହା ପିଇବାଠାରୁ ରାତିରେ ବିଛଣାକୁ ଯିବା ପର୍ଯ୍ୟନ୍ତ ଯତୀନ୍ ତା'ର ପିଛା ଛାଡୁନଥିଲେ । ପାଗଳ ପ୍ରେମିକଟିଏଭଳି ସବୁବେଳେ କଣ୍ଠଲଗ୍ନା କରି ରଖିବାକୁ ଚାହୁଁଥିଲେ । ଗେଲ କରି କରି ଆକ୍ତାମାକ୍ତା କରି ପକାଉଥିଲେ ତାକୁ । ଖୁସିରେ ଆତ୍ମହରା ହୋଇ ଉଠୁଥିଲା ତମସା । ଭାବୁଥିଲା ତା' ନନା ସତରେ ଜଣେ ଦୂରଦର୍ଶୀ । ନ ହେଲେ ଏତେ ସୁନ୍ଦର ଶାଶୁ ଶଶୁର, ଏତେ ସୁନ୍ଦର ସ୍ୱାମୀ, ଧନଜନ ଗୋପଲକ୍ଷ୍ମୀ ସବୁ କ'ଣ ତାକୁ ମିଳିଥାଆନ୍ତା ।

ଯାଜପୁର ଜିଲ୍ଲାର ଦଶରଥପୁର ଗାଁର ପ୍ରାଇମେରୀ ସ୍କୁଲ ଶିକ୍ଷକ ସଦାଶିବ ତ୍ରିପାଠୀଙ୍କ ଝିଅ ତମସା । ଗ୍ରାଜୁଏସନ ପରେ ଆଗକୁ ପଢ଼ିବାକୁ ଇଚ୍ଛା ଥିଲେ ବି ପ୍ରାଇମେରୀ ସ୍କୁଲରୁ ଅବସର ନେଇଥିବା ବାପାଙ୍କ ଆର୍ଥିକ ସ୍ଥିତି ତାକୁ ବାଧା ଦେଇଥିଲା ବାଣୀବିହାର ଯାଇ ଏମଏ ପଢ଼ିବା ଲାଗି । ବାପାଙ୍କର ଇଚ୍ଛା ଥିଲା ଅବସରକାଳୀନ ଯାହା ପ୍ରାପ୍ୟ ମିଳିଛି ସେଥିରେ ଏକ ମାତ୍ର କନ୍ୟା ସନ୍ତାନଟିକୁ ଯୋଗ୍ୟ ପାତ୍ରଟିଏ ଦେଖି ବାହାଘର କରିଦେବେ ଏବଂ ଯାହା ପେନସନ ମିଳିବ ସେଥିରେ ଦୁଇ ପ୍ରାଣୀ ସୁଖରେ ବାକି ଜୀବନ କାଟିବେ । ସେଥିଲାଗି ତମସାର ପ୍ଲସ୍ ଥ୍ରୀ ପଢ଼ିଲା ବେଳଠାରୁ ତା' ପାଇଁ ଭଲ ପାତ୍ରଟିଏ ସନ୍ଧାନ କରିବାରେ ଲାଗି ପଡ଼ିଥିଲେ ସେ । ନିଜେ ଖୁବ୍ ସ୍ୱାଭିମାନୀ ଥିଲେ ସଦାଶିବ ସାର୍ । ଜୀବନରେ ଟିଉସନ କରି ଟଙ୍କା ରୋଜଗାର କରିବା ଜାଣି ନ ଥିଲେ । ପାଠରେ ଦୁର୍ବଳ ଥିବା ପିଲାଙ୍କୁ ସେଇ ସ୍କୁଲରେ ପଢ଼ାଉଥିଲେ ସ୍କୁଲ ସମୟ ପରେ ନ ହେଲେ ଛୁଟିଦିନମାନଙ୍କରେ । କେହି ଅଭିଭାବକ ସେଥିଲାଗି ପଇସା ଦେଲେ ବିନମ୍ରତାର ସହିତ ଫେରାଇ ଦେଇ କହୁଥିଲେ ସରକାର ପରା ମତେ ଏଥିପାଇଁ ଦରମା ଦେଉଛନ୍ତି ଆଉ ଅଧିକ ନେଇ ମୁଁ କ'ଣ କରିବି । କିଏ ଅଛି ମୋର ଘରେ ଖାଇବାକୁ ? ଗୋଟିଏ ବୋଲି ଝିଅ, ବରଂ ଆପଣମାନେ ଆଶୀର୍ବାଦ କରନ୍ତୁ ସେ ବାହା ସାହା ହୋଇ ସୁଖରେ ରହୁ । ପଇସା ବଢ଼ାଉଥିବା ହାତଟି ଆପେ ଆପେ ଫେରି ଯାଉଥିଲା ପଛକୁ । ତାଙ୍କର ମୁହଁରୁ ସ୍ୱତଃ ବାହାରି ପଡୁଥିଲା ଆପଣଙ୍କ ଝିଅ ସୁଖୀ ହେଉ । ବୋଧହୁଏ ସେମିତି କିଛି ଆଶୀର୍ବାଦରେ ତମସା ପାଇଁ ପ୍ରସ୍ତାବ ଆସିଥିଲା ବୈଶପାନ୍‌ର ଚୌଧୁରୀ ଘରୁ ଜନ୍ମେଜୟ ମିଶ୍ରଙ୍କର ଏକ ମାତ୍ର ପୁତ୍ର ଯତୀନ୍ ପାଇଁ । ମିଶ୍ର ଘର ଚାହୁଁଥିଲେ ସୁନ୍ଦରୀ, ସୁଶୀଳା ଶିକ୍ଷିତା କନ୍ୟାଟିଏ, ଯିଏ ତାଙ୍କର ସୁଦୂର ମୁମ୍ବାଇରେ କମ୍ପାନୀ ଚାକିରୀ କରିଥିବା ପୁଅର ଯତ୍ନ ନେବା ସହିତ ସମୟ ସମୟରେ ସେମାନଙ୍କର ବି ଦେଖାଶୁଣା କରିବ । ଚୌଧୁରୀ ଘର ଟଙ୍କା ପଇସା, ଜମିବାଡ଼ି, ପ୍ରତିପତ୍ତି କେଉଁଥିରେ ଅଭାବ ନ ଥିଲା । ସେମାନେ ଯୌତୁକର ଖୁବ୍ ବିରୋଧୀ ଥିଲେ । ଟଙ୍କାଟିଏ ମଧ କୌତୁକ ଭାବରେ ନେବାକୁ ଇଚ୍ଛା କରୁନଥିଲେ । ଗାଁ ପାଖ ହୋଇଥିବାରୁ ସଦାଶିବ ତ୍ରିପାଠୀଙ୍କ ପରିବାର ବିଷୟରେ ସେମାନେ ଭଲ ଭାବରେ ଜାଣିଥିଲେ, ସେଥିଲାଗି ପ୍ରସ୍ତାବଟି ପଡୁ ପଡୁ ସେମାନେ ରାଜି ହୋଇଗଲେ । ନିର୍ଦ୍ଧାରିତ ତିଥିରେ ଖୁବ୍ ଜାକଜମକରେ ବାହାଘର ହୋଇ ଯାଇଥିଲା ତମସା ସହିତ ଯତୀନ୍‌ର । ଯଥାଶକ୍ତି ଝିଅ ଜ୍ୱାଇଁଙ୍କୁ ଉପହାର ମାନ ସହିତ ଭାରବେଭାର ଦେଇ ବିଦା କରିଥିଲେ ସଦାଶିବ ତ୍ରିପାଠୀ । ଝିଅ

ବିଦାବେଳେ ଯତୀନ୍‌ର ହାତ ଧରି କହିଥିଲେ 'ମୋ ହୃଦୟଟିକୁ ତମ ହାତରେ ଟେକି ଦେଇଛି ବାପା ! ଆଜିଠାରୁ ଆମେ ବୁଢ଼ାବୁଢ଼ୀ ଖାଲି ଶରୀରଟି ମାନ ଧରି ରହିବୁ। ଆମ ହୃଦୟଟିକୁ ସମ୍ଭାଳି ରଖିବ ତମେ। ସେ ହୃଦୟରେ କିଛି ବି ଆଘାତ ଲାଗିଲେ ଆମେଏଠାରେ ଶୂନ୍ୟେ ଶୂନ୍ୟେ ମରିଯିବୁ। ପିଲା ଝିଅ ଆମର। ଯଦି କିଛି ଭୁଲ କରିବସେ ତେବେ ତା'ର ଦଶ ଦୋଷ କ୍ଷମା କରିବ।' ଏମିତି କହି ସେ କାନ୍ଦି କାନ୍ଦି ଜାବୁଡ଼ି ଧରିଥାନ୍ତି ଯତୀନ୍‌କୁ। ତମସାର ମାଆ କାନ୍ଦି କାନ୍ଦି ଲୋଟି ଯାଉଥାନ୍ତି ଭୂଇଁରେ। ଜନ୍ମେଜୟ ବାବୁ ଆସି ବହୁତ ବୁଝାସୁଝା କରି ବୋଧ କରିଥିଲେ ସେମାନଙ୍କୁ। କହିଥିଲେ ସମୁଦି ଆମେ ପୁଅ ଦେଇ ଝିଅ ନେଇଛୁ। ସେ ଆମ ପାଖରେ ଝିଅ ହୋଇ ରହିବ। ପନ୍ଦର ଦିନ ପରେ ଯତୀନ୍ ଯାଇ ଘରଫର ଠିକ୍ କରି ଆସି ତମସାକୁ ସାଙ୍ଗରେ ନେଇଯିବ ମୁମ୍ବାଇ। କାହିଁକି ବ୍ୟସ୍ତ ହେଉଛନ୍ତି, ଆମେ ସାଥୀ ହୋଇଯିବା, ମଝିରେ ମଝିରେ ତାଙ୍କୁ ଦେଖି ଆସିବା। ସମୁଦିଙ୍କ ପାଖରୁ ଦି'ପଦ ସାନ୍ତ୍ୱନାର ବାଣୀ ଶୁଣି ଥୟ ପଡ଼ିଥିଲେ ଦୁଇ ପ୍ରାଣୀ।

ବାହାଘରରେ ସର୍ବାନ୍ତଃକରଣରେ ସତରେ ସୁଖୀ ହୋଇଥିଲା ତମସା। ପିତୃପ୍ରତିମ ଶଶୁର, ମାତୃ ପ୍ରତିମା ଶାଶୁଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇ ପଡ଼ିଥିଲା। ମାସକ ପରେ ଯେଉଁଦିନ ସେ ଯତୀନ୍‌ଙ୍କ ସାଙ୍ଗରେ ମୁମ୍ବାଇ ଆସିବାକୁ ବାହାରି ଶାଶୁଙ୍କୁ ପାଦ ଛୁଇଁ ମୁଣ୍ଡିଆ ମାରିବାକୁ ଯାଇଥିଲା, ତା'କୁ କୁଣ୍ଢାଇ ଧରି ଭୋ ଭୋ କରି କାନ୍ଦି ପକାଇଥିଲେ ସେ। କହିଥିଲେ 'ଏଇ ଅଳ୍ପଦିନ ମଧ୍ୟରେ ତୁ ଆମକୁ ତୋ ସ୍ନେହରେ ବାନ୍ଧି ପକାଇଛୁରେ ମାଆ, ଖାଲି ଯତୀନ୍‌ର ଅସୁବିଧା ହେବ ବୋଲି ତତେ ଛାଡୁଛି ବାଧ୍ୟ ହୋଇ, ନ ହେଲେ ଜମା ଛାଡ଼ି ନଥାନ୍ତି, ତୋ ବିନା ଏ ଘରଟା ଶୂନ୍ୟ ହୋଇଯିବ। କେମିତି ରହିବୁ ଆମେ ଦି'ଜଣ'। ଗାଡ଼ିରେ ଜିନିଷ ପତ୍ର ଲଦାଲଦି କଲା ବେଳେ ଲୁହ ଛଳଛଳ ଆଖିରେ ଶଶୁର କହୁଥିଲେ 'ଆମେ ତୋ'ର ଦୁଇଟିପୁଅ ଝିଅରେ ମାଆ, ଆମକୁ ଭୁଲିଯିବୁନି, ମଝିରେ ମଝିରେ ଫୋନ୍ କରିବୁ।' ସେଇ ମୁହୂର୍ତ୍ତରେ ତମସାର ଇଚ୍ଛା ହେଉଥିଲା ସେ ଆଉ ଯତୀନ୍‌ଙ୍କ ସହିତ ମୁମ୍ବାଇ ନ ଯାଇ ଏଇଠି ଶାଶୁ ଶଶୁରଙ୍କ ପାଖରେ ରହିଯିବ। ଚାଲ ଚାଲ ଟ୍ରେନ ବେଳ ହୋଇଗଲାଣି କହି ଯତୀନ୍ ତରବର କଲାରୁ ବାଧ୍ୟ ହୋଇ ଗାଡ଼ିରେ ଆସି ବସିଲା ତମସା। ବାଟ ସାରା ଖାଲି ଶାଶୁ ଶଶୁରଙ୍କର କାନ୍ଦୁରା ମୁହଁ ମନେ ପଡ଼ି ମୋଟେ ଭଲ ଲାଗୁନଥିଲା ତମସାକୁ। ଯତୀନ୍ ତାକୁ ବାଧ୍ୟ କରି ବାଟରେ କ'ଣ ଦି'ଟା ଖୁଆଇଥିଲେ। ମୁମ୍ବାଇ ଆସିବାର ଦୁଇ ଚାରି ଦିନ ଯାଏ ସହଜ ହୋଇ ପାରିନଥିଲା ସେ। ସେତକ ଦିନ ସକାଳରୁ ରାତିଯାଏ ତମସାର ପାଖେ ପାଖେ ରହି ଯତୀନ୍ ତା'କୁ ସ୍ନେହ ଆଦରରେ ପୋତି ପକାଇଥିଲେ। ଧୀରେ ଧୀରେ ସବୁ ଠିକ୍ ହୋଇ ଯାଇଥିଲା।

ଯତୀନ୍ ଗୋଟିଏ ବହୁରାଷ୍ଟ୍ରୀୟ କମ୍ପାନୀରେ ବିଜିନେସ ଡେଭଲପମେଣ୍ଟ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥାଆନ୍ତି। ଦିନ ସାରା ତାଙ୍କୁ କାମରେ ବ୍ୟସ୍ତ ରହିବାକୁ ପଡ଼େ, ତଥାପି ମଝିରେ ମଝିରେ ସମୟ ବାହାର କରି ସେ ତମସା ସହିତ ଫୋନ୍ କଥା ହୋଇ ତା'ର ଭଲ ମନ୍ଦ ବୁଝନ୍ତି, ସନ୍ଧ୍ୟାରେ ଶୀଘ୍ର ଆସିବା ଲାଗି ପ୍ରତିଶ୍ରୁତି ଦିଅନ୍ତି ହେଲେ କାମରେ ଚାପରେ କେବେବି ଠିକ୍ ସମୟରେ ପହଞ୍ଚି ପାରନ୍ତି ନାହିଁ। ଘରେ ବସି ବସି ସେମିତି ବୋର୍ ହେଉଥାଏ ତମସା। ଫୋନ୍‌ରେ କେବେ କେମିତି ବାପା ମାଆଙ୍କ ସହିତ ତ କେବେ ଶାଶୁ ଶଶୁରଙ୍କ ସହିତ କଥାବାର୍ତ୍ତା କରି ଭଲ ମନ୍ଦ ବୁଝେ। ଘରଟିରେ ଦିନ ଯାକ ଏକୁଟିଆ ପଣ ତା'କୁ ଖାଇ ଗୋଡ଼ାଏ। ଅଚିହ୍ନା ଯାଗାରେ ଅଚିହ୍ନା ଭାଷା, କାହା ସାଙ୍ଗରେ ମିଶିବ, କ'ଣ କହିବ,ଏମିତି ଭାବି ଭାବି ସବୁବେଳେ ଘରଟିରେ ଚୁପ୍ ହୋଇ ବସି ଥାଏ। ଯେତିକି ସମୟ ଯତୀନ୍ ଘରେ ରୁହନ୍ତି ସେତିକି ସମୟ ସେ ଖୁବ୍ ଆନନ୍ଦରେ ରହେ, ବାକୀ ସମୟ ତା'ର ଚାହିଁଲେ ବି କଟେନା। ଧୀରେ ଧୀରେ ତମସା ବିଷାଦଗ୍ରସ୍ତ ହେବାକୁ ଲାଗିଲା। କେଉଁଥିରେ ତା'ର ମନ ଲାଗିଲାନି, ସବୁବେଳେ କାନ୍ଦ କାନ୍ଦ ହୋଇ ରହିଲା, ନା ଠିକ୍‌ରେ ଖାଉଥିଲା ନା ଠିକ୍‌ରେ ଶୋଉଥିଲା। ଯତୀନ୍ ତା'ର ଏମିତି ଅବସ୍ଥା ଦେଖି ଖୁବ୍ ଦୁଃଖ କରୁଥିଲେ ମଧ୍ୟ କିଛି କରିବାର ଉପାୟ ନ ଥିଲା ତା'ର। ଅଫିସ୍‌ରେ ଆଗକୁ ପ୍ରମୋଶନ ଥିବାରୁ ତାକୁ ଆହୁରି ଅଧିକ ଅଧିକ କାମ କରିବାକୁ ପଡୁଥିଲା ତେଣୁ କରି ସେ ଆହୁରି ଡେରିରେ ଫେରୁଥିଲା ଘରକୁ। ତମସାର ଏମିତି ଅବସ୍ଥା ପାଇଁ ନିଜକୁ ଦୋଷୀ ଦୋଷୀ ମନେ କରୁଥିଲା ଯତୀନ୍।

ଅଫିସ୍‌ରେ ଯତୀନ୍‌କୁ ଗତ କିଛି ଦିନ ଧରି ଅନ୍ୟମନସ୍କ ରହୁଥିବାର ଲକ୍ଷ୍ୟ କରି ଦିନେ ତାଙ୍କର ଟିମ୍ ମ୍ୟାନେଜର ମିଷ୍ଟର ସାହିଲ୍ ଖେଡେକର୍ ତାକୁ ତାଙ୍କର କ୍ୟାବିନ୍‌କୁ ଡାକି କାରଣ କ'ଣ ବୋଲି ପଚାରିଲେ। ଟିମ୍ ଲିଡରଙ୍କ ସହିତ ଖୁବ୍ ଭଲ ସମ୍ପର୍କ ଥିଲା ଯତୀନ୍‌ର। ସବୁବେଳେ ଭଲ କାମ କରୁଥିବାରୁ ସେ ଖୁବ୍ ପ୍ରଶଂସା ବି କରୁଥିଲେ ଯତୀନ୍‌କୁ। ମଧ୍ୟବୟସ୍କ ମିଷ୍ଟର ଖେଡେକର୍ ଜଣେ ଖୁସ୍ ମିଜାଜର ଲୋକ ହୋଇଥିବାରୁ ମଝିରେ ମଝିରେ ଷ୍ଟାଫ୍‌ମାନଙ୍କ ସହ ଥଟ୍ଟା ପରିହାସ ମଧ୍ୟ କରୁଥିଲେ। ସେଦିନ ସେମିତି ହସି ହସି କହିଲେ 'ଆରେ ଭାଇ ! ନୂଆ ନୂଆ ବାହା ହୋଇ ଆସିଛ, ସ୍ତ୍ରୀ ସାଙ୍ଗରେ ଝଗଡ଼ା ହୋଇଛି ନା କ'ଣ ? ଏ ବୟସରେ ଏମିତି ପରିସ୍ଥିତି କେବଳ ପାରିବାରିକ କଳହରେ ହିଁ ହୋଇଥାଏ।' ବସ୍‌ଙ୍କର ଏମିତି ଆତ୍ମୀୟତା ଭରା କଥାରେ ଲୁହ ଜକେଇ ଆସିଲା ଯତୀନ୍ ଆଖିରେ।

ସେ ତାଙ୍କୁ ସବୁ ସତ କଥା କହି କିଛି ଦିନ ଛୁଟି ଦେବାକୁ ଅନୁରୋଧ କଲା ତମସା ସହିତ ସମୟ କଟେଇବା ପାଇଁ। ହୋ ହୋ କରି ହସି ଉଠିଲେ ମିଷ୍ଟର ଖେଡେକର୍। ନିଜର ଚେୟାରରୁ ଉଠି ଆସି ଯତୀନ୍ କାନ୍ଧରେ ହାତ ରଖିଲେ। କହିଲେ 'ଇଏ ଗୋଟାଏ କଥା ! ତମ ମିସେସ୍ ବୋର୍ ହେଉଛି ବୋଲି ଡିପ୍ରେସନରେ ଅଛି, ଏଇଟା ଖାଲି ତୁମ ମିସେସ୍‌ଙ୍କର ନୁହେଁ, ଏଇଟା ଆମ ଦେଶର କର୍ପୋରେଟ୍‌ରେ କାମ କରୁଥିବାସବୁ ଏମ୍ପଲୟୀମାନଙ୍କ ମିସେସ୍‌ମାନଙ୍କର ଅବସ୍ଥା। ଆଉ ଖାସ୍ ଏଇଥି ପାଇଁ ପରା ମୋ ମିସେସ୍ ଆଉ ତାଙ୍କର ସାଙ୍ଗସାଥୀମାନେ ମିଶି ଗୋଟିଏ ଉଇମେନ୍ସ କ୍ଲବ କରିଛନ୍ତି। ସେଠି ସବୁ ମହିଳା ଏକତ୍ରିତ ହୋଇ ହସ ଖୁସି କଥା ବାର୍ତ୍ତା କରିବା ସହିତ ବିଭିନ୍ନ ପ୍ରକାର ସିଲେଇ, ଚିତ୍ରାଙ୍କନ, ରୋଷେଇ ଇତ୍ୟାଦି ଶିକ୍ଷା ନିଅନ୍ତି। ତୁମେ ତୁମ ମିସେସ୍‌ଙ୍କୁ ଧରି ଆମ

ଘରକୁ ସନ୍ଧ୍ୟା ସମୟରେ ଆସ, ମୁଁ ମୋର ମିସେସ୍‌କୁ କହି ସବୁ ବ୍ୟବସ୍ଥା କରିଦେବି। ସବୁ ଠିକ୍ ହୋଇଯିବ। ଡୋଣ୍ଟ୍ ଓରି ବି ରିଲାକ୍ସଡ। ନିଜ ସମସ୍ୟାର ଗୋଟିଏ ସଠିକ୍ ନିଦାନ ମିଳିଗଲା ଯତୀନ୍‌କୁ।

ସେଦିନ ସନ୍ଧ୍ୟାରେ ବସ୍‌ଙ୍କୁ କହି ଶୀଘ୍ର ଘରକୁ ଫେରି ଆସିଥିଲା ଯତୀନ୍। ତମସା ସେମିତି ମୁହଁକୁ ଶୁଖାଇ ବସିଥାଏ ଘରେ। ଯତୀନ୍‌କୁ ଶୀଘ୍ର ଆସିବାର ଦେଖି ତା' ମୁହଁରେ ହସଧାରେ ଖେଳିଗଲା। ତା'କୁ କୋଳେଇ ନେଇ ଯତୀନ୍ କହିଲା 'ଚାଲ ଆଜି ଘେରାଏ ବୁଲି ଆସିବା, ଆଜି ଘରେ ରୋଷେଇ ବନ୍ଦ, ବାହାରେ ଗୋଟିଏ ଭଲ ରେଷ୍ଟୁରାଣ୍ଟ ଦେଖି ଡିନର କରିବା, ମୁଁ ଟିକେ ଫ୍ରେସ୍ ହୋଇ ଆସୁଛି,ତୁମେ ବି ଫଟାଫଟ୍ ବାହାରି ପଡ଼'। ବହୁତ ଦିନ ପରେ ଯତୀନ୍‌ର ସେଇ ପୁରୁଣା ସ୍ନେହ ଆଦର ପାଇ ଖୁବ୍ ଖୁସି ଲାଗୁଥିଲା ତମସାକୁ। ଘର ଭିତରକୁ ପଶି ନୀଳ ରଙ୍ଗର ଶାଢ଼ିଟି ସହିତ ମ୍ୟାଚିଂ ଜୁଏଲାରୀ ପିନ୍ଧି ନିଜକୁ ନୀଳପରୀଟିଏ ଭଳି ସଜେଇ ଯେତେବେଳେ ବାହାରକୁ ବାହାରିଲା ତମସା, ତାକୁ ଦେଖି ଆଖି ଦୁଇଟି ବିସ୍ମୟରେ ଖୋଲା ରହିଗଲା ଯତୀନ୍‌ର। ସତରେ ଏଇ କାର୍ଯ୍ୟବ୍ୟସ୍ତତା ହେତୁ ସେ କିଛି ଦିନ ହେଲାଣି ଭଲ ଭାବରେ ତମସାକୁ ଦେଖି ବି ପାରିନଥିଲା। କେତେ ସୁନ୍ଦର ଦିଶୁଛି ସେ ! ଠିକ୍ ସେଇ ଚତୁର୍ଥୀ ରାତିର ଲାଜେଇ ନବବିବାହିତା ସ୍ତ୍ରୀଟି ଭଳି। ଯତୀନ୍‌ର କାନମୂଳ ଗରମ ହେବାକୁ ଲାଗିଥିଲା। ସୋଫା ଉପରୁ ଉଠି ଯାଇ ତମସାକୁ ଜାବୁଡ଼ି ଧରି ତା' ଓଠରେ ମୁହଁକୁ ରଖିବା ପୂର୍ବରୁ ହସି ହସି ତାକୁ ଦୂରକୁ ପେଲି ଦେଲା ତମସା ମେକଅପ୍ ଖରାପ ହୋଇଯିବ କହି। ମନକୁ ମାରି ଚୁପ୍ ହୋଇ ଗ୍ୟାରେଜରୁ ଗାଡ଼ି ବାହାର କରିବାକୁ ବାହାରି ଗଲା ଯତୀନ୍। ବାଟସାରା ଡ୍ରାଇଭିଂ କରୁ କରୁ ପାଖରେ ବସିଥିବା ତମସା ଶାଢ଼ୀରୁ ଆସୁଥିବା ପରଫ୍ୟୁମର ମଧୁର ସୁଗନ୍ଧ ତାକୁ ମତୁଆଲା କରୁଥିଲା।

ଅଧଘଣ୍ଟା ଭିତରେ ସେମାନେ ଯାଇ ପହଞ୍ଚିଲେ ମିଷ୍ଟର ଖେଡେକର୍‌ଙ୍କ ବାସଭବନରେ। ବିରାଟ ଗେଟ୍ ସାମ୍ନାରେ ଠିଆ ହୋଇଥିବା ସିକ୍ୟୁରିଟିଟି ସଲାମ ଠୁକି ଗେଟ୍ ଖୋଲିଲା ପରେ ସୁନ୍ଦର ଲନ୍‌ଟି ଅତିକ୍ରମ କରି ପୋର୍ଟିକୋରେ ବ୍ରେକ୍ କଷିଲା ଯତୀନ୍। ଆଗରୁ ଅନେକ ଥର ଅଫିସ୍ କାମରେ ବସ୍‌ଙ୍କର ଘରକୁ ଆସିଛି ଯତୀନ। ବଗିଚାଠାରୁ ଘର ପର୍ଯ୍ୟନ୍ତ ପ୍ରତ୍ୟେକ ଥର ନୂଆ ନୂଆ ଢାଞ୍ଚାରେ ସଜ୍ଜିତ ହେବାର ଦେଖିଛି। ଆହୁରି ମଧ୍ୟ ଦେଖିଛି ଉଗ୍ର ଆଧୁନିକା ମିସେସ୍ ଖେଡେକର୍‌ଙ୍କୁ ପ୍ରତ୍ୟେକ ଥର ନୂଆନୂଆ ବେଶ ପୋଷାକ ପିନ୍ଧି ନୂଆ ହେୟାରଷ୍ଟାଇଲ୍‌ରେ। ବୟସ ଯେମିତି ହାର୍ ମାନିଛି ତାଙ୍କ ପାଖରେ। ସବୁ ବେଳେ ହସ ହସ ମୁହଁ, ସବୁବେଳେ ଟିପ୍‌ଟପ୍, ସତେ ଯେମିତି ଏଇ ସାଙ୍ଗେ ସାଙ୍ଗେ ଡ୍ରେସିଂ ଟେବୁଲ୍ ପାଖରୁ ଉଠି ଆସିଛନ୍ତି। କାର୍‌ଟିକୁ ପାର୍କ କରି ତମସା ପଟର ଡୋରଟି ଖୋଲି ତାକୁ ଓହ୍ଲାଇବା ପାଇଁ କହିଲା ଯତୀନ୍। ଏ ପର୍ଯ୍ୟନ୍ତ ତମସା ଭାବୁଥିଲା ଯେ ସେମାନେ କୋଉ ଗୋଟିଏ ହୋଟେଲ୍‌କୁ ଆସିଛନ୍ତି ବୋଲି। ସେ ଓହ୍ଲାଇଲା ପରେ ଯତୀନ୍ ତାକୁ ଜଣାଇ ଦେଲା ଯେ ତା'ର ବସ୍ ଆଜି ନିମନ୍ତ୍ରଣ କରିଛନ୍ତି ସେମାନଙ୍କୁ ଡିନର୍ ପାଇଁ। ଇତସ୍ତତଃ ହେଲା ତମସା। ଯତୀନର ବସ୍ ମାନେ ନିଶ୍ଚୟ ଜଣେ ବଡ ଲୋକ ହୋଇଥିବେ, ଆଗରୁ ସେ କେବେ ଏତେ ବଡ ଲୋକଙ୍କ ଘରକୁ ଯାଇନି କିମ୍ବା ସେମାନଙ୍କ ଆଦବକାଇଦା ବିଷୟରେ କିଛି ଜାଣିନି। କେମିତି କ'ଣ କଥାବାର୍ତ୍ତା କରିବ, କ'ଣ କହିବେ ସେ, ଏମିତି ଭାବି ଛାତିଟା ଧଡ଼ଧଡ଼ ହେଉଥାଏ ତମସାର। ତା'ର ସଙ୍କୋଚ ଭାବ ଦେଖି ଯତୀନ୍ ପାଖକୁ ଆସି ତା' ହାତରେ ହାତ ଛନ୍ଦି ଫୁଲତୋଡାଟି ଧରି ଆଗେଇ ଗଲା ବସ୍‌ଙ୍କର ଡ୍ରଇଂ ରୁମ୍ ଆଡକୁ। ଦରଜାରେ ହାତ ଦେଲାପୂର୍ବରୁ ହିଁ ଦରଜା ଖୋଲି ହସି ହସି ଆଗେଇ ଆସିଲେ ମିଷ୍ଟର ସଚିନ୍ ଖେଡେକର୍ 'ୱେଲ୍‌କମ୍, ୱେଲ୍‌କମ୍' କହି।

ଘର ଭିତରକୁ ପାଦ ପକାଇଥିଲେ ଯତୀନ୍ ଆଉ ତମସା। ଚଟାଣରେ ପଡ଼ିଥିବା ନରମ ଗାଲିଚାରେ ଧସି ଯାଉଥିଲା ତମସାର ପାଦ। ଘରଟିର ସାଜସଜ୍ଜା ଗୋଟିଏ ରାଜମହଲଠାରୁ କୌଣସି ଗୁଣରେ କମ୍ ନଥିଲା। ଗୋଟିଏ ମିଠା ମିଠା ସୁଗନ୍ଧ ଖେଳି ବୁଲୁଥିଲା ଘରଟିରେ। ଆଶ୍ଚର୍ଯ୍ୟରେ ସଙ୍କୁଚିତ ହୋଇ ଯତୀନ୍‌ର ହାତ ମୁଠାରେ ଝାଳେଇ ଯାଉଥିଲା ତମସାର ହାତ। କୌଣସି ମତେ ନିଜକୁ ସମ୍ଭାଳି ଡ୍ରଇଂ ରୁମ୍‌ର ବିଶାଳକାୟ ସୋଫା ଉପରେ ବସିଲା ତମସା ଯତୀନ୍ ସହିତ। ଝଲକାଏ ସୁଗନ୍ଧ ପବନ ସାଥିରେ ନେଇ ସେଇ ରୁମ୍‌ରେ ପ୍ରବେଶ କରିଥିଲେ ମିସେସ୍ ଶୀଲା ଖେଡେକର୍। ତାଙ୍କର ଚେହେରାକୁ ଦେଖି ତମସାର ଆଖି ଜଳକା ହୋଇଗଲା ଯେମିତି। ଏମିତି ସୁନ୍ଦରୀ ସ୍ତ୍ରୀ ଲୋକଟିଏ ସିଏ ଆଗରୁ ଦେଖି ନଥିଲା। ସୋଫାରୁ ଉଠିପଡ଼ି ମୁଣ୍ଡ ଝୁକାଇ ନମସ୍କାର ଜଣାଇଲା ତାଙ୍କୁ। ଭଦ୍ର ମହିଳା ଜଣକ ତା'ର ନମସ୍କାରର ପ୍ରତିବଦଳରେ ହାତ ହଲାଇ 'ହାଏ'ଟିଏ କହି ଆସି ସାମନା ସୋଫାରେ ମିଷ୍ଟର ଖେଡେକର୍‌ଙ୍କ ପାଖରେ ବସି ପଡ଼ିଲେ। ଯତୀନ୍‌ଙ୍କୁ ଲକ୍ଷ୍ୟ କରି କହିଲେ 'କ୍ୟାନ ୟୋର ୱାଇଫ ଟକ୍ ଇନ୍ ହିନ୍ଦୀ'। ଉତ୍ତରରେ ଯତୀନ୍ କହିଲେ 'ଇଏସ ଶି କ୍ୟାନ'। ତା'ପରେ ଆରମ୍ଭ ହେଲା କଥାବାର୍ତ୍ତା। ଅଳ୍ପ ସମୟ ସହଜ ହୋଇ ଯାଇଥିଲା ତମସା।

କଥାରେ କଥାରେ ମଣିଷଙ୍କୁ ଆପଣାର କରିନେବାର ଶକ୍ତି ଥିଲା ଖେଡେକର୍ ଦମ୍ପତିଙ୍କ ପାଖରେ। ବସ୍‌ଙ୍କର ଏମିତି ମନଖୋଲା ହସ, ଥଟ୍ଟା ମଜା କଥା ଆଗରୁ କେବେ ଦେଖି ନଥିଲା ଯତୀନ। ତାକୁ ଖୁବ୍ ଖୁସି ଲାଗୁଥିଲା। ମିସେସ୍ ଖେଡେକର୍‌ଙ୍କ ସହିତ ମଧ୍ୟ ସେ କେବେ ଏମିତି ପର୍ସନାଲ ଗପସପ କରି ନଥିଲା ଆଗରୁ ଯଦିଓ ବହୁତ ଥର ଅଫିସ୍‌ର ପାର୍ଟିରେ ଅନେକ ସମୟରେ ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲା। ସେ ଯେତିକି ପାଖେଇ ପାଖେଇ ଆସୁଥିଲେ ଯତୀନ୍ ସେତିକି ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା ତାଙ୍କର ଆତ୍ମୀୟତାରେ। କଥାବାର୍ତ୍ତା ଭିତରେ ଚାହା ଆଉ ପକୋଡା ଦେଇ ଯାଇଥିଲା ମେଡ୍ ସର୍ଭାଣ୍ଟ ଯାହାର ସଦ୍ ବ୍ୟବହାର କରି ସାରିଥିଲେ ସମସ୍ତେ। ଘଣ୍ଟାକୁ ଚାହିଁଲା ଯତୀନ୍ ରାତି ସାଢ଼େ ନଅଟା। ତରବର ହୋଇ ସୋଫା ଉପରକୁ ଉଠିଲା ସେ। ଘରକୁ ଫେରିବା ଲାଗି ଅନୁମତି ମାଗିଲା ଖେଡେକର୍ ସାର୍‌ଙ୍କୁ। ସାର୍ କିଛି କହିବା ପୂର୍ବରୁ ତା'ର ହାତ ଧରି ବସେଇ ଦେଲେ ମିସେସ୍ ଖେଡେକର 'ଆରେ ବୈଠ୍ ଯାଇୟେନା ଥୋଡ଼ି ଦେର୍ ଔର, ଆପ୍ ସେ ବାତ୍ କର୍ କେ ବଡ଼ା ଆଚ୍ଛା ଲଗ୍ ତା ହୈ'। କୃତ୍ୟ କୃତ୍ୟ ହୋଇ ବସି ପଡ଼ିଲା ଯତୀନ୍। ଡିନର୍‌ଟା ତାଙ୍କ ସହିତ ଖାଇବା ଲାଗି

ଅନୁରୋଧ କଲେ ମିଷ୍ଟର ଖେଡେକର୍। ଅନିଚ୍ଛା ସତ୍ତ୍ୱେ ମଧ୍ୟ ବସିବାକୁ ପଡ଼ିଲା ଯତୀନ୍ ଆଉ ତମସାଙ୍କୁ। ଡିନର୍ ଖାଇବା ପୂର୍ବରୁ ଦୁଇପେଗ୍ ଡ୍ରିଙ୍କସ୍ ନେବା ଅଭ୍ୟାସ ସେମାନଙ୍କର, ତେଣୁକରି ଡାଇନିଂ ଟେବୁଲ ଉପରେ ଡ୍ରିଙ୍କସ ସର୍ଭ କରି ଦେଇଗଲା ମେଡ୍ ସର୍ଭାଣ୍ଟ। ଯତୀନ୍ ଆମେ ଏସବୁ ନେଉନାହିଁ କହିବାରୁ ତାଙ୍କ ପାଇଁ ଦୁଇ ଗ୍ଲାସ୍ କୋକାକୋଲା ଆଣିବା ଲାଗି ମିସେସ୍ ଖେଡେକର୍ ଆଦେଶ ଦେଲେ ମେଡ୍ ସର୍ଭାଣ୍ଟକୁ। ଡାଇନିଂ ଟେବୁଲ୍ ଉପରେ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟକୁ ସୁନ୍ଦର ଭାବରେ ସଜାଡିବାରେ ସାହାଯ୍ୟ କରୁଥିଲେ ମିସେସ୍ ଖେଡେକର୍। ବଳେଇ ବଳେଇ ଖୁଆଇଥିଲେ ସେମାନଙ୍କୁ। ଖାଇସାରିବା ପରେ କୋକାକୋଲା ଟକ ପିଇ ହାତ ଧୋଇବାକୁ ବେସିନ୍ ପାଖକୁ ଗଲା ବେଳକୁ ମୁଣ୍ଡଟା କେମିତି ଝାଙ୍କି ଦେଲା ଯତୀନ୍‌ର। ଭଲ କରି ମୁହଁରେ ପାଣି ଛାଟି ହାତ ଧୋଇ ଆସିଲା ବେଳକୁ ପୃଥିବୀଟା ଘୁରୁଥିଲା ଭଳି ଲାଗୁଥିଲା ତାକୁ। ପଡିଯାଉ ଯାଉ ସେ ଧରି ପକାଇଥିଲା ଡାଇନିଂ ଚେୟାରକୁ। ଧୀରେ ଧୀରେ ଆଖି ବନ୍ଦ ହୋଇ ଆସୁଥିଲା ତା'ର। ଶେଷଥର ପାଇଁ ଆଖି ଖୋଲି ସେ ଦେଖିଲା ଡାଇନିଂ ଟେବୁଲ୍ ଉପରେ ମୁହଁମାଡ଼ି ଶୋଇ ଯାଇଛି ତମସା।

ତା' ପରଦିନ ସକାଳୁ ତା'ର ନିଦ ଭାଙ୍ଗିଲା ବେଳକୁ ଯତୀନ୍‌ର ପୃଥିବୀଟା ଓଲଟପାଲଟ ହୋଇ ଯାଇଥିଲା। ମୁହଁରେ ବିଶ୍ୱ ବିଜୟିନୀର ହସ ଧରି ପାରଦର୍ଶୀ ନାଇଟ୍ ଗାଉନ୍‌ରେ ତା' ବେଡ୍ ତଳକୁ ଛିଡା ହୋଇ ରହିଥିଲେ ମିସେସ୍ ଖେଡେକର୍। ନିଜର ଅର୍ଦ୍ଧ ନଗ୍ନ ଶରୀରକୁ ଚାହିଁ ଲଜ୍ଜା, ଅପମାନ ଆଉ ଘୃଣାରେ ମୁଣ୍ଡ ନୁଆଁଇ ବେଡ୍ ଉପରୁ ତଳକୁ ଓହ୍ଲେଇ ଆସିଲା ଯତୀନ୍। ତମସା କଥା ମନରେ ଆସିବା କ୍ଷଣି ଗୋଟାଏ ଝଡ଼ ଭଳି ବାହାରକୁ ବାହାରି ଆସି ଦେଖିଲା ପାଖ ରୁମ୍‌ଟିର ପରଦା ଆଡ଼େଇ ବାହାରି ଆସୁଛନ୍ତି ମିଷ୍ଟର ଖେଡେକର୍‌। ତାଙ୍କର ମୁକୁଳା ଛାତିରେ ଠାଆକୁ ଠାଆ ସିନ୍ଦୂର ଦାଗ ଆଉ ନଖ ଆମ୍ପୁଡ଼ାର ଚିହ୍ନ। ନିଜର ମୁଣ୍ଡକୁ ଢୋ ଢେରା କରି କାନ୍ଥରେ ପିଟି ପକାଇଲା ଯତୀନ୍। ୱାଶରୁମ୍‌ରୁ ବାହାରି ଆସି ତାକୁ ଧରି ପକାଇଲେ ମିଷ୍ଟର ଖେଡେକର। ବିନ୍ଦାସ୍ ସ୍ୱରରେ କହିଲେ 'ଟେକ୍ ଇଟ୍ ଇଜି ୟାର୍! ଐସା ହୋତା ହୈ, ଇଓର୍ ପ୍ରମୋଶନ୍ ଇଜ୍ କ୍ୱାଇଟ୍ ସିକ୍ୟୋରଡ୍'।

ଯତୀନ୍ ରାଗରେ ଥରୁଥିଲା, ତା'ର ଇଚ୍ଛା ହେଉଥିଲା ବନ୍ଧୁକଟିଏ ଧରି ତା'ର ସବୁଯାକ ଗୁଳି ନିଃଶେଷ କରି ଦିଅନ୍ତା ଏଇ ଖେଡେକର୍ ଦମ୍ପତିଙ୍କ ଉପରେ। ନିଜ ଉପରେ ବି ଖୁବ୍ ରାଗ ଆସୁଥିଲା ତା'ର। ନିଜର ମୂର୍ଖାମି ଯୋଗୁ ନିଜର କେତେ ବଡ଼ କ୍ଷତି କରିବସିଲା ସିଏ। କାହାକୁ କହିବ ସେ ଏକଥା ? କହିଲେ ସେ କାହାକୁ ମୁହଁ ଦେଖେଇବ ? ତମସାର କ'ଣ ହେବ ? ଏମିତି ଅପମାନିତ ହେଲା ପରେ ସେ ବଞ୍ଚି ରହିପାରିବ ତ ? ଫେରି ପଡ଼ି ସାର୍ଟଟି ଦେହରେ ଗଳେଇ ସେ ତମସାକୁ ଉଠାଇବା ଲାଗି ଧାଇଁ ଯାଇଥିଲା ପାଖରୁମ୍‌କୁ। ସେତେବେଳ ଯାଏ ତମସା ଶୋଇ ରହିଥିଲା ସେଇ ବେଡ୍ ଉପରେ। ଧାଇଁ ଯାଇ ତା' ନାକରେ ହାତ ରଖିଲା ଯତୀନ୍। ଦେଖିଲା ନିଶ୍ୱାସ ପ୍ରଶ୍ୱାସ ଠିକ୍ ଚାଲିଛି। ତା'ର ଅସଂଯତ ବେଶଭୂଷା ଦେଖି ଛାତିଟା ଫାଟି ଯାଉଥିଲା ଯତୀନ୍‌ର। କୌଣସି ପ୍ରକାର ତାକୁ କାନ୍ଧରେ ପକାଇ ଆଣି କାର୍‌ର ପଛ ସିଟ୍‌ରେ ଶୁଆଇ ଦେଇ ନିଜେ ଡ୍ରାଇଭ୍ କରି ଆସିଥିଲା ଘରକୁ। ଦୁଇଦିନ ଯାଏ ତମସା ଅର୍ଦ୍ଧଚେତନ ଅବସ୍ଥାରେ ରହିଥିଲା ଏବଂ ସିଏ ଅଫିସ୍ ଯିବା ବନ୍ଦ କରି ତାକୁ ଜଗି ବସି ସେବା ଶୁଶ୍ରୂଷା କରିଥିଲା। ବହୁତ କଷ୍ଟରେ ତା'ର ଚେତା ଫେରିଥିଲା ତୃତୀୟ ଦିନ ସନ୍ଧ୍ୟାରେ। ଆଖି ଖୋଲି ଯତୀନକୁ ସାମନାରେ ଦେଖି ତାକୁ କୁଣ୍ଢାଇ ଧରି ବହେ କନ୍ଦାକଟା କଲା ପରେ ଚୁପ୍ ହୋଇଗଲା ଯତୀନ୍‌ର କାନ୍ଦ ଦେଖି। ସେଦିନ ସାରାରାତି ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରି କାନ୍ଦି କାନ୍ଦି କଟିଲା। ନିଜର ଉଚ୍ଚାଭିଳାଷ ଆଉ ସରଳ ବିଶ୍ୱାସ ପାଇଁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଥିଲା ଯତୀନ୍‌କୁ, ତାହା ତା'ର ଜୀବନରେ ସବୁଦିନ ପାଇଁ ରକ୍ତାକ୍ତ କ୍ଷତଟିଏ ହୋଇ ରହିଗଲା। ଯତୀନ୍‌କୁ ଆଉ ମୁହୂର୍ତ୍ତଟିଏ ବି ସେଠାରେ ରହିବାକୁ ଇଚ୍ଛା ହେଉନଥିଲା। ଯେତେଦିନ ସେ ସେଠାରେ ଥିବ, ତା' ସହିତ ଘଟିଥିବା ଦୁର୍ଘଟଣା ତାକୁ ତିଳ ତିଳ କରି ଜାଳିଦେବ, ବରଂ ଗାଁକୁ ଫେରିଯିବା ଭଲ ହେବ।

ତା' ପରଦିନ ସକାଳୁ ଅଫିସ୍‌କୁ ନିଜର ଲାପଟପ୍‌ରେ ରେଜିଗ୍ନେସନ୍ ଲେଟରଟି ମେଲ୍ କରି ଦେଇ କିଛି ଜରୁରୀ ଆବଶ୍ୟକୀୟ ଜିନିଷପତ୍ର ସାଙ୍ଗରେ ଆଣି ରାତିରେ ଫ୍ଲାଇଟ ଧରି ଓଡ଼ିଶା ଫେରି ଆସିଥିଲା ଯତୀନ୍, ତମସାକୁ ସାଙ୍ଗରେ ନେଇ। ମହାନଗରୀର ମାୟା ଲୁଟି ନେଇଥିଲା ତା'ର ସାରା ଜୀବନର ସୁଖ ଶାନ୍ତି। ତମସା ସେମିତି ମୂକ ହୋଇ ରହିଥିଲା ଅନେକ ଦିନ। ଗାଁକୁ ଫେରିଲା ପରେ ଯତୀନ୍ ଜଣାଇ ଦେଇଥିଲା ଯେ ମୁମ୍ବାଇରେ ତମସାର ଦେହ ବହୁତ ଖରାପ ହେବାରୁ ସେ ଚାକିରୀ ଛାଡ଼ି ଦେଇ ଆସିଛି ଏବଂ ଏବେ ସେ ଗାଁରେ ରହି ଜମିବାଡ଼ିର ଦେଖାଶୁଣା କରିବ। ଉନ୍ନତ ପ୍ରଣାଳୀରେ ଚାଷବାସ କରି ନିଜର ଓ ନିଜ ଗାଁର ଉନ୍ନତି କରିବ। ଚୌଧୁରୀ ପରିବାରର ସମସ୍ତେ ଖୁସି ହୋଇଥିଲେ ଯତୀନ୍‌ର ଏଇ ନିର୍ଣ୍ଣୟରେ। ଧୀରେ ଧୀରେ ସୁସ୍ଥ ହୋଇଥିଲା ତମସା ଏବଂ ସବୁ ଦୁର୍ଘଟଣାକୁ ଭୁଲି ନୂଆ କରି ଜୀବନ ଆରମ୍ଭ କରିଥିଲା ଯତୀନ୍ ସାଥିରେ। ବାପାଙ୍କ ସହିତ ମିଶି ତମସା ସ୍କୁଲଟିଏ ଖୋଲି ଥିଲା ଗାଁରେ ଆଉ ପିଲାମାନଙ୍କୁ ନିଶୁଳ୍କ ଶିକ୍ଷାଦାନ କରୁଥିଲା। ମହାନଗରୀର ମାୟାଜାଲ କାଟି ସଫଳ ଚାଷୀଟିଏ ହୋଇ ସୁଖରେ ନିଜ ପରିବାର ସହିତ ଦିନ କାଟୁଥିଲା ଯତୀନ୍।

*ଶାରଳା ଭବନ ପୋତାପୋଖରୀ କଟକ-୪*
*ଦୂରଭାଷ: ୯୩୩୭୨୭୨୬୪୭*

# ପ୍ରତିଶୋଧ

## ବିଭୂତି ଭୂଷଣ ସେନାପତି

ଆକାଶର ଦ୍ୱିତୀୟା ତିଥି ଜହ୍ନର ମେଲିନ ହସ । ଗୋଲାପୀ ଗୋଧୂଳୀର ରଙ୍ଗ ଧୀରେ ଧୀରେ ମ୍ଳାନ ହୋଇ ଆସୁଥାଏ । ଗଙ୍ଗଶିଉଳୀର ବାସ୍ନାରେ ମହକୁଥାଏ ନଈ ପଠା । ଦଲକାଏ ପବନ ନୀଳ ସମୁଦ୍ରର ତରଙ୍ଗ ଆଡକୁ ପହଁରୁଥାଏ । ଅସହାୟ ଭାବରେ ଛିଡା ହୋଇଥିଲା ସୁରଭି ଉଙ୍କୁଳା ନଈର କାଶତଣ୍ଡୀ ବଣ ପାଖରେ । ଏତେ ପର୍ଯ୍ୟନ୍ତ ମିନା ଆସିଲା ନାହିଁ । କିପରି ଏକୁଟିଆ ଘରକୁ ଯିବ ସେହି ଚିନ୍ତା ମନକୁ ଅନ୍ଦୋଳିତ କରୁଥାଏ । ଗୋଟିଏ ତରୁଣୀର ମନ ମଳୟରେ ଫୁଲ ହାଟ ବସେ ସିନା କିନ୍ତୁ ତା'ର ରୂପ ଲାବଣ୍ୟରେ ପୁରୁଷର ଅଲିଭା ପରିଚୟ ବେଳେ ବେଳେ................?

ଶାସ୍ତ୍ରକାରମାନେ କହନ୍ତି- "ନାରୀ ଜାୟା, ଜନନୀ ଓ ଭଗିନୀ। "ନଈଟିଏ ପରି ସମସ୍ତ କଥା ମଥା ପାତି ସହି ନେଉଥିବାରୁ ସେ ସମାଜ ଆଖିରେ ନାରୀ ।ସଂଜ ସଳିତା ପରିଜଳି ଜଳି ଅନ୍ୟକୁ ଆଲୋକ ଦେବାରୁ ସେ ହୁଏ ଜାୟା ।ପୁରୁଷକୁ ସ୍ନେହ ମମତାରେ ବାନ୍ଧି ରଖେ ବୋଲି ସେ ହୁଏ ପତ୍ନୀ । ଆପଦ ବିପଦ ବେଳେ ଭାଇ ପାଖରେ ଠିଆ ହୋଇ ନୁଜର ସୁରକ୍ଷା ଦାବୀ କରେ ବୋଲି ସେ ଭଗିନୀ । ଏହି କଥାଟିକୁ ଭଲ ବାବରେ ହୃଦୟଙ୍ଗମ କରିଥିଲା ସୁରଭି ।

-ହଠାତ୍ ଜଣେ ଯୁବକ ଆସି ପହଁଚିଲା ସେଇ ନଈ ପଠା ଉପରେ। ଅତି ବିନମ୍ର ଭାବରେ କହିଲା- ଭଉଣୀ,'ଆପଣ ଯଦି ମନରେ କିଛି ନ ଭାବିବେ ମୁଁ ଆପଣଙ୍କୁ ନେଇ ଘରେ ଛାଡି ଦେଇ ଆସିବି ।' ଭାଇ ସବୁବେଳେ ଭଉଣୀର ନିରାପତ୍ତା ଚାହେଁ ।

-ମୁଁ ଜାଣେ, ଆପଣଙ୍କ ଘର ବକ୍ସି ବଜାର ପାଖ ଗଳିରେ । ସେହି ବାଟ ଦେଇ ମୁଁ କଲେଜକୁ ଯାଏ । ଆପଣଙ୍କ ସହିତ କଲେଜରେ ଭେଟ ହୋଇଛି ବହୁବାର । ସିନିଅର ବିଜ୍ଞାନ ଛାତ୍ରୀ ହୋଇ ଥିବାରୁ ମୁ କିଛି କହେ ନାହିଁ ।

-ଏଇ ସେହି ଅତନୁ, କଲେଜ ଝିଅ ପିଲାଙ୍କୁ ଦେଖିଲେ ଟିଟିକାରୀ ମାରେ । ଡ୍ରାମାଟିକ ସେକ୍ରେଟେରୀ ପାଇଁ ଛିଡା ହୋଇ ମାତ୍ର ତିନି ଖଣ୍ଡ ଭୋଟରେ ହାରିଯାଇଥିଲା । ଆଜିକାଲି ସମାଜରେ ମଣିଷ ବାଘଙ୍କ ସଂଖ୍ୟା ବହୁତ ଅଧିକ । ଯଦି ବର୍ତ୍ତମାନ ମୁଁ ଅତନୁ ସହିତ ଘରକୁ ନ ଯାଏ ତାହା ହେଲେ ହୁଏତ ବିପଦ ଆସିପାରେ ।

-ଚାଲନ୍ତୁ, ମୋତେ ଆପଣ ବକ୍ସି ବଜାର ଛକ ଉପରେ ଛାଡି ଦେଇ ଆସିଲେ ମୁଁ ଚାଲି ଯିବି । ମୋ ଭାଇ ମୋତେ ସେଠାରେ ଅପେକ୍ଷା କରିଥିବେ।

-ଯେଉଁଠି କ୍ଷୁଧା ନାହିଁ କି ତୃଷ୍ଣା ନାହିଁ ସେଇଠି ଋତୁର ନାମ ବସନ୍ତ। ଯେଉଁଠି ଦୁଃଖ ଅଛି ଯନ୍ତ୍ରଣା ଅଛି ସେଇଠି ଋତୁର ନାମ ଗ୍ରୀଷ୍ମ । ବିବାହ, ବନ୍ଧନ ଓ ସଂପର୍କ ଗୋଟିଏ ଗୋଟିଏ ପ୍ରତାରଣା । ସୁନ୍ଦରୀ ଝିଅଟିଏ ଆଜି ସବୁଠି ପଣ୍ୟ । ସବୁଠି ତା'ର ସେହି ଗୋଟିଏ ଆବଶ୍ୟକତା , ସେ ଆବଶ୍ୟକତା କେବଳ ଦେହ ପାଇଁ ।

ଅତନୁ ମୋଟର ସାଇକେଲରେ ଗଲା ବେଳେ ଅନ୍ୟମନସ୍କ ପରି ଜଣା ପଡୁଥିଲା । କୌଣସି ମତେ ବକ୍ସି ବଜାର ଛକରେ ଓହ୍ଲାଇ ଦେଇ ଅତନୁ କହିଲା, ଆଗାମୀ ଦିନରେ ଯଦି କିଛି ଅସୁବିଧାରେ ପଡନ୍ତି ମୋତେ ଜଣାଇବେ । ମୋ ବାପା ଏଇ ସଦର ଥାନାରେ ସବଇନ୍ସପେକ୍ଟର । ତାଙ୍କ ନାମ ରାଧାକାନ୍ତ ପଟ୍ଟନାୟକ । ତାଙ୍କ ନାମ ଶୁଣିଲେ କ୍ରିମିନାଲ ମାନେ ମୁହୂର୍ତ୍ତଟିଏ ବି ସହରରେ ରହିବାକୁ ଚାହିଁବେ ନାହିଁ ।

ଗୋଟିଏ ପୋଲିସ ଅଫିସରର ପୁଅ ବୋଲି ବୋଧହୁଏ ସୁରକ୍ଷା ଦେବା ଦାୟିତ୍ୱ ଅନୁ**ବ କଲେ ସୁରଭି ।**

- ମୋ ବାପା ଦିନେ କହୁଥିଲେ-ରାଧାକାନ୍ତ ମୋର ବଂଧୁ । ସେ ଏହି ସଦର ଥାନାରେ ଅଛି । ଆବଶ୍ୟକ ପଡିଲେ ମୁଁ ସାକ୍ଷାତ କରିବି । ସେ ଆମକୁ ଏହି ସହରରେ ସୁରକ୍ଷା ଯୋଗାଇଦେବେ ।

-ସମୟ ଏକ ପ୍ରବହମାନ ସ୍ରୋତର ଉତ୍ସ । ପରିବର୍ତ୍ତିତ ସମୟର ଘଟଣା ପ୍ରବାହରେ ସୁରଭି ଭଲ ପାଇଛି ଅତନକୁ । ବାପାଙ୍କ ସହାନୁଭୂତିରେ ଅତନୁ ବହୁ ସମୟରେ ସୁରଭି ଘରକୁ ଆସିଛି ଓ ଉଭୟଙ୍କର ସଂପର୍କ ଦୁଇଟି ପ୍ରାଣର ଚେତନ ଶକ୍ତିକୁ ଗୋଟିଏ ରଜ୍ଜୁରେ ବାନ୍ଧି ଦେଇଛି । ପ୍ରେମ ଏକ ରଣ ହେଲେ ସ୍ମୃତି ତା'ର ସୁଧ ହୁଏ, ଆଉ ଯେଉଁଠି ପ୍ରେମ ଏକ ସପନ ହୁଏ ସ୍ମୃତି ସେଇଠି ନିଦ ପାଲଟିଯାଏ । ଦିନେ ଅତନୁ କହିଥିଲା - ଆମେ ଏମିତି ଏକ ପ୍ରେମିକ ଓ ପ୍ରେମିକା ହୋଇ ରହିଯିବା ଯେଉଁଠି ଆଷାଢ଼ ଆସିଲେ ମୌସୁମୀ ପରି ଯୌବନ ଆକାଶରେ ଭସାଣିଆ ବାଦଲ ପ୍ରେମରେ ଅସଂଖ୍ୟ ଇନ୍ଦ୍ରଧନୁ ଆଙ୍କିଦେବା ।ଜୀବନ ସହିତ ସାଲିସ କରି ସୁରଭି ପ୍ରେମିକ ଅନ୍ତରରେ କାମନାର ପାରିଜାତ ପାଲଟି ଯାଇଥିଲେ।

-କିଛି ଦିନ ପରେ ରାଧାକାନ୍ତ ବାବୁଙ୍କ ବଦଳି ହୋଇ ଯାଇଛି କଳାହାଣ୍ଡିର ଋୁରାଲ ଥାନାକୁ । ସେ ତାଙ୍କ ପରିବାର ସହ ସେଠାକୁ ଚାଲି ଯାଇଛନ୍ତି । ସୁରଭି ବହୁବାର ଟେଲିଫୋନ୍ କଲେ ମଧ୍ୟ ଅତନୁ ଉଠାଇ ନାହିଁ, କେବଳ ଗୋଟିଏ ଉତ୍ତର ଆସେ -ସମୟ ହେଲେ ମୁଁ ଫୋନ୍ କରିବି, ବ୍ୟସ୍ତ ହେବେନାହିଁ।

-ଅବାଧ ଯୌନଚର୍ଯ୍ୟା ମଧ୍ୟରେ ନିଜ ଜୀବନର ସମସ୍ତ ଅଳି ଅର୍ଦ୍ଦଳିକୁ

ଯଉମୁଦ ଘରେ ଚାପି ଦେଇ ଆଗକୁ ଆଗକୁ ଚାଲିଛି , ମୁଁ କହିବି ହେ ସମୟ !.....ମୋତେ ମୁକ୍ତି ଦିଅ । ଝରଣାଟିଏ ପରି ବହି ଆସେ ଆଗାମୀ ଦିନରେ ଗିରି କନ୍ଦରରୁ । ଋତୁ ମାନଙ୍କ କାନରେ କହି ଦେବି -ସୁନ୍ଦର ପୃଥିବୀଟିଏ ସୃଷ୍ଟିକର । ଯେଉଁଠି ସର୍ବସଂହା ନାରୀର ଅସୁମାରୀକଳ୍ପନା ମିଳନ ଆଶାରେ ଫୁଲ ହୋଇ ଫୁଟୁ କିନ୍ତୁ ବିରହ ଜ୍ୱାଳାରେ ବିଦଗ୍ଧ ବସନ୍ତ ନ ହେଉ।

"ପ୍ରଣୟ ନଈରେ ନାରୀ ଏକା ସିନା ପ୍ରଥମ ପୀରତି ବନ୍ୟା, ନନ୍ଦନ ବନର ପାରିଜାତ ଫୁଲ ଫେନିଳ ସାଗର କନ୍ୟା ।" ଆଜି କିନ୍ତୁ ସମୟ ଆଗରେ ସୁରଭି ଛିଡା ହୋଇ ଦେଖୁଛି ପୁରୁଷଜାତିର ବିଦ୍ରୂପ ହସ । ପ୍ରଣୟିନୀର ପ୍ରେମ, ଅଭିସାରିକାର ଆବେଗ, ଆଉ ପତ୍ନୀର ମମତା ନେଇ ଦିନେ ଅତନକୁ ଭଲ ପାଇ ବସିଥିଲି, ଅତି ନିଜର କରିଥିଲି କିନ୍ତୁ ସଂଭାବନାର ପ୍ରଥମ ସୂର୍ଯ୍ୟୋଦୟ ଶେଷରେ ମୁଁ କେବଳ ସମାଜରୁ ସାଉଁଟି ଆଣିଲି ପ୍ରତାରଣାର ବହଳିଆ ଅନ୍ଧାର । ଶେଷରେ ସୁରଭି ନିଷ୍ପତ୍ତି ନେଲା ସେ ଅବିଭାହିତ ରହିବ ଏବଂ ପୁରୁଷ ଜାତିକୁ ଶିକ୍ଷା ଦେବ ନାରୀ ଏକ କାଚ କଣ୍ଢେଇ ନୁହେଁ , ସେ ଭାଙ୍ଗି ରୁଜି ଚୁର ମାର ହୋଇ ଯିବ । ଦରକାର ପଡିଲେ ଲଜ୍ଜା ଓ ଲାବନ୍ୟକୁ ଭୁଲି ଯାଇ ବିପ୍ଳବିନୀ ଝାନ୍ସୀରାଣୀ ଲକ୍ଷ୍ମୀ ବାଈ ସାଜିବ । ସମାଜ କହିବ ନାରୀ କେବଳ ଜାୟା ନୁହେଁ, ଜନନୀ ଓ ଭଗିନୀ।

କଳାହାଣ୍ଡିର ଋ୍ୟୁରାଲ ଥାନାରେ କର୍ମରତା ସବ୍ ଇନସ୍ପେକ୍ଟରକୁ ବିଭା ହୋଇଛି ଅତନୁ, ଏଥିପାଇଁ ବାପାଙ୍କ ଆଦେଶକୁ ସେ ଅମାନ୍ୟ କରିନାହିଁ ବରଂ ହସ ହସ ମୁଖରେ ଶଙ୍ଖା ସିନ୍ଦୂରକୁ ଆଦରିନେଇଛି ଜଣେ ଆଦର୍ଶ ପତ୍ନୀ ପାଇ । ସମୟର ନିଷ୍ଠୁର ଆଘାତରେ ବିବାହର ମାତ୍ର ଚାରି ମାସ ପରେ ଅତନୁ ପତ୍ନୀ ଏକ ସାଂପ୍ରଦାୟିକ ଦଙ୍ଗାକୁ ମୁକାବିଲା କରି ନ ପାରି ସବୁ ଦିନେ ପାଇଁ ସଂସାରରୁ ବିଦାୟ ନେଇ ଆର ପୁରକୁ ଚାଲି ଯାଇଛି ।

-ଏହାପରେ ହିମାଳୟର ଏକ ସାଧୁ ଆଶ୍ରମକୁ ଜନୈକ ବାବାଙ୍କ ଡାକରାରେ ଅତନୁ ଚାଲି ଯାଇଛି । ସେଇଠି ସେ ଜୀବନ ଯନ୍ତ୍ରଣାକୁ ଅନୁସଂଧାନ କରିବ । ଏ ସଂସାର ମାୟା ମୋହର ଘର । ଅତନୁ ସାଧୁଙ୍କର ଗୋଟିଏ କଥା ଭଲ ଭାବରେ ଉପଲବ୍ଧି କଲା -"ଜୀବନକୁ ଭଲ ପାଇବାର ଅନ୍ୟ ନାମ କାମନା ହେଲେ ନିଜକୁ ଭଲ ପାଇବାର ଅନ୍ୟ ନାମ ସନ୍ନ୍ୟାସ।"

ଅହଲ୍ୟା ସଂପୂର୍ଣ୍ଣ ନିଷ୍ପାପ, ନିରପରାଧିନୀ ଏବଂ ଜ୍ୟୋଛନାଭରା ଚନ୍ଦ୍ରମା, ତଥାପି ସେ ଚାରିତ୍ରିକ ନିର୍ମଳ ଭାବମୂର୍ତ୍ତି ପାଇଲା ନାହିଁ । କାରଣ ଲୋକେ କହିଲେ- "ଅହଲ୍ୟା କାହାର ପତ୍ନୀ ? ଗୌତମ ନା ଇନ୍ଦ୍ର" ? ସମୟ ସମସ୍ତ ଘଟଣାକୁ ସେହିଦିନ ମୂଲ୍ୟାୟନ କରିବ ଯେଉଁ ଦିନ ପ୍ରଣୟ ଫୁଲର ମାଳାଧରି ଅହଲ୍ୟା ପରି ନାରୀ ତାର ପ୍ରିୟତମଙ୍କ ଗଳାରେ ସଜହାରଟିଏ ଲମ୍ବାଇ ଦେଇ କଳ୍ପନାର ବାସକଶଯ୍ୟା ନାୟିକା ସାଜିବ ।

ଠିକ୍ ଏହି ସମୟରେ ଦୂରରୁ ଭାସି ଆସୁଥିଲା ଡାକବାଜି ଯନ୍ତ୍ରର ସ୍ୱର। ଆଜି ସଂଧ୍ୟା ସାତ ଘଟିକା ସମୟରେ ବାଦାମବାଡି ଦୁର୍ଗା ମଣ୍ଡପରେ ଜଣେ ସାଧୁବାବା ଜୀବନ ଦର୍ଶନ ଉପରେ ପ୍ରବଚନ ଦେବେ ଏବଂ ସମସ୍ତ ନାରୀ ଜାତିପାଇଁ ସେ ବାର୍ତ୍ତା ଆଣିଛନ୍ତି 'ନାରୀ କେବଳ ଜାୟା ନୁହେଁ ଜନନୀ ଓ ଭଗିନୀ ।' ବାବା ଜଣଙ୍କ ବହୁ ଦେଶ ଭ୍ରମଣ କରି ଯେଉଁ ବାର୍ତ୍ତା ଆଣିଛନ୍ତି ସେଥିରେ ଅଛି ମାନବ ଜୀବନର ଇସ୍ତାହାର । ବାବାଙ୍କ ନାମ ଅତନୁପ୍ରେମାନନ୍ଦଜୀ।

ଅତନୁ ନାମଟି ଶୁଣିଲା ପରେ ସୁରଭିର ମନ ଆନ୍ଦୋଳିତ ହେଲା । ସେ ଆଜି ନିଶ୍ଚୟ ପୂଜା ମଣ୍ଡକୁ ଯିବ, ବାବାଙ୍କର ପ୍ରବଚନ ଶୁଣିବ । ସେହି ପ୍ରତାରକ ଅତନୁ ନୁହେଁ ତ ? ମନଟା କାହିଁକି ସୁରଭିର ଗୋଳ ମାଳ ହୋଇଯାଉଥାଏ ।

-ଧୀରେ ଧୀରେ ସୂର୍ଯ୍ୟ ଦେବତା ବାରୁଣୀ ରାଇଜରେ ଲୁଚିଗଲେ । ବିଗତ କାହାଣୀର ବିଲୁପ୍ତ ଅକ୍ଷର ଆଖି ଆଗରେ ଭାସି ଉଠିଥିଲା ସୁରଭିର। ମଂଚ ନିକଟରେ ଥିବା ଏକ ଆମ୍ବ ଗଛ ଉପରୁ ଦୁଇଟି କପୋତ ଓ କପୋତୀ ଫର କିନା ଉଡିଗଲେ ବହୁ ଦୂରକୁ । ସଭା ମଣ୍ଡପ ଆଗରେ ଗୋଟିଏ ପ୍ଲାଷ୍ଟିକ ଚେୟାର ଉପରେ ବସିଥିଲା ସୁରଭି । ରାତିର ଅନ୍ଧାର କ୍ରମଶଃ ଗାଢ ହେବାକୁ ଲାଗୁଥାଏ । ଦୀରେ ଧୀରେ ସଭା ମଂଚ ଗହଳି ହେବାକୁ ଲାଗିଲା। ନୂଆ ସାଧୁଙ୍କ ପ୍ରବଚନ ଶୁଣିବା ପାଇଁ ବହୁ ସ୍ତ୍ରୀଲୋକଙ୍କର ଭିଡ । କିଛି ସମୟପରେ ଅତନୁ ପ୍ରେମାନନ୍ଦଜୀ ଆଜାନୁ ଲମ୍ବିତ ଢେଉଆ ବସ୍ତ୍ର, ନାଭି ପର୍ଯ୍ୟନ୍ତ ଲମ୍ବି ଥିବା ଧଳା ମଚ୍ ମଚ୍ ଦାଢି, ବେକରେ ତୁଳସିମାଳ ଓ ହାତରେ କମଣ୍ଡଳୁ ଧରି ସଭା ମଣ୍ଡପରେ ପହଁଚିଲେ।

-"ଅସତୋ ମା ସଦ୍ ଗମୟଃ ତମସୋ ମା ଜ୍ୟୋତିର୍ଗମୟଃ"କହି ସାଧୁବାବା ପ୍ରବଚନ ଆରମ୍ଭ କଲେ । ସମାଜରେ ନାରୀ ଓ ପୁରୁଷ ଦୁଇଟି ଆଖି । ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ଜଣେ ଶକ୍ତି ହେଲେ ଆଉ ଜଣେ ଶିବ । ପୁରୁଷର ଅଗ୍ରଗାମୀରେ ନାରୀର ପ୍ରେରଣା ଓତଃପ୍ରୋତଃ ଭାବେ ଜଡିତ । ପୁରୁଷ ଝୁଣ୍ଟି ପଡିଲେ ନାରୀହାତ ଧରି ଆଗକୁ ନେଇଯାଏ।

ନାରୀ ଜାତିକୁ ଯେ ଅବମାନନା କରେ ସେ ମଣିଷ ପଦବାଚ୍ୟ ନୁହେଁ। କାମ, ପ୍ରେମ, ପ୍ରଣୟ, ଅନୁରାଗ, ସ୍ନେହ, ପ୍ରୀତି, ଭକ୍ତି ଇତ୍ୟାଦି ସବୁ ମିଶାଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଗଢି ଉଠିଥିବା ସଂପର୍କ ସତେ ଯେପରି କ୍ଷୀର ନୀର ଠାରୁ ଆହୁରି ନିବିଡ଼ । ନାରୀର ମନସ୍ତତ୍ୱକୁ ନେଇ ପ୍ରେମ ପ୍ରକାଶିତ ହୁଏ । ପେକୀୟା ବାସ୍ୱକୀୟା, ପତ୍ନୀ ବା ପ୍ରଣୟିନୀ, କୀର୍ତ୍ତି ହେଉ ବା କଳଙ୍କ ହେଉ ସବୁଠି ପ୍ରେମର ଏକ ସ୍ୱାଭାବିକତା ବିଦ୍ୟମାନ ।

-ବେଶ୍, ଉଚ୍ଚାରଣ ଓ ଆଚରଣରେ ସାଧୁବାବା କେତେ ଦୂର ସମର୍ଥ ତାହା ହିଁ ତାଙ୍କ ପ୍ରୋଫାଇଲ କହିବ । ଏହି ସେହି ଅତନୁ ପ୍ରେମାନନ୍ଦଜୀ ବୋଧ ହୁଏ ତାଙ୍କ ମୁଖ ମଣ୍ଡଳରୁ ଆଭାଷ ମିଳୁଛି । ଭାରି ସୁନ୍ଦର- ରାବଣର ଛାତି ତଳେ ରାମ ନାମ ମନ୍ତ୍ର ।

-ଦାଉ ଦାଉ ହୋଇ ଜଳୁଥିବା ମୁଖ ମଣ୍ଡଳ ଉପରେ ସୁରଭିର ଦୃଷ୍ଟି ଏକ ସରଳ ରେଖାରେ ରହିଲା ପରି ଅବଗତ ହେଉଥିଲା । ଦେଖଣାହାରି ମାନେ ଚାହିଁ ଥା'ନ୍ତି ନିର୍ନିମେଶ ନୟନରେ । ସତେ ଯେପରି ଦୀର୍ଘ ଦିନ ପରେ ଗୋଟିଏ କକ୍ଷଚ୍ୟୁତ ଉଲ୍କା ପିଣ୍ଡ ନିଜ ପଥଚ୍ୟୁତ ।

ସଭା ମଣ୍ଡପଉପରକୁ କିଛି କହିବା ପାଇଁ ଉଠି ଯାଇଥିଲା ସୁରଭି । ଆଖିରେ ଜକେଇ ଆସୁଥିଲା ଅତୀତ ସ୍ମୃତିର ଠପ୍ ଠପ୍ ଲୁହ ।

-ଠିକ୍ ଏହି ସମୟରେ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲା । ପାଂଚ ମିନିଟ ପରେ ସଭା ମଂଚ ଆଲୋକିତ ହେବା ବେଳକୁ ସାଧୁ ବାବା ଆଉ ମଂଚରେ ନଥିଲେ ।

-ରୂପେଲି ଜହ୍ନର ଶ୍ୱେତ ମର୍ମର ରାତି ଅପେକ୍ଷା କରିଥିଲା ଅନ୍ତିମ ପ୍ରହରକୁ, ଯେଉଁଠି ଅଶାନ୍ତି ମହୋଦଧିର ଅଧୀର ଆଲିଙ୍ଗନ ଭିତରେ ସ୍ୱପ୍ନ ମଗ୍ନ ଥିଲା ସ୍ରୋତସ୍ୱିନୀ ଚନ୍ଦ୍ରଭାଗା, ବିମୁକ୍ତ ବେଳାର ତୃଷିତ ବୁକୁ ଉପରେ ଲୋଟି ପଡୁଥିଲେ ଅସଂଖ୍ୟ ତରଙ୍ଗ ମାଳା । ନିଃସଙ୍ଗ ଚକ୍ରବାକୀ ଅପେକ୍ଷା କରିଥିଲା ଶୁଭ୍ର ସକାଳର ସୁନେଲି କିରଣକୁ.............................। ସୁରଭି ଓଠରେ ଦାଉ ଦାଉ ହୋଇ ଜଳୁଥିଲା ପ୍ରତିଶୋଧର ନିଆଁ ।

*ସଭାପତି, ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ*
*କୋହ୍ଲ,ତିହିଡ଼ି, ଭଦ୍ରକ*
*ଦୂରଭାଷ: ୯୪୩୭୫୭୪୪୬୨*

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### କଳିଙ୍ଗ ପ୍ରତ୍ୟାବର୍ତ୍ତନ ଓ ଅଭିଯାନଲବ୍ଧ ଉପହାର ବଣ୍ଟନ

ଏବେ ହାତୀଗୁମ୍ଫାର ନବମ ପଦଟି ଶବ୍ଦାୟମାନ ହେବାକୁ ଲାଗିଲା –

"କପରୁଖେ ହୟ ଗଜ ରଧ ସହ ଯତି ସବଘରାବାସ ପରିବେସନେ .. ..ସବ ଗହଣ ଚ କାରୟିତୁ ବହ୍ମଣାନ ଜୟ ପରିହାରଂ ଦଦାତି ।। ଅରହତଂ ....ନବମେ ଚ ବସେ"

ଏହି ଶିଳାଲିପି ପଦଟିର ଅର୍ଥ ହେଉଛି – ଥକଳିଙ୍ଗାଧିପତି ଖାରବେଳ ନିଜ ଅଶ୍ୱ, ଗଜ ଓ ରଥ ସହ ପଲ୍ଲବିତ କଳ୍ପବୃକ୍ଷ ଧରି କଳିଙ୍ଗ ପ୍ରତ୍ୟାବର୍ତ୍ତନ କରନ୍ତି, ପ୍ରତି ଘରେ ଘରେ, ପାନ୍ଥଶାଳାରେ ତଥା ସର୍ବସାଧାରଣଙ୍କୁ ବିଜିତ ସମ୍ପତ୍ତି ବଣ୍ଟନ କରିବାରେ ଲାଗିଯାଆନ୍ତି, ପୁଣି ଅନେକ ବ୍ରାହ୍ମଣଙ୍କ କର୍ତ୍ତୃକ ସାରା ରାଜ୍ୟରେ ବଣ୍ଟନ ପ୍ରକ୍ରିୟା ଜାରି ରଖନ୍ତି।ଧ

ନବମ ଧାଡ଼ିଟିର ତର୍ଜମା କରୁଛନ୍ତି କଳିଙ୍ଗ ନଗରପତି ସମ୍ମାନାସ୍ପଦ ଭୂତି। ସ୍ଥାନାଭାବରୁ ସଂକ୍ଷେପରେ ଯାହା ହାତୀଗୁମ୍ଫା ମଥାରେ ପୁରାତନ ବ୍ରାହ୍ମୀ ଭାଷାରେ ଗୋଟିଏ ଧାଡ଼ିରେ ଖୋଦିତ ହୋଇଛି, ସମସାମୟିକ ବିବରଣୀ ଭୂତିଙ୍କ ଦାୟିତ୍ୱରେ ସଂରକ୍ଷିତ ରହିଛି। ସେ ହିଁ କେବଳ ତୋଷାଳି ନୁହେଁ, ସମଗ୍ର କଳିଙ୍ଗରେ କଅଣ କଅଣ ଘଟୁଛି, ତାହା ତାଙ୍କ ନିଜର ସ୍ମୃତିଚାରଣ ନାମକ ନିଜସ୍ୱ ପୋଥିରେ ଲେଖି ରଖନ୍ତି।

କଳିଙ୍ଗାଧିପତିଙ୍କୁ ଅନୁସରଣ କରୁଛି ଚତୁରଙ୍ଗ ସେନାନୀ। ସେନାନୀଙ୍କ କ୍ରମରେ ପ୍ରଥମ ଦଫାରେ ରହିଛନ୍ତି ପରିବହନ ହସ୍ତୀବାହିନୀ। ମଥୁରାବାସୀ ବହୁ ଉପହାର, ଉପଢ଼ୌକନ ଏବଂ ଧନରତ୍ନ ଭରିଦେଇଛନ୍ତି ପରିବହନ ପେଟିକାରେ। ସେମାନେ ଜାଣିଛନ୍ତି କଳିଙ୍ଗ ଗୋଟିଏ ସାଧୁ ରାଜ୍ୟ। ସୀମାବୃଦ୍ଧି ଉଦ୍ଦେଶ୍ୟ ନଥାଇ ବି ନିଜ ମାନ ସମ୍ମାନ ପାଇଁ ଯାହା ମଗଧ-ମୁଖୀ ହୋଇଥିଲେ, ତାହା ମଥୁରାର ସୁରକ୍ଷା କବଚ ପାଲଟିଗଲା। ଦସ୍ୟୁ ଯବନରାଜ ଲୁଣ୍ଠନ ଓ ଅତ୍ୟାଚାର କରି ଜୀବନ ଦୁର୍ବିସହ କରୁଥିଲା, ସେଥିରୁ ମୁକୁଳାଇଥିବା ଦେବଦୂତଙ୍କୁ ମନଭରି ଧନରତ୍ନ, ମଣିମାଣିକ୍ୟ ନଦେବେ ବା କାହିଁକି।

ଏମିତି ଅନେକ ଗୁଡ଼ିଏ ପରିବହନ ପେଟିକା ହସ୍ତିନୀମାନେ ବୋହି ଚାଲିଛନ୍ତି। ବହୁ ସଂଖ୍ୟକ ଲଘୁ ପରିବହନ ପାତ୍ରରେ ମଥୁରାର କଳ୍ପତରୁ ଭର୍ତ୍ତିହୋଇ କଳିଙ୍ଗକୁ ଯାଉଛି। ମଥୁରାରୁ ପ୍ରତ୍ୟାବର୍ତ୍ତନ କଲାବେଳେ ଏମାନେ ବି ମଗଧ ରାଜ୍ୟ ଭିତରେ ପଶି ଆସୁଛନ୍ତି। ଏବେ ମଗଧ ଆଉ ପୂର୍ବପରି ସକ୍ରିୟ ମଗଧ ନାହିଁ। ଯାହା ମଧ୍ୟଦେଇ ମାଛିଟିଏ ଉଡିଗଲେ ବି ନବଖଣ୍ଡ ହେଉଥିଲା, ଆଜି କେହି ବି ସେନାଚାଳନ କଲେ, ମଗଧ ମୃତବତ୍। ନା ସେନା ସାମନ୍ତ, ପଶ୍ଚିମା ଯବନ ଆକ୍ରମଣ ଭୟରେ ମଗଧ ସୁରକ୍ଷାକାରୀମାନେ ଲୁଚିଯାଉଛନ୍ତି।

ଚତୁରଙ୍ଗ କଳିଙ୍ଗସୀମା ସ୍ପର୍ଶ କଲାମାତ୍ରେ ସେଠାରେ ଅଭ୍ୟର୍ଥନା ପାଇଁ ମୁଖ୍ୟମନ୍ତ୍ରୀ ମହାମଦ ନାକିୟା ବିରାଟ ଆୟୋଜନ କରିଛନ୍ତି। ସୁନ୍ଦର ତୋରଣଟିଏ ପ୍ରସ୍ତୁତ ହୋଇରହିଛି। ଏହା ସ୍ପର୍ଶ କରିବାମାତ୍ରେ ହିଁ କଳିଙ୍ଗ ଭୂମିରେ ପାଦ ପଡ଼ିବ। ତାପରେ ବିଶ୍ରାମ ଗୃହଗୁଡିକରେ ଟିକିଏ ପ୍ରସ୍ତୁତ ହୋଇ ଖାଦ୍ୟ ଗ୍ରହଣ କରି ରାଜଧାନୀ କଳିଙ୍ଗନଗରୀକୁ ପ୍ରତ୍ୟାବର୍ତ୍ତନ।

ଦିନ କେଇଟାରେ କଳିଙ୍ଗନଗରୀରେ ପ୍ରବେଶ କରିଛନ୍ତି ସ୍ୱୟଂ କଳିଙ୍ଗାଧିପତି ଖାରବେଳ ଏବଂ ତାଙ୍କର ଅନୁଚର ଥାଟ। ସେନାନୀ ଧୀରେ ଧୀରେ ମାଡ଼ି ଚାଲିଛନ୍ତି କଳିଙ୍ଗନଗରୀକୁ। ସେଠାରେ ଅନ୍ୟୂନ ଏକ ସପ୍ତାହ ପର୍ଯ୍ୟନ୍ତ ବିଜୟ ଉଲ୍ଲାସର ଉତ୍ସବ ପାଳିତ ହେବ। କଳିଙ୍ଗନଗରୀ ପ୍ରକମ୍ପିତ ହେବ ଆନନ୍ଦଉଲ୍ଲାସର ଔଜଲ୍ୟରେ।

ସତରେ ଏହା ବହୁ ଧୁମ୍‌ଧାମ୍‌ରେ ପାଳିତ ହେଲା। କଳିଙ୍ଗାଧିପତି ସର୍ବାଗ୍ରେ ଉପସ୍ଥିତ ରହି କଳିଙ୍ଗନଗରୀ ପରିକ୍ରମା କଲେ। କଳିଙ୍ଗନଗରୀର ଜନସାଧାରଣ ବହୁ ଉତ୍କଣ୍ଠାର ସହିତ ନିଜ ଗୃହ ଏବଂ ଅନେକ ବହୁତଳ ପ୍ରାସାଦ ଉପରୁ ସେହି ବିଜୟ ଉତ୍ସବର ରୋଷଣୀକୁ ଉପଭୋଗ କରିଛନ୍ତି ଏବଂଏହି ଚିତ୍ର ବି ଅକ୍ଷୁଣ ଭାବରେ ରାଣୀଗୁମ୍ଫା ସାମନା ବାରଣ୍ଡାରେ ଅଙ୍କିତ ହୋଇଛି।

ଏହାପରେ କଳିଙ୍ଗ-ଅଧିପତି ଏବଂ ମନ୍ତ୍ରୀ ପରିଷଦ ଗୋଟିଏ ସୁନ୍ଦର ବିଚାର ବିମର୍ଷ କରିଛି ଏବଂ ରାଜ୍ୟପାଇଁ ଅପୂର୍ବ ପ୍ରଶାସନିକ

ଜନମଙ୍ଗଳକାରୀ ନିଷ୍ପତ୍ତି ନେଇଛି। ଦୁନିଆରେ ଆଜି ପର୍ଯ୍ୟନ୍ତ ଅସଂଖ୍ୟ ଯୁଦ୍ଧ ହୋଇଛି। ବିଜିତ ନୃପତି ଏବଂ ବିଜିତ ରାଜ୍ୟ ଏମିତି ନିଷ୍ପତ୍ତି କେବେ ନେଇନାହିଁ। ଏହା ଇତିହାସ ପୃଷ୍ଠାରେ ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିବ।

ପ୍ରଥମ ନିଷ୍ପତ୍ତି ନିଆଗଲା, ମଥୁରାରୁ ପ୍ରାପ୍ତ ପବିତ୍ର ଆଧ୍ୟାତ୍ମିକତା ପରିପୂର୍ଣ୍ଣ କଳ୍ପ ପଲ୍ଲବଭାର ସମଗ୍ର କଳିଙ୍ଗରେ ବଣ୍ଟନ କରାଯିବ। ସମସ୍ତ ଗୃହ ଓ ପାନ୍ଥଶାଳାମାନଙ୍କରେ ବିତରଣ କରାଯିବ। ସମସ୍ତେ ତାହାର ସୁଫଳ ଭୋଗ କରିବେ। ଭବିଷ୍ୟତକୁ ମଧ୍ୟ ଏହା ଲୋକଲୋଚନରେ ଆଶାର ବୈତରଣୀ ହୋଇ ତିଷ୍ଠି ରହିବ।

ଦ୍ବିତୀୟତଃ ଯେଉଁ ପର୍ଯ୍ୟାପ୍ତ ଅର୍ଥ ସୁରସେନ ମହାଜନପଦର ରାଜଧାନୀ ମଥୁରା ନଗରୀ କଳିଙ୍ଗକୁ ଅର୍ପଣ କରିଛି, ତାହାର କିଛି ଅଂଶ ଚତୁରଙ୍ଗ ସେନାନୀଙ୍କର ମନୋରଞ୍ଜନରେ ବ୍ୟୟ କରାଯିବ, ଅବଶିଷ୍ଟ ବିଶାଳ ପରିମାଣ ସମଗ୍ର କଳିଙ୍ଗବାସୀ ସମାନ ଭାବରେ ଭୋଗ କରିବେ। କଳିଙ୍ଗର ପ୍ରତ୍ୟେକ ପ୍ରଜା ପରିବାର ଏହି ଭାଗ ପାଇବାକୁ ହକ୍‌ଦାର। ଚରୁରଙ୍ଗବାହିନୀ କଳିଙ୍ଗ ପ୍ରଜାମାନଙ୍କର ଅବଦାନ, ତେଣୁ ଚତୁରଙ୍ଗର କୃତିତ୍ୱ ସମସ୍ତଙ୍କର ଉପଭୋଗ୍ୟ ଉପାଦାନ.

ଏହି ଦୁଇ ପଦାର୍ଥର ବଣ୍ଟନ ପ୍ରକ୍ରିୟା ସରଳ ନୁହେଁ। ଏଥିପାଇଁ ରାଜକର୍ମଚାରୀମାନଙ୍କ ବ୍ୟତୀତ ବ୍ରାହ୍ମଣମାନେ ବି ଯଜମାନ ଭାବରେ ବା ପୂଜକ ଭାବରେ ଗାଁଆଗଣ୍ଡାରେ ଘର ଘର ମଧ୍ୟରେ ସୁପରିଚିତ। ସେମାନଙ୍କୁ ଏହି ରାଜଦାୟିତ୍ୱ ପ୍ରଦାନ କଲେ, ଲୋକମାନେ ବିଜୟ ଜନିତ ଆନନ୍ଦ ସହିତ ବିଜୟର ଫଳର ସ୍ୱାଦ ବି ଚାଖିବେ। ଏହାର ଅନେକ ସୁଗୁଣ ରହିଛି। କେବଳ ରାଜାଙ୍କର ସମ୍ମାନ ବଢ଼ିବନି, ପ୍ରଜାଙ୍କର ରାଜ୍ୟ ଏବଂ ସୁରକ୍ଷାଶକ୍ତି ପ୍ରତି ଆକର୍ଷଣ ବଢିବ, ରାଜ୍ୟର ଶକ୍ତି ଅବିଳମ୍ବେ ବହୁଗୁଣ ହୋଇଯିବ।

ଭୂତିଙ୍କୁ ସମର୍ଥନ କରି ରାଜପରିଷଦର ଅନେକ ମୁଖ୍ୟ ପଣ୍ଡିତ କହିଲେ, ଏମିତି ଯୁଦ୍ଧଲବ୍ଧ ଆର୍ଥିକ ସମ୍ବଳ ଇତିହାସରେ ଭାରତ କାହିଁକି, ଯବନରାଜ୍ୟ ଗୁଡିକରେ ବି ନାହିଁ। ନା ମଗଧ, ନା ଯବନ ରାଜ୍ୟ ମାସିଡୋନିଆ ବା ବ୍ୟାକ୍ଟ୍ରିୟା କରିବା ତ ଦୂରର କଥା କେବେ ବି କେହି ଏକଥା ଚିନ୍ତା ବି କରି ପାରିନାହାନ୍ତି। ଯେତେ ଯେତେ ବିଜେତା ରାଜ୍ୟ ଅଛନ୍ତି, ଏହି ଯୁଦ୍ଧଲବ୍ଧ ଅର୍ଥରୁ କିୟଦଂଶ ପରାକ୍ରମୀ ସୈନ୍ୟମାନଙ୍କୁ ପ୍ରଦାନ କରି ଅବଶିଷ୍ଟ ରାଜ୍ୟର କୋଷାଗାରରେ ଜମା କରନ୍ତି। ଅଥବା ମନକୁ ଆସିଲେ, କଲ୍ୟାଣମୂଳକ ପ୍ରକଳ୍ପ ଗୁଡିକରେ ବିନିଯୋଗ କରନ୍ତି। ଏମିତିକି ଅନେକ ନିଷ୍ଠୁର ବିଜେତା ଥାଆନ୍ତି, ଯେଉଁମାନେ ଯୁଦ୍ଧ ସମାପ୍ତ ହେବା ପରେ ବି ହାରିଯାଇଥିବା ରାଜ୍ୟର ସାଧାରଣ ପ୍ରଜାମାନଙ୍କର ଧନରତ୍ନ ଲୁଣ୍ଠନ କରନ୍ତି, ପରାଜିତ ରାଜ୍ୟକୁ ନିଷ୍ପେସିତ ଏବଂ ଭୂଲୁଣ୍ଠିତ କରିଦିଅନ୍ତି। ତାହା ଆଦୌ ମାନବଧର୍ମୀ ମହାମେଘବାହନ ଅବା କଳିଙ୍ଗର ଆଭିମୁଖ୍ୟ ନୁହେଁ।

କଳିଙ୍ଗ ରାଜ୍ୟରେ ଏହିଭଳି ଘରେ ଘରେ କଳ୍ପଲତାର ବିକାଶ ଏବଂ ଯୁଦ୍ଧ-ଲବ୍ଧ ଅର୍ଥର କିୟଦଂଶ ବଣ୍ଟନ ପ୍ରକ୍ରିୟା ପ୍ରତ୍ୟେକ ପ୍ରଜାମନରେ ଜାତୀୟ ଭାବନା ସୃଷ୍ଟି କରିପାରିଲା। ସାଧାରଣ କଳିଙ୍ଗ ଅଧିବାସୀ ନିଜକୁ ରାଜତନ୍ତ୍ରର ଏକ ଅଂଶ ବୋଲି ମନେକଲେ। ଏହିଭଳି ଏକ ପ୍ରକାରର ଗଣତାନ୍ତ୍ରିକ ଭାବଧାରାର ଉତ୍ପତ୍ତି ହୋଇଥିଲା। କଳିଙ୍ଗରେ ରାଜତନ୍ତ୍ରର ଅନ୍ତରାଳେ, ପ୍ରଜାମାନଙ୍କର ପ୍ରଶାସନରେ ଅଂଶଗ୍ରହଣର ଅନେକଟା ଆଭାସ ମିଳେ।

ମହାମେଘବାହନ ବଂଶାନୁକ୍ରମେ ଅହିଂସା ଏବଂ ମାନବଧର୍ମ ପରିଚର୍ଯ୍ୟା ମନୋଭାବ ଯୋଗୁ ରାଜ୍ୟର ପ୍ରଶାସନିକ କଳ ମଗଧ ପରି ପର୍ଯ୍ୟାପ୍ତ ନଥିଲା, ବହୁ ସମୟରେ ପ୍ରଜାମାନଙ୍କୁ ସ୍ୱତଃ ରାଜସ୍ୱ ଏବଂ କଲ୍ୟାଣକାରୀ କାର୍ଯ୍ୟରେ ଲିପ୍ତ କରିବା ଦ୍ୱାରା ଲୋକମାନେ ରାଜପରିବାରର ନିକଟବର୍ତ୍ତୀ ହେଉଥିଲେ ଏବଂ ରାଜପରିବାର, ପ୍ରଶାସନ ଏବଂ ପ୍ରଜାମାନଙ୍କର ଶାସନରେ ସମ୍ମିଳିତ ହେବାର ଅନେକ ଗୁଡ଼ିଏ ବାଟ ରହିଥିଲା।

ଖାରବେଳଙ୍କର ଅନେକ ସମୟରେ କରମୁକ୍ତି କରିବା ଘଟଣା ତାଙ୍କୁ ଜଣେ ପ୍ରଜାରଞ୍ଜନ କରୁଥିବା ଲୋକପ୍ରିୟ ସମ୍ରାଟ ଭାବରେ ଲୋକମାନେ ଅନ୍ତରରୁ ଭଲପାଉଥିଲେ।

୦୦୦

## କଳିଙ୍ଗର ମହାବିଜୟ ପ୍ରସାଦ ନିର୍ମାଣ

ଏବେ ହାତୀଗୁମ୍ଫାର ଦଶମ ପଦଟି ଶବ୍ଦାୟମାନ ହେବାକୁ ଲାଗିଲା -

"[ଅରହଂତ (ପସାଦାୟ) ନବମ ଚ ବସେ] ନଗରିୟ କଳିଙ୍ଗ ରାଜନିବାସଂ ମହାବିଜୟ ପାସାଦଂ କାରୟତି ଅଠତିରିଶ ସତସହସେହି॥ ଦଶମେ ଚ ବସେ ଦଂଡ ସନ୍ଧି ସାମ (ମୟୋ) ଭରତବସ ପଠାନଂ ମହୀଜୟନଂ .... .... .... କାରାପୟତି॥ ଏକାଦସମେ ଚ ବସେ (ସତୁନଂ) ପାୟାତାନଂ ମଣିରତ୍ନାନି ଉପଲଭତେ।। "

ଏହି ଶିଳାଲିପି ପଦଟିର ଆକ୍ଷରିକ ଅର୍ଥ ହେଉଛି - [ଶାସନର ନବମ ବର୍ଷରେ କଳିଙ୍ଗନଗରୀରେ ଅଠତିରିଶ ଲକ୍ଷ ମୁଦ୍ରା ଖର୍ଚ୍ଚକରି ବିଶାଳ ବିଜୟ ପ୍ରାସାଦ ନିର୍ମାଣ କରନ୍ତି। ଦସମ ବର୍ଷ ରାଜନୀତି, କୂଟନୀତି ଓ ଶାନ୍ତି ସମୀକରଣରେ ଭାରତବର୍ଷ ମହାବିଜୟ ଲକ୍ଷ୍ୟରେ ନିର୍ଗତ ହୁଅନ୍ତି। ଶାସନର ଏକାଦଶ ବର୍ଷରେ ପଳାତକ (ବିପକ୍ଷ) ନୃପତିମାନଙ୍କ ପାଖରୁ ବହୁ ଧନରତ୍ନ ଲାଭ କରନ୍ତି॥]

ଦଶମ ଧାଡିଟିର ତର୍ଜମା କରିବା ଆରମ୍ଭ କରୁଛନ୍ତି କଳିଙ୍ଗ ନଗରପତି ଭୂତି। ପ୍ରଥମରୁ ସେ ପ୍ରକାଶ କରିଦେଲେ ଯେ ସଂକ୍ଷେପରେ ଏହି ପଂକ୍ତିଟିରେ ଉଲ୍ଲେଖ ରହିଛି ଅଠତିରିଶ ଲକ୍ଷ ମୁଦ୍ରା ବିନିଯୋଗରେ ନବମ ବର୍ଷରେ କଳିଙ୍ଗ ରାଜନିବାସ ସଂଲଗ୍ନ ମହାବିଜୟ ପ୍ରାସାଦ ନିର୍ମାଣ କରିଛନ୍ତି। ଦଶମ ବର୍ଷରେ ଭାରତବର୍ଷର ରାଜନୈତିକ ଏବଂ କୂଟନୈତିକ ପରିସ୍ଥିତି ଅନୁଧ୍ୟାନପୂର୍ବକ ଭାରତବର୍ଷ ମହାବିଜୟ ଲକ୍ଷ୍ୟରେ ବାହାରି

ପଡ଼ନ୍ତି। ଏକାଦଶ ବର୍ଷ ଧନରତ୍ନ ଧରି ରାଜ୍ୟ ଛାଡ଼ି ପଳାୟନ କରୁଥିବା ବିପକ୍ଷ ନୃପତିମାନଙ୍କ ପାଖରୁ ଅପର୍ଯ୍ୟାପ୍ତ ମଣିରତ୍ନ ପ୍ରାପ୍ତ ହୁଅନ୍ତି।

ଏହି ପଂକ୍ତି ଉଲ୍ଲେଖ କରେ କି ଯେତେବେଳେ କଳିଙ୍ଗାଧିପତି ଖାରବେଳଙ୍କର ଅଷ୍ଟମବର୍ଷ ପୂର୍ଣ୍ଣ ହେବାକୁ ବସିଲାଣି, କଳିଙ୍ଗ ଧନଧାନ୍ୟରେ ବହୁ ଉଚ୍ଚ ସ୍ଥାନ ଅଧିକାର କରିଛି। ଏହି ତୃତୀୟ ମହାମେଘବାହନ ସମ୍ରାଟଙ୍କର ସିଂହାସନ ଲାଭ ପର ଠାରୁ ସୁଶାସନ ଏବଂ ସଂହତି ବଳରେ ରାଜ୍ୟର ଅଭ୍ୟନ୍ତର କୃଷି, ଶିଳ୍ପ ଏବଂ ବଣିଜଗତ ଆୟ ରାଜ୍ୟ ଏବଂ ସୈନ୍ୟ ପରିଚାଳନା ନିମନ୍ତେ ପର୍ଯ୍ୟାପ୍ତ ବ୍ୟୟ ହେଉଛି। ଏମିତି କି କଲ୍ୟାଣକାରୀ ଲୋକହିତାଂକ୍ଷୀ ସମ୍ରାଟ ଖାରବେଳ ଏକବର୍ଷ ରାଜ୍ୟବାସୀଙ୍କର ଖଜଣାଛାଡ଼ କରି ଦେଇଥିଲେ। ଏହି କରମୁକ୍ତି ନିମନ୍ତେ ଅପର୍ଯ୍ୟାପ୍ତ ସମ୍ପତ୍ତି କଳିଙ୍ଗ ରାଜକୋଷ ହରାଇଛି, କିନ୍ତୁ ଶାସନ ଯେ ଶୋଷଣ ନୁହେଁ, ପ୍ରଜାପାଳନ ଆଭିମୁଖ୍ୟରେ ପରିଚାଳିତ, ତାହା ମହାମେଘବାହନ ପ୍ରମାଣ କରିବାକୁ ବ୍ରତୀ।

ଏହି ଶାସନ ଅବଧି ମଧ୍ୟରେ ବି କଳିଙ୍ଗର ସାମୁଦ୍ରିକ ବ୍ୟବସାୟଗତ ଆୟ ରହିଛି। କଳିଙ୍ଗ ତୃତୀୟ ମହାମେଘବାହନ ଖାରବେଳଙ୍କ ଶାସନ ସମୟକୁ ସୁବର୍ଣ୍ଣଦ୍ୱୀପରେ ବଣିଜ କରିବାର ପଞ୍ଚଶତାବ୍ଦୀ ବା ଅର୍ଦ୍ଧସହସ୍ରାବ୍ଦ ସମୟ ଅତିକ୍ରାନ୍ତ ହୋଇଗଲାଣି। କଳିଙ୍ଗ ନିଜର ଅଜସ୍ର ବନ୍ଦର ମାଧ୍ୟମରେ ସୂକ୍ଷ୍ମବସ୍ତ୍ର, ରତ୍ନ ପ୍ରସ୍ତର, ମୂଲ୍ୟବାନ ପ୍ରସ୍ତର, କୃଷିଜାତ ଗୁଡ଼, ଖାଦ୍ୟସାମଗ୍ରୀ, ଜଙ୍ଗଲଜାତ କୁଟୀରଶିଳ୍ପ ଉପାଦାନ, କାଷ୍ଠ ଓ ପ୍ରସ୍ତର ନିର୍ମିତ ମୂର୍ତ୍ତି, ଗୃହୋପକରଣ ଜାଭା, ସୁମାତ୍ରା ଏବଂ ବାଲି ଦ୍ୱୀପରେ ବିଶାଳାକାୟ ପୋତରେ ରପ୍ତାନୀ କରି ସେଠାରୁ ପ୍ରସାଧନିକ ପଦାର୍ଥ, ଧାତୁଦ୍ରବ୍ୟ, ଅଳଙ୍କାର ସାମଗ୍ରୀ, ମସଲା ସାମଗ୍ରୀ ଆମଦାନୀ କରାଯାଉଥିଲା। ଆନ୍ତର୍ଜାତୀୟ ସ୍ତରରେ ଭାରତବର୍ଷର ଦାକ୍ଷିଣାତ୍ୟର, ବିଦେଶରୁ ଏପରିକି ଗ୍ରୀସ ଏବଂ ରୋମାନ୍ ପୋତଗୁଡ଼ିକ ଜାଭାରେ ଲଙ୍ଗର ପକାଉଥିଲେ। ମାତ୍ର ମୁଣ୍ଡଗଣତି କରିବାବେଳେ, କଳିଙ୍ଗର ସଂଖ୍ୟାଧିକ ବୋଇତ ରାଜ୍ୟର ରପ୍ତାନୀ ଶକ୍ତି ଏବଂ ସାମୁଦ୍ରିକ ପରିବହନ ଶକ୍ତିର ନମୁନା ପ୍ରଦର୍ଶନ କରନ୍ତି। ତୁଳନାତ୍ମକ ଭାବରେ କଳିଙ୍ଗବାସୀ ବହୁସଂଖ୍ୟାରେ ଏହି ଦ୍ୱୀପମାନଙ୍କୁ ଯିବା ଆସିବା ନିମନ୍ତେ ଅଧିକ ସଂଖ୍ୟକ ଯାତ୍ରୀ ବହନ କରିବାର ପୋତ ନିର୍ମିତ ହେଉଥିଲା।

ଏହି ସମୟରେ ନିକଟ ଅତୀତରେ ସଂଘଟିତ ତିନିଗୋଟି ଯୁଦ୍ଧଲବ୍ଧ ସମ୍ପତ୍ତି କଳିଙ୍ଗର ଭଣ୍ଡାରଘର ବହୁ ପରିମାଣରେ ପୂର୍ଣ୍ଣ କରିଦେଇଛି। ଅର୍ଥ ଏବଂ ସାମରିକତାରେ କଳିଙ୍ଗ ରାଜ୍ୟର କୌଣସି କାର୍ପଣ୍ୟ ନାହିଁ। ବର୍ତ୍ତମାନ ଧନ ଜନ ଏବଂ ଅର୍ଥରେ ରାଜ୍ୟ ଏକ ଉଚ୍ଚସ୍ତରରେ ଉପନୀତ।

ଏବେ କଳିଙ୍ଗନଗରୀର ଅଭ୍ୟନ୍ତର ଅତ୍ୟନ୍ତ ଜନାକୀର୍ଣ୍ଣ ହୋଇ ପଡ଼ିଲାଣି। ରାଜ୍ୟ ଅଭ୍ୟନ୍ତର ଏବଂ ବାହାରର ଅଧିକୃତ ରାଷ୍ଟ୍ରସମୂହର ପ୍ରଶାସକ ଏବଂ ରାଜସ୍ୱ କର୍ମଚାରୀ ବହୁ ପରିମାଣରେ କଳିଙ୍ଗନଗରୀ ଏବଂ ସନ୍ନିକଟ ତୋଷାଳି ପ୍ରାସାଦଗୁଡ଼ିକରେ ନିଜର ରାଜକୀୟ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱଳ୍ପକାଳ ପାଇଁ ବାସ କରିଥାଆନ୍ତି। କଳିଙ୍ଗର ମଧ୍ୟ ଅନେକ ଗୁଡ଼ିଏ ରାଜକୀୟ, ସାମାଜିକ ଏବଂ ସମ୍ମାନଜନକ ତିଥିପାଳନ କରାଯାଏ। ରାଜ୍ୟ ସୁଦୂରରୁ ଆଗତ ଅନେକ ରାଜା, ସାଧୁ କିମ୍ବା ଅତିଥି ଯୋଗଦିଅନ୍ତି। ଏଥିପାଇଁ ଅନେକ ଗୋଟିଏ ନୂତନ ପ୍ରାସାଦର ଆବଶ୍ୟକତା ଅନୁଭୂତ ହେଲାଣି। ଏମିତିକି ସ୍ୱୟଂ କଳିଙ୍ଗାଧିପତି କହନ୍ତି, "ଆମର ଏହି କଳିଙ୍ଗନଗରୀ ଆମ ଆବଶ୍ୟକତା ତୁଳନାରେ ଛୋଟ ହୋଇଗଲାଣି।"

ବହୁ ସମୟରେ ରାଜ୍ୟର ନିର୍ମାଣ ମନ୍ତ୍ରୀ 'କମ' ମହାଶୟ (କର୍ମ ମନ୍ତ୍ରୀ) ସମ୍ରାଟଙ୍କ କାନରେ ପକାଇଦେଲେଣି, "ମହାମହିମ, ଏବେ ଆଉ ଡେରି କଲେ ଚଳିବନି। କଳିଙ୍ଗରାଜ୍ୟର ନୂତନ ପ୍ରସାଦର ଆବଶ୍ୟକତା ସମସ୍ତେ ଅନୁଭବ କରୁଛନ୍ତି। ସମସ୍ତେ ଆଶା କରୁଛନ୍ତି, ମାନ ସମ୍ମାନ ଦୃଷ୍ଟିରୁ କଳିଙ୍ଗର ଗୋଟିଏ ଅତିସୁନ୍ଦର ଅତିରିକ୍ତ ପ୍ରାସାଦ ନିର୍ମାଣ ହେଉ।"

ମଗଧ ଆକ୍ରମଣ କରିବାର ମସୁଧା ଯାହା ଥିଲା, ସମୟାନ୍ତେ ମଥୁରା ବିଜୟ ଭାବରେ ଆନନ୍ଦମୟ ସମୟ ଆସିଲା। ବର୍ଷେତଳେ ସିନା ସାମରିକ ପ୍ରସ୍ତୁତି ପାଇଁ ପ୍ରାସାଦ ନିର୍ମାଣ କାହା କାନରେ ପଶୁ ନଥିଲା, ଏବେ ବିଜୟଲାଭ ଏବଂ ଅର୍ଥଲାଭ ପରେ ସୁସମୟ ଆସିଛି। କିଏ କେତେ ପ୍ରକାର ସ୍ୱପ୍ନ ଦେଖନ୍ତି, କଳିଙ୍ଗନଗରୀ ପାର୍ଶ୍ୱରେ ଏକ ବିଶାଳ ସୌଧ।

ଅନେକ ଦିନ (ସମ୍ଭବତଃ ଦେଢ଼ବର୍ଷ) ପରେ ଏବେ କଳିଙ୍ଗାଧିପତି କର୍ମମନ୍ତ୍ରୀ କମଙ୍କୁ ପ୍ରତିହାର ଦ୍ୱାରା ସମ୍ବାଦ ପଠାଇଛନ୍ତି ତୁରନ୍ତ ଭେଟିବାକୁ। ଅବିଳମ୍ବେ କର୍ମମନ୍ତ୍ରୀ ରାଜପ୍ରାସାଦରେ ପହଞ୍ଚିଛନ୍ତି। ସେ ଅନୁଭବ କଲେ, ଯେମିତି ରାଜା ତାଙ୍କୁ ଅପେକ୍ଷା କରି ରହିଛନ୍ତି।

"ମୋର ଭୂମିଷ୍ଠ ପ୍ରଣାମ, ମହାମହିମ କଳିଙ୍ଗାଧିପତି", ନିଜର ଉପସ୍ଥିତି ଜଣାଇଦେଲେ କର୍ମ ମନ୍ତ୍ରୀ।

"ଆସ କମ ଆସ। ଆଉ ଦିଗରୁ କେଇ ମୁହୂର୍ତ୍ତରେ ଆସି ପହଞ୍ଚିଯିବେ ଆମର କୋଷାଧ୍ୟକ୍ଷ ଭଣ୍ଡଗାରିକା। ତୁମ ଦୁଇଜଣ ନ ରହିଲେ, କୌଣସି ପରିକଳ୍ପନା କରିବା ଅସମ୍ଭବ। ଆଉ ମଧ୍ୟ ମହାମଦ୍ ନାକିୟା ଓ ନଗରପାଳ ଭୂତି ଅବିଳମ୍ବେ ଆସି ପହଞ୍ଚିବେ।" ଧୀର ସ୍ୱରରେ କହିଲେ କଳିଙ୍ଗାଧିପତି।

ଖୁବ୍ କମ୍ ସମୟରେ କଳିଙ୍ଗନଗରୀ ରାଜସଦନ ମଧ୍ୟରେ ଗୋଟିଏ ନିର୍ଣ୍ଣାୟକ ସଭା ଅନୁଷ୍ଠିତ ହେଲା। ଏହି ସଭା ସ୍ୱୟଂ କଳିଙ୍ଗ ସମ୍ରାଟ ଖାରବେଳଙ୍କ ଦ୍ୱାରା ମହାବିଜୟ ପ୍ରାସାଦ ନିର୍ମାଣ ଚୂଡ଼ାନ୍ତ କରିବାର ଅଭିପ୍ରାୟ ନେଇ ଆହୂତ।

ଆରମ୍ଭ କଲେ ସ୍ୱୟଂ ମହାରାଜ, "ଆଜିର ଏହି ସଭା ପାଇଁ ବିଶେଷ କିଛି ଆଲୋଚନାର ବିଷୟ ନାହିଁ, କାରଣ ଆମେ ମଥୁରା ବିଜୟର ଅନେକ ଦିନ ପୂର୍ବରୁ ବହୁବାର କଳିଙ୍ଗନଗରୀ ସମ୍ପ୍ରସାରଣ ବିଷୟରେ ଆଲୋଚନା କରି ଅନେକ ବିଷୟ ନିର୍ଣ୍ଣୟ କରାଯାଇଛି। କେତେ ଅର୍ଥ ବ୍ୟୟ ହେବ ସେ ବାବତରେ ଖର୍ଚ୍ଚ ଅଟକଳ ସମାପ୍ତ ହୋଇସାରିଛି। କେବଳ ଅପ୍ରତ୍ୟାଶିତ ଭାବରେ ମଗଧମୁହାଁ ହୋଇ ମଥୁରା ଅଭିଯାନ ହେଲା, ସବୁ କାମ ବାକି ରହିଯାଇଛି।

"ଭଲ ହେଲା, ଯୁଦ୍ଧ ପରବର୍ଷ ନିର୍ମାଣ କରିବା ଶାନ୍ତିଦାୟକ। ଯୁଦ୍ଧ ସମୟରେ କୌଣସି ଶୁଭକାର୍ଯ୍ୟ ଗ୍ରହଣୀୟ ନୁହେଁ। ନା ଅଛି ଏକାଗ୍ରତା ନା ଗୃହନିର୍ମାଣର ଉତ୍ସୁକତା।

"ଏହି ପ୍ରାସାଦ ନିର୍ମାଣ. କଳିଙ୍ଗନଗରୀ ସନ୍ନିକଟ ଉତ୍ତରପାର୍ଶ୍ୱରେ ବିସ୍ତୃତ ମାଙ୍କଡ଼ା ପଥର ବିଶିଷ୍ଟ ଭୂମିରେ ସମ୍ଭବ। ତାହା ବର୍ଷାକାଳରେ ଜଳାଧାର ଠାରୁ ଅପେକ୍ଷାକୃତ ଦୂରରେ ଏବଂ ଏଇଟି ଆମର କଳିଙ୍ଗନଗରୀ ପରିସୀମାରୁ ବହକି ପଡ଼ିବ। ସେହି ପ୍ରାସାଦ ତ ଆମ ଶିଶୁପାଳ ଗଡ଼ର ଆଉ ଗୋଟିଏ

ଅଂଶ ଏବଂ ଆମର ଅଂଶ ବିଶେଷ ହୋଇ କାଳ କାଳକୁ ପଡ଼ିଥିବ।

"ଆଜିର ସେଇ ପ୍ରାସାଦକୁ ଆମେ ଆଉ ଗୋଟିଏ ନାମରେ ଗଢି ତୋଳିବା। ଆମ ଦେଶ ବହୁ ଯୁଦ୍ଧ ଜୟ କରି କୃତକାର୍ଯ୍ୟ ହେଉଛି। ଅସାଧ ସାଧନ କରି ପାରୁ ଥିବାରୁ ଆମର ବିଜୟର ପ୍ରତୀକ ଭାବରେ ଏହି ପ୍ରାସାଦର ନାମ ରହିବ – 'ମହାବିଜୟ ପ୍ରାସାଦ'।"

ସମସ୍ତେ ଏହି ବିଷୟ ଶୁଣିବା ପରେ କଳିଙ୍ଗାଧିପତିଙ୍କର ପ୍ରସ୍ତାବକୁ ଜଣ ଜଣ କରି ପ୍ରଶଂସା କରିବାରେ ଲାଗିଲେ। ଏହି ସମୟରେ ସମସ୍ତେ ଭଣ୍ଡଗାରିକା (କୋଷାଧକ୍ଷ) ଙ୍କୁ ଚାହିଁଲେ।

କୋଷାଧକ୍ଷ ତତ୍‌କ୍ଷଣାତ୍ ଉତ୍ତର ଦେଲେ, " "ନିର୍ମାଣ ପରିକଳ୍ପନା ଏବଂ ଆର୍ଥିକ ମଞ୍ଜୁରୀ ତ ଦୁଇବର୍ଷ ତଳୁ କଳିଙ୍ଗାଧିପତି ପ୍ରଦାନ କରିସାରିଛନ୍ତି। ଆଜିର ପ୍ରସଙ୍ଗ ହେଉଛି, ଏହି ପ୍ରାସାଦ ସହିତ ଗୋଟିଏ ବିଜୟ ସ୍ମୃତି ଜଡ଼ିତ ମହାବିଜୟ ପ୍ରାସାଦ ନାମକରଣ ଏବଂ କିଛି ସ୍ୱତନ୍ତ୍ର ତୋରଣ ଏବଂ ପ୍ରବେଶ ଦ୍ୱାର ନିର୍ମାଣ। ଏହା ଦୀର୍ଘସ୍ଥାୟୀ ହେବା ନିମନ୍ତେ ବିରାଟ ପଥରଖଣ୍ଡ ଦ୍ୱାରା ଗଢାଯିବା ଦରକାର। ଆନୁଷଙ୍ଗିକ କୋଠରି ଗୁଡିକ କାଠରେ ନିର୍ମାଣ କରାଯାଇପାରେ।"

ଏହି ସମୟରେ ନିର୍ମାଣ ଅମାତ୍ କମ କହିଲେ, "ଏହି ମହାବିଜୟ ପ୍ରାସାଦ ନିର୍ମାଣ ଗୋଟିଏ ଶକ୍ତ ପ୍ରସ୍ତରର ମୂଳଦୁଆ ଉପରେ ଗଢ଼ାହେବ। ଅଳ୍ପଦୂରରେ ଆମର ପାଣ୍ଡବ ଗୁମ୍ଫା ସନ୍ନିକଟ ଜଙ୍ଗଲ ଉପରେ ଏହି ମହାବିଜୟ ପ୍ରାସାଦ ନିର୍ମାଣ ସମ୍ଭବ ହେବ। ଆମର ହିସାବ ଅଟକଳ ମତେ ଅଠତିରିଶ ଲକ୍ଷ ରୌପ୍ୟମୁଦ୍ରା ବ୍ୟୟରେ ଏହାର ନିର୍ମାଣ ସୁରୁଖୁରୁରେ କରାଯାଇ ପାରିବ, ଯଥାସମ୍ଭବ ସୁଶୋଭିତ କରାଯାଇପାରିବ।"

କଳିଙ୍ଗାଧିପତି ସମସ୍ତ ଟିକିନିଖି ବିବରଣୀ ଜାଣିଛନ୍ତି ଏବଂ ଆବଶ୍ୟକ ପରିମାଣର ଅର୍ଥ ମଞ୍ଜୁର କରିଛନ୍ତି, ଅଧିକ ଆବଶ୍ୟକ ହେଲେ ବି ତାଙ୍କର ସମ୍ମତି ରହିଛି।

ଉପସ୍ଥିର ସମସ୍ତ ରାଜକର୍ମଚାରୀ ଏହା ଉପରେ ନିଜର ମତାମତ ପ୍ରଦାନ କଲେ। ମୋଟାମୋଟି ଦେଖିବାକୁ ଗଲେ, କଳିଙ୍ଗର ସମ୍ମାନ ଜଡିତ ଏହି ବିଜୟ ପ୍ରାସାଦର ନିର୍ମାଣ ଦୁଇବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ତାହା ବିଶାଳ କଳିଙ୍ଗ ରାଜ୍ୟର ସମ୍ମାନ ବୃଦ୍ଧି କରିବ ବୋଲି ଆନନ୍ଦ ପ୍ରକାଶ ପାଇଲା।

ସତକୁ ସତ କଳିଙ୍ଗର ମହାବିଜୟ ପ୍ରାସାଦ ପଥରରେ ନିର୍ମିତ ହୋଇ ଶୋଭାପାଇଲା ଏବଂ ଦେଶ ବିଦେଶରେ ରାଜ୍ୟର କୀର୍ତ୍ତି କେବଳ ନୁହେଁ, ପ୍ରଶାସନର ମାନବିକତା ଏବଂ ବୁଦ୍ଧିମତ୍ତାର ପରିଚୟ ସନ୍ଧାନ ଦେଲା।

○○○

## ସମଗ୍ର ଭାରତବର୍ଷର ପରିସ୍ଥିତିର ଆକଳନ

ଦଶମ ପଦଟିର ବ୍ୟାଖ୍ୟା ସମ୍ପୂର୍ଣ୍ଣ ସମାପ୍ତ ହୋଇନାହିଁ, ନଗର ଅଖଣ୍ଡାଂଶ ମହାଶୟ କହିଲେ, ଯେତିକି ବାକି ରହିଛି, ତାହା ପ୍ରାୟ କଳିଙ୍ଗାଧିପତିଙ୍କର ଦୁଇବର୍ଷ ଶାସନକାଳର ବର୍ଣ୍ଣନା।

"ଥଦଶମେ ଚ ବସେ ଦଂଡ ସନ୍ଧି ସାମ (ମୟୋ) ଭରତବସ ପଠାନଂ ମହୀଜୟନଂ .... .... .... କାରାପୟତି।। ଏକାଦସମେ ଚ ବସେ (ସତୁନଂ) ପାୟାତାନଂ ମଣିରତ୍ନାନି ଉପଲଭତେ।। "

ଏତିକି ଶିଳାଲିପି ର ଆକ୍ଷରିକ ଅର୍ଥ ହେଉଛି – ଥଦସମ ବର୍ଷ ରାଜନୀତି, କୂଟନୀତି ଓ ଶାନ୍ତି ସମୀକରଣରେ ଭାରତବର୍ଷ ମହାବିଜୟ ଲକ୍ଷ୍ୟରେ ନିର୍ଗତ ହୁଅନ୍ତି। ଶାସନର ଏକାଦଶ ବର୍ଷରେ ପଳାତକ (ବିପକ୍ଷ) ନୃପତିମାନଙ୍କ ପାଖରୁ ବହୁ ଧନରତ୍ନ ଲାଭ କରନ୍ତି।।ଧ

ତିନିଥର କଳିଙ୍ଗ ଦିଗ୍‌ବିଜୟ ସମାପ୍ତ କରିସାରିଲାଣି। ଏକଦା ନିଜ ସୀମା ସରହଦ ଭିତରେ ସୀମିତ ରହିଥିବା କଳିଙ୍ଗର ଏବେ ରାଜନୀତି ଆଉ କୂଟନୀତି ବିଷୟରେ ଅନେକ ଅନୁଭୂତି ଆସିଗଲାଣି। ବିଷ୍ଣୁଗୁପ୍ତଙ୍କର ଅର୍ଥନୀତି ତ ସାରା ଭାରତବର୍ଷରେ ପ୍ରଚଳିତ। ଏହାର ବର୍ଣ୍ଣିତ ରାଜନୈତିକ ଏବଂ କୂଟନୈତିକ ପଦ୍ଧତି ଦ୍ୱାରା ସମଗ୍ର ଦେଶର ରାଜ୍ୟଗୁଡ଼ିକର ପାରସ୍ପରିକ ସମ୍ପର୍କ ପ୍ରତିଷ୍ଠିତ। ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟବସାୟ ସହିତ ନୌବାଣିଜ୍ୟ ଏବଂ ବିଭିନ୍ନ ରାଜସ୍ୱ ବିଷୟରେ ମୌର୍ଯ୍ୟ ପ୍ରଶାସନର କେତେ ଦଶନ୍ଧିର ଅଭିଜ୍ଞତା ଦ୍ୱାରା ରାଜ୍ୟଗୁଡିକ ନିଜର ଆୟର ପନ୍ଥା ଆଦରି ଥାଆନ୍ତି। ଏହା ସହିତ ସାମରିକ ଯୁଦ୍ଧକୌଶଳ ସହ ସନ୍ଧି ଏବଂ ସହଯୋଗର ଉପାୟ ବି ରହିଛି।

ଭାରତବର୍ଷର ସମସାମୟିକ ରାଜ୍ୟଗୁଡିକ ସହିତ ତୁଳନା କରି ସୁଜ୍ଞାନୀ ଖାରବେଳ ନିଜର ଅଭିଜ୍ଞତା ବଳରେ ନିଜ ରାଜ୍ୟର ସାମରିକ ଶକ୍ତି ଅନୁଧ୍ୟାନ କରୁଥିଲେ। ନିଜ ସାମରିକ ବାହିନୀରେ ପ୍ରତିବର୍ଷ ଗୁପ୍ତରେ ସାମରିକ ସାମର୍ଥ୍ୟର ବିବରଣୀ ସାନି ପ୍ରସ୍ତୁତ କରିବାର ଦାୟିତ୍ୱ ନିଜର ସବୁଠାରୁ ଅଭିଜ୍ଞ ସେନାପତିଙ୍କ ହାତରେ ନ୍ୟସ୍ତ କରିଥିଲେ। ଏଇଟା ସହଜ କଥା ନୁହେଁ ବୋଲି ସେ କଳିଙ୍ଗର ଗୁପ୍ତଚର ବାହିନୀକୁ ଅନେକ ପରିମାଣରେ ବୃଦ୍ଧି କରି ଭାରତବର୍ଷର ଅନେକ ରାଜ୍ୟରେ ସ୍ଥାୟୀ ଗୁପ୍ତଚର ନିଯୁକ୍ତି ଦେଇଥିଲେ, ଯେଉଁମାନେ କି କୌଣସି ବ୍ୟବସାୟୀ ବା ସନ୍ନ୍ୟାସୀ ଭାବରେ ଅନେକ ତଥ୍ୟ ସଂଗ୍ରହ କରୁଥିଲେ। ତା ସହିତ ଅନେକ ଭ୍ରାମ୍ୟମାନ ଭିକ୍ଷୁକ ଅବା ଛାତ୍ର ବେଶରେ ଘୂର୍ଣ୍ଣନଶୀଳ ଗୁପ୍ତଚର ଘଟଣାବହୁଳ ରାଜ୍ୟର ରାଜଧାନୀ ଗୁଡ଼ିକରେ ମୁତୟନ କରାଯାଇ କଳିଙ୍ଗ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବାର ଦାୟିତ୍ୱ ତୁଲାଉଥିଲେ।

ଖାରବେଳଙ୍କର ଦଶମ ବର୍ଷ ବେଳକୁ ବିଜିତ ପାଞ୍ଚଗୋଟି ରାଜ୍ୟ ଯଥା ଅସିକ, ରଥିକ, ଭୋଜକ, ସାତବାହନ, ମଥୁରା କଳିଙ୍ଗ ପ୍ରଶାସକମାନଙ୍କ ତତ୍ତ୍ୱାବଧାନରେ ରହିଥିଲା। କିନ୍ତୁ ତା ସହିତ ଅଭିଯାନ ନିମନ୍ତେ ମୂଳ ଦୃଷ୍ଟି ରହିଥିବା ମଗଧ ରାଜ୍ୟର ସମ୍ପୂର୍ଣ୍ଣ ବିବରଣୀ କଳିଙ୍ଗନଗରୀରେ ଦିନକୁ ଦିନ ନୂତନ ଭାବରେ ସଂଶୋଧିତ ହୋଇ ଚାଲିଥିଲା। ମଗଧ କଳିଙ୍ଗାଧିପତିଙ୍କର ପ୍ରାଥମିକ ଲକ୍ଷ୍ୟ। ଇତିହାସରେ ମଗଧ ମୌର୍ଯ୍ୟଶାସନକାଳରେ କଳିଙ୍ଗର ଅପୂରଣୀୟ କ୍ଷତି ଘଟାଇଛି। କଳିଙ୍ଗର ଶିରୀ ତୁଟିଯାଇଛି। ଏବେ ସମୟ ଆସିଛି ଆମର ମଗଧ ଦ୍ୱାରା ଅପହୃତ କଳିଙ୍ଗଜିନା ଫେରାଇ ଆଣିବାକୁ।

ଦଶମ ବର୍ଷରେ ଭାରତବର୍ଷର ରାଜନୈତିକ ଆଉ ଅର୍ଥନୈତିକ

ଚିତ୍ର ସଠିକ ଭାବରେ ହୃଦୟଙ୍ଗମ କରିବାକୁ କଳିଙ୍ଗ କୂଟନୈତିକ ଗୁପ୍ତଚର ମାନଙ୍କର ଗୋଟିଏ ନିଭୃତ ସମ୍ମିଳନୀ କରିବାର ଆବଶ୍ୟକତା ଅନୁଭବ କରିଛନ୍ତି କଳିଙ୍ଗାଧିପତି। ସେଥିରୁ ଅନେକ ତଥ୍ୟ ମିଳିବା ଉଦ୍ଦେଶ୍ୟରେ ଭାରତବର୍ଷର ପୂର୍ବରୁ ପଶ୍ଚିମ ଓ ଉତ୍ତରରୁ ଦକ୍ଷିଣ ରାଜା ଓ ରାଜ୍ୟଗୁଡ଼ିକର ମେଳକ କରୁଛନ୍ତି।

ଉତ୍ତର ଦିଗରୁ ପ୍ରଧାନ ସ୍ଥାନ ମଗଧରୁ ଆସିଥିବା ଗୁପ୍ତଚର ତଥ୍ୟ ପ୍ରଦାନ କଲେ, ଏହା ତ ଖୋଲା କଥା କି ମଗଧ ଦିନେ ପ୍ରଧାନ ମହାଜନପଦ ଥିଲା, ଏହାର ଶାସକମାନଙ୍କର ଔପନିବେଶିକ ଆଚରଣ ହେତୁ ଏହା ଅନ୍ୟାନ୍ୟ ମହାଜନପଦ ଗୁଡ଼ିକୁ ଦଖଲ କରି ହରିଅଙ୍କ, ନନ୍ଦ ଏବଂ ମୌର୍ଯ୍ୟ ରାଜବଂଶ ଗୁଡ଼ିକ ବିଶାଳ ମଗଧ ସାମ୍ରାଜ୍ୟ ଯାହା ଗଢ଼ିଥିଲେ, ଏବେ ମଗଧର ଦୁର୍ଦ୍ଦଶା ବାରଣ୍ଡା ଦି କଡ଼ା। ଶେଷପିଢ଼ି ମୌର୍ଯ୍ୟ ଆତତାୟୀ ସେନାପତି ହାତରେ ନିହତ ହେଲେ, ଏବଂ ସେହି ସେନାପତି ସୁଙ୍ଗର ମସ୍ତିଷ୍କ ଘୂର୍ଣ୍ଣନ ହେଉଛି ରାଜ୍ୟଶାସନ ନିମନ୍ତେ। ମୌର୍ଯ୍ୟକାଳର ମଗଧ ସେନାବାହିନୀ ଆଉ ନାହିଁ, ବିନା ସୈନ୍ୟବାହିନୀରେ ତୁହାକୁ ତୁହା ପଶ୍ଚିମାଗତ ଯବନ ଆକ୍ରମଣରେ କିପରି ସେମାନଙ୍କୁ ପ୍ରତିରୋଧ କରାଯାଇ ପାରିବ ? ମଗଧ ଆଉ ନିଜକୁ ସମ୍ଭାଳିବା ପରିସ୍ଥିତିରେ ନାହିଁ, ପଡୋଶୀ ଅବା ସମଗ୍ର ଭାରତର ସୁରକ୍ଷା ଆଉ ତା ହାତମୁଠାରେ ନାହିଁ।

କଳିଙ୍ଗାଧିପରି କହିଲେ, ଛାଡ଼ ମଗଧର ଦେଶର ଏହି ଦୁର୍ଦ୍ଦଶା ହେବ, ଏହା କଳ୍ପନାତୀତ।

ଜଣେ ପୁରୁଖା କୂଟନୀତିଜ୍ଞ କଳିଙ୍ଗାଧିପତିଙ୍କ ପାଖକୁ ଆସି କାନରେ କିଛି କହୁଥିବାର ସମସ୍ତେ ଦେଖୁଛନ୍ତି। ସେ ପୁଣି ପନ୍ଦର ବର୍ଷ ହେବ ପାଟଳିପୁତ୍ରର ବୌଦ୍ଧ ଶ୍ରମଣବେଶୀ ଗୁପ୍ତଚର। କଅଣ ବା ଏମିତି ଗୁପ୍ତକଥା କହୁଛନ୍ତି, ଗୁପ୍ତଚର ମେଳରେ ବି ଗୁପ୍ତ ରଖିବା କଥା ସମସ୍ତେ ଜାଣିନେଲେ। ସେଇଟା ନିଶ୍ଚୟ ଏଇୟା କହୁଥିବେ, "ରାଜନ୍, ଏଇଟା ପ୍ରକୃଷ୍ଟ ସମୟ ମଗଧ ଅଧିକାର କରିବାର !"

ଅବଶିଷ୍ଟ ରାଜ୍ୟ ସମୂହ ମୌର୍ଯ୍ୟ ସାମ୍ରାଜ୍ୟର ଅଂଶଥିଲେ, ଏବେ ସେହି ପୁରାତନ ମହାଜନପଦ ନାମ ଧାରଣ କରି ନା ସ୍ୱାଧୀନ ନା ପରାଧୀନ ଏମିତି ସ୍ଥିତିରେ ମୁକୁଳା ରାଜନୈତିକ ପରିବେଶରେ ଅଛନ୍ତି, ସେଗୁଡ଼ିକ ହେଉଛି ଅଙ୍ଗ, କାଶୀ, କୋଶଳ, ଅବନ୍ତୀ, ବତ୍ସ, ମତ୍ସ୍ୟ, ପଞ୍ଚାଳ, କୁରୁ, ମଲ୍ଲ, ଭାଜି, କମ୍ବୋଜ ଏବଂ ଗାନ୍ଧାର।

ଏହି ଅଞ୍ଚଳରୁ ଯେତିକି କଳିଙ୍ଗ ବାର୍ତ୍ତାବହ ଗୁପ୍ତଚର ଆସିଥିଲେ, ଏମାନେ ଏକ ପ୍ରକାର ସନ୍ଦେଶ ପ୍ରଦାନ କରିଛନ୍ତି। ପଶ୍ଚିମ ଦିଗରୁ ଦଳକୁ ଦଳ ଯବନ ଅଶ୍ୱାରୋହୀ  ଯବନ ଅନୁକୂଳ ଭୌଗୋଳିକ ପରିବେଶ ନେଇ ଏହି କ୍ଷୁଦ୍ର ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ କରି ଧନସମ୍ପଦ ଅପହରଣ କରୁଛନ୍ତି। ଏହି ରାଜ୍ୟଗୁଡ଼ିକର ପ୍ରକୃତ ଅଧିପତି ଅନେକ ସମୟରେ ଆତ୍ମଗୋପନ କରିବାକୁ ବାଧ ହେଉଛନ୍ତି। ସମସ୍ତ ଧନରାଶି ବାକ୍ଟ୍ରିୟା କି ମାସିଡୋନିଆ ପ୍ରେରଣ କରାଯାଉଛି।

ଦକ୍ଷିଣ ଭାରତରୁ ଯେତିକି ଗୁପ୍ତଚର ଆସିଥିଲେ, ସେମାନଙ୍କ କଥା ଶୁଣିବାକୁ ମହାରାଜା ପ୍ରସ୍ତୁତ ନଥିଲେ। କହିଲେ, "ହେ ଦାକ୍ଷିଣାତ୍ୟ କୂଟନୀତିଜ୍ଞମାନେ, କଳିଙ୍ଗ ଦକ୍ଷିଣମୁହାଁ ହେବାକୁ ଅଳ୍ପ କେଇ ମାସ ବାକି ଅଛି। ମୋର ସବୁଠାରୁ ବିଶ୍ୱସ୍ତ ପାଣ୍ଡ୍ୟ ଗୁପ୍ତଚରର ବାର୍ତ୍ତାବହ ମୋତେ ପ୍ରତି ସୂର୍ଯ୍ୟବାରରେ ଭେଟିବାକୁ ଆସେ। କିପରି ପାଣ୍ଡ୍ୟ ନେତୃତ୍ୱର ଦ୍ରାବିଡ ଦଳ କଳିଙ୍ଗକୁ ପରୋକ୍ଷରେ ଜଳପଥରେ ନୌବାଣିଜ୍ୟରେ, ସ୍ଥଳ ପଥରେ ପିଥୁଣ୍ଡା ଆନ୍ତର୍ଜାତୀୟ ପୋତାଶ୍ରୟରେ, ଏମିତି କି ଦକ୍ଷିଣ ଓଡିଶାରେ ଦୈନନ୍ଦିନ ଜୀବନ ଉପରେ ଏମିତି ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମରତ, ତାହାର ସ୍ଥାୟୀ ପ୍ରତିକାର ଆସନ୍ନ। ଆମକୁ ସଠିକ୍ ସମୟରେ ତତଲା ଲୌହ ଅସ୍ତ୍ରରେ ପ୍ରହାର କରିବାକୁ ପଡିବ। ତା ନହେଲେ, ଏହି ତେର ଶହ ବର୍ଷର ତାମିଲ୍ ଦଳକୁ ଶାସ୍ତି ହେଇ ହେବନି। ଏଥିପାଇଁ ଦାକ୍ଷିଣାତ୍ୟ ଗୁପ୍ତଚର ଦଳଙ୍କୁ ଗୁରୁଦାୟିତ୍ୱ ଦେଲେ, ଏକ ବର୍ଷ ମଧ୍ୟରେ ଗୋଟିଏ ଦାକ୍ଷିଣାତ୍ୟ ଅଭିଯାନର ନକସା ପ୍ରସ୍ତୁତ କର।  ତା ପରେ ତୁମର ମୋର କଥାବାର୍ତ୍ତା।" ଏତିକି କହି କଳିଙ୍ଗାଧିପତି ସେମାନଙ୍କ ପାଖରୁ ଦୃଷ୍ଟି ହଟାଇଲେ।

ସମସ୍ତେ ଜାଣିଲେ, କଳିଙ୍ଗ ଚତୁରଙ୍ଗ ଏବେ ଉତ୍ତର ଦିଗକୁ ଗସ୍ତ କରିବା ଉଚିତ ମନେ କରୁଛି। ଜାତୀୟ ମାନ ସମ୍ମାନ ଆଉ ଅର୍ଥନୈତିକ ଦୃଷ୍ଟିରୁ ଉତ୍ତର-ଅଭିଯାନ ବହୁ ଲାଭଦାୟକ ହେବା ସମ୍ଭବ।

ଏହି ସମୟରେ କଳିଙ୍ଗାଧିପତି ଏହି କଳିଙ୍ଗ କୂଟନୀତିଜ୍ଞ ମାନଙ୍କର ପରାମର୍ଶନେଲେ। ଉତ୍ତର ଭାରତକୁ କେଉଁ ଦିଗରୁ ଅଭିଯାନ ଆରମ୍ଭ କଲେ, ଯବନମାନେ ଛତ୍ରଭଙ୍ଗ ଦେବେ ଏବଂ ଭାରତବର୍ଷର ସମ୍ପଦ ନେବାରେ ବିଫଳ ହେବେ।

ଏଥିରେ ମୁଖ୍ୟ ପରାମର୍ଶ ଦେଲେ ଗାନ୍ଧାରର କଳିଙ୍ଗ କୂଟନୀତିଜ୍ଞ। ତାଙ୍କ ବାର୍ତ୍ତା ଏମିତି ଶକ୍ତିଶାଳୀ ଥିଲା, ଆଉ କାହାକୁ ମୁହଁ ଖୋଲିବାକୁ ପଡ଼ିଲା ନାହିଁ। ସେ ଜଣାଇଦେଲେ, ଖରାଦିନକୁ ହିଁ ଦଳକୁ ଦଳ ଯବନ ପ୍ରତିନିଧିମାନେ ସମସ୍ତ ରୌପ୍ୟମୁଦ୍ରା ନେଇ ସ୍ୱଦେଶକୁ ଯାଆନ୍ତି। ଶୀତଋତୁର ଆଗମନରୁ ଭାରତବର୍ଷର ପଶ୍ଚିମ ଦ୍ୱାରଦେଶ ରୁଦ୍ଧ କରିଦେଲେ, ସେହି ଯବନମାନେ କଳିଙ୍ଗ ସେନା ନିକଟରେ ହିଁ ଆତ୍ମ ସମର୍ପଣ କରିବାକୁ ବାଧ ହେବେ।

"ସାବାସ୍ କଳିଙ୍ଗ ବୁଦ୍ଧିମତ୍ତା। ଆମକୁ ବାଟ ମିଳିଗଲା। ଠିକ୍ ସମୟରେ ଆମକୁ ସ୍ଥାନ ଦଖଲ କରି ବସିବାକୁ ପଡିବ। ଦେଖିବା, ଯବନ କେଉଁ ବାଟ ଦେଇ ଆମର ସମ୍ପତ୍ତି ଘେନିଯିବେ।" ଉଚ୍ଚ ସ୍ୱରରେ କଳିଙ୍ଗାଧିପତି ଉଚ୍ଚାରଣ କଲେ।

ଶାସନର ଏକାଦଶ ବର୍ଷ ଆରମ୍ଭ ହେବାକୁ ବସିଲାଣି। ମଥୁରାଗସ୍ତର ସମସ୍ତ ଯୁଦ୍ଧୋପକରଣ ଏବଂ ଗଜସେନା ସବୁ ପରିବହନ କାମ ସାରିବା କେତେ ମାସ ହୋଇଗଲାଣି। ଏବେ ମହାସେନାନୀ ଦୈନିକ କଳିଙ୍ଗାଧିପତିଙ୍କର ପରାମର୍ଶ ନେବାକୁ ଆସୁଛନ୍ତି ଉତ୍ତର ଦିଗକୁ ପ୍ରସ୍ତାବିତ ଅଭିଯାନ ନିମନ୍ତେ।

କଳିଙ୍ଗର ମହାସେନାନୀ। ବହୁତ ଅଭିଯାନର ଅଭିଜ୍ଞତା ଆସିଗଲାଣି ସୀମା ବାହାରେ ବିଦେଶୀ ରାଜ୍ୟରେ ନିଜର ପରିଚାଳନା ସାମର୍ଥ୍ୟ ପରିଦର୍ଶନ କରିବାରେ। ଏଥରକ ଯେ ବହୁଦୂର ଏବଂ ବହୁ ଅବଧିର ଚତୁରଙ୍ଗ ସହିତ ସାରା ଭାରତରେ ଏକ ପରିଭ୍ରମଣ, ସେ କଥା ତାଙ୍କର ହୃଦ୍‌ବୋଧ ହୋଇଛି। ସିଏ କାହିଁକି ସମଗ୍ର ଭାରତ ଜାଣେ, ରାଷ୍ଟ୍ରରେ କୌଣସି ବୃହତ୍ ଶକ୍ତି ନାହିଁ, ଯିଏ କି ରାଷ୍ଟ୍ରଟାକୁ ନିଜ ଅକ୍ତିଆରରେ ରଖି ପାରିବ। ତା ଯଦି ହୋଇପାରନ୍ତା, କେହି ଆଉ ଭାରତବର୍ଷକୁ ଅନୁପ୍ରବେଶ କରିପାରନ୍ତେ ନାହିଁ।

ବହୁ ପଦାତିକ, ରଥାରୋହୀ, ଅଶ୍ୱାରୋହୀ ଏବଂ ଗଜାରୋହୀ ସୈନ୍ୟସାମନ୍ତ ସହିତ ସମ୍ରାଟ ଖାରବେଳ ସାରା ଉତ୍ତର ଭାରତ ଅଭିଯାନରେ ନିର୍ଗତ ହେଲେ। ତାଙ୍କର ମୂଳ ଲକ୍ଷ୍ୟ ରହିଲା ଯେତେବେଳେ ଭାରତର ଉତ୍ତର-ପଶ୍ଚିମ ଚତୁର୍ଥାଂଶ ଯବନ ଅଧ୍ୟୁସିତ, ଭାରତୀୟ ଜୀବନ ବ୍ୟତିବ୍ୟସ୍ତ, ସେ ସବୁ ଅଞ୍ଚଳରେ କଳିଙ୍ଗର ସାମରିକତା ପ୍ରତିପାଦନ। ଏହା ତାଙ୍କର ଚକ୍ରବର୍ତ୍ତୀ ପାରଙ୍ଗମତା ପ୍ରତିଷ୍ଠା କରିବାର ଗୋଟିଏ ଉପାୟ।

ବାସ୍ତବରେ କଳିଙ୍ଗର ଚିର ଲକ୍ଷ୍ୟ ମଗଧକୁ ପରାଜିତ କରି ନିଜର ଆରାଧ୍ୟ ଦେବତା କଳିଙ୍ଗଜୀନାଙ୍କୁ ମୁକୁଟମଣ୍ଡିତ ସ୍ୱରୂପରେ ଫେରାଇଆଣି ସଗର୍ବେ କଳିଙ୍ଗରେ ପୁନଃପ୍ରତିଷ୍ଠା କରିବା। ଯଦି ବି ମଗଧ ଏହି ଭାରତବର୍ଷ ଅଭିଯାନରେ ସାମନାକୁ ଆସେ, ତାର ଦର୍ପ ଚୂର୍ଣ୍ଣକରି ପ୍ରତିଶୋଧର ବହ୍ନିକୁ ନିର୍ବାପିତ କରିବା। କିନ୍ତୁ ସିଧାସଳଖ ମଗଧ ଆକ୍ରମଣ କଲେ, ଭାରତବର୍ଷରେ ଯେଉଁ ଅରାଜକତା ସୃଷ୍ଟି ହେଲାଣି, ତାହାର ସମାଧାନ ହେବନାହିଁ। ତେଣୁ ତାଙ୍କର ଅତର୍କିତ ଅଭିଯାନ ମଥୁରାର ଉତ୍ତର-ପଶ୍ଚିମ କୋଣରୁ ହିଁ ଆରମ୍ଭ ହେବାର ଉଦ୍ଦେଶ୍ୟ ରହିଛି।

ଏଥର ମହାସେନାନୀ କଳିଙ୍ଗାଧିପତିଙ୍କୁ ଉତ୍ତରଦାୟୀ ରହିଲେ, ସେମାନେ କଳିଙ୍ଗର ଉତ୍ତର-ପଶ୍ଚିମ ଦିଗକୁ ବିନା ସୋର ଶବ୍ଦରେ ଗତି କରିବେ। ପୁଣି ଯେଉଁ କାଳରେ ଏହି ଅଭିଯାନ ଚାଲିବ, ତାହା ଯୁଦ୍ଧ ଆଶଙ୍କା କରାଯାଉ ନଥିବା ଋତୁରେ ହିଁ ରୂପନେବ। ଏଭଳି ଅପ୍ରତ୍ୟାସିତ ଅଭିଯାନର କାରଣ ସେହି ଅଞ୍ଚଳର ବିଦେଶୀ ପ୍ରଭାବ ଏବଂ ଧନରତ୍ନର ଆତ୍ମସାତ୍ ଉପରେ ଅଙ୍କୁଶ ଲଗାଇବାର ପ୍ରୟାସ।

ମହାସେନାନୀ କହିଲେ, "ମହାରାଜ, ଆପଣ ଯାତ୍ରା କରିବାର ଏକମାସ ପୂର୍ବରୁ ଆମର ଚତୁର୍ଦ୍ଧା ବାହିନୀ ପଶ୍ଚିମ ଦିଗକୁ ଗତି କରି ଦକ୍ଷିଣପଥରେ ମଥୁରାର ପଶ୍ଚିମରେ ଶିବିର ପକାଇ ରହିଥିବ। ମହାରାଜଙ୍କର ସେଠାରେ ପହଞ୍ଚିବା ମାତ୍ରେ ଅବିଳମ୍ବେ ପଶ୍ଚିମକୁ ଦ୍ରୁତଗତି ଆମର ଗଜଶକ୍ତିର ଉପସ୍ଥିତିରେ ଚଢ଼କ ପକାଇଦେବ।"

ମହାମେଘବାହନ ଖାରବେଳ ଏହି ଯୋଜନାରେ ତୃପ୍ତ ହେଲେ। କହିଲେ, "ମହାସେନାନୀ, ମୁ ଲକ୍ଷ୍ୟ କରୁଛି, ତୁମେ ଜଣେ ଧୁରନ୍ଧର ସେନାପତି ପାଲଟି ଗଲଣି। ଏହା ପରେ ରହିଲା ଦକ୍ଷିଣ ବିଜୟ ଏବଂ ଭାରତବର୍ଷର ରାଜତ୍ୱ। ଆଉ କେତେ ଦୂର? ମୁଁ ତ କାହାକୁ ପ୍ରତିଦ୍ୱନ୍ଦ୍ୱୀ ଦେଖିପାରୁନି।"

ମହାସେନାନୀ ସହାସ୍ୟ ବଦନରେ କହିଲେ, "ସବୁଠାରେ ଆପଣଙ୍କ ନାମ ଏବଂ ଉପସ୍ଥିତି ରହିଛି, ମହାମହିମ! ସବୁଠାରେ ଆପଣଙ୍କର ପରିକଳ୍ପନା କାର୍ଯ୍ୟକାରୀ କରିବା ମୋର ଦାୟିତ୍ୱ। ଏହା ବ୍ୟତୀତ ମୋର କିଛି ନିଜତ୍ୱ ନାହିଁ। ସବୁ କୃତିତ୍ୱ ଆପଣଙ୍କର।"

ସତକୁ ସତ ଏକ ମାସ ବେଳକୁ କଳିଙ୍ଗସେନା ଭାରତର ଦ୍ୱାରଦେଶ ତଥା ଭାଜି ବା ସିନ୍ଧୁ ନଦୀର ପୂର୍ବଦିଗରେ ଏକ ବିଶାଳ ସେନା ଛାଉଣୀ ସୃଷ୍ଟି କରିଥିଲେ। ଏଠାରେ ଏକ ସହସ୍ର ଗଜ, ଅସଂଖ୍ୟ ଅଶ୍ୱ, ଅସୁମାରି ପଦାତିକ ତଥା ଅନେକ ରଥ ଭାରତର ସାମରିକ ସାମର୍ଥ୍ୟର ନମୁନା ପ୍ରଦର୍ଶନ କରୁଥିଲେ।

ବାସ୍ତବିକ ତଦାନୀନ୍ତନ କାଳରେ ବିଶାଳ ଗଜବାହିନୀ ସହିତ ଏକ ଲକ୍ଷ ପଦାତିକ ଭାରତବର୍ଷରେ ପଲଟଣ କରି ବଳ ପ୍ରଦର୍ଶନ କୌଣସି ଦ୍ୱିତୀୟ ଶକ୍ତି ଦ୍ୱାରା ସମ୍ଭବ ନଥିଲା। ଆଗରୁ ଯଦିଚ ମୌର୍ଯ୍ୟ ଶାସନର ରହିଥିଲା, ତାହା ତ କ୍ଷୁଣ୍ଣ ହୋଇ ସୁଙ୍ଗ ରାଜତ୍ୱକୁ ଅବନତ ହୋଇ ଶକ୍ତିହୀନ ହୋଇ ପଡ଼ିଥିଲା।

ଏହି କଳିଙ୍ଗସେନା ବିନା କୌଣସି ଲକ୍ଷ୍ୟରେ ରାଜ୍ୟ ଆକ୍ରମଣ କରିବାକୁ ଯାଇଥିଲେ। କେବଳ କୁହାଯାଇ ପାରେ, ଏହା ମହାମେଘବାହନ ଖାରବେଳଙ୍କର ଅଶ୍ୱମେଧ ଅଶ୍ୱ ପରି ନିଜର ପରାକ୍ରମ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହାର ଫଳାଫଳ ଦେଖିବାକୁ ମିଳିଲା। ଭାରତରେ ଅନୁପ୍ରବେଶ କରିଥିବା ଯେଉଁ ଯବନରାଜମାନେ ବହୁତ କ୍ଷୁଦ୍ର ରାଜ୍ୟ ଶାସନ କରୁଥିଲେ, ସେମାନେ ଚଢେଇ ପରି ଅଠାକାଠିରେ ପଡିଗଲେ। ଭାରତବର୍ଷରୁ ପଳାୟନ କରିବାର ରାସ୍ତା ବନ୍ଦ ହୋଇଛି, ପୁଣି ଗାଦିରେ ରହିଲେ ବିପଦ। ସେମାନେ ଗାଦି ଛାଡି ଧନରତ୍ନ ଧରି ଛପି ଯିବାର ଉପକ୍ରମ କଲେ।

ସେହିମାନେ ହିଁ ଭାରତବର୍ଷର ଚିରଶତ୍ରୁ। ସେମାନଙ୍କର ଧନରତ୍ନ ବ୍ୟାଜ୍ୟାପ୍ତ କରିବା ଲକ୍ଷ୍ୟ ରହିଲା କଳିଙ୍ଗ ଗଜବାହିନୀର।

ବିଦେଶୀ ଯବନ ମାନଙ୍କର ପଳାୟନ ସ୍ଥାନୀୟ କ୍ଷୁଦ୍ରରାଜ୍ୟର ନୃପତିମାନଙ୍କ ଉପରେ ସେମିତି ମିଶ୍ର ପ୍ରତିକ୍ରିୟା ସୃଷ୍ଟିକଲା। ଅନେକ କଳିଙ୍ଗାଧିପତିଙ୍କୁ ଉପହାର ଦେଇ ନିଜର ସ୍ଥାନ ସୁଦୃଢ଼ କରିବାରେ ମନଦେଲେ, ଅନେକ ବି ଭୟରେ ପଳାୟନପନ୍ଥୀ ହେଲେ। ଏମିତି କଳିଙ୍ଗସେନା ବିନା ଆକ୍ରମଣରେ କେବଳ ନିଜର ବଳ ପ୍ରଦର୍ଶନ କରିବା ଫଳରେ ଭାରତବର୍ଷର ଉତ୍ତର ଦିଗରେ ଏକ ଆତଙ୍କ ସୃଷ୍ଟି ହେଲା।

ଏହି କାରଣରୁ କଳିଙ୍ଗସେନା ଅଜସ୍ର ଧନରତ୍ନ ମଣିମୁକ୍ତା ଲାଭକଲା, ପୁଣି ଏହି ଅଞ୍ଚଳରେ ଯବନମାନଙ୍କ ମଧ୍ୟରେ ଭୟ ସୃଷ୍ଟିକଲା। ସେମାନେ ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିବାର ବାଟ ଧରିଲେ।

କଳିଙ୍ଗ ମହାସେନାନୀ ଖାରବେଳଙ୍କୁ କଳିଙ୍ଗ ପ୍ରତ୍ୟାବର୍ତ୍ତନ କରିବାର ରାସ୍ତା ବିଷୟରେ ବୁଝିନେଲେ। ସେମାନେ ଯାହା ଚିନ୍ତା କରୁଥିଲେ ଉପଲବ୍ଧ ଧନରାଶି ଏତେ ପରିମାଣର ହେଲା ଯେ, ସେମାନଙ୍କର ପରିବହନକାରୀ ଗଜଶକ୍ତିକୁ ବି ଟପିଗଲା।

ଯାହା ମନରେ ଥିଲା ମଗଧ ସୀମାନ୍ତରେ ଉପଦ୍ରବ ସୃଷ୍ଟି କରିବେ ଏବଂ ମଗଧ ନୃପତିଙ୍କୁ ଆକ୍ରମଣ କରିବେ, ସେଥିରୁ ବିରତ ହେବାକୁ ପଡ଼ିଲା। ଏକ ବର୍ଷ ମଧ୍ୟରେ ମଗଧ ବିଜୟ କରିବାର ନିଷ୍ପତ୍ତି ନେଇ ନିଜର ମନୋଭାବ ପରିବର୍ତ୍ତନ କଲେ।

ସେମାନେ ଆଉ ମଗଧର ରାଜଧାନୀ ପାଟଳୀପୁତ୍ର ଦିଗକୁ ନଯାଇ ନିଜେ ଯାଇଥିବା ରାସ୍ତାରେ କଳିଙ୍ଗ ଫେରି ଆସିଲେ।

*ସମାରୋହ, ୧୨୮, ଢୁମୁଢୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

୦୦୦

*କ୍ରମଶଃ...*




# ୟୁକ୍ରେନ - ୨୦୨୩

**ପ୍ର. ଗିରିଜା ଶଙ୍କର ଶର୍ମା**

ତୁମେ ହିଂସ୍ର ଯୁଦ୍ଧ ଖୋର
ଶହ ଶହ ନିରୀହ ଲୋକଙ୍କ ରକ୍ତରେ
ସ୍ନାତ ତୁମ ଶରୀର।
ୟୁକ୍ରେନରେ ଆଜି ବି ବୋମାର ଆତଙ୍କ
ସବୁଦିନ ଲୋଟି ପଡ଼େ ଶବ
ରାସ୍ତାଘାଟ, ସ୍କୁଲ କଲେଜ, ହସ୍ପିଟାଲ
ରଂଜିତ ହୁଏ ରକ୍ତରେ।
ଦୁଇହଜାର ତେଇଶି
ତୁମେ ଏକ କଳା ବର୍ଷ, ଇତିହାସ ପୃଷ୍ଠାରେ।

ଆଜି ଯେବେ ଅତୀତ ରୋମନ୍ଥିତ ହୁଏ
ସୁନେଲୀ ସ୍ୱପ୍ନ ସବୁ ଧୂଳିସାତ ହୁଏ
ସମୟର କ୍ରୁର ଚକ ତଳେ
ପେଶି ହୋଇ ଜୀବନ ଚିତ୍କାର କରେ
ସେ ବଂଚିବାକୁ ଚାହେଁ
ଦେଖିବାକୁ ଚାହେଁ ବିଭୁଦତ୍ତ ଆୟୁଷ୍ମାନ
ଏ ସୁନ୍ଦର ପ୍ରେମିଳ ପୃଥିବୀକୁ
ତୁମେ ହିଁ ତ ଯୁଦ୍ଧ ଖୋର
ଯିଏ ନିର୍ବାପିତ କରେ
ତା ଜୀବନର ସୁନେଲୀ ଶିଖାକୁ।
ତୁମେ ସେଇ ଅସୁର, ତୁମେ ସେଇ ଆଦିମ ଅଂଧାର।

ଦୁଇହଜାର ତେଇଶି
କି ପ୍ରକାରର ସ୍ମୃତି ତୁମେ ଛାଡ଼ିଗଲ
ଆଉ କିଛିଦିନ ପରେ
ତୁମେ ଅନ୍ତର୍ହିତ ହେବ
ସମୟ ପୃଷ୍ଠାରେ କଳଙ୍କିତ ହୋଇ
କଦାକାର ଇତିହାସ ରଚିଲ।

ଦୁଇହଜାର ଚବିଶ, ତୁମକୁ ସ୍ୱାଗତ
ଏ ବର୍ଷ ସୁଖମୟ ହେଉ।
ଯୁଦ୍ଧର ଅବସାନ ହେଉ।
ଅଶାନ୍ତ ଧରିତ୍ରୀ ଶାନ୍ତ ହେଉ।
ନବବର୍ଷ ଶୁଭଙ୍କର ହେଉ।

*ଏଲ୍. ଜି. କଞ୍ଚନା ରେସିଡେନ୍ସି,*
*ଫ୍ଲାଟ୍ ନଂ. ୩୦୧, ଫୁଲେଶ୍ୱରୀ ବିହାର (ଶ୍ରୀକ୍ଷେତ୍ର ବିହାର ପାଖ)*
*ପାତ୍ରପଡ଼ା, ଭୁବନେଶ୍ୱର-୭୫୩୦୧୯*

# ଏଇ ତ ଜୀବନ

**ବିନୋଦ**

ଟନେଲର ଅନ୍ଧାର ବୁକୁରେ
ଦେଖୁଅଛୁ ମରଣର ପୂର୍ବରୂପ ନୀରବ ଧୂପରେ।

ଗିରିଭେଦ କରି ଆମେକ୍ଷୁଣ୍ଣ କଲୁ ଆମରି ଜୀବନ
ପଥରର ଗୁହାକାଟି ରକ୍ତ, ମାଂସ କରିଲୁ କ୍ଷରଣ
ପ୍ରଗତିର ମଇଦାନେ ଜଳାଞ୍ଜଳି ଦେବାକୁ ଜନମ
ବାହାଦୁରୀ କିଏ ନିଏ, ଆମେ ପରା ନ ହେଉ ଗଣନ।

ପାହାଡ଼ର ଅନ୍ତନଳୀକାଟି ଯେଉଁ କରିଲୁ ଗଭୀର
ଭୂଚଳନ ଗର୍ଭେ ଆମେ ସଂଘର୍ଷରେ ବନାଇ ଆଗାର
ତିମିରରେ ସବୁ ଆମେ ଜଗତର ଆଲୋକ ଅନ୍ଧାରେ
ଅଭିଶକ୍ତ ଜନ୍ମ( !) ଆମ, ଲୁଣ, ଭାତ, ମୁଠିଏ ପଖାଳେ।

ପରିବାର ମୋହ କାଟି, ଅବିଚଳେ ବନାନୀ ଶିବିରେ
ସମର୍ପିତ ଜୀବନର, ଗତିରେଖା ଅୟୁତ ସଙ୍କୁଳେ
ମାଟି ଆଉ ପ୍ରସ୍ତରର, ଉଷ୍ଣକାବ୍ୟ କରୁଛୁ ରଚନା
ଦୁଃଖମୟ ଇତିହାସ, ଯନ୍ତ୍ରଣାର ଯା ନାହିଁ କଳନା।

ଚାଳଘରେ ଦୁର୍ଦ୍ଦିନର ଛାୟାଛବି, ପ୍ରତିଟି ସକାଳେ
ଭୋକାତୁର ସନ୍ତାନର, ଦୁର୍ବିସହ କରୁଣ କୋହରେ
ରାତି ପାହେ, ସରେନାହିଁ ମୂଲିଆର ଶୋଷିତ ଦିବସ
ଝାଳ ମାରି, ମରିବାକୁ ଜାତ ପରା, ଆମେ ଏ ମଣିଷ।

ଟନେଲର କସରୁ ଅଛି ଯୌବନର ଅନ୍ତିମ ଦୀପାଳି
ଜାଣୁନାହୁଁ କେଉଁ ଦିନ ବଜାଇବୁ ମୁକତି କାହାଳୀ
ଥରୁଅଛି ଛାତି ଆମ, ଚାରିଆଡ଼େ କଙ୍କର ଆବଦ୍ଧ

ପାଲଟିବୁ କଙ୍କାଳ କି, ହଜିଯିବ ଏଠାରେ ଶୈଶବ !

ବିକଶିତ ସଭ୍ୟତାରେ ଗୌଣ ଆମେ, ନିରର୍ଥ ମାନବ
ପିଠି ପରେ ଚାଲିଯାଏ, ବିକାଶର ଅଦ୍ଭୁତ ଗୌରବ
ନିଃଶବ୍ଦର ଇତିହାସେ ପୃଷ୍ଠା ଆମ ନାହିଁ ତ ଶୋଭିତ
ଡାକୁଁଅଛି ବାଦଲର, କାଳରେଖା, ବିଷାକ୍ତ ମରୁତ ।

କ୍ଷଣଟିଏ କଟିଗଲେ ଲାଗୁଅଛି ଯୁଗଟି କଟିଲା
ଅସୁମାରି ଆଶା ଆମ, ମୁହୁର୍ମୁହୁଃ ମୃତ୍ୟୁର କବଳା
ହଜିଯିବୁ ଜାଣୁନାହୁଁ, ଅନାଶ୍ରୟ ମାଟିର କବର
ସଂଗ୍ରାମର ସନ୍ତକ ହିଁ ଶେଷ ଦିନେ ଥୋଡ଼ାଏ ଖବର ।

# ମାଳନାନୀ

**ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ**

ମାଳନାନୀ ଚାଲିଗଲେ ।
ଯିବାରତ ଜଣାଥିଲା ଶେଷ ଶଯ୍ୟାରେ ଥିଲେ
ହେଲେ ବହୁତ କିଛି ସ୍ମୃତି ଛାଡ଼ିଗଲେ ।
ଏମିତି ଏକ ସ୍ମୃତି, ବିବାହ ପରେ ଗୋଟିଏ ଛଅ ମାସିଆ ଶିଶୁକୁ ଧରି
ମଇଁଶୀ ଶଗଡ଼ରେ ବସି ମାଳନାନୀର ଗାଁକୁ
ଏ ମୋର ପ୍ରଥମ ଯାତ୍ରା
ଶଗଡ଼ରେ ବସିବାର ପ୍ରଥମ ଅନୁଭୂତି ।
ଧକଡ଼ ଚକଡ଼ ଉଠାଣି ଗଡ଼ାଣି
ଛୋଟଛୁଆ ମୋଟେ ରହିଲାନି କୋଳରେ
ରଡ଼ି ପକାଇ କାନ୍ଦିଲା, ଅଗତ୍ୟା ତାକୁ କାଖରେ ଧରି
ତଳକୁ ଓହ୍ଲେଇଲି । ଇସ୍ ବିରାଟ ପାହାଡ଼ ଗଛଲତା ପରିପୂର୍ଣ୍ଣ
ଜଙ୍ଗଲ, ଇଏ ଥଟ୍ଟା କରୁଥାନ୍ତି "ଗିଳା ସାପ ଅଛନ୍ତି,
ତମ ମାଁ ଛୁଆଙ୍କୁ ଗିଳିଦେବେ ।"
କେତେବେଳେ ଜଙ୍ଗଲ ସରିଲା । ଆମେ ଗାଁ ମୁହାଁ ହେଲୁ
ଗାଡ଼ି ପଛେ ପଛେ ଗାଁ ପିଲା ଦଉଡ଼ିଲେ ।
ଆଉ ଏକ କଥା । ନାନୀ ତ ଭାରି ସରଳ ଓ ସ୍ନେହି କିନ୍ତୁ କଣ ହବ
ଆମ ଘରକୁ ଆସି ପାରନ୍ତିନି
କାରଣ ତଳକୁ ତଳ ଗୋଟାଏ ଛୁଆ
ହେପାଜତ କରି ପାରନ୍ତିନି
ତଥାପି ମାଆର ପଣତ ତଳେ ସେମାନଙ୍କ ଜୀବନ ।
କେବେ ଥରେ ଆସିଲେ ରାନ୍ଧି ବାଡ଼ି ଖୁଆଏ ।
ଗଲାବେଳେ ଲୁଗା ପଟା ମିଠା ମିକ୍ସଚର ଦିଏ
ନାନୀ ମତେ ଭାରି ଭଲ ପାଆନ୍ତି
ଝିଅ ଭଳି ଦେଖନ୍ତି ।
ତାଙ୍କରି ଗରିବୀ ପଣିଆ ମୋତେ ଭାରି ବାଧେ
ଘରେ ସବୁଠି ସବୁଠାରେ ତାଙ୍କ ପାଇଁ
ଓକିଲାତି କରେ ।
ଗଲା ତିନିଦିନ ଚାରିଦିନ ପୂର୍ବରୁ ଫୋନ୍ କରିଥିଲି
ତାଙ୍କ ବୋହୂ ମୋବାଇଲ୍ ତାଙ୍କ କାନରେ ଦେଲା
କିନ୍ତୁ ପ୍ରାୟ ନୀରବ ଥିଲେ ଖାଲି ଅତିଥିରେ ହିଁ ଶୁଭୁଥିଲା ।
ମାଳନାନୀ ଶ୍ୟାମଳୀ ହେଲେ ସୁନ୍ଦରୀ ଥିଲେ
ସାଧାରଣ ଶାଢ଼ୀ ବ୍ଲାଉଜ୍‌ରେ ଭଲ ଦେଖା ଯାଉଥିଲେ
ସେ ଚାଲିଗଲେବି ମୋ ଆଗେ ପରିସ୍ଫୁଟ ଜୀବନ୍ତ ପରି
ମୋ ମାଳା ନାନୀ ମୋର ଏକାନ୍ତ ନିଜର ଅତୀବ ନିଜର ।

*ପ୍ଲଟ ନଂ. ଡି-୯୯୩, ସେକ୍ଟର-୬,*
*ମର୍କତ ନଗର, କଟକ*
*ଦୂରଭାଷ: ୯୮୬୧୬୩୪୪୯୩*

# ନବବର୍ଷ - ୨୦୨୪

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ତୁମେ ଆସିଅଛ
ଦୁଇ ହଜାର ଚବିଶି (୨୦୨୪)
ଗତକାଲିର
ଦୁଇ ହଜାର ତେଇଶି (୨୦୨୩)
ଆଜି ପ୍ରଶ୍ନବାଚୀ ।
ଘଣ୍ଟାର ପହୁଡ଼ ତଳେ
ବର୍ଷେ ଗଲା
ବଦଳିଗଲା ସମୟର ପଥ
ଏ ବଦଳ କାନ୍ଥବାଡ଼େ
ରଙ୍ଗୀନ ଛବିରେ ସତ
ଜୀବନର ପଥପ୍ରାନ୍ତେ
କିନ୍ତୁ ଦୁଇହଜାର ଚବିଶି (୨୦୨୪) କାହିଁ ?
ରିକ୍ସାବାଲାର ରକ୍ତଭିଜା ପେଣ୍ଡା
ଦାଦନ ପ୍ରଥାର ଧାରେ
କଣ୍ଟ୍ରୋଲ ଦୋକାନ କଡ଼େ
ମୁଁ ପାରେନି ଦେଖି କେଉଁ ନୂଆବର୍ଷ
ନୂଆ ଉନ୍ମାଦନା ।
ଘଣ୍ଟା କଣ୍ଟା ସଙ୍ଗେ
ତାଳ ମିଳେନାହିଁ

ଏ ପ୍ରାଣର ।
ଛବି ଅଙ୍କା କ୍ୟାଲେଣ୍ଡର ନେଇ
କେତେ ବା କହ ତୁ ସତ
ଏ ଅବୁଝା ମୂଲକେ
ବ୍ୟର୍ଥତାର ସ୍ୱପ୍ନକୁ କଳିବା
ଲୋକ କଣ୍ଠେ
ଗଲାକିଛି- ଆସିଲା ଅନେକ
ସେ ବର୍ଣ୍ଣାଳୀ ସତ୍ତା କିନ୍ତୁ ନାହିଁ
ଏ ଜନତା, ଏ ଶ୍ରମିକ ଦେଶେ
ତେଣୁ ବୋଧେ ଆସିବା ଯିବାଟା
ହୋଇପାରେ ବୋଧେ
ସୁନାପିଲା ଭଦ୍ରତା ଖାତିରି ।

*ଦାମୋଦରପୁର, ଗଂଜାମ*
*ଦୂରଭାଷ: ୮୮୯୫୧୪୧୭୨୭*

# ନବବର୍ଷ ଅଭିନନ୍ଦନ

**ପତିତପାବନ ନାଥ**

ନବବର୍ଷେ ମୋ ଅଭିନନ୍ଦନ ଘେନନ୍ତୁ ଆପଣ
କାଳୋହ୍ୟୟଂ ନିରବଧି ବିପୁଳା ଚ ପୃଥ୍ୱୀ ।
କାଳର କି କିଏ କେବେ ଜାଣିଛି ପରିଧୀ ॥
କାଳଚକ୍ରେ ବର୍ଷ କିଛି ରଖେ ନାହିଁ ମାନେ ।
କାଳ ତ ଅନନ୍ତ ବର୍ଷ ମାସ ବାରକୁ ନଜାଣେ ॥
କିନ୍ତୁ ଏ ମାନବ ନିଜ ଲାଗି ତାକୁ ଭାଗ କରେ ।
ସୂର୍ଯ୍ୟ ଚନ୍ଦ୍ର ଗତି ଦେଖି ଗଣେ ପଞ୍ଜିକାରେ ॥
ଏପରି ଏକ ଗଣନା ଦୁଇ ହଜାର ତେଇଶ ।
କାଲି ହେଲା ଶେଷ ଆଜି ଆସିଲା ଚବିଶ ॥
ଗତବର୍ଷ ଥିଲା ଯେତେ କଳୁଷରେ ଭରା ।
ରାତି ଶେଷ ଆଗୁ ତାହା ଧୋଇ ହୋଇଗଲା ॥
ନୂତନ ବର୍ଷ ଆଣିଛି ନୂତନ ଭାବନା ।
ମନେ ଜଗାଉଛି ନୂଆ ଆଶା ଉନ୍ମାଦନା ॥
ଯାହା ରହିଯାଇଥିଲା ଜୀବନରେ ଊଣା ।
ଅତୀତର ରୋମନ୍ଥନେ ହେବନି ଭରଣା ॥
ଗଢ଼ିବା ନୂତନ ପଥ ଅତୀତକୁ ଭୂଲି ।
ଯେ ପଥେ ମିଳିବେ ପ୍ରଭୁ ଗଲେ ଚାଲି ଚାଲି ॥
ଚାଲିବା ବାଟରେ ଆମେ ପ୍ରେମ ବାଣ୍ଟୁଥିବା ।
ପଥପାର୍ଶ୍ୱେ ଯେତେ ଯେତେ ଲୋକ ଭେଟୁଥିବା ॥
ଅସୂୟାର ଚିହ୍ନବର୍ଣ୍ଣ ହୃଦୟେ ନଥିବ ।
ଈଶ୍ୱର ଭକ୍ତିରେ ମନପ୍ରାଣ ଭରିଥିବ ।
ସର୍ବେ ଭବନ୍ତୁ ସୁଖୀନଃ ହେବ ଆମ ମନ୍ତ୍ର ।
ନର ଦେହେ ନାରାୟଣ ଦେଖିବା ସର୍ବତ୍ର ॥
ପ୍ରଭୁଙ୍କୁ ପ୍ରାର୍ଥନା କରେ ନୂତନ ବର୍ଷରେ ।
ଏହି ମନୋଭାବ ଆସୁ ସବୁ ହୃଦୟରେ ॥
ସମ୍ପୂର୍ଣ୍ଣ ବର୍ଷଟି ହେଉ ସୁଖଶାନ୍ତିପ୍ରଦ ।
ଗୃହେ ସଦା ଲାଗିରହୁ ଆମୋଦପ୍ରମୋଦ ॥
ଆପଣମାନେ ରୁହନ୍ତୁ ଶରୀରରେ ସୁସ୍ଥ ।
ମନ ହେଉ ପ୍ରଫୁଲ୍ଲିତ ଚିତ୍ତ ହେଉ ଶାନ୍ତ ॥
ଆପଣମାନଙ୍କୁ ମୋର ସଶ୍ରଦ୍ଧ ନମନ ।
ନୂତନ ବର୍ଷରେ ଏହା ମୋ ଅଭିନନ୍ଦନ ॥

# ବେତାଳ ତାଳ

**ଜଗନ୍ନାଥ ବେହେରା**

ଚନ୍ଦ୍ରକଳାର
ହ୍ରାସ ବୃଦ୍ଧି ତାଳେ ତାଳେ
ଘନେଇ ଯାଆନ୍ତି
ଏ ଇଚ୍ଛାଙ୍କର ଗୋଷ୍ଠୀ,
ପତଳେଇ ଯାଆନ୍ତି
ଆନ କ୍ଷଣେ
ନିଜ ମିଜାଜ୍ ବା
ମର୍ଜିରେ ।
ଆଖି ବୁଜା
ଗୋଟେଇ ଆଣ
ଇଚ୍ଛା ଗୋଟେ
ନମୁନା ଛଳରେ,
ଠଉରେଇ ନେବ,
ଅଜବ ତା ଖିଆଲ
ଚାହିଁଥିବ ନିର୍ନିମେଷ
ଯାହା ଦୃଶ୍ୟରେ ଅଦୃଶ୍ୟ---
ନତ ଜାନୁ ଶ୍ରାବଣ
ନେହୁରା ହେଉଥିବ
ଅହଂକାରୀ ମେଘ ପାଖେ
ପ୍ରଖର କାଣିଚାଏ
ବାରିଧାରା

ମନାସି ମନାସି ।

ନାହିଁ ଏ ଇଚ୍ଛାଙ୍କର
ସୀମା ସରହଦ
ବେଲଗାମ୍ ବେଫିକର
ନଥାଏ ସେମାନଙ୍କ
ବିପଦ ସମ୍ପଦ ।

ନୂଆ ନୂଆ
ପ୍ରେମ କରି ଶିଖୁଥିବା
ତନ୍ୱୀ ତରୁଣୀ ବି
ପିନ୍ଧିନିଏ କିମ୍ଭୂତ ଏ
ଇଚ୍ଛାଙ୍କ ଆସ୍ତରଣ
ତା' ରାଗ ରୋଷ
ତୋଫାନି ଅଣଚାଶ,
ଆୟତି ହୁଏନି
ତା' ଚପଳ ପଣ
ସତେ କି ଉଜାଣି ଯମୁନା
ମିଠା ମିଠା ଯନ୍ତ୍ରଣାଙ୍କ
ଅନନ୍ୟ ଯାତନା ।

ଉପଦ୍ରବୀ
ଏ ଇଚ୍ଛାଙ୍କ ମେଳି
ସାଜନ୍ତି କେବେ
ଆମୋଦର ଉତ୍ସ
ସ୍ୱପ୍ନଙ୍କ ମୂଳକେ,
ପୁଣି କେବେ
ବେତାଳ ଅନ୍ଦାଜରେ
ଝୁଲି ପଡ଼ନ୍ତି କାନ୍ଧରେ
ଜିଜ୍ଞାସନ୍ତି ଏଣୁ ତେଣୁ
ଉତ୍ତର ଦିଅନ୍ତି
ଆପଣେଇ ନିଜସ୍ୱ ଦର୍ଶନ,
ମାର୍ଗ ଦର୍ଶକ ବି ହୁଅନ୍ତି
ଆପଣା ଖୁସିରେ ।



# ନୂଆ ବରଷର ଆଶା

**ରବୀନ୍ଦ୍ର ନାଥ ପୋଥାଳ**

ତୁମେ ତ ଆସିଲ ନୂଆ ବୋହୂପରି
ଥରି ଥରି ଥିରି ଥିରି ଅଳସ ଭଙ୍ଗିରେ
ଝଲକାଏ ଉତ୍ତରା ପବନର ପରଶରେ
ଭାଙ୍ଗିଗଲା ତୁମର ସେ ଅଙ୍କା ବଙ୍କା ଚାଲି
ତୁମେ ଆସୁଛ ନୂଆ ଆଶା ଭରଷାର କୁହୁକ ନିଶାରେ
ଭାଙ୍ଗି ଦିଅ ମନର ମିଛ ଅହଙ୍କାର ନିର୍ବୋଧତାର ଅନ୍ଧାରି ମୂଳକ
ହଜିଯାଉ ଆଳସ୍ୟର ନିଥରତା
ହଜିଯାଉ ବରଷ ବରଷର ଅମା ଅନ୍ଧକାର
ସୀମାହୀନ ସାଗର ବୁକୁରେ ଦିଅ ବତୀଘରର ଦିକି ଦିକି ଆଲୋକର ସନ୍ଧାନ
ଜାଗିଉଠୁ ମଣିଷତ୍ୱର ନିଜସ୍ୱ ସ୍ୱରୂପ ତୁମେ ଆର୍ଯ୍ୟ ଋଷିର ଅମୃତ ସନ୍ତାନ
ଭୁଲି ଯାଅ ଆତ୍ମ ସ୍ୱାର୍ଥର ଅହମିକା, ତୁମର ସରଜନା ନିଜ ପାଇଁ ନୁହେଁ
ଈଶ୍ୱର ସୃଷ୍ଟି କରିଛନ୍ତି ତୁମକୁ ଅନ୍ୟର ସୁଖ ଦୁଃଖର ସାଥୀ ହେବା ପାଇଁ
କ୍ଷଣସ୍ଥାୟୀ ଜୀବନର ପ୍ରତି ମୂହୁର୍ତ୍ତରେ ।

*ଦୂରଭାଷ: ୯୯୩୭୮୫୭୭୦୨*

# ହେ ସମୟ !

**ସୁଶାନ୍ତ ବଳ**

ତମେ କେତେ ସଭ୍ୟ କେତେ ନବ୍ୟ
କେତେ ଭବ୍ୟ କେତେ ଦିବ୍ୟ,
ତମେ ସତ୍ୟ, ତ୍ରେତୟା, ଦ୍ୱାପର
ତମ ପ୍ରଭୁତ୍ୱ ଯୁଗଯୁଗର, କାଳକାଳର
ଭୂଲ କରିଥାଅ, ନୁହେଁ ସେ ଧର୍ତ୍ତବ୍ୟ
ଅବୟବ ତମ ଲମ୍ବିତ, ଦୀରିଘ
ତମେ ଭୂତ, ସାମ୍ପ୍ରତିକ, ଭବିଷ୍ୟ
କେବେ ନିମିଷକ କେବେ ଯୁଗଯୁଗ
ତମେ ଅନାଦି ତମେ ନିଃଶେଷ
ତମ ବର୍ଣ୍ଣନାରେ ହୋଇଯିବ ଯୁଗଶେଷ

.................................
କେତେବେଳେ ଆସ ଅଶ୍ୱପୃଷ୍ଠେ ଚଢ଼ି

କେତେବେଳେ ପୁଣି ପଦ ଗଣଗଣି
କେତେବେଳେ ନଭ 'ତାରକା' ଖଚିତ
କେତେବେଳେ 'ତୋଫାନ ତଡ଼ିତ'
କେବେ ବନ୍ୟା, ବୃଷ୍ଟି, ବାରିଧ
କେବେ ସାଥେଆଣ ଉଲ୍‌କାପାତ
କେବେପୁଣି ମଧୁମୟ ଚମ୍ପକିତ ବସନ୍ତ
କେବେ ଶୈତ୍ୟ ହେମନ୍ତର ଫଗୁଆରଂଗ
କେବେ ସାବଲୀଳ ପ୍ରେମର ତରଂଗ
କେବେ ଭରାଉଦର କେବେ ଜଠାରେ
ଖାଦ୍ୟପାଇଁ ଡହଳବିକଳ କେବେ ପୁଣି
ଆକଂଠ ଖାଦ୍ୟ ପୂର୍ଣ୍ଣ ଉଦର
କେବେ ବଂଧୁ ପରିଜନ ଭରା,
କେବେ ସୌଷ୍ଠବତାର ଫଲଗୁଧାରା
କେବେ ସୁଦୃଷ୍ଟି, ସମ୍ଭ୍ରମପୂର୍ଣ୍ଣ
ସୌହାର୍ଘ୍ୟ ସୁନୟନ ଶୁଭଚିନ୍ତନ
ଭରା ନମ୍ରତା, ଭଦ୍ରତା, ଶାଳୀନତା
କେବେ ବହୁରୂପୀ, ଛଳନା, କପଟତା
କେବେ ବୈଲକ୍ଷଣ ବୈମାତୃକତା,
ରାସ୍ତାଘାଟେ, ଭରାସଭା ମଧ୍ୟେ ଚିରହରଣ
ଲୋଲୁପ, କଟାକ୍ଷ ଦୃଷ୍ଟି ଅଶାଳୀନ
ଅସହାୟତା, ଲାଚାରପଣକୁ ଉଣ୍ଡି, ଦରାଣ୍ଡି
ଅସ୍ମିତା, ଲଜ୍ୟାର ହନନେ ଥାନ୍ତି ଆବେଷ୍ଟି
ଜନଆଢୁଆଳେ କାମନାର ପୁଷ୍ଟି

ଅଚାନକ ଆସେ ଦୁଃସମୟର ଝଂଜା
ବିନାଦୋଷେ କେହି ପାଇଥାଏ ସଜା
କିମ୍ବା ତମେହେ ସମୟ ଏତେ ନିଦାରୁଣ ?
ମୁକ୍ତ ଆକାଶୁ କର ବିଜୁଳି ବର୍ଷଣ
(a Bolt from the blue)
ନିଶୂନ ଅଳିଂଦ ଉପରେ ହେଜୁଥାଏ ବସି
ଏଟାକି ତମର ବୈଳାସିକ ବ୍ୟଂଜନ,
ତମ ଆଭିଜାତ୍ୟର ନିଦର୍ଶନ
ତମ ବେଲଗାମ ଉଦ୍ଧତ ଶାସନ ?

ଦୂରେ ଦେଉନା ତମ ବଂଦପୁଟୁଳିରୁ କାହିଁ
ଯେତେ ଦୁଃସମୟ, ଦୂର୍ବିପାକ, ଦୁର୍ଦ୍ଦିନ ?

ଫଗୁ, ଲାଚାରକୁ କର କ୍ରିୟାଶୀଳ
ବଂଧ୍ୟାକୁ କରହେ ମାତା ଶତଜନନୀର
ନିର୍ଦ୍ଧନକୁ କର ଆର୍ଥିକ ସ୍ୱଚ୍ଛଳ
କୁଡ଼ାକ୍ରାନ୍ତକୁ ଦିଅ ଅଂଗସୌଷ୍ଠବ
ବହୁଦିନୁ ଆପେକ୍ଷିତ ଅବିବାହିତକନ୍ୟା
ହସ୍ତେ ଦିଅ ବେଦୀରେ ସିଂଦୂରଚଂଦନ,
ପୁରାକରି ଦିଅ ତାର ମନୋସ୍କାମନା !

ଖଳଚିନ୍ତକର ମନେ ଭରିଦିଅ ସଦ୍ଭାବନ,
ଆତତାୟୀ ହସ୍ତୁ ଛୁରୀକା ହରି,
ଭରିଦିଅ ପ୍ରେମର ସୁଗଂଧିତ ସୁମନ !
ହତ୍ୟାକାରୀ ଭୂଲି ରକ୍ତର ଖେଳ
ଖେଳାଉ ସୁବାସ ମାନବିକତାର

ହେ ସମୟ !
ତମ ହସ୍ତେ ଅଛି ଏପରି ଝୁଲାମୁଣି...
ଯେଉଁଥିରେ ଅଛି କ୍ଳେଶ ଓ ହରଷ
ଭିନ୍ନ ଭିନ୍ନ ମୁଣିରେ ବାଛି ରଖିଦିଅ ତାକୁ
ବାଣ୍ଟିଦିଅ ସୁଦିନ ଆମ ବେସାହାରା, ଅସହାୟଂକ ହସ୍ତେ,
ସ୍ନେହ, ପ୍ରେମ, ଶ୍ରଦ୍ଧାର ଢେରସାରା ଉପହାର
ବରଷୁ ଗଗନୁ ଶୁଭଚିନ୍ତନର ହାର
ଜୀବନ ଆମର ହେଇଯାଉ ଧନ୍ୟତର ।

# ନବବର୍ଷର ଅନୁଚିନ୍ତା

**ଶୁଭେନ୍ଦୁ ଦାଶ**

ଆଜି ଏ ଉଷାର ମଧୁର ଲଗନେ,
ପୂରୁବ ଗଗନେ
ଅରୁଣ କଷାୟ ବାସରେସାଜି,
ଆସୁଅଛ ତୁମେ ଏ ଧରା ଭୁବନେ,
ଜୀବନ ଅଙ୍ଗନେ,
ଅଦୃଶ୍ୟ ସମୟ-ସ୍ୟନ୍ଦନେ ବସି ।
ସରଗ ସୁଷମା ଦେବୀ ପରି,
ଅବା କେଉଁ ଏକ
ଛଦ୍ମ ଦାନବୀ ରୂପ ଧରି,
ଅଭିସାର ରଚି ଆସୁଅଛ ତୁମେ
ନବବର୍ଷ ଗୋ !
ପ୍ରାଚୀ ଆକାଶର ଛାତି ଚିରି ।
ଦେଖି ତବ ନବ ଅଭିସାର,
ଅଭିଯାନ ତବ
ଶଙ୍କା ଜଗାଏ ମରମର ।

ତବ ଆଗମନେ ମର୍ତ୍ତ୍ୟ ଭୁବନେ
ଦେଖିଛୁ ବିଗତେ
ବଜ୍ର ବାଜିଛି କେତେଥର ।
ତୁମରି ରଥର ଚକ୍ର ଚାପରେ
ଅନାଗତ କେତେ
ଆଶା ଗୋ ଆମର ଯାଏ ଚୁରି,
ତୁମରି ଦାରୁଣ ବତାସ ପରଶେ
କରୁଣ ଆମର
ନୟନୁ ଲୋତକ ଯାଏ ଝରି ।
ବକ୍ଷ ବିଦାରି ତିକ୍ତ ବେଦନା
ହୃଦୟ ଥରାଇ
ଶୂନ୍ୟରେ ଉଠେ ହାହାକାର,
ସୁନ୍ଦର ଆମ ଜୀବନ ଉରସେ
ତୁମରି ପରଶେ
ମାଡ଼ି ଆସେ ଘନ ଅନ୍ଧକାର ।
ତୁମେ ଯଦି ଆଗୋ ଆସୁଅଛ
ପୁଣି ଏ ଧରା ଧାମେ
ମର୍ତ୍ତ୍ୟଜୀବର ଜୀବନେ ଆଜି,
କଥା ଦିଅ ତୁମେ, ନ ଆସିବ
ହୋଇ କାଳ ଭୈରବୀ
ରୁଦ୍ର ପାଷାଣୀ ଦାନବୀ ସାଜି ।
ତୋଳି ଆଣିବନି ଛାତିରେ ତୁମର
ତତଲା ଖରାର
ଜୀବନ ଉଜୁଡ଼ା ଖର ନିଶ୍ୱାସ,
ନ ଆଣିବ ତୁମେ ସାଥିରେ ତୁମର
ଶ୍ରାବଣ ଧାରାର
ବଜ୍ର ବିଜୁଳି କଠୋର ତ୍ରାସ ।
ପରଶେ ତୁମର ଶୁଖାଇବ ନାହିଁ
ଜୀବନ ଉରସୁ
କଳ-କଲ୍ଲୋଳ ତଟିନୀ ଝର ।
ଆଘାତେ ତୁମର ଝରାଇବ ନାହିଁ
ମରତ ମାନବ
ନୟନ ଯୁଗଳୁ ଲୋତକ ଧାର ।
ବନ୍ୟା ମରୁଡ଼ି, ରୋଗ ବୈରାଗ,
କଷଣ ଦୁର୍ବିପାକ
ଜୀବନେ ଆମର ନ ଆଣିବ ଆଉ,
ସଂତ୍ରାସବାଦ, ଯୁଦ୍ଧ କଷଣ
ଧରଣୀ ଉରସେ
ନ ବହିବ କେବେ ରକତ ଢେଉ ।
ଆସୁଛ ଗୋ ଯଦି ଆସ ତେବେ ତୁମେ
ଶାନ୍ତ ଶୀତଳ
କଳ କଲ୍ଲୋଳ ନମ୍ର ତଟିନୀ ପରି,
ଚିର ବାଞ୍ଛିତା, ଚିର ବନ୍ଦିତା,
ଚିର ଯୌବନ
ଅଳକାପୁରୀର ଦେବୀଟି ପରି ।
ସାର୍ଥକ ହେବ ଧରାର ଉରସେ
ମାନବ ଜୀବନ
ହରଷେ ଜୀବନ ସଙ୍ଗୀତ ଗାଇ ।
ସ୍ୱାଗତ କରିବୁ ତୁମକୁ ଗୋ ଆମେ,
ତୁମ ଆଗମନେ
ଇଂଦ୍ରଧନୁର ତୋରଣ ଦେଇ ।

*ବେଙ୍ଗାଲୁରୁ, କର୍ଣ୍ଣାଟକ*
*ଦୂରଭାଷ: ୯୯୩୭୬୬୩୦୧୫*

# ଲୋଡ଼ା ନାହିଁ ମିଛ ପ୍ରଶଂସା ପତ୍ର

**ଡାଃ ମନୋରଞ୍ଜନ ଦାଶ**

ଗଛର ଡାଳ ଉପରେ ଚଢ଼ି
ଆକାଶକୁ ହାତ ବଢ଼େଇବାର ଆସ୍ପର୍ଦ୍ଧା,
କେବଳ ପତନ ଅଭିମୁଖୀ ।
ସେମାନେ କେବେ ବି ସତସତିକା
ବିଭୋର ହୋଇପାରନ୍ତି ନି-
ଦେଖି ସବୁଜ ଧାନ କ୍ଷେତ, କୋଇଲିର ସ୍ୱର କି
ଆକାଶର ଛାତିରେ ତାରାମାନଙ୍କ ମେଳରେ ଜହ୍ନ ।
ଅନ୍ୟର ତ୍ୟାଗ ଓ ତିତିକ୍ଷାରେ ପ୍ରଶଂସା କି
ପ୍ରଶଂସାପତ୍ର ପରଶିପାରନ୍ତି ନି,
ନ ଥାଏ ତାଙ୍କର ଚଉଡ଼ା ଛାତି ।
ସ୍ୱାର୍ଥପରର ଅଗଣାରେ ଭାବନ୍ତି,
ନିଜକୁ ବାଦଶାହା ।
ସବୁବେଳେ ଖାଲି ପାଇବାର ଆତୁରତା...
ଅନ୍ୟପଟେ ନିଟୋଳ କବିଟିଏ କିନ୍ତୁ
ତା ଚେତନାର ନଦୀକୂଳରେ
ତା କାବ୍ୟ ନାୟିକା ସହିତ

ନୀରବ ଓ ବିଭୋରରେ
ଜୀବନକୁ ପଢ଼ି
ସ୍ମୃତି ସାଉଁଟୁଥାଏ।
ମିଛିମିଛିକା ଫୁଲତୋଡ଼ା କି ପ୍ରଶଂସାରେ
ନଥାଏ ତାର ମନ...
ପ୍ରଶ୍ନ ପଚାରେ ସେ ନିଜକୁ !
ଆତ୍ମୀୟତା ଏଠି କାହିଁ ?
କାହିଁ ହୃଦୟଟିଏ ?
ସିଏ ନୀରବତାକୁ ଆଙ୍କୁଥାଏ,
ମନ କାନଭାସ୍‌ରେ।
ଆଉ କେତେକାଂଶ କୁହନ୍ତି,
ସିଏ ଏବେ ଅପାଂକ୍ତେୟଟିଏ।

ବୈଷମ୍ୟର ହିମାଳୟ ତଳେ
ଅସହାୟତାର ଉପତ୍ୟକା
ସେ ଲାଲ ଗହୀରର ଇତି କଥାରେ ହାଇମାରେ
ରଘୁର ସ୍ୱପ୍ନ - ଦିବାକରର ସାମ୍ରାଜ୍ୟ।

ଏକ ବିଦାୟୀ ବସଂତର ପତ୍ରଝଡ଼ା ଋତୁରେ
ପ୍ରେମର ଉଦ୍‌ଭାସ, ଚିଭାସ ଓ ପ୍ରଭାସ
ତିନୋଟି ପ୍ରତୀକରେ ରଚିତ
ଏକ ବ୍ୟତିକ୍ରମଭରା ଶ୍ରାବଣୀ କବିତା।

*ଗୋପାଳ ମାଳ-୭୬୮୦୦୪*
*ଜିଲ୍ଲା-ସମ୍ବଲପୁର (ଓଡ଼ିଶା)*
*ଦୂରଭାଷ: ୯୯୩୮୧୪୨୯୦୭*

*ପ୍ରଭାବତୀ ନିଳୟମ୍‌, ବେଲତଳ,*
*ପଟ୍ଟାମୁଣ୍ଡାଇ, ଜି.: କେନ୍ଦ୍ରାପଡ଼ା,*
*ଦୂରଭାଷ: ୯୪୩୭୩୧୭୭୨୨*
*ପିନ୍‌-୭୫୪୨୧୫*

# ଚୋରି

**ସଂଜୟ କୁମାର ତ୍ରିପାଠୀ**

ସାମାଜିକ ବ୍ୟବସ୍ଥାର ସୁରକ୍ଷାରେ
ସଂପର୍କକୁ ଭାବ ଓ ଅର୍ଥରେ ପୁରା ଗଢ଼ିବାରେ
କବି ରଚିଲେ ମାଟିର ମହାକାବ୍ୟ।

ସୁରଭିତ କବିତାର ଗୀତିମୟତାରେ
ସୁବାସିତ ଭାବୋଦ୍ଦୀପକ ଆଲେଖ୍ୟର ମଧୁର ଜିଜ୍ଞାସା।
ପ୍ରଜାତିର ଶତାଧିକ କବିତା
ତଥା କବିତା ପ୍ରତି ପ୍ରଜାତିର
ଗଣଦୁଷ୍କର୍ମରେ ଉଙ୍କିମାରେ
ଦାନ ମାଝିର ଅସହାୟତା
ବ୍ୟବସ୍ଥାର, ପ୍ରଶାସନର ଫଗୁପଣ
ଅନିୟମିତତାର କୀଟଦ୍ରଷ୍ଟ ସମାଜ।

ସେଥିରେ ସ୍ୱପ୍ନ ଦେଖିବାକୁ
କ୍ଷୁଧା ବିମୁକ୍ତ ବିଶ୍ୱର
ଦୈନ୍ୟ ରହିତ ପୃଥିବୀର
ଅସଂଗତି ବିହୀନ ସମାଜର
ବୈଷମ୍ୟ ବିହୀନ ବ୍ୟବସ୍ଥାର



# (ଦୁଇଟି ଯୁଗଳବନ୍ଦୀ)

## ବନ୍ଧୁ

**କାମାକ୍ଷା ମହତାବ**

ହେ ବନ୍ଧୁ !
ତୁମ ହସ ତ ଫୁଲଝରି
ବାଣ ମୋର କ'ଣ ହବ ଯେ..
ତୁମ ଚାଲି ତ ଚକରି
ବାଣ ପୁଣି କ'ଣ ହବ ଯେ..
ତୁମ ଚାହାଣୀ ତ ଚାଇନା ଫୁଟୁକା
ବାଣ କ'ଣ ଦରକାର ଯେ..
ତୁମ କଥା ତ ଅନାର
ବାଣ କ'ଣ ଆଉ ହବ ଯେ..

ବାଣର ପ୍ରଦୂଷଣ
ନେତାଙ୍କ ଧୂଆଁବାଣ
ଏ ସଭିଙ୍କ ଠାରୁ
ତୁମ ଖାଣ୍ଟି ପଣିଆ
ଶତଗୁଣେ ଭଲ
ବାଣ ମୋର କ'ଣ ହବ ଯେ..

**ରବିନାରାୟଣ ନନ୍ଦ**

ହେ ବନ୍ଧୁ
ତୁମର ମୁହଁ ମୋ ପାଇଁ
ଭରସାର ପାହାଡ଼ଟିଏ
ତୁମର କଥା କେଇ ପଦ
ମୋ ପାଇଁ ଅଥଳ ପାଣିରେ
ପୋତ ଓ ବୋଇତଟିଏ
ଆକାଶରେ ନିଧଡକ ଉଡ଼ିବାକୁ
ମୋ ପାଇଁ ତୁମେ ଆକାଶ ଛତାଟିଏ

ତୁମେ ଖାଲି ସେଇ ଭରସାଟିକୁ
ଧୋକା ନଦେଇ ଅତୁଟ ରଖନା।
ଦେଖିବ ଦୁନିଆରେ ମୋଠାରୁ
ଅଧିକ ନିରାପଦ ମଣିଷଟେ ନାହିଁ

## ଗୋଲାପରେ

**କାମାକ୍ଷା ମହତାବ**

ଆରେ ଗୋଲାପ !
ତୋର କଣ୍ଟାକୁ କ'ଣ ମୁଁ ଡରେ
ଡରେ ତୋର ବାସ୍ନାକୁ
କାଳେ ମୋତେ ଘାଇଲା କରିଦେବ..

ଆରେ ସାଙ୍ଗ !
ତୁମ ଲୁହ ଦେଖି କ'ଣ ମୁଁ ବ୍ୟସ୍ତ ହୁଏ
ଅସ୍ଥିର ହୁଏ ତୁମ ମିଠା ହସରେ
କାଳେ ତାକୁ କିଏ ଚୋରାଇ ନେବ..

ଆରେ ପ୍ରକୃତି !
ତୋର ତାଣ୍ଡବକୁ କ'ଣ ଭୟ
ଭୟ ଏ ପ୍ରକୃତିଛଡ଼ା ମଣିଷଙ୍କୁ
ଖାଣ୍ଟି ଛଳନାରେ ବି ପ୍ରେମ ମିଶେଇ ଦେବ..

**ରବିନାରାୟଣ ନନ୍ଦ**

ଗୋଲାପରେ
ମୁଁ ତୋର ବାସ୍ନାକୁ ଏତେ ଭଲ ପାଏ ଯେ
ତୋ କଣ୍ଟାକୁ ମୁଁ
ଖାତିର କରେନି
ଆଉ ଶତ ଚେଷ୍ଟା କଲେବି
କେହି ମତେ ରୋକି ପାରିବେନି

ତୋ ମୁହଁରେ ହସର ଝଲକଟିଏ
ମୋତେ ଏତେ ଉନ୍ମାଦିତ କରେଯେ
ତୋର ମାନ ଅଭିମାନ ସ୍ୱର
ମୋର କାନରେ ବାଜେନି

ଠିକ୍ ତୋ ଭଳି ଭଲ ପାଏ ମୁଁ
ଏଇ ସୁନ୍ଦର ମୋ ପୃଥିବୀକୁ
ଝଡ଼ ଝଂଜା ଭୂକଂପ ହେଲେବି
ପଲକ ମୋ କ୍ଷଣେ ଘୁଂଚେ ନାହିଁ
ମୋର ସଦାପ୍ରିୟ ଏଇ ପୃଥିବୀଠୁ

ତନ୍ମାତ୍ର

# ଦୁଇଟି ନୂଆ ଓଡ଼ିଆ ଚଳଚ୍ଚିତ୍ର ସଂପର୍କରେ




## -: କର୍ତ୍ତବ୍ୟ :-

ଏଇ ନୂଆ ଚଳଚ୍ଚିତ୍ରଟିର କାହାଣୀ ଏଇଭଳି: ଗାଁ ସ୍କୁଲ୍‌ର ଜଣେ ଆଦର୍ଶ ଶିକ୍ଷକ ଭାବେ ପ୍ରସିଦ୍ଧିଲାଭ କରିଥିବା ପ୍ରଭାତ ସାର୍ ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସଦାସର୍ବଦା ନିଜକୁ ନିୟୋଜିତ ରଖିଥାନ୍ତି। ସେ ଜାଣିବାକୁ ପାଆନ୍ତି ଯେ, ଗାଁ'ର ସରପଞ୍ଚ ଓ ସ୍କୁଲ୍‌ର ହେଡ୍‌ମାଷ୍ଟର ମିଳିମିଶି ପିଲାଙ୍କ ପାଇଁ ଆସୁଥିବା ସରକାରୀ ଅନୁଦାନକୁ ହରିଲୁଟ ଏବଂ ନାନାଦି ବେଆଇନ୍ କାର୍ଯ୍ୟରେ ସଂପୃକ୍ତ ହୋଇଥାନ୍ତି। ଏହି କଥାକୁ ସେ ଉପର ମହଲରେ ପହଞ୍ଚାଇବାକୁ ଯାଇ ବିଧାୟକଙ୍କୁ ଏହି ବାବଦରେ ଅବଗତ କରାନ୍ତି। ଏହି ଖବର ପାଇ, ସରପଞ୍ଚ ଓ ହେଡ୍‌ମାଷ୍ଟର ସେହି ଅଞ୍ଚଳର ପୋଲିସ ସହ ମିଶି ପ୍ରଭାତ ସାର୍‌ଙ୍କୁ, ସ୍କୁଲ୍ ଶିକ୍ଷୟତ୍ରୀ ସୁବାସିନୀଙ୍କ ହତ୍ୟାକାଣ୍ଡରେ ଫସାଇ ଜେଲ୍ ପଠାଇ ଦିଅନ୍ତି। ସେହି ସ୍କୁଲ୍‌ର ପୁରାତନ ଛାତ୍ର ଅଜୟ, କୋର୍ଟରେ ପ୍ରଭାତ ସାର୍‌ଙ୍କ କେସ୍ ଫାଇଲ୍ ଖୋଲାଏ। ଏହି ଭିତରେ ତା'ର ଆଉ ଜଣେ ସ୍କୁଲ୍ ସାଙ୍ଗ ଶିବା, ସ୍ପେଶାଲ୍ ପୋଲିସ୍ ଅଫିସର ଭାବେ ପୋଷ୍ଟିଂ ହୁଏ ଆଇ. ଜି. ଙ୍କ ନିର୍ଦ୍ଦେଶକ୍ରମେ, ସେହି ଅଞ୍ଚଳ କଳା କାରନାମାକୁ ଲୋକଲୋଚନକୁ ଆଣିବା ପାଇଁ। ଉଭୟଙ୍କ ପ୍ରଚେଷ୍ଟା ବଳରେ କୋର୍ଟରେ ସରପଞ୍ଚ ଓ ହେଡ୍‌ମାଷ୍ଟରଙ୍କ ଡିଫେନ୍‌ସ ଓକିଲ, ଅଧିବକ୍ତା ମହେନ୍ଦ୍ର ପ୍ରତାପ ହାରିଯାଆନ୍ତି ଏବଂ କୋର୍ଟ ସୁବାସିନୀ ହତ୍ୟାକାଣ୍ଡର ଦୋଷୀ ଭାବେ ସରପଞ୍ଚ ଓ ହେଡ୍ ମାଷ୍ଟରଙ୍କୁ ବିବେଚନା କରି ଦଣ୍ଡ ଦିଅନ୍ତି। ତତ୍‌ସହିତ ତାଙ୍କୁ ଏହି ଭୁଲ୍ କାମରେ ସାହାଯ୍ୟ କରିଥିବା ପୋଲିସ ଅଫିସରଙ୍କୁ ଶାସ୍ତି ଦିଅନ୍ତି। ପରିଶେଷରେ କୋର୍ଟ ପ୍ରଭାତ ସାର୍‌ଙ୍କୁ ତାଙ୍କ କର୍ତ୍ତବ୍ୟ ସଠିକ୍‌ଭାବେ ସଂପାଦନା କରିଥିବା ହେତୁ ନିର୍ଦ୍ଦୋଷରେ ଖଲାସ୍ କରନ୍ତି।

ଶ୍ରୀ ଜଗନ୍ନାଥ ମୁଭିଜ୍‌ର ପ୍ରଥମ ଅବଦାନରେ ନିର୍ମିତ ଏହି ଚଳଚ୍ଚିତ୍ରରେ କାହାଣୀ ଓ ସଂଳାପ- ସୂର୍ଯ୍ୟ ହିନ୍ଦୁସ୍ତାନୀ, ପ୍ରଯୋଜନା- ଶଙ୍କର ପାତ୍ର, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି- ମାନସ ରଞ୍ଜନ ପାତ୍ର। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅଜୟ, ସତ୍ୟଜିତ୍, ବିଜୟ ମହାନ୍ତି, ରବି ମିଶ୍ର, ତନୁଶ୍ରୀ, ନୁପୁର, ଗୀତାଞ୍ଜଳି, ଅଶ୍ରୁମୋଚନ ମହାନ୍ତି, ନାଥବାବୁ, ରୁପେଶ, ସୂର୍ଯ୍ୟ ନାରାୟଣ, ରତନ ମେହେର ପ୍ରମୁଖ।




## -: ଆପଣମାନେ ଖୁସି ତ ? :-

ଚଳଚ୍ଚିତ୍ରର କାହାଣୀ ଏଇଭଳି: ଗାଁ'ରେ ପାଠ ଶାଠ ନପଢ଼ି ବାଲୁଙ୍ଗା ହେଉଥିବା ବାପା ମାଆଙ୍କର ଗୋଟିଏ ବୋଲି ପୁଅ ଅକ୍ଷୟକୁ ରାଗରେ ଘରୁ ବାହାରିଯିବାକୁ କୁହନ୍ତି ତା'ର ବାପା। ନିଜର ଭାଗ୍ୟ ପରୀକ୍ଷା କରିବାକୁ ସହରକୁ ଆସି ଗାଁକୁ ପାଖ ସାଙ୍ଗମାନଙ୍କ ସହ ରୁହେ। ଅକ୍ଷୟ ସେଠାରେ ବିଭିନ୍ନ ଜାଗାରେ ନିଜର ଭାଗ୍ୟ ପରୀକ୍ଷା କରେ। କିଛି ରୋଜଗାର ନଥାଏ। ସାଙ୍ଗମାନଙ୍କ ଉପରେ ବୋଝ ପାଲଟୁଥିବା ଅକ୍ଷୟ ଦିନେ ଘଟଣାବଶତଃ ନିଜ କ୍ୟାରିୟର ପାଇଁ ସଂଘର୍ଷରତ ଅଭିନେତ୍ରୀ ଟ୍ୱିଙ୍କିଲ ସହ ସୁଟିଂ ସେଟ୍‌ରେ ଭେଟ ହୁଏ। ସେ ନିଜକୁ ବଡ଼ ବ୍ୟବସାୟୀର ପୁଅ ବୋଲି ପରିଚୟ ଦେଇ ସିନେମା କରିବ ଆଉ ଟ୍ୱିଙ୍କିଲ୍‌କୁ ହିରୋଇନ୍ କରିବ ବୋଲି ପ୍ରତିଶ୍ରୁତି ଦିଏ। ସିନେମା ହିରୋଇନ୍ ହେବା ଆଶାରେ ଅକ୍ଷୟକୁ ବଡ଼ ଲୋକର ପୁଅ ଭାବିନିଏ ଟ୍ୱିଙ୍କିଲ୍। ଏହି ବାହାନାରେ ଦୁହିଁଙ୍କର ରୋମାନ୍ସ ଚାଲେ, ହେଲେ ସେମାନଙ୍କ ରାସ୍ତାରେ କଣ୍ଟା ସାଜେ ସହରର ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟାର ବାଉଁଆ। ସେ ବି ଟ୍ୱିଙ୍କିଲ୍‌ର ଗଡ଼ଫାଦର ପାଲଟେ, ଆଉ ତାକୁ ନେଇ ସିନେମା କରିବ ବୋଲି ଯୋଜନା କରେ। ଟ୍ୱିଙ୍କିଲ୍ ଭାବେ ଯେ ଯିଏ ବି ତାକୁ ନେଇ ସିନେମା କରିବ ତା'ର ଲାଭ।

ବାଉଁଆ ଏବଂ ଅକ୍ଷୟ ମଧ୍ୟରେ ଛକାପଞ୍ଝା ଚାଲେ କିଏ ଆଗ ଟ୍ୱିଙ୍କିଲ୍‌କୁ ନେଇ ସିନେମା କରିବ। ସିନେମା ନିଶାରେ ଅକ୍ଷୟ ଜଣକ ଘରୁ ଟଙ୍କା ଚୋରି କରେ। ସେ ଟଙ୍କା ବିଷୟରେ ଜାଣିବା ପରେ ବାଉଁଆର ଲୋକମାେ ତା'ପଛରେ ପଡ଼ିଯାଆନ୍ତି। ସେପଟେ ଚୋରି ଟଙ୍କା ଉଦ୍ଧାର ପାଇଁ ପୋଲିସ୍ ବି ଅକ୍ଷୟ ପଛରେ ପଡ଼ିଯାଏ। ଏବେ ଅକ୍ଷୟ ପାଇଁ ମୁସ୍କିଲ୍ ହୋଇଯାଏ ଉଭୟ ବାଉଁଆ ଓ ପୋଲିସ୍ ଠାରୁ ରକ୍ଷା ପାଇବା। ଶେଷରେ ବାଉଁଆ ଅକ୍ଷୟର ଟଙ୍କା ପାଇଁ ଟ୍ୱିଙ୍କିଲ୍‌କୁ ବନ୍ଦୀ କରେ। ଅକ୍ଷୟ ଟ୍ୱିଙ୍କିଲ୍‌କୁ ଉଦ୍ଧାର କରିବା ପାଇଁ ଜୀବନକୁ ବାଜି ଲଗେଇଦିଏ। ତା'ପରେ ସେଠାରେ ପୋଲିସ୍ ପହଞ୍ଚେ, ଗାଁ'ରୁ ଅକ୍ଷୟର ବାପା ମାଆ ପହଞ୍ଚନ୍ତି।

ନାଟକୀୟ ଘଟଣାକ୍ରମେ କାହାଣୀଟି ଶେଷ ହୁଏ କେଉଁଠି ? କିଏ ପ୍ରଥମେ ସିନେମା କରି ଟ୍ୱିଙ୍କିଲ୍‌କୁ ସୁଯୋଗ ଦିଏ ? ଟ୍ୱିଙ୍କିଲ୍ ଶେଷରେ କାହାର ହୁଏ ? ଏହି ସବୁ ପ୍ରଶ୍ନର ଉତ୍ତର ମିଳେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଆପଣମାନେ ଖୁସି ତ ?' ରେ।

ଡଙ୍ଗ୍ୟୁ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏଇ ଚଳଚ୍ଚିତ୍ରରେ ପ୍ରଯୋଜକ- ନନ୍ଦିକୀ ଗଙ୍ଗାଧର ରେଡ୍ଡୀ, ନିର୍ଦ୍ଦେଶନା- ରମେଶ ରାଉତ, ସଙ୍ଗୀତ- ଅଭିଜିତ୍ ମଜୁମଦାର। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ମହାପ୍ରସାଦ କର, ରାକେଶ, ପାସା, ଭକ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରତିଭା ପଣ୍ଡା, ରମେଶ ରାଉତ, ଦୀପା ମିଶ୍ର, ନନ୍ଦିକୀ ଗଙ୍ଗାଧର ରେଡ୍ଡୀ, ଚୌଧୁରୀ ବିକାଶ ଦାସ ପ୍ରମୁଖ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

**ଖେଳ ଓ ଖେଳାଳୀ**

# ଭାରତୀୟ କ୍ରୀକେଟ୍ : ନୂଆ ଆହ୍ୱାନର ସଫଳ ମୁକାବିଲା

ବିଶ୍ୱକପ୍ ଜିତିବାରେ ବିଫଳ ହେବା ପରେ ପରେ ନୂଆ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି ଭାରତୀୟ ଦଳକୁ। ଠିକ୍ ବିଶ୍ୱକପ୍ ପରେ ପରେ ଏଇ ଆହ୍ୱାନର ଅୟମାରମ୍ଭ ହେଲା ଅଷ୍ଟ୍ରେଲିଆ ବିପକ୍ଷରେ ଟି-୨୦ ଶୃଙ୍ଖଳା ସହିତ। ୩ ମ୍ୟାଚ୍ ବିଶିଷ୍ଟ ଏଇ ଶୃଙ୍ଖଳାରେ ଆହତ ହାର୍ଦ୍ଦିକ ପାଣ୍ଡିଆଙ୍କ ସ୍ଥାନରେ ଅଧିନାୟକ ନିଯୁକ୍ତ ହେଲେ ସୂର୍ଯ୍ୟକୁମାର ଯାଦବ। ବିଶ୍ୱକପ୍ ଖେଳିଥିବା ଖେଳାଳୀଙ୍କ ମଧ୍ୟରୁ ଭାରତରୁ କେବଳ ସୁଯୋଗ ପାଇଥିଲେ ତିନିଜଣ ଖେଳାଳୀ। ସେମାନେ ହେଲେ ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର ଓ ଅକ୍ଷର ପଟେଲ। ସଂପୂର୍ଣ୍ଣ ନୂତନ ରୂପ ନେଇ ଯେଉଁ ଦଳ ଏଇ ଶୃଙ୍ଖଳା ଖେଳିବା ଆରମ୍ଭ କଲା ଏଥିରେ ଥିଲେ ଋତୁରାଜ ଗାଏକଓ୍ୱାଡ୍, ଯଶସ୍ୱୀ ଜୟସଓ୍ୱାଲ, ଜିତେଶ ଶର୍ମା, ରିଙ୍କୁ ସିଂହଙ୍କ ଭଳି ପ୍ରତିଭା ସଂପନ୍ନ ବ୍ୟାଟର୍ ଏବଂ ରବି ବିଷ୍ଣୋଇ, ଦୀପକ ଚହର, ଆବେଶ ଖାନ୍, ମୁକେଶ କୁମାର ଓ ଅର୍ଶଦୀପ ସିଂହଙ୍କ ଭଳି ଆଇ.ପି.ଏଲ୍ ରେ ପ୍ରଭୂତ ସଫଳତା ପାଇଥିବା ବୋଲର। ଅପରପକ୍ଷରେ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ଦଳରୁ ଖେଳିଥିଲେ ବିଶ୍ୱକପ୍ ଚାମ୍ପିୟାନ୍ ଦଳ ଖେଳାଳୀଙ୍କ ମଧ୍ୟରୁ ଟ୍ରାଭିସ୍ ହେଡ, ମାକ୍ସୱେଲ, ମାର୍କସ ଷ୍ଟୋଇନିସଙ୍କ ବ୍ୟତୀତ ନାମଜାଦା ଅଷ୍ଟ୍ରେଲିୟ ଟି-୨୦ ଖେଳାଳୀ ମ୍ୟାଥ୍ୟୁ ୱେଡ୍, ଟିମ୍ ଡେଭିଡ୍ ଓ ବେନ୍ ମ୍ୟାକ୍‌ଡୋରମେଟ। ଶୃଙ୍ଖଳାଟିକୁ ନବଗଠିତ ଭାରତୀୟ ଦଳ ୨-୧ ରେ ଜିତିନେଲାପରେ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଠାରୁ ପାଇଥିବା ପରାଭବ କିଛିଟା ଲାଘବ ହୋଇଥିଲା।

ଏହାପରେ ଅଧିକ ବଡ଼ ଆହ୍ୱାନ ଆସିଗଲା ଭାରତୀୟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ। ବିଜ୍ଞାପନରେ ପ୍ରମୁଖ ଭାରତୀୟ ଖେଳାଳୀ କହିବା ଆରମ୍ଭ କଲେ "ଦକ୍ଷିଣ ଆଫ୍ରିକା ମାଟିରେ ଦକ୍ଷିଣ ଆଫ୍ରିକାକୁ ହରାଇବା କଷ୍ଟକର କିନ୍ତୁ ଜିତିବାରେ ପ୍ରକୃତ ମଜା ଆସିବ।" ସଂପୂର୍ଣ୍ଣ ନୂଆ ଦଳ ନେଇ ଖେଳୁଥିବା ଭାରତ ଶୃଙ୍ଖଳାକୁ ୧-୧ ରେ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ଏଭଳିକି ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ମାତ୍ର ୯୫ ରନ୍‌ରେ ଅଲ୍ ଆଉଟ୍ କରି ଭୂଇଁ ଚଟେଇ ଦେଇଥିଲା।

ଠିକ୍ ପରେ ପରେ ଭାରତ ଖେଳିଥିଲା ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଶୃଙ୍ଖଳା। ଦକ୍ଷିଣ ଆଫ୍ରିକା ଦଳରେ ବିଶ୍ୱକପ୍ ଦଳ ମଧ୍ୟରୁ ଖେଳୁଥିଲେ ଭାନ୍ ଡୁସେନ, ମାର୍କରାମ, ହେନେରି କ୍ଲାସେନ, ଡେଭିଡ ମିଲର, କେଶବ ମହାରାଜ, ସାମସୀ ଏବଂ ଅଭିଜ୍ଞ ବୋଲର ଫେଲୁକାଓ। ଏଇ ପ୍ରତିଦ୍ୱନ୍ଦ୍ୱିତା ମୂଳକ ଶୃଙ୍ଖଳାକୁ ଭାରତ ଜିତି ନେଇଥିଲା ୨-୧ ରେ ଏବଂ ଅଧିନାୟକତ୍ୱ କରିଥିଲେ କେ. ଏଲ୍. ରାହୁଲ। ଏକ ସଂପୂର୍ଣ୍ଣ ନୂତନ ରୂପରେଖ ନେଇ ଭାରତୀୟ ଦଳ ଏଇ ଶୃଙ୍ଖଳା ଜିତିନେବା ଥିଲା ଏକ ଚମତ୍କାର ପ୍ରଦର୍ଶନ।

ପରିଶେଷରେ ଆରମ୍ଭ ହୋଇଥିଲା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା। ପୁରା ଶକ୍ତି ନେଇ ଖେଳୁଥିବା ରୋହିତ ଶର୍ମାଙ୍କ ଅଧିନାୟକାଧିନ ଭାରତୀୟ ଦଳ ପ୍ରଥମ ଟେଷ୍ଟ ହାରିଯାଇଥିଲା ମାତ୍ର ଅଢ଼େଇ ଦିନରେ। କିନ୍ତୁ ଠିକ୍ ପରେ ପରେ ଦ୍ୱିତୀୟ ଟେଷ୍ଟରେ ମାତ୍ର ଦେଢ଼ ଦିନରେ ସମୁଦାୟ ୬୪୨ ବଲ୍ ଖେଳାଯାଇଥିବା ମ୍ୟାଚ୍‌କୁ ଜିତିନେଇ ଭାରତ ଏକ ନୂଆ ରେକର୍ଡ଼ ସୃଷ୍ଟି କରିଥିଲା। ଏହାଦ୍ୱାରା ଭାଙ୍ଗିଥିଲା ୯୬ ବର୍ଷର ରେକର୍ଡ଼ ଯେଉଁଥିରେ ୬୫୬ ବଲ୍‌ରେ ଟେଷ୍ଟ ମ୍ୟାଚ୍ ସରିଥିଲା। ଏଇ ମ୍ୟାଚ୍‌ରେ ୫୫ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ସୀମିତ କରି ଦକ୍ଷିଣ ଆଫ୍ରିକା ମାଟିରେ ଘରୋଇ ଦଳ ପାଇଁ ସ୍ଥାପିତ ହୋଇଥିଲା ସର୍ବାପେକ୍ଷା ନ୍ୟୂନତମ ଏକ ନୂତନ ରେକର୍ଡ଼। ୧୯୯୨ ପରେ ୩୧ ବର୍ଷ ଅନ୍ତରରେ ଭାରତ ଦକ୍ଷିଣ ଆଫ୍ରିକା ମାଟିରେ ଘରୋଇ ଦଳକୁ ଏକ ବିଜୟରୁ ବଞ୍ଚିତ କରିଥିଲା।

ଏଇ ୪ଟି ଶୃଙ୍ଖଳାପରେ ଭାରତୀୟ ଦଳ ଆହ୍ୱାନର ସଫଳ ମୁକାବିଲା ପୂର୍ବକ ନିଜର ସାମର୍ଥ୍ୟ ପ୍ରମାଣିତ କରିବା ଦ୍ୱାରା ଭାରତୀୟ କ୍ରିକେଟ୍‌ର ମର୍ଯ୍ୟାଦାବୃଦ୍ଧି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିସହିତ ଆଇ.ସି.ସି. ଟେଷ୍ଟ ଚାମ୍ପିୟାନ ସିପ୍‌ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇ ଫାଇନାଲ ଖେଳିବାର ଆଶାକୁ ଜୀବନ୍ତ ରଖିପାରିଛି।

ଜ୍ୟୋତିଷ ବିଚାର



# ବାର୍ଷିକ ଓ ମାସିକ ରାଶିଫଳ

## (ତା: ୧୫/୧/୨୦୨୪ ରୁ ତା: ୧୪/୨/୨୦୨୪)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ

(ନବ ବର୍ଷଂ ଶୁଭାୟ ଭବତୁ)



**ମେଷ:-** ଗ୍ରହ ମାନଙ୍କର ସ୍ଥିତି ଅନୁଧ୍ୟାନ କଲେ ଜଣାଯାଏ ଯେ ବର୍ଷ ତମାମ ଶନି ଏକାଦଶରେ ରହି ବହୁ ଶୁଭଫଳ ପ୍ରଦାନ କରିବେ ରାହୁ ମଧ୍ୟମ ଶୁଭ ଏବଂ କେତୁ ବର୍ଷ ତମାମ ଶୁଭଦାୟକ ଅଟନ୍ତି। ଅପ୍ରେଲ ମାସପରେ ବୃହସ୍ପତି ଶୁଭକାରକ ହେବେ। ଜାନୁୟାରୀରୁ ମାର୍ଚ୍ଚ ପ୍ରଥମାର୍ଦ୍ଧ। ଜୁନ୍‌ରୁ ଜୁଲାଇର ପ୍ରଥମାର୍ଦ୍ଧ, ସେପ୍ଟେମ୍ବରରୁ ଅକ୍ଟୋବର ପ୍ରଥମାର୍ଦ୍ଧ ରବି ଶୁଭଦାୟକ ହେବେ। ମୋଟାମୋଟି ଭାବେ କହିବାକୁ ଗଲେ ବର୍ଷଟିରେ ଆପଣ ସର୍ବାଧିକ ଶୁଭଫଳର ଉପଭୋକ୍ତା ହେବେ। ନୂତନ କର୍ମ ଯୋଜନା, କର୍ମପ୍ରାପ୍ତି ତଥା ଉତ୍ତମ ସ୍ଥାନକୁ ବଦଳି ହେବାର ସମ୍ଭାବନା ଅଛି। ନିର୍ମାଣ କାର୍ଯ୍ୟ ସାଙ୍ଗକୁ ମାଙ୍ଗଳିକ କାର୍ଯ୍ୟ ଘଟିତ ହେବାର ଆଶା ଉଜ୍ଜ୍ୱଳ। ଜମିଭୂମି କ୍ରୟ ତଥା ପୁଞ୍ଜି ନିବେଶରୁ ଲାଭବାନ ହେବାର ସୂଚନା ମିଳୁଛି। ବହୁ ଦିନର ଅପେକ୍ଷାର ଅନ୍ତ ଘଟିବ। ଶତ୍ରୁମାନେ ବଶୀଭୂତ ହେବେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିବ। ସନ୍ତାନ ପ୍ରାପ୍ତି ଯୋଗେ ଆନନ୍ଦିତ ହୋଇପାରନ୍ତି। ଚଳିତ ମାସଟିରେ ପରିଶ୍ରମ ବୃଦ୍ଧି ପାଇଲେବି କାର୍ଯ୍ୟରେ ସଫଳତା ଅର୍ଜନ କରିବେ। ବେପାର ବାଣିଜ୍ୟରେ ଆଶାଜନକ ସଫଳତା ମିଳିବାରେ ବାଧା ନାହିଁ। ସାମାଜିକ ସ୍ତରରେ ଉଚ୍ଚମନ୍ୟତାର ଅଧିକାର ମିଳିବ। ଆର୍ଥିକ ଦିଗ ପ୍ରତି ଚିନ୍ତା ପ୍ରକଟ ହେବାର ନାହିଁ। ଭ୍ରମଣ ଓ ଦେବଦର୍ଶନର ସୁଯୋଗ ରହିଛି। ଥଣ୍ଡାରୋଗକୁ ବାଦ୍ ଦେଲେ ବଡ଼ଧରଣର ରୋଗ ଭୋଗିବାର ନାହିଁ। ପାରିବାରିକ କ୍ଷେତ୍ରରେ ସ୍ନେହ ସହାନୁଭୂତିର ଅଭାବ ପରିଲକ୍ଷିତ ହେବନାହିଁ। ଧାର କରଜ ପରିଶୋଧରେ ସମର୍ଥ ହେବେ। ମହିଳାମାନେ ପ୍ରତିଷ୍ଠା ଅର୍ଜନ କରି ଆନନ୍ଦିତ ହେବେ। ଅଏସ ଆରାମ ନିମିତ୍ତ ସୁଯୋଗ ମିଳିବ। ବିଦ୍ୟାର୍ଥୀମାନେ ପରିଶ୍ରମକୁ ମୂଳମନ୍ତ୍ର ଭାବେ ଗ୍ରହଣ କରିବେ।

ଅଶୁଭ ଦିବସ:- ୧୬, ୧୭, ୨୫, ୨୬, ୨୭, ୨୮, ୨୯, ୭, ୮, ୧୩, ୧୪ ଅଷ୍ଟମଚନ୍ଦ୍ର:- ୪, ୫, ୬ ଘାତଚନ୍ଦ୍ର:- ୧୮, ୧୯, ୨୦ ବାକିଦିନ ଶୁଭ।



**ବୃଷ:-** ବର୍ଷ ଆରମ୍ଭରୁ ଶନି ଶୁଭଦାୟକ ହୋଇ ବର୍ଷ ଶେଷ ପର୍ଯ୍ୟନ୍ତ ସୁଫଳ ଦେବେ। ବୃହସ୍ପତି ବର୍ଷ ତମାମ କଠିନ ପରିଶ୍ରମରେ ଓ କର୍ତ୍ତବ୍ୟ ସଂପାଦନରେ ଜଡ଼ାଇ ରଖିବେ। ରାହୁ ଓ କେତୁ ଦାୟିତ୍ୱର ବୋଝ ଲଦିପାରନ୍ତି। ଫେବୃୟାରୀରୁ ଅପ୍ରେଲର ପ୍ରଥମାର୍ଦ୍ଧ, ଜୁଲାଇରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ଅକ୍ଟୋବରରୁ ନଭେମ୍ବର ପ୍ରଥମାର୍ଦ୍ଧ ରବି ଗୋଚରରେ ଶୁଭକାରକ ହେବେ। ଚଳିତ ବର୍ଷଟି ଆପଣଙ୍କ ନିମିତ୍ତ ଲକ୍ଷ୍ୟଣୀୟ ହେବ। ବହୁଜନେ ଆଦୃତ, ମହତ୍ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ। ଆଶାଜନକ ଅର୍ଥ ଉପାର୍ଜନ ସହିତ ଭୂ ସଂପତ୍ତି କ୍ରୟ, ଦୂରଭ୍ରମଣ ଓ ସୋଖୀନ ଦ୍ରବ୍ୟ କ୍ରୟ କରିବାର ସୂଚନା ମିଳୁଛି। ବନ୍ଧୁ, ଉଚ୍ଚମାନର ଜୀବନଚର୍ଯ୍ୟା, ନୂତନ କର୍ମପ୍ରାପ୍ତି ଇତ୍ୟାଦି ଉଚ୍ଚମାନର ସାମାଜିକ ପ୍ରତିଷ୍ଠା ପ୍ରାପ୍ତି ସମ୍ଭବ ହେବ। ଚଳିତ ମାସରେ ଆପଣଙ୍କ ମାନସିକ ଉଦ୍‌ବେଗ ବୃଦ୍ଧିପାଇପାରେ। କର୍ମକ୍ଷେତ୍ରର ଗତି ମନ୍ଥର ହେବା ଯୋଗେ ଅବଶୋଷ ବୃଦ୍ଧିପାଇବ। ଚଉଆଖିଆ ହୋଇ ହାତେ ମାପି ଚାଖଣ୍ଡେ ଚାଲିଲେ ବିପଦ ଘେରିବାର ନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ଓ ପ୍ରେରଣା ପ୍ରାପ୍ତହୋଇ କଠିନ କାର୍ଯ୍ୟକୁ ସହଜରେ ହାତେଇ ନେବେ। ଆର୍ଥିକ ଦିଗ ସଙ୍କୁଚିତ ହେବାର ନାହିଁ। ସାମାଜିକ ସ୍ତରରେ ଲୋକାଦୃତିରେ ଭଟ୍ଟା ପଡ଼ିବାର ନାହିଁ। ବେପାର ବାଣିଜ୍ୟ ପୂର୍ବ ତୁଳନାରେ ସୁଧାର ହେବ। ଧନାଗମ ଦିଗଟି ମୁକ୍ତ ରହିବ। ବିବାଦୀୟ କ୍ଷେତ୍ର ସପକ୍ଷରେ ଯିବାର ସୂଚନା ମିଳୁଛି। ଦେବୀକୃପା ଯୋଗେ କାର୍ଯ୍ୟ ଆଗେଇ ଚାଲିବ। ଥଣ୍ଡାଦୋଷ ସାଙ୍ଗକୁ ଉଦରପୀଡ଼ା କଷ୍ଟଦାୟକ ହୋଇପାରେ। ପାରିବାରିକ ଶାନ୍ତି ଭଙ୍ଗ ହେବନାହିଁ। ମହିଳାମାନେ ସଂଯମତା ରକ୍ଷାଦ୍ୱାରା ବିଷାଦଗ୍ରସ୍ତ ହେବେ ନାହିଁ। କର୍ମ ତତ୍ପରତା ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ଅସ୍ଥିର ଚିତ୍ତ ହେବେ।

ଅଶୁଭ ଦିବସ:- ୧୮, ୧୯, ୨୦, ୯, ୧୦ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୩୦, ୩୧, ୧ ବାକିଦିନ ଶୁଭ।



**ମିଥୁନ:-** ବର୍ଷସାରା ଶନି ମଧ୍ୟମ ଧରଣର ଶୁଭଦାୟକ ହେବାବେଳେ ରାହୁ ଓ କେତୁ ଚିନ୍ତାବୃଦ୍ଧି କାରକ ହୋଇପାରନ୍ତି। ଅପ୍ରେଲ ମାସ ଶେଷ ପର୍ଯ୍ୟନ୍ତ ବୃହସ୍ପତି

ଶୁଭଫଳ ଦାୟକ ହେବେ। ମାର୍ଚ୍ଚରୁ ମଇମାସର ପ୍ରଥମାର୍ଦ୍ଧ, ଅଗଷ୍ଟରୁ ସେପ୍ଟେମ୍ବର ମାସର ପ୍ରଥମାର୍ଦ୍ଧ, ନଭେମ୍ବରରୁ ବର୍ଷ ଶେଷ ପର୍ଯ୍ୟନ୍ତ ରହି ଶୁଭ ସଞ୍ଚାରିତ ହେବେ। ବର୍ଷଟିରେ ଆପଣ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେଲେବି ପତିତ ଧନ ହାତକୁ ଆସିବ। ନୂତନ ଯୋଜନାମାନ ପ୍ରସ୍ତୁତ କରିବେ। ଠିକାଦାରୀ ସଂସ୍ଥା, ଲଟେରୀ ଅର୍ଥ ତଥା ସ୍ଥାୟୀଜମାରୁ ଅର୍ଥ ଆଦାୟ କରିବେ। ବନ୍ଧୁ ଓ ସାଙ୍ଗମାନଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଜମିଜମା ସଂକ୍ରାନ୍ତୀୟ ମାମଲାରୁ ଉଚିତ ନ୍ୟାୟ ମିଳିବ। ସ୍ତ୍ରୀଲୋକମାନଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ। ପିତାମାତାଙ୍କ ସ୍ୱାସ୍ଥ୍ୟ ବ୍ୟାକୁଳ କରିପାରେ। ଅର୍ଥନୈତିକ ଦିଗରୁ ଆଶ୍ୱସ୍ତ ହେବେ। କଠିନ ପରିଶ୍ରମ କରି ଲାଭବାନ ହେବାର ଆଶା ଅଧିକ। ଚଳିତ ମାସରେ ଶୁଭାଶୁଭ ଫଳ ମିଳିବ। କିଛି ମାୟାବୀ ଲୋକ ଫାଇଦା ଉଠାଇବା ନିମିତ୍ତ ନିୟୋଜିତ କରିପାରନ୍ତି। ଅର୍ଥ ନେଣଦେଣ ସଂକ୍ରାନ୍ତରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। କର୍ମର ଗତି ସାମାନ୍ୟ ଶିଥିଳ ହୋଇପାରେ। ଆପଣାରମାନେ କପଟତା ଆଚରଣ କରିପାରନ୍ତି। କର୍ମ ତଥା ଉତ୍ତମ ଆଚରଣ ଦ୍ୱାରା ସମସ୍ତ ପ୍ରକାରର ନକାରାତ୍ମକ ପରିବେଶରୁ ଉଦ୍ଧାର ମିଳିବ। ବେପାର ବାଣିଜ୍ୟରେ ଚଉଆଖିଆ ହେବା ଦରକାର। ସାମାଜିକ ସ୍ତରରେ କିଛି ମହତ୍‌ଲୋକଙ୍କ ସଂପର୍କରେ ଆସି ଉତ୍ସାହିତ ହେବେ। ବାତପିତ୍ତ ରୋଗରେ ପୀଡ଼ିତ ହୋଇପାରନ୍ତି। ଅବୟବରେ ଯନ୍ତ୍ରଣା ଦେଖା ଦେବ। ପରିବାରରେ ଆତ୍ମୀୟତାର ସାମାନ୍ୟ ଅଭାବ ଦେଖାଦେଇପାରେ। ମହିଳାମାନେ କାହାରିଠାରୁ ଆଶାଜନକ ସହାୟତା ପାଇବେ ନାହିଁ। ଚିତ୍ତ ଚଞ୍ଚଳ୍ୟକୁ ନିୟନ୍ତ୍ରଣ କଲେ ଶାନ୍ତି ପାଇବେ। ବିଦ୍ୟାର୍ଥୀମାନେ ଚେଷ୍ଟା ଚରିତ୍ର ଯୋଗେ ସ୍ଥିତି ବଜାୟ ରଖିପାରିବେ।

ଅଶୁଭ ଦିବସ:- ୨୧, ୨୨, ୨, ୩ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୧୫, ୧୧, ୧୨ ବାକିଦିନ ଶୁଭ।



**କର୍କଟ:-** ବର୍ଷସାରା ଶନି ଶୁଭ ହେଉନାହାଁନ୍ତି। ରାହୁ ମଧ୍ୟମ ଫଳଦାୟକ ହେବାବେଳେ କେତୁ ମହାଗ୍ରହ ଶୁଭଦ ହେବେ। ମଇମାସଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ବୃହସ୍ପତି ଶୁଭଦାୟକ ହେବେ। ଅପ୍ରେଲରୁ ଜୁନ୍‌ର ପ୍ରଥମାର୍ଦ୍ଧ, ସେପ୍ଟେମ୍ବରରୁ ଅକ୍ଟୋବରର ପ୍ରଥମାର୍ଦ୍ଧ, ଡିସେମ୍ବର ମାସସାରା ରବି ଶୁଭସପକ୍ଷରେ ରହିବେ। ଗ୍ରହମାନଙ୍କ ଗୋଚର ସ୍ଥିତିରୁ ସୂଚନା ମିଳୁଛି। ନୂତନ ବର୍ଷଟି ଆପଣଙ୍କୁ କିଛି ଶୁଭଫଳ ଦେବାରେ କାର୍ପଣ୍ୟ ହେବନାହିଁ। ପୁରୁଣା ଅର୍ଥ ହାତକୁ ଆସିବା ସହିତ ଜମିଜମା କ୍ରୟ ନିମନ୍ତେ ଆଗ୍ରହୀ ହେବେ। ଆକସ୍ମିକ ଅର୍ଥ ପ୍ରାପ୍ତି ଆନନ୍ଦ ପ୍ରଦାନ କରିବ। ଅବିବାହିତମାନଙ୍କ ନିମିତ୍ତ ମାଙ୍ଗଳିକ କାର୍ଯ୍ୟର ସୁଯୋଗ ଅଛି। ନୂତନ କର୍ମ ଯୋଗାଡ଼ରେ ବର୍ଷଟି ସହାୟକ ହେବ। ବେପାର ବାଣିଜ୍ୟରୁ ଲାଭବାନ ହେବେ। ଦୂର ଭ୍ରମଣ ନିମିତ୍ତ ସୁଯୋଗ ମିଳିବ। ନିର୍ମାଣ କାର୍ଯ୍ୟରେ ଆଗଭର ହେବେ। ଚଳିତ ମାସରେ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେବେ। କର୍ମକ୍ଷେତ୍ରର ଗତି ସାଧାରଣ ହେବ। ଶତ୍ରୁମାନେ ଚଲାପଥରେ ହଇରାଣ ସୃଷ୍ଟି କରିପାରିବେ ନାହିଁ। ସାମାଜିକ ଉଚ୍ଚମନ୍ୟତା ଅକ୍ଷୁର୍ଣ୍ଣ ରହିବ। ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ସୁଧାର ହେବାର ସୂଚନା ମିଳୁଛି। ସେବା କ୍ଷେତ୍ରରେ ଆନ୍ତରିକତାର ଉଦାହରଣ ପାଳଟିବେ। ଭ୍ରମଣ ଯୋଗକୁ ସାକାର କରିବାର ସମ୍ଭାବନା ଅଧିକ। ବ୍ୟବହାର କୁଶଳତା ଯୋଗେ ଲୋକ ସଂପର୍କ ଓ କାର୍ଯ୍ୟ ସାଧନ ସହଜହେବ। ମାଙ୍ଗଳିକ କାର୍ଯ୍ୟରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବେ। ବନ୍ଧୁ ବାନ୍ଧବରେ ମନାନ୍ତର ଓ ମତାନ୍ତର ଦେଖାଦେବ। ଗଡ଼ି ଚାଲିଥିବା ରୋଗର ପ୍ରାଦୁର୍ଭାବ ଉପଶମ ହେବ। ପାରିବାରିକ ସ୍ଥିତିରେ ଫାଟ ସୃଷ୍ଟି ହେବାର ନାହିଁ। ମହିଳାମାନେ କର୍ମମୟ ଜୀବନ ମଧ୍ୟରେ ଭୋଗ ବିଳାସରୁ ବଞ୍ଚିତ ହେବେ ନାହିଁ। ପରିବାରରେ ମର୍ଯ୍ୟଦା ବୃଦ୍ଧି ଘଟିବ। ବିଦ୍ୟାର୍ଥୀମାନେ ଯତ୍ନବାନ ହେବେ।

ଅଶୁଭ ଦିବସ:-୨୩, ୨୪, ୪, ୫, ୬ ଅଷ୍ଟମଚନ୍ଦ୍ର:- ୧୫, ୧୧, ୧୨ ଘାତଚନ୍ଦ୍ର:- ୨୮, ୨୯ ବାକିଦିନ ଶୁଭ।




**ସିଂହ:-** ବର୍ଷ ଆରମ୍ଭରୁ ବର୍ଷ ଶେଷ ପର୍ଯ୍ୟନ୍ତ ଶନି ଶୁଭ ହେଉନାହାଁନ୍ତି। ରାହୁ ଓ କେତୁ ଅଶୁଭ ଯୋଗେ ଅର୍ଥ ଓ ଶାନ୍ତି ଆଶାଜନକଭାବେ ନ ମିଳିପାରେ। ଅପ୍ରେଲ ମାସ ଶେଷ ପର୍ଯ୍ୟନ୍ତ ବୃହସ୍ପତି ଶୁଭସ୍ଥ ହୋଇ କଠିନ କାର୍ଯ୍ୟର ସହଜ ସମାଧାନ କରିବା ସହିତ ଉନ୍ନତିମୂଳକ କାର୍ଯ୍ୟରେ ଯଥେଷ୍ଟ ଆଗେଇ ନେବେ। ଜାନୁୟାରୀରୁ ଫେବୃୟାରୀ ପ୍ରଥମାର୍ଦ୍ଧ, ମଇରୁ ଜୁଲାଇର ପ୍ରଥମାର୍ଦ୍ଧ, ଅକ୍ଟୋବରରୁ ନଭେମ୍ବରର ପ୍ରଥମାର୍ଦ୍ଧ ରବି ଆପଣଙ୍କ ସପକ୍ଷରେ ରହୁଛନ୍ତି। ବର୍ଷଟିରେ ଆପଣ ବହୁ ବ୍ୟୟ କରି ଅସମ୍ଭବ କାର୍ଯ୍ୟକୁ ସଂପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଲୋକାଦୃତି ବୃଦ୍ଧିପାଇବ। ପାରିବାରିକ ଅଶାନ୍ତି ସହିତ ନିଜ ଶରୀରରେ ପୀଡ଼ା ଅନୁଭବ କରିବେ। ଜମିଜମା ସଂକ୍ରାନ୍ତୀୟ ବିବାଦରୁ ମୁକ୍ତ ହେବେ। ମନକୁ ସଂଯତ କଲେ ବିଘ୍ନ ଉପୁଜିବ ନାହିଁ। ମୋଟା ଅଙ୍କର ଅର୍ଥ କାରବାର କରିବେ। ଦେବ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି। ଚଳିତ ମାସରେ ପୂର୍ବାପେକ୍ଷା ଆଖିଦୃଶିଆ ସଫଳତା ପ୍ରାପ୍ତ ହେବେ। ମନୋବଳକୁ ଏକତ୍ର କରି ଉଦ୍ଦୀପନାର ସହିତ କର୍ମ ନିର୍ବାହ କରିବେ। ଈର୍ଷାଳୁମାନେ ବିପଦରେ ପକାଇବାକୁ ଚେଷ୍ଟାକରି ଅସଫଳ ହେବେ। ଧର୍ମ ଓ ଐଶୀକୃପା ଯୋଗେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଷ୍ଟକର ହେବନାହିଁ। ଉଚ୍ଚବର୍ଗରୁ ସହାୟତା ମିଳିବ। ଯଶମାନ ବୃଦ୍ଧିର ଦ୍ୱାର ଉନ୍ମୁକ୍ତ ରହିବ। ସାମାଜିକ ସ୍ତରରେ ମଳିନତାର ଆଶଙ୍କା ନାହିଁ। ବେପାର ବାଣିଜ୍ୟରେ ମନଉଣା କରିବାର ନାହିଁ। ଆର୍ଥିକ ଦିଗ ଚଳନୀୟ ହେବ। ପୁରୁଣା ରୋଗକୁ ବାଦ୍‌ଦେଲେ ନୂତନ ଭାବେ ରୋଗର ଶିକାର ହେବନାହିଁ। ପାରିବାରିକ ଶାନ୍ତି ମଧ୍ୟମ ଧରଣର ହେବ। ମହିଳାମାନେ ଖଟଣୀରେ ବୁଡ଼ି ରହିଲେବି ସମ୍ମାନ ପ୍ରତିଷ୍ଠା ଓ ସଂପନ୍ନତାଯୁକ୍ତ ହୋଇ ଗର୍ବ ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଉପଯୁକ୍ତ ସ୍ଥାନିତ ହେବେ।

ଅଶୁଭ ଦିବସ:- ୨୫, ୨୬, ୨୭, ୩୦, ୩୧, ୧, ୭, ୮ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୩, ୧୪ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ।




**କନ୍ୟା:-** ବର୍ଷ ଆରମ୍ଭରୁ ବର୍ଷ ଶେଷ ପର୍ଯ୍ୟନ୍ତ ଶନି ମହାଗ୍ରହ ଆପଣଙ୍କର ପୂର୍ଣ୍ଣ ସପକ୍ଷରେ ଅଛନ୍ତି । ମଇମାସ ଆରମ୍ଭରୁ ବର୍ଷ ଶେଷ ପର୍ଯ୍ୟନ୍ତ ବୃହସ୍ପତି ଶୁଭାଶୀର୍ବାଦ ଢାଳିବେ । ରାହୁ ଓ କେତୁ ଯଥେଷ୍ଟ ଶୁଭକାରକ ନହେଲେବି କ୍ଷତିକାରକ ହେବେନାହିଁ । ଫେବୃୟାରୀରୁ ମାର୍ଚ୍ଚର ପ୍ରଥମାର୍ଦ୍ଧ, ଜୁନ୍‌ରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ନଭେମ୍ବରରୁ ଡିସେମ୍ବର ପ୍ରଥମାର୍ଦ୍ଧ ରବି ସହାୟକ ହେବେ । ଗ୍ରହମାନଙ୍କ ସ୍ଥିତିକୁ ଅନୁଧ୍ୟାନ କଲେ ସୂଚନା ମିଳେ ନୂତନ ବର୍ଷଟି ଆପଣଙ୍କ ପକ୍ଷେ ଆନନ୍ଦମୟ ହୋଇ ବହୁଦିନର ଇପ୍‌ସିତ ଆଶା ପୂରଣ କରିବ । ମହତ୍ ଲକ୍ଷ୍ମୀ ପ୍ରାପ୍ତି ସାଙ୍ଗକୁ ପ୍ରଭୁତ ଯଶମାନର ଅଧିକାରୀ ହେବେ । ଲଟେରୀ ବ୍ୟବସାୟରୁ ଯଥେଷ୍ଟ ଅର୍ଥ ଉପାର୍ଜନ କରିପାରନ୍ତି । ଦେବାଦେବୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ରୋଗମୁକ୍ତ ହେବେ । କର୍ମ ଯୋଗାଡ଼ରେ ସମର୍ଥ ହେବା ସାଙ୍ଗକୁ ଗୃହରେ ମାଙ୍ଗଳିକ କାର୍ଯ୍ୟର ଧ୍ୱନି ଗୁଞ୍ଜରିତ ହେବ । ଶତୃପକ୍ଷ ଦୁର୍ବଳ ହୋଇପଡ଼ିବା କାରଣରୁ ଆଶ୍ୱସ୍ତ ହେବେ । ମାଲି ମୋକଦ୍ଦମାରେ ବିଜୟର ଆଶା ସୁଦୃଢ଼ । ତୀର୍ଥ ଭ୍ରମଣରେ ପ୍ରୟାସୀ ହେବେ ନୂତନ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ । ଚଳିତ ମାସରେ ସାମାନ୍ୟ ବିଚଳିତ ହୋଇପାରନ୍ତି । କର୍ମର ଗତି ମନ୍ଥର ହେବା କାରଣରୁ ଲକ୍ଷ୍ୟପ୍ରାପ୍ତି ବିଳମ୍ବିତ ହେବ । ସାମାନ୍ୟ ଭୁଲ ଚିନ୍ତା ପାଇଁ ଚିନ୍ତାର ମାତ୍ରା ବଢ଼ିପାରେ । ସାମାଜିକ ସ୍ତରରେ ସ୍ଥାନ ମାନ ସୁରକ୍ଷିତ ରଖିବା ନିମିତ୍ତ ଚେଷ୍ଟା ଚରିତ୍ରର ଆବଶ୍ୟକତା ଅଛି । ବେପାର ବାଣିଜ୍ୟରେ କ୍ଷତି ସହିବାର ନାହିଁ । ଆତ୍ମ ବିଶ୍ୱାସ ବୃଦ୍ଧି ଯୋଗେ କାର୍ଯ୍ୟରେ ସଫଳତା ପାଇବେ । ସମସ୍ତ ଅଶାନ୍ତି ସକାଳର କୁହୁଡ଼ିପରି ଉଭେଇଯିବ । ନୂତନ ବ୍ୟବସାୟ ସ୍ଥଗିତ କଲେ ଭଲ । ଅମ୍ଳପିତ୍ତ ରୋଗ ଦେଖାଦେବ । ପାରିବାରିକ ସ୍ଥିତି ନିମିତ୍ତ ଚିନ୍ତିତ ହେବାର ନାହିଁ । ମହିଳାମାନେ ଚଳିତ ମାସରେ ଶାରିରୀକ ଓ ମାନସିକ ସ୍ତରରେ ସନ୍ତୁଳିତ ହୋଇପାରନ୍ତି । କର୍ମାନୁସାରେ ଫଳ ମିଳିବ । ବିଦ୍ୟାର୍ଥୀମାନେ ସଚେତନ ହେଲେ ସୁଫଳ ପାଇବେ ।

ଅଶୁଭ ଦିବସ:- ୨, ୩, ୯, ୧୦ ଅଷ୍ଟମଚନ୍ଦ୍ର:- ୧୮, ୧୯, ୨୦ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ ।



**ତୁଳା:-** ବର୍ଷ ଆରମ୍ଭରୁ ବର୍ଷ ଶେଷ ପର୍ଯ୍ୟନ୍ତ ଶନି ମହାଗ୍ରହ ମଧ୍ୟମ ଶୁଭଦାୟକ । ଅପ୍ରେଲ ମାସ ଶେଷ ପର୍ଯ୍ୟନ୍ତ ବୃହସ୍ପତି ଅତ୍ୟନ୍ତ ଶୁଭ । ରାହୁ ମହାଗ୍ରହ ବର୍ଷ ତମାମ ସପକ୍ଷରେ ରହିବେ । କେତୁ ଦୁଶ୍ଚିନ୍ତା କାରକ ହେବେ । ଜାନୁୟାରୀର ପ୍ରଥମାର୍ଦ୍ଧ, ମାର୍ଚ୍ଚରୁ ଅପ୍ରେଲର ପ୍ରଥମାର୍ଦ୍ଧ, ଜୁଲାଇରୁ ସେପ୍ଟେମ୍ବର ପ୍ରଥମାର୍ଦ୍ଧ, ଡିସେମ୍ବର ମାସସାରା ରବି ଶୁଭଦାୟକ ହେବେ । ବର୍ଷଫଳ ଅନୁସାରେ ଆପଣ ପୂର୍ବବର୍ଷର ଅଧୁରା କାର୍ଯ୍ୟକୁ ପୂର୍ଣ୍ଣତା ଦେଇ ଆଶ୍ୱସ୍ତ ଅନୁଭବ କରିବେ । ଆର୍ଥିକ ଦୁରାବସ୍ଥା ସୁଧୁରିଯିବା କାରଣରୁ ଗଠନମୂଳକ ତଥା ନିର୍ମାଣ କାର୍ଯ୍ୟରେ ବ୍ରତୀ ହେବେ । ବେପାର ବାଣିଜ୍ୟ ତଥା ଅନ୍ୟାନ୍ୟ ଲାଭକାରୀ ସଂସ୍ଥା ସହିତ ଜଡ଼ିତହୋଇ ଅର୍ଥନୈତିକ ଅବସ୍ଥାକୁ ସୁଦୃଢ଼ କରିପାରିବେ । ନୂତନ ଯାନବାହାନ କ୍ରୟ କରିବାର ସମ୍ଭାବନା ଅଛି । ମୂଲ୍ୟବାନ ସୌଖୀନ ଦ୍ରବ୍ୟର ଅଧିକାର ମିଳିବ । ମାଙ୍ଗଳିକ କାର୍ଯ୍ୟ ସାଧିତ ହୋଇପାରେ । ସନ୍ତାନ ହେତୁକ ଶାନ୍ତି ପାଇବେ । ଚଳିତ ମାସରେ କେତେକ ଶୁଭଫଳ ଘଟିବା ଯୋଗେ ଉତ୍ସାହିତ ହେବେ । କର୍ମପଥରେ ଅଟକିଯିବାର ଆଶଙ୍କା ନାହିଁ । ଶତୃ ନିପାତକରି ଦିନଚର୍ଯ୍ୟାକୁ ସହଜ ସରଳ କରିପାରିବେ । ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଆଦର ଓ ପ୍ରେରଣା ମିଳିବ । ଉତ୍ତମ କାର୍ଯ୍ୟ ନିର୍ଘଣ୍ଟକୁ ଆପଣେଇ ନେଇ ମର୍ଯ୍ୟାଦାବନ୍ତ ହେବେ । ସାମାଜିକ ସ୍ତରରେ ଆଦୃତି ମିଳିବ । ମନମାନିକୁ ତ୍ୟାଗ କଲେ ସନ୍ତୋଷ ପାଇବେ । ବେପାର ବାଣିଜ୍ୟ ପୂର୍ବ ତୁଳନାରେ ବହୁମୁଖୀ ହେବ । ଋଣ ପରିଶୋଧରେ ସମର୍ଥ ହେବେ । ଧର୍ମାନୁଷ୍ଠାନ ପ୍ରତି ଆଗ୍ରହ ବଢ଼ିବ । ପତିତ ଧନ ହାତକୁ ଆସିବ । ଭ୍ରମଣ ଯୋଗର ସମ୍ଭାବନା ଅଛି । ଚିନ୍ତାଜନକ ଭାବେ ସ୍ୱାସ୍ଥ୍ୟ ପୀଡ଼ା ନାହିଁ । ପାରିବାରିକ ଜୀବନ ଶାନ୍ତିମୟ ହେବ । ମହିଳାମାନେ ମଉଜ ମଜଲିସରେ ସମୟ କଟାଇବେ । ଆତ୍ମଗର୍ବ ପରିଷ୍ଫୁଟ ହେବ । ବନ୍ଧୁ ଚର୍ଚ୍ଚାରେ ସମୟ ବିତିପାରେ । ବିଦ୍ୟାର୍ଥୀମାନେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ ।

ଅଶୁଭ ଦିବସ:- ୪, ୫, ୬ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ ।



**ବିଛା:-** ବର୍ଷସାରା ଶନି ଆପଣଙ୍କ ସପକ୍ଷରେ ନଥିବାରୁ ଚିନ୍ତାବୃଦ୍ଧି ଅଭାବ ଓ ପୀଡ଼ାକାରକ ହେବ । ମଇ ମାସ ଠାରୁ ବୃହସ୍ପତି ଧନ, ଧର୍ମ ଓ ଶାନ୍ତି ବୃଦ୍ଧି କାରକ ହେବେ । ରାହୁ ବିଶେଷ ଶୁଭକାରକ ନହେଲେବି କେତୁ ଅର୍ଥ ଓ ସମ୍ମାନ ପ୍ରାପ୍ତି କାରକ ହେବେ । ଜାନୁୟାରୀରୁ ଫେବୃୟାରୀର ପ୍ରଥମାର୍ଦ୍ଧ, ଅପ୍ରେଲରୁ ମଇର ପ୍ରଥମାର୍ଦ୍ଧ, ଅଗଷ୍ଟରୁ ଅକ୍ଟୋବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବି ଶୁଭଫଳ ପ୍ରଦାୟକ ହେବେ । ଚଳିତ ବର୍ଷଟିରେ ଶୁଭଫଳମାନଙ୍କ ମଧ୍ୟରେ ବୃହତ୍ତର ପ୍ରକଳ୍ପର ଶୁଭାରମ୍ଭ କରିବା ସହିତ ଅର୍ଥନୈତିକ ଅବସ୍ଥାର ସୁଦୃଢ଼ୀକରଣ କରିବେ । ଜମିଜମା କ୍ରୟ ସାଙ୍ଗକୁ ଗୃହନିର୍ମାଣ କାର୍ଯ୍ୟରେ ମନବଳାଇବେ । ଅର୍ଥ କାରବାରରୁ ବଡ଼ ଧରଣର ଲାଭବାନ ହେବାର ସୂଚନା ମିଳୁଛି । ଅବିବାହିତମାନଙ୍କ ନିମିତ୍ତ ମନ ପସନ୍ଦର ଜୀବନସାଥୀ ମିଳିଯିବ । ସୁବର୍ଣ୍ଣାଦି ମୂଲ୍ୟବାନ ପଦାର୍ଥର ଉପଭୋକ୍ତା ହେବେ । ଜୀବନର ପ୍ରତିଷ୍ଠା ନିମିତ୍ତ ସୁଯୋଗ କରାୟତ୍ତ ହେବ । ଚଳିତ ମାସରେ ଶୁଭାଶୁଭ ଫଳ ମିଶ୍ରିତଭାବେ ମିଳିଲେବି ଶୁଭତ୍ୱର ପରିମାଣ ଅଧିକ ହେବ । କର୍ମ କଷ୍ଟକର ହେଲେବି ଅଗ୍ରଗତିର ଆଶା ଅଧିକ । ସାମାଜିକ ସ୍ତରରେ ଅଣହେଳା ଅନୁଭୂତ ହେବାର ନାହିଁ । ମାଲି ମୋକଦ୍ଦମାରେ ନିଜପକ୍ଷ ସୁଦୃଢ଼ ରହିବ । ବେପାର ବାଣିଜ୍ୟରେ ଗ୍ରାହକମାନଙ୍କୁ ନିଜ ଆଡ଼କୁ ଟାଣି ଆଣି କାରବାର ବୃଦ୍ଧି ଘଟାଇବେ । ମନୋବଳ ଓ ଧର୍ମବଳକୁ ଆଧାର କରି ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ଥିତି ଦୃଢ଼ କରିବେ । ଦୈବୀ କୃପା ଯୋଗେ ଅନେକ ଜଟିଳ ସମସ୍ୟା ଅପସରିଯିବ । ଆର୍ଥିକ ଚିନ୍ତା ଘାରିବାର ନାହିଁ । ସ୍ନାୟୁ ଜନିତ ରୋଗରେ ପୀଡ଼ିତ ହେବେ । ପାରିବାରିକ ସ୍ଥିତି ସମସ୍ୟାଯୁକ୍ତ ହେବନାହିଁ । ମହିଳାମାନେ ସମସ୍ତ କଷ୍ଟକୁ ନିଜ ଆଡ଼କୁ ଟାଣିନେଇ ଅନ୍ୟମାନଙ୍କୁ ସୁଖ ବାଣ୍ଟି ଚଳିବେ । ପରିବାରର ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ

କରିବେ । ବିଦ୍ୟାର୍ଥୀମାନେ ପଥହରା ହେବାର ନାହିଁ ।
ଅଶୁଭ ଦିବସ:- ୧୫, ୭, ୮, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୨୧, ୨୨ ବାକିଦିନ ଶୁଭ ।



**ଧନୁ:-** ବର୍ଷ ତମାମ ଶନି ଶୁଭ ସପକ୍ଷରେ ରହିବେ । ଅପ୍ରେଲ ମାସ ଶେଷ ପର୍ଯ୍ୟନ୍ତ ବୃହସ୍ପତି ଶୁଭଦାୟକ ହେବେ । କେତୁ ବର୍ଷ ତମାମ ଶୁଭଫଳ ଓ ରାହୁ ମଧ୍ୟମ ଶୁଭଫଳ ପ୍ରଦାୟକ ହେବେ । ଫେବୃୟାରୀରୁ ମାର୍ଚ୍ଚର ପ୍ରଥମାର୍ଦ୍ଧ, ମଇରୁ ଜୁନ୍ ପ୍ରଥମାର୍ଦ୍ଧ, ସେପ୍ଟେମ୍ବରରୁ ନଭେମ୍ବର ମାସର ପ୍ରଥମାର୍ଦ୍ଧ ରବି ଶୁଭଦାୟକ ହେବେ । ଗ୍ରହମାନଙ୍କ ସ୍ଥିତିରୁ ଜଣାଯାଏ ଚଳିତ ବର୍ଷଟିରେ ଆପଣଙ୍କୁ ଦୂରଭ୍ରମଣ, ମାଙ୍ଗଳିକ କାର୍ଯ୍ୟ ସାଧନ, ସାମାଜିକ ପ୍ରତିଷ୍ଠା, କଳକାରଖାନାରୁ ଲାଭବାନ, ନୂତନ ଚାକିରୀ ଅଥବା ପଦୋନ୍ନତିର ସୁଯୋଗ ମିଳିବ । ଆର୍ଥିକ ଦିଗ ପୂର୍ବ ବର୍ଷ ତୁଳନାରେ ବହୁତ ଉନ୍ନତି ହେବାର ସୂଚନା ମିଳୁଛି । ଆଶାତୀତ ଅର୍ଥପ୍ରାପ୍ତି ଯୋଗ ଅଛି । ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧିପାଇବ । ଏକଲା ଭାବେ ନିଜର ସ୍ୱାର୍ଥ ସାଧନରେ ବ୍ରତୀ ହେବେ । ଚଳିତ ମାସରେ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେବ । କର୍ମସ୍ଥଳୀରେ ବୁଦ୍ଧି ବିବେକ ଖଟାଇ ପଦକ୍ଷେପ ଗ୍ରହଣ କଲେ ପଛରେ ଅଶାନ୍ତି ଭୋଗିବାର ନାହିଁ । କଣ୍ଟକିତ ପଥ ପରିଷ୍କାର କରି ଗତିଶୀଳ ହେବେ । ସାମାଜିକ ସ୍ତରରେ ସ୍ଥାନମାନ ବଜାୟ ରଖିବା ଅସମ୍ଭବ ହେବନାହିଁ । ବେପାର ବାଣିଜ୍ୟରେ ଦୌଡ଼ଧୂପର ଅଧୀନ ହେବେ, ତେବେ କାରବାରରେ କ୍ଷତି ହେବାର ଆଶଙ୍କା ନାହିଁ । ଆର୍ଥିକ ଦିଗ ମଧ୍ୟମ ଧରଣର ହେବ । କେତେକ ସ୍ଥଳରେ ମନର କଥା ମନରେ ମାରିବାଛଡ଼ା ଅନ୍ୟ ଉପାୟ ନାହିଁ । ବନ୍ଧୁବାନ୍ଧବମାନେ ଶୋଷଣ କରିପାରନ୍ତି । ଅଏସ ଆରାମ ନିମିତ୍ତ ସମୟର ଅଭାବ ଘଟିବ । ଅଣ୍ଡାଦୋଷ ଓ ପିତ୍ତ ଦୋଷରୁ ଆକ୍ରାନ୍ତ ହେବେ । ସଂଯମତା ରକ୍ଷା ଦ୍ୱାରା ସମସ୍ୟାରୁ ମୁକ୍ତି ମିଳିବ । ପରିବାରରେ ନିଜତ୍ୱ ବଜାୟ ରହିବ । ମହିଳାମାନେ କ୍ରୋଧକୁ ନିୟନ୍ତ୍ରଣ କଲେ ପ୍ରଶଂସା ପାଇବେ । ଅଭିଳାଷ ପୂରଣରେ ବାଧା ଜନ୍ମିବ । ବିଦ୍ୟାର୍ଥୀମାନେ ଅବାଟକୁ ମାଡ଼ିଯାଇପାରନ୍ତି ।
ଅଶୁଭ ଦିବସ:- ୨୮, ୨୯, ୯, ୧୦ ଅଷ୍ଟମଚନ୍ଦ୍ର:- ୨୫, ୨୬, ୨୭ ଘାତଚନ୍ଦ୍ର:- ୧୬, ୧୭, ୧୩, ୧୪ ବାକିଦିନ ଶୁଭ ।



**ମକର:-** ଗ୍ରହମାନଙ୍କ ଅବସ୍ଥିତିକୁ ବିଚାର କଲେ ଶନି ବର୍ଷ ତମାମ ଶୁଭ ନହେଲେବି କ୍ଷତିକାରକ ହେବେ ନାହିଁ । ରାହୁ ବିଶେଷ ସହାୟକ ହୋଇ ଅସମ୍ଭବ କାର୍ଯ୍ୟକୁ ସମ୍ଭବରେ ପରିଣତ କରିବେ । କେତୁ ଛୁଆପିଲାମାନଙ୍କ ଯୋଗେ ଚିନ୍ତାଉଦ୍ରେକ କରାଇବେ । ମଇମାସ ଆରମ୍ଭରୁ ବୃହସ୍ପତି ମନ ସନ୍ତୋଷ କରାଇବେ । ମାର୍ଚ୍ଚରୁ ଅପ୍ରେଲ ପ୍ରଥମାର୍ଦ୍ଧ, ଜୁନ୍‌ରୁ ଜୁଲାଇର ପ୍ରଥମାର୍ଦ୍ଧ, ଅକ୍ଟୋବରରୁ ଡିସେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବି ମହାଗ୍ରହ ଶୁଭକାରକ ହେବେ । ବର୍ଷଟି ଆପଣଙ୍କ ପକ୍ଷେ ଶୁଭ ହୋଇ ଅନେକ ଦୁଶ୍ଚିନ୍ତା ଅଶାନ୍ତିରୁ ମୁକ୍ତ କରାଇବ । ପୁରାତନ ରୋଗରୁ ଉଦ୍ଧାର ପାଇବେ । ଧର୍ମବଳ ବୃଦ୍ଧିପାଇବା ସହିତ ଉଚ୍ଚବର୍ଗର ବ୍ୟକ୍ତିମାନଙ୍କ ପ୍ରତ୍ୟକ୍ଷ ସଂପର୍କରେ ଆସି ବୃହତ୍ତର କାର୍ଯ୍ୟର ସମାଧାନ ସହିତ ନୂତନ କ୍ଷମତା ଅଥବା ପଦପଦବୀରେ ଅଧିଷ୍ଠିତ ହୋଇପାରନ୍ତି । ପରିଶ୍ରମ ତୁଳନାରେ ଅଧିକ ଅର୍ଥ ଉପାର୍ଜ୍ଜନ କରିବେ । ମାଲି ମୋକଦ୍ଦମାରେ ହାରିବାର ନାହିଁ । ଦୂରଭ୍ରମଣ ସାଙ୍ଗକୁ ନିର୍ମାଣ କାର୍ଯ୍ୟରେ ଅଂଶୀଦାର ହେବେ । ଶତ୍ରୁଭୟ ତଥା ସାମାଜିକ ସ୍ଥିତିକୁ ନେଇ ଶଙ୍କାକୁଳ ହେବାର ନାହିଁ । ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧିପାଇବ । ଚଳିତ ମାସରେ ଶୁଭାଶୁଭ ମିଶ୍ରିତ ଫଳର ଉପଭୋକ୍ତା ହେବେ । ଶତ୍ରୁମାନେ ଦୁର୍ବଳ ହୋଇ ପଡ଼ିବା କାରଣରୁ ମନୋବଳ ବୃଦ୍ଧିପାଇବ । ବେପାର ବାଣିଜ୍ୟ ନିମିତ୍ତ ଆଶାପ୍ରଦ ସମୟ । କର୍ମର ଗତି ଅବାଧ ରହିବ । ସାମାଜିକ ସ୍ତରରୁ ପ୍ରେରଣା ପାଇ ଉତ୍ସାହିତ ହେବେ । ସାଧାରଣ ଅସୁସ୍ଥିକୁ ବାଦ୍‌ଦେଲେ ବଡ଼ଧରଣର ରୋଗ ଭୋଗିବାକୁ ପଡ଼ିବନାହିଁ । ପାରିବାରିକ ସ୍ଥିତି କଳୁଷିତ ହେବନାହିଁ । ମହିଳାମାନେ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତିରେ ଦିନଚର୍ଯ୍ୟା ନିର୍ବାହ କରିବେ । ମନୋବଳ ଯୋଗେ ଅଧିକ ପରିଶ୍ରମ ଜନିତ କାର୍ଯ୍ୟକୁ ଆପଣେଇ ନେବେ । ସ୍ୱଚ୍ଛଳତା ଓ ସଂପନ୍ନତା ଆଖି ଦୃଶିଆ ହେବ । ବିଦ୍ୟାର୍ଥୀମାନେ ନିଜର ଭବିଷ୍ୟତ ସ୍ୱପ୍ନ ନିମିତ୍ତ ଯତ୍ନବାନ ହେବେ ।
ଅଶୁଭ ଦିବସ:- ୧୮, ୧୯, ୨୦, ୩୦, ୩୧, ୧ ଅଷ୍ଟମଚନ୍ଦ୍ର:- ୨୮, ୨୯ ଘାତଚନ୍ଦ୍ର:- ୨୮, ୨୯ ବାକିଦିନ ଶୁଭ ।



**କୁମ୍ଭ:-** ଜନ୍ମସ୍ଥ ଶନି ବର୍ଷସାରା ଶୁଭ ହୋଇନପାରନ୍ତି । ବୃହସ୍ପତି ମଧ୍ୟ ବର୍ଷଟିରେ ବିଶେଷ ସହାୟକ ହେବେନାହିଁ । ରାହୁ ଓ କେତୁ ବର୍ଷଟିରେ ଶୁଭାଶୁଭ ମିଶ୍ରିତଫଳ ବହନ କରିବେ । ଜାନୁୟାରୀର ପ୍ରଥମାର୍ଦ୍ଧ, ଅପ୍ରେଲରୁ ମଇର ପ୍ରଥମାର୍ଦ୍ଧ, ଜୁଲାଇରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ନଭେମ୍ବର ଓ ଡିସେମ୍ବର ମାସସାରା ରବି ସହାୟକ ହେବେ । ବର୍ଷ ଫଳକୁ ଅନୁଧ୍ୟାନ କଲେ ଜଣାଯାଏ ବର୍ଷର ଅଧିକାଂଶ ସମୟ ବ୍ୟର୍ଥ ଚିନ୍ତାଧାରା ଓ ଶରୀରପୀଡ଼ାକୁ ନେଇ ଅଶାନ୍ତି ଭୋଗିପାରନ୍ତି । ଯୋଜନା ବଦ୍ଧ କାର୍ଯ୍ୟ ବିଳମ୍ବିତ ହେବ । ଜମିଜମା ବିବାଦୀୟ ସମସ୍ୟା ଆକୁଳିତ କରିପାରେ । ଦୈବୀକୃପା ସହିତ ଆତ୍ମ ସଂଯମତା ବହୁ ପରିମାଣରେ ସମସ୍ୟାରୁ ମୁକ୍ତ କରାଇବ । ଧର୍ମୀୟ କାର୍ଯ୍ୟରେ ମନ ବଳାଇବେ । ଦୀର୍ଘ ମିଆଦି ଯୋଜନାରେ ସାମିଲ ହୋଇ କାର୍ଯ୍ୟ କରିବେ । ମହତ୍ ଦିଗରେ ଧନବ୍ୟୟ ଘଟିବ । ଆପଣାରମାନେ ଦୂରେଇ ଯାଇପାରନ୍ତି । ଚଳିତ ମାସରେ ଶୁଭାଶୁଭ ଫଳ ମିଳିଲେବି ପ୍ରଥମାର୍ଦ୍ଧରେ ଶୁଭତ୍ୱର ପରିମାଣ ଅଧିକ ହେବାର ସମ୍ଭାବନା ଅଧିକ । ଋଣ ପରିଶୋଧ କରିବା ନିମିତ୍ତ ସାମର୍ଥ୍ୟ ଜୁଟିବ । କର୍ମକ୍ଷେତ୍ରରେ ଅବାରିତ ଗତି ଧାରଣ କରିପାରିବେ । ସାମାଜିକ ସ୍ତରରୁ ଲୋକାଦୃତି ମିଳିବା ଯୋଗେ କର୍ମ ନିମିତ୍ତ ଆଗ୍ରହ ସୃଷ୍ଟି ହେବ । ବେପାର ବାଣିଜ୍ୟରେ ନୂତନ ଅଧ୍ୟାୟ ସୃଷ୍ଟି କରିବେ । ମାଙ୍ଗଳିକ କର୍ମଯୋଜନାରେ ପ୍ରମୁଖ ଭୂମିକା ନିର୍ବାହ କରିବେ । ଭ୍ରମଣ ଜନିତ ଶାନ୍ତି ମିଳିବ । ଭୁଲ ବୁଝାମଣାର କବଳିତ ହୋଇପାରନ୍ତି । ଅନ୍ୟମାନଙ୍କ ବ୍ୟବହାର ମନରେ କ୍ଷୋଭ ଆଣିପାରେ । ଦାନ୍ତରୋଗ ଓ ଉଚ୍ଚ ରକ୍ତଚାପ ବ୍ୟଥିତ କରିବ । ପାରିବାରିକ ପରିସ୍ଥିତି ବୋଝ ସଦୃଶ

ହେବ। ମହିଳାମାନେ ପ୍ରତିଷ୍ଠାର୍ଜନରେ ଚେଷ୍ଟିତ ହେବେ। ଅନ୍ୟମାନଙ୍କୁ ନିଜସେବାରେ ନିୟୋଜିତ କରିପାରନ୍ତି। ବିଦ୍ୟାର୍ଥୀମାନେ ଆଶା ଅପେକ୍ଷା ସାମାନ୍ୟ ପଛରେ ପଡ଼ିଯାଇପାରନ୍ତି।

ଅଶୁଭ ଦିବସ:- ୨୧, ୨୨, ୨, ୩ ଅଷ୍ଟମଚନ୍ଦ୍ର:- ୩୦, ୩୧, ୧ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**ମୀନ:-** ଗ୍ରହ ମାନଙ୍କର ଗୋଚର ସ୍ଥିତି ଅନୁଯାୟୀ ଶନି ଆପଣଙ୍କ ରାଶିପକ୍ଷେ ଶୁଭ ହେଉନାହାଁନ୍ତି। ରାହୁ ଓ କେତୁ ମିଶ୍ରିତଫଳ ପ୍ରଦାନ କଲେବି ଶୁଭଫଳର ନ୍ୟୁନତା ଦେଖାଦେବ। ବୃହସ୍ପତି ଅପ୍ରେଲ ମାସ ଶେଷ ପର୍ଯ୍ୟନ୍ତ ମହତ୍ ଲକ୍ଷ୍ମୀ ପ୍ରାପ୍ତ କରାଇବେ। ଜାନୁୟାରୀରୁ ଫେବୃୟାରୀର ପ୍ରଥମାର୍ଦ୍ଧ, ମଇରୁ ଜୁନ୍‌ର ପ୍ରଥମାର୍ଦ୍ଧ, ଅଗଷ୍ଟରୁ ସେପ୍ଟେମ୍ବର ପ୍ରଥମାର୍ଦ୍ଧ ଏବଂ ଡିସେମ୍ବର ମାସସାରା ରବି ଶୁଭଫଳ ପ୍ରଦାୟକ ହେବେ। ନୂତନ ବର୍ଷଟିରେ ଗ୍ରହମାନଙ୍କ ଅବସ୍ଥିତିରୁ ଜଣାଯାଏ ବିବାହାଦି ମାଙ୍ଗଳିକ କାର୍ଯ୍ୟ ସାଧନ ସହିତ ମୋଟା ଅଙ୍କର ଅର୍ଥପ୍ରାପ୍ତି ହୋଇପାରନ୍ତି। କର୍ମସ୍ଥଳୀରେ ଉନ୍ନତିର ଲକ୍ଷଣ ଜଣାଯାଉଛି। ନିର୍ମାଣ କାର୍ଯ୍ୟ ସାଙ୍ଗକୁ ସୌଖୀନ ଯାନ କ୍ରୟ କରିବେ। ଜମିଜମା କ୍ରୟ ଅଥବା କାରବାରରୁ ସନ୍ତୋଷ ମିଳିବ। ଭ୍ରମଣ ଯୋଗେ ଶାନ୍ତି ପାଇବେ। ସ୍ୱାସ୍ଥ୍ୟ ମୋଟାମୋଟି ଭାବେ ଠିକ୍‌ଠାକ୍ ରହିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିପାରେ। ରକ୍ତସଂପର୍କୀୟମାନେ ଚକ୍ରାନ୍ତ କରିପାରନ୍ତି। ବହୁ ଅଭିଳଷିତ କାର୍ଯ୍ୟ ସଂପାଦନ କରି ଶାନ୍ତି ପାଇବେ। ସମାଜରେ ପ୍ରତିଷ୍ଠିତ ହେବାର ସୁଯୋଗ ମିଳିବ। ଚଳିତ ମାସରେ ଶୁଭାଶୁଭ ମିଳିବା ଫଳରେ ଅନେକ କ୍ଷେତ୍ରରେ ଉପକୃତ ହେବାର ସମ୍ଭାବନା ଅଛି। ପ୍ରତିଦ୍ୱନ୍ଦ୍ୱୀମାନେ ରହିଲେବି ଗତିପଥ ଅବରୋଧ ହେବନାହିଁ। ଗଠନମୂଳକ କାର୍ଯ୍ୟକୁ ଆଗେଇନେବେ। ଉପରିସ୍ଥ ମାନଙ୍କର ଶ୍ରଦ୍ଧାଭାଜନ ହେବାରେ ବାଧା ଉପୁଜିବ ନାହିଁ। ସାମାଜିକ କ୍ଷେତ୍ରରେ କାର୍ଯ୍ୟ କୁଶଳତା ଯୋଗେ ପତିଆରା ଅକ୍ଷୁର୍ଣ୍ଣ ରହିବ। ବେପାର ବାଣିଜ୍ୟରେ ଆନ୍ତରିକତା ଦର୍ଶାଇ କାରବାରର ପରିସର ବୃଦ୍ଧି ଘଟାଇବେ। ଆର୍ଥିକ ଦିଗ ଦୁର୍ବଳ ହେବାର ନାହିଁ। ମଝିରେ ମଝିରେ ଅଣ୍ଡାଦୋଷ ଓ ଗଣ୍ଡିଦୋଷ ଦେଖାଦେବ। ପାରିବାରିକ କ୍ଷେତ୍ରରେ ଅଭିମାନ ଦେଖାଦେଲେବି ତାହାର ଆଶୁ ସମାଧାନ ହେବ। ମହିଳାମାନେ ଜଂଜାଳରେ ଛପିହୋଇଯିବେ। ସାମାଜିକ ଓ ପାରିବାରିକ କର୍ତ୍ତବ୍ୟ ଅତୁଟ ରହିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ।

ଅଶୁଭ ଦିବସ:- ୨୩, ୨୪, ୪, ୫, ୬ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୧୫, ୧୧, ୧୨ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

**The Samaroha** January - 2024, Vol. - 33, Issue - 4
Postal Regd. No. CK (C)/91/2024-2026
RNI Regd. No. : 034056/1981

KALINGA COMMERCIAL CORPORATION LTD
**A Leading Turnkey Service Provider for Mining Sector**
(ISO 9001 : 2008 Certified)

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

***CORPORATE OFFICE***
**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 20/-

Date of Publication : 15.01.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in